SUPREME AUDIT INSTITUTION OF INDIA
लोकहितार्थसत्यनिष्ठा
Dedicated to Truth in Public Interest

# ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥା ଗୁଡ଼ିକର କାର୍ଯ୍ୟକାରିତା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ

## ଓଡ଼ିଶା ସରକାର

## ପ୍ରତିବେଦନ ସଂଖ୍ୟା ୪ ବର୍ଷ 2025

## (ସମ୍ପାଦନ ସମୀକ୍ଷା-ସିଭିଲ୍)

# ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥା ଗୁଡ଼ିକର କାର୍ଯ୍ୟକାରିତା

# ଏବଂ

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମ୍ପାଦନ ସମୀକ୍ଷା ପ୍ରତିବେଦନ

ଓଡ଼ିଶା ସରକାର

ପ୍ରତିବେଦନ ସଂଖ୍ୟା **8** ବର୍ଷ **2025**

## ସୂଚୀପତ୍ର


| ବିଷୟ | ସନ୍ଦର୍ଭ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | v |
| କାର୍ଯ୍ୟନିର୍ବାହୀ ସାରାଂଶ | | vii-xii |
| **ଅଧ୍ୟାୟ 1** | | |
| **ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ଉପରେ ସମ୍ପାଦନ ସମୀକ୍ଷା** | | |
| ଉପକ୍ରମ | 1.1 | 1 |
| ପିଭିଟିଜିମାନଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ | 1.1.1 | 1 |
| ସାଙ୍ଗଠନିକ ବ୍ୟବସ୍ଥା | 1.1.2 | 2 |
| ଅଡିଟ୍ ଉଦ୍ଦେଶ୍ୟ | 1.2 | 4 |
| ଅଡିଟ୍ ମାନଦଣ୍ଡ | 1.3 | 4 |
| ଅଡିଟ୍ ପରିସର ଏବଂ ପଦ୍ଧତି | 1.4 | 4 |
| ପିଭିଟିଜି ଜନସଂଖ୍ୟାର ଚିହ୍ନଟ | 1.5 | 5 |
| ବିଏଲ୍ଏସ୍-2018 ରେ ଚିହ୍ନଟ ହୋଇଥିବା ସମସ୍ତ ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରାନଯିବା | 1.5.1 | 6 |
| ଯୋଜନାରେ ତ୍ରୁଟି | 1.6 | 8 |
| ଯୋଜନା ପ୍ରକ୍ରିୟାରେ ନିମ୍ନରୁ ଉର୍ଦ୍ଧ୍ୱଗାମୀ ଆଭିମୁଖ୍ୟର ଅଭାବ | 1.6.1 | 9 |
| ବିତ୍ତୀୟ ଖର୍ଚ୍ଚ | 1.7.1 | 10 |
| ବଜେଟ୍ ବ୍ୟବସ୍ଥା ବନାମ ପାଣ୍ଠି ବିନିଯୋଗ | 1.7.2 | 11 |
| ଏମ୍‌ପିଏଗୁଡ଼ିକୁ ଅଯୌକ୍ତିକ ଭାବେ ପାଣ୍ଠି ପ୍ରଦାନ | 1.7.3 | 12 |
| ଏମ୍‌ପିଏ ସ୍ତରରେ ପାଣ୍ଠି ପରିଚାଳନା | 1.7.4 | 12 |
| ଏଫ୍‌ଏନ୍‌ଜିଓ ଦ୍ୱାରା ଆର୍ଥିକ ଅନିୟମିତତା | 1.7.5 | 13 |
| ପ୍ରକୃତ ଖର୍ଚ୍ଚ ବିନା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା/ ବିନିଯୋଗ ପ୍ରମାଣପତ୍ର ଦାଖଲ ନକରିବା | 1.7.6 | 14 |
| ଗୋଷ୍ଠୀ ସଶକ୍ତିକରଣ | 1.8 | 16 |
| ପିଭିଟିଜି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଆର୍ଥିକ ସହାୟତା | 1.8.1 | 16 |
| ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଝିଅ/ ମହିଳାମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତି ଆଣିବା | 1.8.2 | 18 |
| ଭୂମି ଓ ଜଳ ସମ୍ପଦ ବିକାଶ | 1.9.1 | 19 |
| ମହିଳା ଏବଂ ଶିଶୁମାନଙ୍କ ପାଇଁ ଖାଦ୍ୟ ଏବଂ ପୋଷଣର ସୁରକ୍ଷା | 1.9.2 | 22 |
| ଜୀବିକା ବିବିଧକରଣ | 1.9.3 | 24 |
| ସୂକ୍ଷ୍ମ ଉଦ୍ୟୋଗର ବିକାଶ | 1.9.4 | 30 |
| ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ | 1.10.1 | 39 |
| ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠାରେ ନିଷ୍ଫଳ ବ୍ୟୟ | 1.10.2 | 43 |
| ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା | 1.10.3 | 45 |
| ଶିକ୍ଷା ଓ ସାକ୍ଷରତା | 1.10.4 | 47 |
| ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର ସୁଦୃଢ଼ୀକରଣ | 1.11.1 | 49 |
| ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ | 1.11.2 | 50 |

| ବିଷୟ | ସନ୍ଦର୍ଭ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ପିଭିଟିଜି ଜନସଂଖ୍ୟାର ତଥ୍ୟରେ ଅସଙ୍ଗତି | 1.11.3 | 51 |
| କାର୍ଯ୍ୟକ୍ରମର ମୂଲ୍ୟାଙ୍କନ | 1.11.4 | 52 |
| ସରକାରୀ ଅର୍ଥର ସନ୍ଦେହଜନକ ଆତ୍ମସାତ୍‌କରଣ/ ବ୍ୟୟ | 1.12.1 | 55 |
| ଉପସଂହାର | 1.13 | 56 |
| **ଅଧ୍ୟାୟ 2** | | |
| **ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସମ୍ପାଦନ ସମୀକ୍ଷା** | | |
| ଉପକ୍ରମ | 2.1 | 59 |
| ସାଙ୍ଗଠନିକ ଢାଞ୍ଚା | 2.2 | 59 |
| ଅଡିଟ୍ ଉଦ୍ଦେଶ୍ୟ | 2.3 | 60 |
| ଅଡିଟ୍ ମାନଦଣ୍ଡ | 2.4 | 60 |
| ଅଡିଟର ପରିସର ଏବଂ ପଦ୍ଧତି | 2.5 | 61 |
| ପାଣ୍ଠିର ଆବଣ୍ଟନ, ପ୍ରଦାନ ଏବଂ ଉପଯୋଗ | 2.6 | 61 |
| ଗ୍ରାମ ପଞ୍ଚାୟତ ଦ୍ୱାରା ପରିବାରର ପଞ୍ଜୀକରଣ | 2.7.1 | 63 |
| ଯୋଗ୍ୟ ପରିବାର ଚିହ୍ନଟ କରିବା ପାଇଁ ସର୍ଭେକ୍ଷଣ ନକରିବା | 2.7.2 | 63 |
| ଜବ୍ କାର୍ଡ ଜାରି ନକରିବା | 2.7.3 | 64 |
| ଜବ୍ କାର୍ଡର ଅଦ୍ୟତନ ଏବଂ ରକ୍ଷଣାବେକ୍ଷଣରେ ଅଭାବ | 2.7.4 | 64 |
| ଶ୍ରମ ବଜେଟ୍‌ର ପ୍ରସ୍ତୁତି | 2.7.5 | 65 |
| ଜିଲ୍ଲା ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ ନକରିବା | 2.7.6 | 67 |
| ଜିଲ୍ଲା ସ୍ତରୀୟ ବୈଷୟିକ କମିଟି ଗଠନ ନହେବା | 2.7.7 | 67 |
| ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନା ପ୍ରସ୍ତୁତ ନହେବା | 2.7.8 | 68 |
| ରୋଜଗାର ଦିବସ ପରିଚାଳନାରେ ସ୍ୱଳ୍ପତା | 2.7.9 | 69 |
| ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ଅବ୍ୟବହୃତ ହୋଇ ପଡିରହିବା | 2.7.10 | 70 |
| ପ୍ରଶାସନିକ ଖର୍ଚ୍ଚର ସ୍ୱଳ୍ପ ଉପଯୋଗ | 2.7.11 | 70 |
| ପ୍ରଶାସନିକ ପାଣ୍ଠିରୁ ବକେୟା ଅଗ୍ରୀମ | 2.7.12 | 71 |
| କାର୍ଯ୍ୟ ଚାହିଦା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ପ୍ରଦର୍ଶନ | 2.8.1 | 72 |
| ଗୋଟିଏ ପରିବାରକୁ ଦୁଇଟି ଜବ୍ କାର୍ଡରେ ନିଯୁକ୍ତି ପ୍ରଦାନ | 2.8.2 | 73 |
| ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ରୋଜଗାର ବ୍ୟବସ୍ଥା ନ କରିବା | 2.8.3 | 74 |
| ମଜୁରୀ ପ୍ରଦାନରେ ଅଭାବ | 2.8.4 | 74 |
| କାର୍ଯ୍ୟ ସମ୍ପାଦନ | 2.9.1 | 77 |
| ଚାଲୁ ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ସତ୍ତ୍ୱେ ନୂତନ କାର୍ଯ୍ୟର କାର୍ଯ୍ୟାନ୍ୱୟନ | 2.9.2 | 78 |
| ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି | 2.9.3 | 80 |
| ଅଗ୍ରହଣୀୟ କାର୍ଯ୍ୟ | 2.9.4 | 82 |
| ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ବିନା ଅନୁମୋଦନରେ ନୂତନ କାର୍ଯ୍ୟ ସମ୍ପାଦନ | 2.9.5 | 84 |
| ସମ୍ପତ୍ତି ସୃଷ୍ଟିରେ ଅନାବଶ୍ୟକ ବ୍ୟୟ | 2.9.6 | 85 |
| ସନ୍ଦେହଜନକ ଅର୍ଥ ପ୍ରଦାନ | 2.9.7 | 86 |
| କାର୍ଯ୍ୟସ୍ଥଳ ସୁବିଧାର ଅବ୍ୟବସ୍ଥା | 2.9.8 | 87 |
| କାର୍ଯ୍ୟସ୍ଥଳରେ ବିଲ୍ ଏବଂ ଭାଉଚର ଗୁଡ଼ିକର ଯାଞ୍ଚ ନହେବା | 2.9.9 | 88 |

| ବିଷୟ | ସନ୍ଦର୍ଭ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର କାର୍ଯ୍ୟକାରିତା | 2.10.1 | 89 |
| ଦୁର୍ନୀତି ନିବାରଣ  ଏବଂ ପର୍ଯ୍ୟାଲୋଚନା କମିଟି ଗଠନ | 2.10.2 | 89 |
| ରାଜ୍ୟ ଏବଂ ଜିଲ୍ଲା ଗୁଣବତ୍ତା ପର୍ଯ୍ୟାଲୋଚନାର ପ୍ରଭାବଶୀଳତା | 2.10.3 | 90 |
| ଅଭିଯୋଗର ସମାଧାନ | 2.10.4 | 90 |
| ସାମାଜିକ ସମୀକ୍ଷା | 2.10.5 | 91 |
| ମାନବ ସମ୍ବଳ ଉପଲବ୍ଧତା | 2.10.6 | 92 |
| ଏନ୍‌ଆର୍‌ଇଜିଏସଫ୍ଟରେ ଅସାମଞ୍ଜସ୍ୟତା | 2.10.7 | 93 |
| ନଥିପତ୍ର ରକ୍ଷଣାବେକ୍ଷଣ | 2.10.8 | 94 |
| ଉପସଂହାର | 2.11 | 95 |


## ପରିଶିଷ୍ଟ


| ପରିଶିଷ୍ଟ ସଂଖ୍ୟା | ବିଷୟ | ଅନୁଚ୍ଛେଦ | ପୃଷ୍ଠା |
|---|---|---|---|
| 1.1 | ଏମ୍‌ପିଏକୁ ସ୍ଥାନାନ୍ତରିତ ହୋଇଥିବା ପାଣ୍ଠିର ବିବରଣୀ | 1.7.3 | 97 |
| 1.2 | ଏମ୍‌ପିଏଗୁଡ଼ିକରେ ଗ୍ରାମ/ ପଡ଼ା, ପରିବାର ଏବଂ ପିଭିଟିଜି ଜନସଂଖ୍ୟାର ତଥ୍ୟ ମେଳ ନଖାଇବା | 1.11.3 | 98 |
| 1.3 | 17 ଏମ୍‌ପିଏ ଅଧୀନରେ ଥିବା ପିଭିଟିଜି ଗ୍ରାମଗୁଡ଼ିକରେ ସାଧାରଣ ସୁବିଧାର ଅଭାବର ବିବରଣୀ | 1.11.4 | 99 |
| 2.1 | ଅଡିଟର ପରିସର ଏବଂ ପଦ୍ଧତି | 2.5 | 100 |
| 2.2 | ଗୋଟିଏ ପରିବାରକୁ ଦୁଇଟି ଜବ୍ କାର୍ଡରେ ନିଯୁକ୍ତି ପ୍ରଦାନ କରିବା | 2.8.2 | 101 |
| 2.3 | ମୃତ ହିତାଧିକାରୀଙ୍କ ନାମରେ କରାଯାଇଥିବା ଦେୟ | 2.8.4.4 | 102 |
| 2.4 | ଖେଳ ପଡ଼ିଆର ବିକାଶ ଉପରେ ଅଗ୍ରହଣୀୟ କାର୍ଯ୍ୟ | 2.9.4.1 | 103 |
| 2.5 | ଜମି ଉନ୍ନୟନ କାର୍ଯ୍ୟରେ ଅନିୟମିତତା | 2.9.4.2 | 104 |
| 2.6 | ସମ୍ପତ୍ତି ସୃଷ୍ଟି ପାଇଁ ଅନାବଶ୍ୟକ ବ୍ୟୟ | 2.9.6 | 105 |
| -- | ଶବ୍ଦକୋଷ | -- | 107 |

## ମୁଖବନ୍ଧ

ମାର୍ଚ୍ଚ 2024 ସୁଦ୍ଧା ଶେଷ ହୋଇଥିବା ଅବଧି ପାଇଁ ଏହି ସମ୍ପାଦନ ସମୀକ୍ଷା ପ୍ରତିବେଦନଟି, ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟ ବିଧାନସଭାରେ ଉପସ୍ଥାପିତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

ଏହି ପ୍ରତିବେଦନରେ 'ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥା ଗୁଡ଼ିକର କାର୍ଯ୍ୟକାରିତା' ଏବଂ 'ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତା' ଉପରେ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ରହିଛି ।

ଏହି ପ୍ରତିବେଦନରେ ଦର୍ଶାଯାଇଥିବା ମାମଲାଗୁଡ଼ିକ ହେଉଛି, ଯାହା 2019-20 ରୁ 2023-24 ଅବଧି ପାଇଁ ନମୁନା ସମୀକ୍ଷା ସମୟରେ ନଜରକୁ ଆସିଥିଲା ଏବଂ ପୂର୍ବ ବର୍ଷରେ ନଜରକୁ ଆସିଥିଲା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନରେ ରିପୋର୍ଟ କରାଯାଇପାରି ନଥିଲା । ଆବଶ୍ୟକ ସ୍ଥଳେ 2023-24 ପରବର୍ତ୍ତୀ ଅବଧି ସହ ଜଡ଼ିତ ମାମଲାଗୁଡ଼ିକୁ ମଧ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନକ ଅନୁଯାୟୀ ଏହି ସମୀକ୍ଷା କରାଯାଇଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରିବା ବିଧେୟ ।

# କାର୍ଯ୍ୟନିର୍ବାହୀ ସାରାଂଶ

# କାର୍ଯ୍ୟନିର୍ବାହୀ ସାରାଂଶ

ଏହି ପ୍ରତିବେଦନରେ ଦୁଇଟି ସମ୍ପାଦନ ସମୀକ୍ଷାରୁ ଉତ୍ପନ୍ନ ବିଷୟଗୁଡ଼ିକ ରହିଛି । ଏହି ପ୍ରତିବେଦନକୁ ନିମ୍ନଲିଖିତ ଅଧ୍ୟାୟରେ ସଂଗଠିତ କରାଯାଇଛି:

**ଅଧ୍ୟାୟ 1**: ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର (ପିଭିଟିଜି) ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ଉପରେ ସମ୍ପାଦନ ସମୀକ୍ଷା ।

**ଅଧ୍ୟାୟ 2**: ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସମ୍ପାଦନ ସମୀକ୍ଷା ।

## ଅଧ୍ୟାୟ 1: ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର (ପିଭିଟିଜି) ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ଉପରେ ସମ୍ପାଦନ ସମୀକ୍ଷା

### *ପ୍ରତିବେଦନ ସମ୍ବନ୍ଧରେ*

ପଞ୍ଚମ ପଞ୍ଚବାର୍ଷିକ ଯୋଜନା (1974-79) ସମୟରେ ଭାରତ ସରକାର ଆଦିମ ଜନଜାତି ଗୋଷ୍ଠୀର (ପିଭିଟିଜି) ସର୍ବାଙ୍ଗୀନ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେମାନଙ୍କର ସ୍ଥାୟୀ ବିକାଶ ପାଇଁ ବିଶେଷ ଧ୍ୟାନ ଦେବା ଉଦ୍ଦେଶ୍ୟରେ ଏହିପରି 75 ଟି ଗୋଷ୍ଠୀକୁ ଚିହ୍ନଟ କରିଥିଲେ । ଦେଶରେ ଚିହ୍ନଟ ହୋଇଥିବା 75ଟି ପିଭିଟିଜି ମଧ୍ୟରୁ, 13 ପିଭିଟିଜି ଓଡ଼ିଶାର ଅଟନ୍ତି, ଯେଉଁମାନଙ୍କର ଜନସଂଖ୍ୟା 2,94,712 ଅଟେ । ପିଭିଟିଜିମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଉନ୍ନତ କରିବା ପାଇଁ, ଓଡ଼ିଶା ସରକାର 1976-77 ରୁ 2020-21 ମଧ୍ୟରେ ରାଜ୍ୟର 14ଟି ଜିଲ୍ଲାରେ 20ଟି ଅଣୁ ପ୍ରକଳ୍ପ ସଂସ୍ଥା/ ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି (ଏମ୍‌ପିଏ ) ଗଠନ କରିଥିଲେ । ପିଭିଟିଜିମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକର ଉତ୍ତମ ପରିଚାଳନା ଏବଂ ଉପଲବ୍ଧ ସମ୍ବଳ ସଂଗ୍ରହ ଦିଗରେ ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଓଡ଼ିଶା ସରକାର ଓଡିଶା ପିଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ (ଓପିଲିପି) ଆରମ୍ଭ କରିଥିଲେ (2016-17) । ଓଡିଶାରେ ପିଭିଟିଜି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ବିକାଶ ମୂଳକ କାର୍ଯ୍ୟକ୍ରମ ଓପିଲିପି ଅଧୀନରେ କାର୍ଯ୍ୟକାରୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଅବଧି ଆଠ ବର୍ଷ (2016-2024) ଥିଲା ।

### *ଆମେ ଏହି ସମୀକ୍ଷା କାହିଁକି କଲୁ ?*

ଅଣୁ ପ୍ରକଳ୍ପ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନା/ କାର୍ଯ୍ୟକ୍ରମର ସାମଗ୍ରିକ ପ୍ରଭାବ ଏବଂ ପ୍ରଭାବଶୀଳତାକୁ ଆକଳନ କରିବା ପାଇଁ, ଜୁଲାଇ 2024 ରୁ ଜାନୁଆରୀ 2025 ମଧ୍ୟରେ, 'ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀ ((ପିଭିଟିଜି) ର ବିକାଶ ପାଇଁ ଅଣୁ-ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା' ଉପରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । ସମ୍ପାଦନ ସମୀକ୍ଷାର ପରିସର 2019-20 ରୁ 2023-24 ପର୍ଯ୍ୟନ୍ତ ଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଯେ ପିଭିଟିଜି ପରିବାରଙ୍କର ଆୟ ସ୍ତର ଏବଂ ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଯୋଜନା କାର୍ଯ୍ୟକାରୀ ହୋଇଥିଲା ଏବଂ ତାହା ପ୍ରଭାବଶାଳୀ ଥିଲା କି ନାହିଁ ; ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକ ଯୋଜନା ଏବଂ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଥିଲେ କି ନାହିଁ; ଅଣୁ ପ୍ରକଳ୍ପ ସଂସ୍ଥାର କାର୍ଯ୍ୟକ୍ରମଗୁଡ଼ିକ ପିଭିଟିଜି ପରିବାରର ଆୟ ସ୍ତର ଏବଂ ଅନ୍ୟାନ୍ୟ ସାମାଜିକ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରଭାବୀ ଥିଲା କି ନାହିଁ; ଏବଂ ପର୍ଯ୍ୟାଲୋଚନା ତଥା ମୂଲ୍ୟାଙ୍କନ ପ୍ରଣାଳୀ ସୁବ୍ୟବସ୍ଥିତ ରହି ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରୁଥିଲା କି ନାହିଁ, ଇତ୍ୟାଦି ଆକଳନ କରିବା ।

### *ମୁଖ୍ୟ ସମୀକ୍ଷା ଫଳାଫଳ*

ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ଯଦିଓ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର ପ୍ରତିଷ୍ଠା ଏବଂ ଓପିଲିପି ସମେତ ଯୋଜନା/ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପିଭିଟିଜି ଜନସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ବର୍ଗର ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବାରେ ଅବଦାନ ଦେଇଥିଲା, ସାମଗ୍ରିକ ପ୍ରଦର୍ଶନ ଅନୁକୂଳତମ ନଥିଲା । ପିଭିଟିଜି ଗୁଡ଼ିକର ବିକାଶ ପାଇଁ ଅଣୁ

ପ୍ରକଳ୍ପ ସଂସ୍ଥାମାନଙ୍କ ଦ୍ୱାରା ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ମଧ ବିଭିନ୍ନ ତ୍ରୁଟି ରହିଅଛି । ସମ୍ପାଦନ ସମୀକ୍ଷାର ମୁଖ୍ୟ ସିଦ୍ଧାନ୍ତ ନିମ୍ନରେ ସଂକ୍ଷିପ୍ତ ରୂପେ ପ୍ରଦାନ କରାଯାଇଅଛି:

- ଏସ୍ଏସ୍‌ଡି ବିଭାଗ ଏବଂ ଏହାର କ୍ଷେତ୍ରୀୟ ସଂସ୍ଥା, ନୂତନ ଭାବରେ ବିଜ୍ଞାପିତ (ଜୁନ୍ 2020) 1,138ଟି ଗ୍ରାମରେ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଏକ ଉଦାସୀନ ଆଭିମୁଖ୍ୟ ରଖିଥିଲେ, ଯେଉଁଥିପାଇଁ 1.60 ଲକ୍ଷ (54 ପ୍ରତିଶତ) ପିଭିଟିଜି ଲୋକ କଲ୍ୟାଣକାରୀ ଯୋଜନାରୁ ବାଦ୍ ପଡିଥିଲେ । ପିଭିଟିଜି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ କେବଳ 1.34 ଲକ୍ଷ ପିଭିଟିଜି ଜନସଂଖ୍ୟା ଥିବା 541 ଟି ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିଲା ।

***(ଅନୁଚ୍ଛେଦ 1.5.1)***

- 'ଆଦିମ ଆଦିବାସୀ ସଶକ୍ତିକରଣ ପାଣ୍ଠି'ର ପ୍ରଚାଳନାରେ ତ୍ରୁଟି ଦେଖାଯାଇଥିଲା କାରଣ ଅଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଅନିୟମିତ ଋଣ (6.39 କୋଟି ଟଙ୍କା) ପ୍ରଦାନ ଲକ୍ଷ୍ୟ କରାଯାଇଥିଲା । ପରିଶୋଧ ହାର କମ୍ (45 ପ୍ରତିଶତ) ଥିଲା, କାରଣ 1,437 ପିଭିଟିଜି ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯାଇଥିବା 12.95 କୋଟି ଟଙ୍କା ଋଣ ମଧ୍ୟରୁ 7.10 କୋଟି ଟଙ୍କା ମାର୍ଚ୍ଚ 2024 ସୁଦ୍ଧା ଆଦାୟ ପାଇଁ ବକେୟା ଥିଲା ।

***(ଅନୁଚ୍ଛେଦ 1.8.1)***

- ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ବିଳମ୍ବିତ ବିବାହ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏହାର ବାସ୍ତବ ଭାବନା ଅନୁଯାୟୀ କାର୍ଯ୍ୟକାରୀ ହୋଇନଥିଲା ଏବଂ 2019-24 ମଧ୍ୟରେ କେବଳ 43 ପ୍ରତିଶତ ଗ୍ରାମକୁ ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

***(ଅନୁଚ୍ଛେଦ 1.8.2)***

- ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବରୁ, ଅଚଳ ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରାଯାଇ ପାରିଲା ନାହିଁ, ଯାହାଫଳରେ ଜଳ ସଂକଟ ଦେଖାଦେଇଥିଲା । ମିଳିତ ସରଜମିନ ତଦନ୍ତ ସମୟରେ 40ଟି ଜଳସେଚନ ପ୍ରକଳ୍ପ ମଧ୍ୟରୁ 23ଟି (58 ପ୍ରତିଶତ) ଏବଂ 69ଟି ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ 38ଟି (55 ପ୍ରତିଶତ) କାର୍ଯ୍ୟକ୍ଷମ ନଥିବା ଜଣାପଡ଼ିଥିଲା । ଏହିସବୁ ଅଞ୍ଚଳର ଲୋକମାନେ ନଦୀ, ଝରଣା, କେନାଲ/ ନାଳ ଇତ୍ୟାଦିରୁ ପାଣି ସଂଗ୍ରହ କରିବାରେ ପୁରୁଣା ପ୍ରଥାକୁ ଆପଣାଇଥିଲେ, ଯାହାକି ଅପରିଷ୍କାର ଥିଲା ଏବଂ ଜଳବାହିତ ରୋଗ ହେବାର ଆଶଙ୍କା ରହିଥିଲା ।

***(ଅନୁଚ୍ଛେଦ 1.9.1.3 and 1.10.1)***

- ଯୋଜନାର ଅଭାବ କାରଣରୁ, ଶିଶୁ ଏବଂ ମହିଳାମାନଙ୍କୁ ପୋଷଣ ସହାୟତା ପ୍ରଦାନ କରିବା ପାଇଁ 3.59 କୋଟି ଟଙ୍କା ଖର୍ଚ୍ଚରେ ପ୍ରତିଷ୍ଠିତ 55 ପୋଷଣ ସମ୍ବଳ କେନ୍ଦ୍ର ଅଚଳ ହୋଇ ପଡ଼ିରହିଥିଲା ।

***(ଅନୁଚ୍ଛେଦ 1.9.2)***

- 2018-19 ରେ ପାଣ୍ଠି (4 କୋଟି ଟଙ୍କା) ମଞ୍ଜୁର ହେବା ସତ୍ତ୍ୱେ, ପିଭିଟିଜି ଗୋଷ୍ଠୀ ମାନଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଣ୍ଡୁ ପ୍ରକଳ୍ପ ସଂସ୍ଥା ଅଞ୍ଚଳରେ ପରିବେଶ-ଅନୁକୂଳ କୁଟୀର କମ୍ପ୍ଲେକ୍ସ ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହୋଇନଥିଲା (ଜାନୁଆରୀ 2025) ।.

***(ଅନୁଚ୍ଛେଦ 1.9.4.2)***

- ରିଭର୍ସ ଓସ୍ମୋସିସ୍ ପ୍ଲାଣ୍ଟ ସ୍ଥାପନ (ମୂଲ୍ୟ: 77.36 ଲକ୍ଷ ଟଙ୍କା) ଏବଂ ଶୀତଳ ଭଣ୍ଡାର ୟୁନିଟ୍ (ମୂଲ୍ୟ: 1.91 କୋଟି ଟଙ୍କା) ଭଳି କାର୍ଯ୍ୟକ୍ରମଗୁଡ଼ିକ ଅଧିକାଂଶ ଅଚଳ/ ସ୍ଥାପିତ ହୋଇନଥିଲା/ ଅସମ୍ପୂର୍ଣ୍ଣ ଥିଲା,

ଯାହା ପିଭିଟିଜି ଗୋଷ୍ଠୀ ଜନସଂଖ୍ୟାକୁ ଗୁଣାତ୍ମକ ଜଳ ଏବଂ ଶୀତଳ ଭଣ୍ଡାର ସୁବିଧା ଯୋଗାଣର ଉଦ୍ଦେଶ୍ୟକୁ ପୂରଣ କରିପାରିନଥିଲା । ଏତଦ୍‌ବ୍ୟତୀତ ଏହା ଖର୍ଚ୍ଚକୁ ନିଷ୍ଫଳ କରିଥିଲା ।

***(ଅନୁଚ୍ଛେଦ 1.10.1 and 1.10.2)***

- ପିଭିଟିଜି ଲୋକଙ୍କର ଆୟର ସୁରକ୍ଷା ପାଇଁ ପ୍ରତିଷ୍ଠିତ (48.29 କୋଟି ଟଙ୍କା) ଡାଲି ପ୍ରକ୍ରିୟାକରଣ ୟୁନିଟ୍, ତୈଳ ନିଷ୍କାସନ ୟୁନିଟ୍ ପରି ଅଧିକାଂଶ ପ୍ରକ୍ରିୟାକରଣ ୟୁନିଟ୍ ଉପଭୋକ୍ତା ଗୋଷ୍ଠୀର କ୍ଷମତାର ଭୁଲ୍ ମୂଲ୍ୟାଙ୍କନ, ସ୍ଥାନୀୟ ଅଞ୍ଚଳର ପ୍ରକୃତ ଆବଶ୍ୟକତା ଏବଂ ପର୍ଯ୍ୟାପ୍ତ ତଦାରଖ ନକରିବା ଯୋଗୁଁ ଅଚଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା ।

***(ଅନୁଚ୍ଛେଦ 1.10.3)***

- ଯଦିଓ ଛେଳି ପାଳନ ଭଳି ଆୟ ସୃଷ୍ଟିକାରି କାର୍ଯ୍ୟକଳାପ ଏବଂ ଜୀବିକା କାର୍ଯ୍ୟକ୍ରମଗୁଡ଼ିକ ଲାଭଦାୟକ ଥିଲା, ଉପଯୁକ୍ତ ତଦାରଖ ଏବଂ ଆବଶ୍ୟକ ସହାୟତା, ପିଭିଟିଜିମାନଙ୍କ ଜୀବିକାରେ ଉନ୍ନତି ଆଣିବାରେ ଉତ୍ତମ ଲାଭ ଦେଇପାରିଥାନ୍ତା ।

***(ଅନୁଚ୍ଛେଦ 1.9.4.1 and 1.9.3.4)***

- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନା କମିଟି, କାର୍ଯ୍ୟକ୍ରମ ପରିଚାଳନା କମିଟି ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି, କାର୍ଯ୍ୟକ୍ରମର ପ୍ରଭାବୀ ପରିଚାଳନା ଏବଂ ତଦାରଖ ପାଇଁ ନିୟମିତ ବୈଠକ କରିନଥିଲେ । ଫଳସ୍ୱରୂପ, ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଏମ୍‌ପିଏମାନଙ୍କର ପ୍ରଦର୍ଶନ ଅନୁକୂଳ ରହିନଥିଲା । ପିଭିଟିଜି ପରିବାରଗୁଡ଼ିକ ଏପର୍ଯ୍ୟନ୍ତ ପକ୍କା ଘର, ପାନୀୟ ଜଳ, ବିଦ୍ୟୁତ୍, ଜମି ମାଲିକାନା/ ପଟ୍ଟା ଇତ୍ୟାଦି ଭଳି ମୌଳିକ ସୁବିଧା ସହିତ ପରିପୂର୍ଣ୍ଣ ହୋଇନଥିଲେ ଏବଂ ଅନେକ ପିଭିଟିଜି ଗ୍ରାମଗୁଡ଼ିକରେ ମୋଟର ଯାନ ଚଳାଚଳ ଯୋଗ୍ୟ ରାସ୍ତା (288), ବିଦ୍ୟୁତ୍ (231), ପାନୀୟ ଜଳ ଉତ୍ସ (297) ଏବଂ ଦୂରସଂଚାରଯୋଗାଯୋଗ ସୁବିଧା (773) ନଥିଲା ।

***(ଅନୁଚ୍ଛେଦ 1.11.2.1 ଓ 1.5.1)***

***ଆମେ କ'ଣ ସୁପାରିଶ କରିଛୁ ?***

**1.1.** ***ଏସ୍‌ଏସ୍‌ଡି ବିଭାଗ ନୂତନ ଭାବେ ସୃଷ୍ଟି ହୋଇଥିବା ଏମପିଏଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଯଥେଷ୍ଟ ପ୍ରୟାସ କରିବା ଉଚିତ ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ସୁନିଶ୍ଚିତ କରିବା ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ବାଦ ପଡିଥିବା ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ।***

**1.2.** ***ବିଳମ୍ବିତ ବିବାହର ଲାଭ ଏବଂ ଏଥିରେ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ବିଷୟରେ ପିଭିଟିଜି ଯୁବପିଢିଙ୍କ ମଧ୍ୟରେ ସଚେତନତା ଅଭିଯାନକୁ ବୃଦ୍ଧି କରିବା ପାଇଁ ଏସ୍‌ଏସ୍‌ଡି ବିଭାଗ ଏହାର କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସକ୍ରିୟ ପଦକ୍ଷେପ ନେବା ଉଚିତ୍ ।***

**1.3.** ***ରାଜ୍ୟ ସରକାର ଲକ୍ଷ୍ୟଭୁକ୍ତ ପିଭିଟିଜି ଜନସଂଖ୍ୟାକୁ ଉଦ୍ଦିଷ୍ଟ ଲାଭ ପ୍ରଦାନ କରିବା ପାଇଁ ଜଳସେଚନ ପ୍ରକଳ୍ପଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିବାକୁ ବିଚାର କରିପାରନ୍ତି ।***

**1.4.** ***ସ୍ଥାନୀୟ ସମ୍ପ୍ରଦାୟର ସମ୍ପୃକ୍ତି ସହିତ ପୋଷଣ ଓ ଜୀବିକା ସହାୟତା ଯୋଜନା ଗୁଡ଼ିକୁ ରୂପରେଖ ପ୍ରଦାନ କରିବା ତଥା ପିଭିଟିଜି ସମୁଦାୟଙ୍କର ସଶକ୍ତିକରଣ ନିମିତ୍ତ ଯଥୋଚିତ ପ୍ରଶିକ୍ଷଣ ସହିତ ନିରନ୍ତର ସହାୟତା ଯୋଗାଇ ଦିଆଯାଇ ପାରେ ।***

***1.5.*** ***ବିଭାଗ ସମ୍ପ୍ରଦାୟର ସଂପୃକ୍ତି ସହିତ ପୋଷଣ ସହାୟତା ଯୋଜନା ପରିକଳ୍ପନା କରିପାରିବେ ଏବଂ ଫସଲ ଉତ୍ପାଦନରେ ଉନ୍ନତି ଆଣିବା ପାଇଁ ସୁନିଶ୍ଚିତ ଜଳ ଯୋଗାଣ ମାଧ୍ୟମରେ ଫସଲ ବିକାଶ କାର୍ଯ୍ୟକ୍ରମକୁ ମଜବୁତ କରିପାରିବେ ।***

***1.6.*** ***ରାଜ୍ୟ ସରକାର ଚିହ୍ନିତ ଗ୍ରାମର ସମସ୍ତ ପିଭିଟିଜି ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେଇପାରିବେ ଏବଂ ପିଭିଟିଜି ପରିବାରରୁ ଉପଭୋକ୍ତା ଶୁଳ୍କ ଆଦାୟ କରିବା ପରିବର୍ତ୍ତେ ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ଯୋଗାଇବା ଉପରେ ବିଚାର କରିପାରିବେ ।***

***1.7.*** ***କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ପିଭିଟିଜି ମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ କ୍ଷେତ୍ରରେ ଥିବା ଅଭାବଗୁଡ଼ିକୁ ଚିହ୍ନଟ କରିବା ଓ ତାହାର ସମାଧାନ ପାଇଁ ଏକ ସୁଦୃଢ ମୂଲ୍ୟାଙ୍କନ ବ୍ୟବସ୍ଥା ରହିବା ଆବଶ୍ୟକ, ଯାହା ନିରୀକ୍ଷଣ, ତଥ୍ୟ ସଂଗ୍ରହ ଏବଂ ଅଂଶୀଦାରମାନଙ୍କ ମତାମତ ଉପରେ ଗୁରୁତ୍ୱ ଦେବ ।***

## ଅଧ୍ୟାୟ 2: ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ଉପରେ ସମ୍ପାଦନ ସମୀକ୍ଷା

### *ରିପୋର୍ଟ ବିଷୟରେ*

ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଅଧିନିୟମ (ଏନ୍‌ଆର୍‌ଇଜିଏ) ଭାରତ ସରକାରଙ୍କ (ଜିଓଆଇ) ଦ୍ୱାରା ସେପ୍ଟେମ୍ବର 2005 ରେ ପ୍ରଣୟନ କରାଯାଇଥିଲା । ପ୍ରତ୍ୟେକ ଗ୍ରାମୀଣ ପରିବାରରେ ଅଣକୁଶଳୀ ଶାରୀରିକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବୟସ୍କ ସଦସ୍ୟମାନଙ୍କୁ ଏକ ଆର୍ଥିକ ବର୍ଷରେ ଅତି କମ୍‌ରେ 100 ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇବା, ଏହି ଅଧିନିୟମର ଉଦ୍ଦେଶ୍ୟ ଥିଲା । ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା, ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଆଇନରେ ଗ୍ରାମାଞ୍ଚଳରେ ସଡ଼କ ନିର୍ମାଣ, ଜଳ ସଂରକ୍ଷଣ ଏବଂ ବନୀକରଣ ଭଳି ଶ୍ରମବହୁଳ ଭିତ୍ତିଭୂମି ପ୍ରକଳ୍ପ ମାଧ୍ୟମରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦିଆଯାଇଅଛି । ଅକ୍ଟୋବର 2009 ରେ ଏନ୍‌ଆର୍‌ଇଜିଏକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଭାବରେ ନାମିତ କରାଯାଇଥିଲା ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ଏସ୍) ଯାହା ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଖର୍ଚ୍ଚ ଭାଗୀଦାରୀ ଆଧାରରେ କାର୍ଯ୍ୟକାରୀ ହୋଇଛି । ଭାରତ ସରକାର ଅଣକୁଶଳୀ ଶାରୀରିକ ଶ୍ରମିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ମଜୁରୀ ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ସାମଗ୍ରୀ ମୂଲ୍ୟର ତଥା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀର 75 ପ୍ରତିଶତ ପ୍ରଦାନ କରନ୍ତି । ରାଜ୍ୟ ସରକାର ସାମଗ୍ରୀ ମୂଲ୍ୟ ଏବଂ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀର 25 ପ୍ରତିଶତ ପ୍ରଦାନ ସହିତ ଶ୍ରମିକମାନଙ୍କୁ ବେକାରୀ ଭତ୍ତା ଏବଂ ବିଳମ୍ବିତ ମଜୁରୀ ପ୍ରଦାନ ପାଇଁ କ୍ଷତିପୂରଣର ସମୁଦାୟ ଖର୍ଚ୍ଚ ମଧ୍ୟ ବହନ କରନ୍ତି । ରାଜ୍ୟ ସରକାରଙ୍କୁ ପ୍ରଶାସନିକ ଖର୍ଚ୍ଚ ପାଇଁ ଭାରତ ସରକାର ଏକ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ ଖର୍ଚ୍ଚର ଛଅ ପ୍ରତିଶତ ପର୍ଯ୍ୟନ୍ତ ପ୍ରଦାନ କରିଥାନ୍ତି ।

### *ଆମେ କାହିଁକି ଏହି ସମୀକ୍ଷା କଲୁ ?*

ମଜୁରୀ ରୋଜଗାର ଯୋଗାଇବା ଏବଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟାର ଆର୍ଥିକ ଦୁର୍ବଳ ର୍ଗଙ୍କ ପାଇଁ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବାରେ ଯୋଜନାର ଫଳାଫଳର ଆକଳନ କରିବା ପାଇଁ, ଜୁନ୍ 2024 ରୁ ସେପ୍ଟେମ୍ବର 2024 ମଧ୍ୟରେ "ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ" ଉପରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । ସମୀକ୍ଷାର ପରିସର 2019-20 ରୁ 2023-24 ପର୍ଯ୍ୟନ୍ତ ଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଯେ ପ୍ରାସଙ୍ଗିକ ନିୟମ ଏବଂ ନିୟମାବଳୀକୁ ପାଳନ କରିବା ସହିତ ଯୋଜନା ପ୍ରକ୍ରିୟା ଏବଂ ଆର୍ଥିକ ପରିଚାଳନା ଅଭ୍ୟାସଗୁଡିକ ଆଇନର ଲକ୍ଷ୍ୟ ହାସଲ କରିବା ଦିଗରେ ପର୍ଯ୍ୟାପ୍ତ ଭାବରେ

ପ୍ରସ୍ତୁତ ହୋଇଛି କି ନାହିଁ; ସାମାଜିକ ସୁରକ୍ଷା ଏବଂ ଜୀବିକା ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା କି ନାହିଁ ; ନିୟମ ତଥା ନିୟମାବଳୀ ଅନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟକ୍ରମ/ ଯୋଜନା ସହିତ ସମନ୍ୱୟରେ ସ୍ଥାୟୀ ଏବଂ ଉପଯୋଗୀ ସମ୍ପତ୍ତି ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରାଯାଇଥିଲା କି ନାହିଁ ; ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ତଦାରଖ, ସାମାଜିକ ସମୀକ୍ଷା ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ଥିଲା ଏବଂ ଅଧିକ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱ ହାସଲ କରିବା ପାଇଁ ପରିକଳ୍ପନା ଅନୁଯାୟୀ କାର୍ଯ୍ୟ କରୁଥିଲା କି ନାହିଁ, ଇତ୍ୟାଦିର ଆକଳନ କରିବା ।

### *ମୁଖ୍ୟ ସମୀକ୍ଷା ଫଳାଫଳ*

ସମ୍ପାଦନ ସମୀକ୍ଷାର ମୁଖ୍ୟ ଫଳାଫଳ ଗୁଡ଼ିକ ନିମ୍ନରେ ସଂକ୍ଷିପ୍ତ ରୂପରେ ଦିଆଯାଇଅଛି :

- ବିଭାଗ, ନୂତନ/ ଯୋଗ୍ୟ ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ, ଜବ୍ କାର୍ଡରେ ସଦସ୍ୟଙ୍କ ନାମ ଅନ୍ତର୍ଭୁକ୍ତ/ ବାଦ ଦେବା ପାଇଁ ଏବଂ ବିଦ୍ୟମାନ ଡାଟାବେସ୍‌ରେ, ଯଦି କିଛି ଭୁଲ ତଥ୍ୟ ଥାଏ, ତାକୁ ସଂଶୋଧନ କରିବା ପାଇଁ ସର୍ଭେକ୍ଷଣ କରିନଥିଲା ।

**(*ଅନୁଚ୍ଛେଦ* 2.7.2)**

- ପାଞ୍ଚଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାରେ, 2019-24 ମଧ୍ୟରେ, ଜବ୍ କାର୍ଡ ପାଇଁ ଆବେଦନ କରିଥିବା 64.26 ଲକ୍ଷ ପରିବାର ମଧ୍ୟରୁ, 0.82 ଲକ୍ଷ ପରିବାରକୁ କୌଣସି ଲିଖିତ କାରଣ ବିନା ଜବ୍ କାର୍ଡ ପ୍ରଦାନ କରାଯାଇନଥିଲା । ଏହି ପରିବାରଗୁଡ଼ିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନିଯୁକ୍ତି ପାଇବା ସୁଯୋଗରୁ ବଞ୍ଚିତ କରାଯାଇଥିଲା ।

**(*ଅନୁଚ୍ଛେଦ* 2.7.3)**

- ଶ୍ରମ ବଜେଟ୍ ଗ୍ରାମ ସଭା ଦ୍ୱାରା ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ଏବଂ ଅନୁମୋଦିତ ହେବ, ପଞ୍ଚାୟତ ସମିତିକୁ ପଠାଯିବ ଏବଂ ଜିଲ୍ଲା ସ୍ତରରେ ଏକତ୍ରିତ କରାଯିବ । ଏହାପରେ, ଏହାକୁ କେନ୍ଦ୍ର ସରକାରଙ୍କୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରାଯିବ । ତେବେ, ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ଗୁଡ଼ିକରେ, ଶ୍ରମ ବଜେଟ ଲକ୍ଷ୍ୟ ରାଜ୍ୟ ସ୍ତରରୁ ପ୍ରାପ୍ତ ହୋଇଥିଲା ଏବଂ ଜିଲ୍ଲାଗୁଡ଼ିକ ସେମାନଙ୍କ ଅଧିନରେ ଥିବା ପଞ୍ଚାୟତ ସମିତି ମଧ୍ୟରେ ସୃଷ୍ଟି ହେବାକୁ ଥିବା ଶ୍ରମ ଦିବସ ଲକ୍ଷ୍ୟ ବଣ୍ଟନ କରିଥିଲେ । ସମସ୍ତ 40 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ, ଅଡିଟ୍ ଲକ୍ଷ୍ୟ କଲେ ଯେ କୌଣସି ଶ୍ରମ ବଜେଟ୍ ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯାଇ ନଥିଲା । ବରଂ, ପ୍ରକଳ୍ପଗୁଡ଼ିକର ଏକ ସାରଣୀ ପ୍ରସ୍ତୁତ କରାଯାଇଥିଲା ଏବଂ ଗ୍ରାମ ସଭା ଦ୍ୱାରା ଅନୁମୋଦିତ ହୋଇଥିଲା ।

**(*ଅନୁଚ୍ଛେଦ* 2.7.5)**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ ଅନୁଯାୟୀ ଜାତୀୟ ଗ୍ରାମୀଣ ଜୀବିକା ମିଶନ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଇତ୍ୟାଦି ସହିତ ବିଭିନ୍ନ ସରକାରୀ ପ୍ରାୟୋଜିତ ପ୍ରକଳ୍ପର ସହଭାଗିତା ପାଇଁ, ଜିଲ୍ଲା ପରିଷଦ ଦ୍ୱାରା ଏକ ଦିର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍, ଯାହା ଜିଲ୍ଲାରେ ସମସ୍ତ କ୍ଷେତ୍ର ପାଇଁ ଆବଶ୍ୟକତା ଏବଂ ଅଭାବକୁ ଚିହ୍ନଟ କରିବ । ନମୁନା ଯାଞ୍ଚ ଜିଲ୍ଲାଗୁଡ଼ିକରେ ଏପରି କୌଣସି ଜିଲ୍ଲା ଦିର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା, ଯେଉଁଥିପାଇଁ କ୍ଷେତ୍ରଓ୍ୱାରୀ ଅସାମଞ୍ଜସ୍ୟକୁ ଚିହ୍ନଟ କରାଯାଇପାରି ନଥିଲା ଏବଂ ବିଭାଗୀୟ ପ୍ରକଳ୍ପ ସହିତ କାର୍ଯ୍ୟର ସମନ୍ୱୟ କରାଯାଇପାରି ନଥିଲା ।

**(*ଅନୁଚ୍ଛେଦ* 2.7.6)**

- ପଞ୍ଜୀକୃତ ଗୃହଗୁଡ଼ିକୁ 100 ଦିନର ଗ୍ୟାରେଣ୍ଟିଯୁକ୍ତ ନିଯୁକ୍ତି ପ୍ରଦାନ କରିବାର ବ୍ୟବସ୍ଥା ବାବଦରେ, ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ 2019-24 ଆର୍ଥିକ ବର୍ଷ ମଧ୍ୟରେ କେବଳ 6.24 ରୁ 11.26 ପ୍ରତିଶତ ପରିବାରକୁ 100 ଦିନର ରୋଜଗାର ପ୍ରଦାନ କରାଯାଇଅଛି, ଯେତେବେଳେ କି 25.77

ଲକ୍ଷରୁ 44.58 ଲକ୍ଷ ପରିବାର କାର୍ଯ୍ୟ ଦାବି କରିଥିଲେ । ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା 0.20 ରୁ 16.18 ପ୍ରତିଶତ ମଧ୍ୟରେ ରହିଥିଲା ।

***(ଅନୁଚ୍ଛେଦ 2.8.1)***

- 2019-24 ମଧ୍ୟରେ ମଜୁରୀ ପ୍ରଦାନରେ, 1.44 କୋଟି ଦିନ ବିଳମ୍ବ ହୋଇଥିଲା, ଯେଉଁଥିପାଇଁ ହିତାଧିକାରୀମାନେ 1.03 କୋଟି ଟଙ୍କାର କ୍ଷତିପୂରଣ ପାଇବାକୁ ହକ୍‌ଦାର ଥିଲେ । ଏହା ବିପକ୍ଷରେ କ୍ଷତିପୂରଣ ଆକାରରେ କେବଳ 0.01 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଅବଶିଷ୍ଟ 1.02 କୋଟି ଟଙ୍କାର କ୍ଷତିପୂରଣ ରାଶି ପ୍ରାକୃତିକ ବିପର୍ଯ୍ୟୟ, ରାଜ୍ୟ ନୋଡାଲ ଆକାଉଣ୍ଟରେ ପର୍ଯ୍ୟାପ୍ତ ପାଣ୍ଠି ଅଭାବ ଆଦି କାରଣରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

***(ଅନୁଚ୍ଛେଦ 2.8.4.2)***

- 2019-24 ବର୍ଷ ମଧ୍ୟରେ ପାଞ୍ଚଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାରେ କାର୍ଯ୍ୟ ପାଇଁ ଦାବିକରିବା ସତ୍ତ୍ୱେ 1.22 ଲକ୍ଷ ପରିବାରକୁ ନିଯୁକ୍ତି ପ୍ରଦାନ କରାଯାଇ ନଥିଲା । ତଥାପି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀରେ ପରିକଳ୍ପନା କରାଯାଇଥିବା ଅନୁଯାୟୀ, ଏହି 1.22 ଲକ୍ଷ ପରିବାରଗୁଡିକୁ କୌଣସି ବେକାରୀ ଭତ୍ତା ପ୍ରଦାନ କରାଯାଇନଥିଲା ।

***(ଅନୁଚ୍ଛେଦ 2.8.4.3)***

- 2019-24 ମଧ୍ୟରେ କାର୍ଯ୍ୟାନ୍ୱୟନ ପାଇଁ ହାତକୁ ନିଆଯାଇଥିବା 36.99 ଲକ୍ଷ କାର୍ଯ୍ୟ ମଧ୍ୟରୁ, ମାର୍ଚ୍ଚ 2024 ସୁଦ୍ଧା 9,898.70 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ 12.96 ଲକ୍ଷ କାର୍ଯ୍ୟ (35 ପ୍ରତିଶତ) ସଂମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

***(ଅନୁଚ୍ଛେଦ 2.9.1)***

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, ସବୁ ଋତୁରେ ଯାତାୟାତର ସୁବିଧା ପ୍ରଦାନ କରୁଥିବା ଗ୍ରାମୀଣ ସଂଯୋଗୀକରଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇଥାଏ । ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତିରେ 1,317 ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି ପାଇଁ 55.32 କୋଟି ଟଙ୍କା ବ୍ୟବହାର କରାଯାଇଥିଲା ।

***(ଅନୁଚ୍ଛେଦ 2.9.3)***

- ନଅଟି ନମୁନା ଯାଞ୍ଚ କରାଯାଇଥିବା ପଞ୍ଚାୟତ ସମିତିରେ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ 331 ଟି କାର୍ଯ୍ୟ ସମ୍ପାଦନ ପାଇଁ 14.42 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ପରିଚାଳନା ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟର କୌଣସି ଶ୍ରେଣୀ ଅଧିନରେ ଆସି ନଥିଲା କିମ୍ବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ହୋଇନଥିଲା ।

***(ଅନୁଚ୍ଛେଦ 2.9.5)***

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ ଅନୁଯାୟୀ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ପ୍ରତିବର୍ଷ ଅତି କମ୍‌ରେ ଦୁଇ ଥର ବୈଠକ କରିବାର ଥିଲା । ତେବେ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ 2019-24 ଆର୍ଥିକ ବର୍ଷରେ ସର୍ବନିମ୍ନ 10ଟି ବୈଠକର ଆବଶ୍ୟକତା ଥିଲାବେଳେ, ମାତ୍ର ତିନିଥର ବୈଠକ କରିଥିଲା । ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ନିୟମିତ ବୈଠକର ଅନୁପସ୍ଥିତିରେ ଲୋକପାଳଙ୍କ ସାରାଂଶ ରିପୋର୍ଟ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦକୁ ରିପୋର୍ଟ କରାଯାଇପାରିଲା ନାହିଁ ଏବଂ ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫଳାଫଳ ସମ୍ପର୍କିତ ବାର୍ଷିକ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇପାରିନଥିଲା ।

ପୁନଶ୍ଚ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ସାମାଜିକ ସମୀକ୍ଷାର ଫଳାଫଳ ଉପରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ରିପୋର୍ଟର ସମୀକ୍ଷା ଏବଂ ତଦାରଖ କରିପାରି ନଥିଲା ।

***(ଅନୁଚ୍ଛେଦ 2.10.1)***

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳଙ୍କ ଦ୍ୱାରା ତ୍ରୁଟି କରିଥିବା ଅଧିକାରୀଙ୍କଠାରୁ ଆଦାୟ ପାଇଁ ସୁପାରିଶ କରାଯାଇଥିବା 1.61 କୋଟି ଟଙ୍କା ମଧ୍ୟରୁ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିଷ୍କ୍ରିୟତା କାରଣରୁ, ମାତ୍ର 14.54 ଲକ୍ଷ ଟଙ୍କା ଆଦାୟ କରାଯାଇପାରିଛି ।

***(ଅନୁଚ୍ଛେଦ 2.10.4)***

*ଆମେ କ'ଣ ସୁପାରିଶ କରିଛୁ ?*

**2.1.** *ଗ୍ରାମ ପଞ୍ଚାୟତଗୁଡ଼ିକ (ଜିପି), ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ନାମାଙ୍କନ କରିବା, ସଠିକ୍ ବିବରଣୀ ସହିତ ଜବ୍ କାର୍ଡ ପ୍ରଦାନ ଓ ଅପଡେଟ୍ କରିବା ଏବଂ ମଜୁରୀର ଅନିୟମିତ ଦେୟକୁ ଏଡ଼ାଇବା ପାଇଁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଉଦ୍ଦେଶ୍ୟରେ ବାର୍ଷିକ ସର୍ଭେକ୍ଷଣ କରିବା ଉଚିତ୍ ।*

**2.2.** *ଗ୍ରାମ ସଭାର ସମ୍ପୃକ୍ତି ସହିତ ଶ୍ରମ ବଜେଟ୍ ପ୍ରସ୍ତୁତିରେ ନିମ୍ନ ରୁ ଉର୍ଦ୍ଧ୍ୱମୁଖୀ ଆଭିମୁଖ୍ୟ ସୁନିଶ୍ଚିତ କରାଯାଇପାରେ, ଯାହା ଦ୍ୱାରା କାମର ଚାହିଦାର ପ୍ରକୃତ ଆବଶ୍ୟକତା, ପରିମାଣ ଏବଂ ସମୟ ମୂଲ୍ୟାଙ୍କନ କରାଯାଇପାରିବ ।*

**2.3.** *ଦାବିର **15** ଦିନ ମଧ୍ୟରେ କାମ ଯୋଗାଇ ଦିଆଯାଇନଥିବା ସମସ୍ତ ଯୋଗ୍ୟ ନିଯୁକ୍ତି ଆଶାୟୀଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବା ଲାଗି ସରକାର ନିଶ୍ଚିତ କରନ୍ତୁ । ଆହୁରି ମଧ୍ୟ, ଏହି ଯୋଜନା ଅଧିନରେ ମଜୁରୀ ଖୋଜୁଥିବା ଭିନ୍ନକ୍ଷମ ଲୋକଙ୍କୁ ଉପଯୁକ୍ତ ନିଯୁକ୍ତି ପ୍ରଦାନ କରି ଉତ୍ସାହିତ କରାଯାଉ ।*

**2.4.** *ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି, ଯାହାଫଳରେ ସେଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତିକୁ ସୁନିଶ୍ଚିତ କରାଯାଇପାରିବ ଏବଂ ବକେୟା ଥିବା କାମଗୁଡ଼ିକର ସମାପ୍ତି ପରେ ହିଁ ନୂତନ କାର୍ଯ୍ୟ ହାତକୁ ନେବା ଉଚିତ୍ ।*

**2.5.** *ଏକୀକୃତ ଶ୍ରମ ବଜେଟ୍ ଅନୁମୋଦନ କରିବା ସମୟରେ ଏବଂ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ସ୍ତରରେ ଗ୍ରାମ ପଞ୍ଚାୟତମାନଙ୍କ ପାଇଁ ପ୍ରକଳ୍ପର ସାରଣୀ ପ୍ରସ୍ତୁତ କରିବା ସମୟରେ ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି ଏବଂ ଅନୁମୋଦିତ ହୋଇନଥିବା କାର୍ଯ୍ୟ/ ପ୍ରକଳ୍ପର କାର୍ଯ୍ୟକାରିତା କଠୋର ଭାବରେ ନିଷେଧ କରାଯିବା ଉଚିତ୍ ।*

**2.6.** *ନିୟମିତ ବୈଠକ, ଲୋକପାଳଙ୍କ ସୁପାରିଶର ସମୀକ୍ଷା ଏବଂ ସାମାଜିକ ସମୀକ୍ଷାର ଫଳାଫଳ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ନିରୀକ୍ଷଣ ଦ୍ୱାରା ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ମାଧ୍ୟମରେ ପର୍ଯ୍ୟାଲୋଚନାକୁ ପ୍ରଭାବଶାଳୀ କରିପାରିବେ ।*

# ଅଧ୍ୟାୟ 1

## ସମ୍ପାଦନ ସମୀକ୍ଷା

## ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା

# ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ

## 1. ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା

### 1.1 ଉପକ୍ରମ

ଦେଶରେ ବସବାସ କରୁଥିବା ଶହ ଶହ ଆଦିବାସୀ ସମୁଦାୟ ମଧ୍ୟରେ, କେତେକ ଦୁର୍ବଳ ଗୋଷ୍ଠୀ ଅଛନ୍ତି, ଯେଉଁମାନେ ଅପେକ୍ଷାକୃତ ଅଧିକ ବିଚ୍ଛିନ୍ନ ଭାବରେ ରହିଥାନ୍ତି । ଏହି ବିଚ୍ଛିନ୍ନତା କାରଣରୁ ସେମାନେ ଅନେକ ସାର୍ବଜନୀନ ସାମଗ୍ରୀ ତଥା ସେବା ପାଇବାରୁ ବଞ୍ଚିତ ହୋଇ ଅନ୍ୟମାନଙ୍କ ତୁଳନାରେ ପଛୁଆ ରହିଥାନ୍ତି । ଏପରିକି ଏମାନଙ୍କର ପ୍ରାକ୍-କୃଷି ପ୍ରଯୁକ୍ତି ଓ ସାକ୍ଷରତା ହାର ଅନ୍ୟମାନଙ୍କ ତୁଳନାରେ ନିମ୍ନ ସ୍ତରରେ ରହିଥାଏ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା (1974-79) ସମୟରେ ଭାରତ ସରକାର ଏହି ଆଦିମ ଜନଜାତି ଗୋଷ୍ଠୀର ସର୍ବାଙ୍ଗୀନ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେମାନଙ୍କର ସ୍ଥାୟୀ ବିକାଶ ପାଇଁ ବିଶେଷ ଧ୍ୟାନ ଦେବା ଉଦ୍ଦେଶ୍ୟରେ ଏହିପରି 75 ଟି ଗୋଷ୍ଠୀକୁ ଚିହ୍ନଟ କରିଥିଲେ । ଏହି ଆଦିବାସୀ ଗୋଷ୍ଠୀଗୁଡ଼ିକୁ ପ୍ରଥମେ ଚିହ୍ନଟ କରାଯାଇ ଆଦିମ ଜନଜାତି ଗୋଷ୍ଠୀ (ପିଟିଜି) ଭାବରେ ନାମିତ କରାଯାଇଥିଲା ଏବଂ 2006 ରେ ସେମାନଙ୍କୁ 'ବିଶେଷ ଦୁର୍ବଳ ଜନଜାତି/ ଆଦିମ ଜନଜାତି ଗୋଷ୍ଠୀ (ପିଭିଟିଜି)' ଭାବରେ ପୁନଶ୍ଚ ନାମିତ କରାଯାଇଥିଲା । ଓଡ଼ିଶାରେ ଦେଶର ସର୍ବାଧିକ ସଂଖ୍ୟକ ପିଭିଟିଜି ଅଛନ୍ତି । ଚିହ୍ନିତ ହୋଇଥିବା 75ଟି ପିଭିଟିଜି ମଧ୍ୟରୁ, 13ଟି ପିଭିଟିଜି[1] ଓଡ଼ିଶାର ଅଟନ୍ତି । ରାଜ୍ୟର 14ଟି ଜିଲ୍ଲାରେ ଏମାନଙ୍କ ଜନସଂଖ୍ୟା 2,94,712 ଅଟେ ।

### *1.1.1 ପିଭିଟିଜିମାନଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ*

ରାଜ୍ୟରେ ପିଭିଟିଜିମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାଗୁଡ଼ିକର ନାମ ଏବଂ ସେମାନଙ୍କର ଉଦ୍ଦେଶ୍ୟ **ସାରଣୀ 1.1** ରେ ଦର୍ଶାଯାଇଛି ।

***ସାରଣୀ 1.1: ପିଭିଟିଜିର କଲ୍ୟାଣ ପାଇଁ କାର୍ଯ୍ୟକ୍ରମ***

| କ୍ର.ସଂ. | ଯୋଜନାଗୁଡ଼ିକର ନାମ | ପ୍ରାୟୋଜିତ ସରକାର | ଯୋଜନାର ଉଦ୍ଦେଶ୍ୟ |
|---|---|---|---|
| 1 | ଜନଜାତି ଉପ-ଯୋଜନା (ଟିଏସ୍ଏସ୍) ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍ସିଏ) | ଭାରତ ସରକାର | ରାଜ୍ୟ ସରକାରଙ୍କ ଟିଏସ୍ଏସ୍କୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା |
| 2 | ସମ୍ବିଧାନର ଧାରା 275(1) ଅନୁଯାୟୀ ଅନୁଦାନ | ଭାରତ ସରକାର | ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା, ଦାରିଦ୍ର୍ୟ ଏବଂ ବେରୋଜଗାରୀ ହ୍ରାସ; ଦକ୍ଷତା ବିକାଶ |
| 3 | ସଂରକ୍ଷଣ ତଥା ବିକାଶ (ସିସିଡି) ଯୋଜନା | ଭାରତ ସରକାର | ପିଭିଟିଜି ମାନଙ୍କର ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବିକା ବିକାଶ |
| 4 | ଓଡ଼ିଶା ପିଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ (ଓପିଲିପି) | ଓଡ଼ିଶା ସରକାର | 'ଉନ୍ନତ ଜୀବନଶୈଳୀ ଅବସ୍ଥା ଏବଂ ପିଭିଟିଜି ପରିବାର ସମେତ ଅନୁସୂଚିତ ଜାତି/ ଜନଜାତିର ଦାରିଦ୍ର୍ୟ ହାର ହ୍ରାସ' ଉଦ୍ଦେଶ୍ୟରେ ଏକ ବାହ୍ୟ ଅନୁଦାନପ୍ରାପ୍ତ ପ୍ରକଳ୍ପ |

***(ଉତ୍ସ: ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ରେକର୍ଡ)***

ଉପରୋକ୍ତ ବ୍ୟତୀତ, ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ମତ୍ସ୍ୟ ଏବଂ ପଶୁସମ୍ପଦ ବିକାଶ, କୃଷି ଏବଂ କୃଷକ ସଶକ୍ତିକରଣ ଇତ୍ୟାଦି ବିଭାଗଗୁଡ଼ିକ ସହଭାଗିତାରେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲେ ।

[1] (i) ବଣ୍ଡା, (ii) ବିରହୋର, (iii) ଚୁକୁଟିଆ ଭୁଞ୍ଜିଆ, (iv) ଦିଦାୟୀ, (v) ଡଙ୍ଗରିଆ କନ୍ଧ, (vi) ଜୁଆଙ୍ଗ, (vii) ହିଲ୍-ଖଡ଼ିଆ, (viii) କୁଟିଆ କନ୍ଧ, (ix) ଲାଞ୍ଜିଆ ସଉରା, (x) ଲୋଧା, (xi) ମାଙ୍କିଡିଆ, (xii) ପାଉଡ଼ି ଭୂୟାଁ (xiii) ସଉରା

ପିଭିଟିଜିମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ଉତ୍ତମ ପରିଚାଳନା ଏବଂ ଉପଲବ୍ଧ ସମ୍ବଳ ସଂଗ୍ରହ ଦିଗରେ ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଓଡ଼ିଶା ସରକାର ଓଡିଶା ପିଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ (ଓପିଲିପି) ଆରମ୍ଭ କରିଥିଲେ (2016-17) । ଓଡିଶାରେ ଓପିଲିପି ଅଧୀନରେ ପିଭିଟିଜି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ବିକାଶ ମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସମୟସୀମା ଆଠ ବର୍ଷ (2016-2024) ରହିଥିଲା । ଯଦିଓ ଓପିଲିପି କାର୍ଯ୍ୟକ୍ରମ 84ଟି ଗ୍ରାମ ପଞ୍ଚାୟତରେ ଥିବା ଅନ୍ୟ ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି (ଏସ୍‌ସି) ପରିବାରକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା, ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ପିଭିଟିଜିମାନଙ୍କର ବିକାଶ । ଅଣୁ ପ୍ରକଳ୍ପ ସଂସ୍ଥା (ଏମ୍‌ପିଏ) ଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଭାରତ ସରକାରଙ୍କ ଅନ୍ୟ ଯୋଜନାଗୁଡିକ କେବଳ ପିଭିଟିଜି ପାଇଁ ଉଦ୍ଦିଷ୍ଟ ଥିଲା । ସେପ୍ଟେମ୍ବର 2024 ରେ ଓପିଲିପିର କାର୍ଯ୍ୟାନ୍ୱୟନ ଶେଷ ହୋଇଥିଲା ।

ରାଜ୍ୟ ସରକାର 2016-24 ମଧ୍ୟରେ, ଆନ୍ତର୍ଜାତୀୟ କୃଷି ବିକାଶ ପାଣ୍ଠି (ଆଇଏଫ୍‌ଏଡି)ର ସହାୟତା ସମେତ ବିଭିନ୍ନ ଯୋଜନା ଅଧୀନରେ ଓପିଲିପି ପାଇଁ 594.78 କୋଟି ଟଙ୍କା ପ୍ରଦାନ କରିଥିଲେ ।

ଆଇଏଫ୍‌ଏଡି ସହିତ ହୋଇଥିବା ଚୁକ୍ତିନାମା ଏବଂ ଓପିଲିପି କାର୍ଯ୍ୟାନ୍ୱୟନ ପାଇଁ ଡିଜାଇନ୍ ସମାପ୍ତି ରିପୋର୍ଟ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଅଧୀନରେ 62,356[2] ପରିବାରକୁ ଅନ୍ତର୍ଭୁକ୍ତ କରାଯିବାର ଥିଲା । ଅନ୍ତିମ ସର୍ଭେକ୍ଷଣ (ଏଣ୍ଡ୍‌ଲାଇନ୍ ସର୍ଭେ) ରିପୋର୍ଟ (2024) ଅନୁଯାୟୀ ମାର୍ଚ୍ଚ 2024 ସୁଦ୍ଧା, ସମୁଦାୟ 96,651 ପରିବାର (ପିଭିଟିଜି 27,308, ଗରିବ ଏବଂ ଅନୁସୂଚିତ ଜାତି ପରିବାର 29,374 ଏବଂ ଅନ୍ୟାନ୍ୟ ଆଦିବାସୀ 39,969) ଅନ୍ତର୍ଭୁକ୍ତ ହୋଇଥିଲେ ।

### *1.1.2 ସାଙ୍ଗଠନିକ ବ୍ୟବସ୍ଥା*

ଜଣେ ସଚିବଙ୍କ ଅଧ୍ୟକ୍ଷତାରେ ପରିଚାଳିତ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ (ଏସ୍‌ଏସ୍‌ଡି ବିଭାଗ), ପିଭିଟିଜି ସମ୍ବନ୍ଧୀୟ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହିତ ଏହାର ପରିଚାଳନା ପାଇଁ ଉତ୍ତରଦାୟୀ ଥିଲା । ଓପିଲିପିର କାର୍ଯ୍ୟାନ୍ୱୟନ ପାଇଁ, ରାଜ୍ୟ ସ୍ତରରେ ଏକ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (ପିଏମ୍‌ୟୁ) ଗଠନ କରାଯାଇଥିଲା, ଯାହାର ମୁଖ୍ୟ ଜଣେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ପିଡି) ରହିଥିଲେ । ପ୍ରମୁଖ ବିଭାଗ ଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ, ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ପ୍ରୋଗ୍ରାମ୍ ଷ୍ଟିଅରିଂ କମିଟି (ପିଏସ୍‌ସି) ସାମଗ୍ରିକ ନୀତିଗତ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ଦାୟୀ ରହିଥିଲା । କାର୍ଯ୍ୟକ୍ରମର ସୁପରିଚାଳନା ଦାୟିତ୍ୱ, କାର୍ଯ୍ୟକ୍ରମ ପରିଚାଳନା କମିଟି (ପିଏମ୍‌ସି)ର ଅଧ୍ୟକ୍ଷ ଭାବେ ଏସ୍‌ଏସ୍‌ଡି ବିଭାଗର ସଚିବ ଏବଂ ସଦସ୍ୟ-ସଚିବ ଭାବରେ ଓପିଲିପିର କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ ଥିଲା ।

ପିଭିଟିଜିଙ୍କ ଉନ୍ନତି ପାଇଁ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର 1976-77 ରୁ 2020-21 ମଧ୍ୟରେ ରାଜ୍ୟର 14ଟି ଜିଲ୍ଲାରେ 20ଟି[3] ଏମ୍‌ପିଏ ଗଠନ କରିଥିଲେ । ଗୋଟିଏ ଏମ୍‌ପିଏ, ପିଭିଟିଜିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପରିସରଭୁକ୍ତ କରି ସେହି ଅଞ୍ଚଳରେ ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ଥିଲା । ଏମ୍‌ପିଏ ଏକ ପଞ୍ଜୀକୃତ ସମିତି ଥିଲା, ଯାହା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା ପରିଷଦ (ଜିବି) ଦ୍ୱାରା ପରିଚାଳିତ ହେଉଥିଲା । ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀ ପରିଚାଳନା ପରିଷଦର ସଦସ୍ୟ-ସଚିବ ଥିଲେ, ଯିଏକି ଏମ୍‌ପିଏର ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ଦାୟୀ ଥିଲେ ।

---

[2] ଏଥିରେ 32,090 ପିଭିଟିଜି ପରିବାର, ଅନ୍ୟ ଅନୁସୂଚିତ ଜନଜାତି (13,970), ଅନୁସୂଚିତ ଜାତି (5,486) ଏବଂ ଅନ୍ୟ ଗରିବ ପରିବାର (10,810) ଅନ୍ତର୍ଭୁକ୍ତ


[3] 1976-95 ମସିହାରେ 17 ଜଣ ପୁରୁଣା ଅଣୁ ପ୍ରକଳ୍ପ ସଂସ୍ଥା ଏବଂ 2020-21 ମଧ୍ୟରେ ତିନୋଟି ନୂତନ ଅଣୁ ପ୍ରକଳ୍ପ ସଂସ୍ଥା । ନୂତନ ଭାବେ ସୃଷ୍ଟି ହୋଇଥିବା (2020-21) ତିନୋଟି ଅଣୁ ପ୍ରକଳ୍ପ ସଂସ୍ଥା ଏପର୍ଯ୍ୟନ୍ତ କାର୍ଯ୍ୟ କରୁନାହିଁ

ଗ୍ରାମୀଣ ସ୍ତରରେ, ଓପିଲିପି ଅଧୀନରେ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ 541ଟି ପିଭିଟିଜି ଗ୍ରାମ ସମେତ 1,140ଟି ଗ୍ରାମରେ 1,011ଟି ଗ୍ରାମ ବିକାଶ କମିଟି ଗଠନ କରାଯାଇଥିଲା । ଗ୍ରାମ ଉନ୍ନୟନ ସଂଘ (ଭିଡିଏ) ଦ୍ୱାରା ମନୋନୀତ ଚାରି ଜଣ ସଦସ୍ୟଙ୍କୁ ନେଇ ଏକ ଗ୍ରାମ ବିକାଶ କମିଟି[4] (ଭିଡିସି) ଗଠନ କରାଯାଇଥିଲା ।

କାର୍ଯ୍ୟକ୍ରମ ସୁପରିଚାଳନାରେ ଏହି ଭିଡିସିକୁ ସାହାଯ୍ୟ କରିବା ପାଇଁ, ପିଏମ୍‌ୟୁ, 17 ଟି ଏମ୍‌ପିଏରେ (ତିନୋଟି ନୂତନ ଏମ୍‌ପିଏ ବ୍ୟତୀତ) ଗୋଟିଏ ଲେଖାଏଁ ବେସରକାରୀ ସଂଗଠନ (ଏଫ୍‌ଏନ୍‌ଜିଓ)[5] ନିୟୋଜିତ କରିଥିଲେ । ପିଏମ୍‌ୟୁ ଏବଂ ଏଫ୍‌ଏନ୍‌ଜିଓ ମଧ୍ୟରେ ହୋଇଥିବା ଏକ ବୁଝାମଣା ପତ୍ରରେ ଏଫ୍‌ଏନ୍‌ଜିଓର ଭୂମିକା ଏବଂ ଦାୟିତ୍ୱ ବର୍ଣ୍ଣନା କରାଯାଇଅଛି । ପେଷାଦାର କର୍ମଚାରୀମାନଙ୍କର ଏକ ଦଳ ସହିତ ଏଫ୍‌ଏନ୍‌ଜିଓ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ (ଏଡବ୍ଲ୍ୟୁପିବି) ପ୍ରସ୍ତୁତି ଏବଂ ଅନୁମୋଦିତ କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ଭିଡ଼ିସି ଗୁଡିକୁ ସୁବିଧା ପ୍ରଦାନ କରିବାର ଥିଲା ।

ପିଭିଟିଜି ବସବାସ କରୁଥିବା ଜିଲ୍ଲାଗୁଡିକ, ଯେଉଁଠାରେ ଏମ୍‌ପିଏ ପ୍ରତିଷ୍ଠା କରାଯାଇଥିଲା, ତାହା **ମାନଚିତ୍ର 1.1** ରେ ଦର୍ଶାଯାଇଛି ।

***ମାନଚିତ୍ର 1.1: ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଏମ୍‌ପିଏଗୁଡ଼ିକର ଭୌଗୋଳିକ ସ୍ଥିତି***




1. ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଡିକେଡିଏ), ଚଟିକଣା, 2. ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଡିକେଡିଏ), ପାର୍ଶାଲି, 3. ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା (ଏଲ୍‌ଏସ୍‌ଡିଏ), ପୁଟାସିଂଙ୍ଗ, 4. ବଣ୍ଡା ଉନ୍ନୟନ ସଂସ୍ଥା (ବିଡିଏ), ମୁଦୁଲିପଡ଼ା, 5. ଦିଦାୟୀ ଉନ୍ନୟନ ସଂସ୍ଥା (ଡିଡିଏ), କୁଡୁମୁଲୁଗୁମ୍ମା, 6. କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ), ଲାଞ୍ଜିଗଡ଼, 7. କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ), ବେଲଘର, 8. ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ), ସୁନାବେଡ଼ା, 9. ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ), ରୁଗୁଡ଼ାକୁଦର, 10. ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଜମରଡିହି, 11. ଜୁଆଁଙ୍ଗ ଉନ୍ନୟନ ସଂସ୍ଥା(ଜେଡିଏ), ଗୋନାସିକା, 12. ପାଉଡିଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ), ବାଂଶପାଳ, 13. ପାଉଡିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟଗାଁ, 14. ଲୋଧା ଉନ୍ନୟନ ସଂସ୍ଥା (ଏଲ୍‌ଡିଏ), ମୋରଡ଼ା, 15. ହିଲ୍-ଖଡ଼ିଆ ଏବଂ ମାଙ୍କିଡିଆ ଉନ୍ନୟନ ସଂସ୍ଥା, ଯଶୀପୁର, 16. ସଉରା ଉନ୍ନୟନ ସଂସ୍ଥା (ଏସ୍‌ଡିଏ), ଚନ୍ଦ୍ରଗିରି, 17. ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା (ଏଲ୍‌ଏସ୍‌ଡିଏ), ସେରଙ୍ଗ, 18. ତୁମ୍ବା ଉନ୍ନୟନ ସଂସ୍ଥା (ଟିଡିଏ), ତୁମ୍ବା, 19. ଜୁଆଁଙ୍ଗ ଉନ୍ନୟନ ସଂସ୍ଥା (ଜେଡିଏ), ଢେଙ୍କାନାଳ, 20. ବିରହୋର ଏବଂ ଜୁଆଙ୍ଗ ଉନ୍ନୟନ ସଂସ୍ଥା (ବିଜେଡିଏ), ସୁକିନ୍ଦା

4 ଗ୍ରାମ ଉନ୍ନୟନ ସଂଘ ପ୍ରତ୍ୟେକ ଗ୍ରାମରେ ପ୍ରତିଷ୍ଠିତ ହୋଇଛି, ଯେଉଁଥିରେ ଗ୍ରାମର ସମସ୍ତ ବୟସ୍କ ପୁରୁଷ ଏବଂ ମହିଳା ଏହାର ସଦସ୍ୟ ଅଟନ୍ତି

5 ଓଡ଼ିଶାର ଆଦିବାସୀ ଅଞ୍ଚଳରେ କାମ କରିବାର ଅଭିଜ୍ଞତା ଥିବା ଏଫ୍‌ଏନ୍‌ଜିଓ

### 1.2 ଅଡିଟ୍‌ର ଉଦ୍ଦେଶ୍ୟ

ପିଭିଟିଜିମାନଙ୍କ ଉପରେ କାର୍ଯ୍ୟକ୍ରମ ଗୁଡିକର ସାମଗ୍ରିକ ପ୍ରଭାବ ଏବଂ ପ୍ରଭାବଶୀଳତାକୁ ଅନୁଧ୍ୟାନ କରିବା ପାଇଁ ଏହି ସମ୍ପାଦନ ସମୀକ୍ଷା କରାଯାଇଥିଲା । ନିମ୍ନଲିଖିତ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଅଡିଟ୍ କରାଯାଇଥିଲା ।

- ପିଭିଟିଜି ପରିବାରର ଆୟ ସ୍ତର ଏବଂ ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଯେଉଁ ଯୋଜନା କରାଯାଇଥିଲା ତାହା ପ୍ରଭାବଶାଳୀ ଥିଲା କି ନାହିଁ ।
- ଯେଉଁ ଉଦ୍ଦେଶ୍ୟରେ ପାଣ୍ଠି ପ୍ରଦାନ କରାଯାଇଥିଲା, ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକ ଯୋଜନା ଏବଂ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଥିଲେ କି ନାହିଁ ।
- ଅଣୁ ପ୍ରକଳ୍ପ ସଂସ୍ଥାର କାର୍ଯ୍ୟକ୍ରମଗୁଡ଼ିକ ପିଭିଟିଜି ପରିବାରର ଆୟ ସ୍ତର ଏବଂ ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ମିତବ୍ୟୟିତା, ଦକ୍ଷତା ଏବଂ ପ୍ରଭାବଶାଳୀ ରୂପରେ କାର୍ଯ୍ୟକାରୀ କରାଯାଇଥିଲା କି ନାହିଁ ।
- ପିଭିଟିଜିମାନଙ୍କ ପାଇଁ କାର୍ଯ୍ୟକ୍ରମଗୁଡିକର ସଠିକ୍ କାର୍ଯ୍ୟକାରିତା ପାଇଁ ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ ପ୍ରଣାଳୀ ସୁବ୍ୟବସ୍ଥିତ ରହି ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରୁଥିଲା କି ନାହିଁ ।

### 1.3 ଅଡିଟ୍ ମାନଦଣ୍ଡ

ସମ୍ପାଦନ ସମୀକ୍ଷା ନିମ୍ନଲିଖିତ ଅଡିଟ୍ ମାନଦଣ୍ଡ ଗୁଡ଼ିକ ଉପରେ ପର୍ଯ୍ୟବେସିତ ଥିଲା:

- ପିଭିଟିଜିମାନଙ୍କ ବିକାଶ ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଯୋଜନା ନିର୍ଦ୍ଦେଶାବଳୀ;
- ପିଭିଟିଜି ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ ଦସ୍ତାବିଜ୍;
- ଏମ୍‌ପିଏମାନଙ୍କ ଅଡିଟ୍ ହୋଇଥିବା ବାର୍ଷିକ ଆକାଉଣ୍ଟ;
- ଓଡିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତା;
- ଓଡିଶା ସାଧାରଣ ଆର୍ଥିକ ନିୟମାବଳୀ (ଓଜିଏଫ୍ ଆର୍);
- ପିଭିଟିଜି ପାଇଁ ସର୍ଭେ ଏବଂ ମୂଲ୍ୟାଙ୍କନ ରିପୋର୍ଟ;
- ପିଏସ୍‌ସି/ ପିଏମ୍‌ସି/ ପିଆଇସି ବୈଠକର କାର୍ଯ୍ୟ ବିବରଣୀ;
- ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ।

### 1.4 ଅଡିଟ୍ ପରିସର ଏବଂ ପଦ୍ଧତି

ଏସ୍‌ଏସ୍‌ଡି ବିଭାଗ, ପିଏମୟୁ ଏବଂ ସମସ୍ତ 20 ଏମ୍‌ପିଏଗୁଡ଼ିକର 2019-20 ରୁ 2023-24 ସମ୍ବନ୍ଧୀୟ ରେକର୍ଡର ନମୁନା ଯାଞ୍ଚ ସହିତ, ଜୁଲାଇ 2024 ରୁ ଜାନୁଆରୀ 2025 ମଧ୍ୟରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । 26 ଜୁନ୍ 2024ରେ ଅନୁଷ୍ଠିତ ଏକ ପ୍ରବେଶିକା ସମ୍ମିଳନୀରେ ଏସ୍‌ଏସ୍‌ଡି ବିଭାଗର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବଙ୍କ ସହିତ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା ।

ବିଭିନ୍ନ ଯୋଜନା ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ (କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା ଯୋଜନା ଇତ୍ୟାଦି) ଅଧୀନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ମିଳିତ ସରଜମିନ୍ ତଦନ୍ତ ସହିତ ହିତାଧିକାରୀଙ୍କ ସାକ୍ଷାତକାର/ ସର୍ଭେ ସଂପୃକ୍ତ ଏମ୍‌ପିଏର ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଥିଲା । ଆବଶ୍ୟକ ସ୍ଥଳେ ଫଟୋ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଇଥିଲା ।

ଅଡିଟ୍ ଫଳାଫଳ ଉପରେ ଆଲୋଚନା କରିବା ପାଇଁ ବିଭାଗର ଆୟୁକ୍ତ-ତଥା-ସଚିବଙ୍କ ସହ 16 ସେପ୍ଟେମ୍ବର 2025 ରେ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଭାଗ ଅଡିଟର ସମସ୍ତ ସୁପାରିଶକୁ ଗ୍ରହଣ କରିଥିଲେ ଏବଂ ତତ୍ ସମ୍ବନ୍ଧୀୟ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମଧ ନିଶ୍ଚିତ କରିଥିଲେ । ବିଭାଗ ପକ୍ଷରୁ ମିଳିଥିବା ଉତ୍ତରକୁ ରିପୋର୍ଟରେ ଉପଯୁକ୍ତ ଭାବରେ ସାମିଲ କରାଯାଇଛି ।

ଅଡିଟ୍ ଫଳାଫଳ ପରବର୍ତ୍ତୀ ଅନୁଚ୍ଛେଦଗୁଡିକରେ ଆଲୋଚନା କରାଯାଇଅଛି ।

## ଅଡିଟ୍ ଫଳାଫଳ

### 1.5 ପିଭିଟିଭି ଜନସଂଖ୍ୟାର ଚିହ୍ନଟ

ବିକାଶମୂଳକ କାର୍ଯ୍ୟକ୍ରମଗୁଡିକର ଉଦ୍ଦିଷ୍ଟ ଲାଭ ପିଭିଟିଜି ମାନଙ୍କୁ ଉପଲବ୍ଧ ହେଉଛି ନା ନାହିଁ, ତାହା ସୁନିଶ୍ଚିତ କରିବା ପାଇଁ ପିଭିଟିଜି ମାନଙ୍କ ବାସସ୍ଥାନ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତି ଇତ୍ୟାଦି, ଚିହ୍ନଟ କରି ନିର୍ଦ୍ଦିଷ୍ଟ କାଳିକ ଏବଂ ନିର୍ଭୁଲ ସର୍ଭେକ୍ଷଣ କରିବା ଆବଶ୍ୟକ ।

17ଟି ଏମ୍‌ପିଏର ସୀମା ନିର୍ଦ୍ଧାରଣ କରିବା ସମୟରେ ରାଜ୍ୟ ଏହି ଏମ୍‌ପିଏଗୁଡିକର ପ୍ରଶାସନିକ ପରିସର ମଧ୍ୟରେ 541ଟି ଗ୍ରାମକୁ ଚିହ୍ନଟ କରିଥିଲା । ଏହି ଗ୍ରାମଗୁଡିକର ତାଲିକା 2018-19 ପର୍ଯ୍ୟନ୍ତ ବଳବତ୍ତର ରହିଥିଲା ଏବଂ 541ଟି ଗ୍ରାମର ଲୋକଙ୍କୁ, ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଲାଭ ପାଇବା ପାଇଁ ପିଭିଟିଜି ଭାବରେ ବିବେଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଏସ୍‌ଏସ୍‌ଡି ବିଭାଗ ଦ୍ୱାରା ଏହା ନିରୀକ୍ଷଣ କରାଯାଇଥିଲା ଯେ ଏମ୍‌ପିଏ ଅଞ୍ଚଳ[6] ଏବଂ ଆଖପାଖରେ ପିଭିଟିଜି ସମ୍ପ୍ରଦାୟ ବସବାସ କରୁଥିବା ଅନେକ ଗ୍ରାମ/ ଜନବସତି ମୂଳ ଚିହ୍ନଟ ସ୍ଥାନରୁ ବାଦ୍ ପଡିଛି । ତେଣୁ, ଏକ ନୂତନ ସର୍ବେକ୍ଷଣ କରିବା ଆବଶ୍ୟକତା ଥିଲା । ବାଦ୍ ପଡିଥିବା ଗ୍ରାମ/ ଜନବସତି ଏବଂ ପିଭିଟିଜି ଜନସଂଖ୍ୟାକୁ ଚିହ୍ନଟ କରିବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅନୁସନ୍ଧାନ ଏବଂ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ)[7] 2018-19 ମସିହାରେ ଏକ ବେସ୍‌ଲାଇନ ସର୍ଭେ (ବିଏଲଏସ୍) କରିଥିଲେ ।

ଏସ୍‌ସିଏସ୍‌ଟିଆର୍‌ଟିଆଇ ଦ୍ୱାରା କରାଯାଇଥିବା ବେସ୍‌ଲାଇନ ସର୍ବେକ୍ଷଣ ମାଧ୍ୟମରେ ଏସ୍‌ଏସ୍‌ଡି ବିଭାଗ ଦ୍ୱାରା ପିଭିଟିଜି ଜନସଂଖ୍ୟାର ଗଣନା କରାଯାଇଥିଲା । ରାଜ୍ୟରେ ପିଭିଟିଜି ଜନସଂଖ୍ୟା ଗଣନା ପାଇଁ 2015 ମସିହାରେ କରାଯାଇଥିବା ବେସଲାଇନ୍ ସର୍ଭେ କେବଳ ପୂର୍ବରୁ ବିଦ୍ୟମାନ ପିଭିଟିଜି ଗ୍ରାମ ପାଇଁ ଉଦ୍ଦିଷ୍ଟ ଥିଲା । ବିଏଲ୍‌ଏସ୍-2015 ଏବଂ ବିଏସ୍‌ଏଲ୍-2018 ଅନୁଯାୟୀ ପିଭିଟିଜି ମାନଙ୍କର ଜନସଂଖ୍ୟା, ପରିବାର ସଂଖ୍ୟା ଏବଂ ଗ୍ରାମର ଏକ ତୁଳନାତ୍ମକ ଚିତ୍ର **ସାରଣୀ 1.2** ରେ ଦିଆଯାଇଛି ।

***ସାରଣୀ 1.2: ବିଏଲ୍ ଏସ୍-2015 ଏବଂ ବିଏଲ୍ ଏସ୍-2018 ଅନୁଯାୟୀ ପିଭିଟିଜି ବାସସ୍ଥାନ ଏବଂ ଜନସଂଖ୍ୟାର ତୁଳନା***

| ବିଏଲ୍ ଏସ୍ ବର୍ଷ | ପିଭିଟିଜି ଗ୍ରାମ | ପିଭିଟିଜି ପରିବାର ସଂଖ୍ୟା | ପିଭିଟିଜି ଜନସଂଖ୍ୟା |
|---|---|---|---|
| ବେସ୍ ଲାଇନ୍ ସର୍ଭେ (2015) | 541 | 21,802 | 89,208 |
| ବେସ୍ ଲାଇନ୍ ସର୍ଭେ (2018-19) (ନୂତନ ଚିହ୍ନଟ) | 1,138 | 36,906 | 1,60,401 |
| **ସମୁଦାୟ** | **1,679** | **58,708** | **2,49,609** |

*( ଉତ୍ସ: ଏସ୍‌ସିଏସ୍‌ଟିଆର୍‌ଟିଆଇର ସର୍ଭେ ରିପୋର୍ଟ)*

ଅଡିଟ୍‌ରୁ ଜଣାଗଲା ଯେ ବିଏଲ୍‌ଏସ୍-2018, ସମସ୍ତ ପିଭିଟିଜି ଗ୍ରାମର ନୂତନ ସର୍ଭେ କରିନଥିଲା । ଏହା ପରିବର୍ତ୍ତେ, ବର୍ତ୍ତମାନର 541 ଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ଗ୍ରାମଗୁଡ଼ିକ ପାଇଁ ଏହି ସର୍ଭେ କରାଯାଇଥିଲା । ବିଏଲ୍‌ଏସ୍-2018 ପରେ, ରାଜ୍ୟର 14ଟି[8] ଜିଲ୍ଲାରେ ଥିବା 1,679ଟି ଗ୍ରାମ/ ଜନବସତିର 58,708

[6] 13 ପିଭିଟିଜି ସାନ୍ଦ୍ରତା ଥିବା ଅଞ୍ଚଳଗୁଡ଼ିକ

[7] ଏମ୍‌ପିଏ କ୍ଷେତ୍ରରେ ପିଭିଟିଜି ଗବେଷଣା ଏବଂ ଯୋଜନା ପ୍ରସ୍ତୁତି ସମ୍ବନ୍ଧୀୟ ମାମଲା ପରିଚାଳନା କରୁଥିବା ରାଜ୍ୟର ପ୍ରମୁଖ ଜନଜାତି ଗବେଷଣା ପ୍ରତିଷ୍ଠାନ

[8] ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା ଏବଂ ସୁନ୍ଦରଗଡ଼

ପରିବାରରେ ସମୁଦାୟ ପିଭିଟିଜି ଜନସଂଖ୍ୟା 2,49,609 ଥିଲା ଯେଉଁଥିରେ ବିଏଲ୍ଏସ୍-2015 ରେ ଚିହ୍ନଟ ହୋଇଥିବା 541 ପୁରୁଣା/ ବିଦ୍ୟମାନ ଗ୍ରାମ ଅନ୍ତର୍ଭୁକ୍ତ ଥିଲା ।

ବିଦ୍ୟମାନ ଥିବା 541ଟି ପିଭିଟିଜି ଗ୍ରାମରେ ଓପିଲିପି କାର୍ଯ୍ୟକାରୀ କରିବା ପାଇଁ ପିଏମ୍ୟୁ, ଏମ୍ପିଏମାନଙ୍କଠାରୁ ଜନସଂଖ୍ୟା ଏବଂ ପରିବାର ତଥ୍ୟ ସଂଗ୍ରହ କରିଥିଲା । ଏମ୍ପିଏଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ପିଭିଟିଜି ପରିବାର ଏବଂ ସେମାନଙ୍କ ଜନସଂଖ୍ୟା ଯଥାକ୍ରମେ 27,308 ଏବଂ 1,34,311 କୁ ବୃଦ୍ଧି ପାଇଥିଲା ।

ତେଣୁ, ରାଜ୍ୟରେ ସମୁଦାୟ ପିଭିଟିଜି ଜନସଂଖ୍ୟା, 1,679ଟି ଗ୍ରାମରେ 2.94 ଲକ୍ଷ[9] ଥିଲା । ଏହି 2.94 ଲକ୍ଷ ଜନସଂଖ୍ୟା ମଧ୍ୟରୁ ଓପିଲିପି, କେବଳ 1.34 ଲକ୍ଷ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିଲା ଏବଂ ନୂତନ ଚିହ୍ନଟ ହୋଇଥିବା 1,138 ଗ୍ରାମରେ ରହୁଥିବା ଅବଶିଷ୍ଟ 1.60 ଲକ୍ଷ ଲୋକଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇନଥିଲା । ଏହିପରି, ମାର୍ଚ୍ଚ 2024 ସୁଦ୍ଧା 1.60 ଲକ୍ଷ (54 ପ୍ରତିଶତ) ପିଭିଟିଜି ଲୋକ ବର୍ଷ ବର୍ଷ ଧରି ପିଭିଟିଜି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଲାଭ ପାଇବାରୁ ବଞ୍ଚିତ ହୋଇଥିଲେ ।

2015 ରେ ଆକଳନ କରାଯାଇଥିବା ପିଭିଟିଜି ଜନସଂଖ୍ୟା, ଏମ୍ପିଏଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ଜନସଂଖ୍ୟା ତଥ୍ୟ ଉପରେ ଆଧାରିତ ଥିଲା ଏବଂ ନୂତନ ଭାବରେ ଚିହ୍ନଟ ହୋଇଥିବା ଗ୍ରାମଗୁଡ଼ିକ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ଓପିଲିପି II ଅଧୀନରେ ଅନ୍ତର୍ଭୁକ୍ତ ହେବ, ଯାହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯୋଜନା କରାଯାଇଛି ବୋଲି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2025) ।

### *1.5.1 ବିଏଲ୍ଏସ୍-2018 ରେ ଚିହ୍ନଟ ହୋଇଥିବା ସମସ୍ତ ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରାନଯିବା*

ଯେପରି ଉପରେ ଆଲୋଚନା କରାଯାଇଛି, 1,138ଟି ଗ୍ରାମ ପିଭିଟିଜି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ହୋଇନଥିଲେ । ଏହା ଲକ୍ଷ୍ୟ କରାଗଲା ଯେ ଏସ୍ଏସ୍ଡି ବିଭାଗ ଏହି ଅତିରିକ୍ତ 1,138 ଗ୍ରାମର 1,60,401 ଜନସଂଖ୍ୟା ବିଶିଷ୍ଟ 36,906 ପିଭିଟିଜି ପରିବାରକୁ, ପିଭିଟିଜି ବିକାଶ କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୁଇଟି ବିଜ୍ଞପ୍ତି (ଜୁନ୍ 2020) ଜାରି କରିଥିଲେ । ବିଜ୍ଞପ୍ତି ଅନୁଯାୟୀ, ପୂର୍ବରୁ ପ୍ରତିଷ୍ଠିତ 17ଟି ଏମ୍ପିଏ, ଆଖପାଖ ଅଞ୍ଚଳର 888 ଟି ଗ୍ରାମ/ପଲ୍ଲୀକୁ ଅନ୍ତର୍ଭୁକ୍ତ କରିବେ ଏବଂ ଅବଶିଷ୍ଟ 250 ଗ୍ରାମ/ ପଲ୍ଲୀକୁ ସରକାରଙ୍କ ଦ୍ୱାରା ଜୁନ୍ 2020 ରେ ଗଠନ କରାଯାଇଥିବା ତିନୋଟି ନୂତନ ଏମ୍ପିଏ[10] ଅଧୀନରେ ଅନ୍ତର୍ଭୁକ୍ତ କରାଯିବ ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ଲକ୍ଷ୍ୟ କଲା ଯେ ସମସ୍ତ ଚିହ୍ନିତ ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିବା ଏବଂ ନୂତନ ଏମ୍ପିଏ ସୃଷ୍ଟି ପାଇଁ ବିଜ୍ଞପ୍ତି ଜାରି ହେବା ସତ୍ତ୍ୱେ, କେବଳ 541ଟି ଗ୍ରାମରେ ପୂର୍ବରୁ ବିଦ୍ୟମାନ 17 ଏମ୍ପିଏ ଦ୍ୱାରା ପିଭିଟିଜି ମାନଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜାରି ରହିଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଯେଉଁ ପିଭିଟିଜି ଜନସଂଖ୍ୟା/ ପରିବାର ଗୁଡ଼ିକ ବିକାଶମୂଳକ କାର୍ଯ୍ୟକ୍ରମରୁ ବାଦ୍ ପଡ଼ିଥିଲେ, ସେମାନଙ୍କ ପାଖରେ ମୌଳିକ ସୁବିଧାର ଅଭାବ ଥିଲା । ବାଦ୍ ପଡ଼ିଥିବା ପିଭିଟିଜି ପରିବାରମାନଙ୍କ ପାଖରେ ଉପଲବ୍ଧ ମୌଳିକ ସୁବିଧା/ ସମ୍ବଳର ସ୍ଥିତି ବିଷୟରେ ଅଡିଟ୍ ଅନୁସନ୍ଧାନ କରିଥିଲା । ସର୍ଭେରେ ଚିହ୍ନଟ ହୋଇଥିବା 36,906 ପରିବାର ତୁଳନାରେ ଓପିଲିପିର ପିଏମ୍ୟୁ କେବଳ 28,219 ପରିବାର ପାଇଁ ତଥ୍ୟ ପ୍ରଦାନ କରିପାରିଲେ ।

ନୂତନ ଚିହ୍ନଟ ହୋଇଥିବା ପରିବାରଗୁଡ଼ିକ ପାଖରେ ପକ୍କା ଘର, ପାନୀୟ ଜଳ, ଶୌଚାଳୟ ସୁବିଧା, ଗ୍ୟାସ୍ ସଂଯୋଗ ଆଦି ଭଳି ମୌଳିକ ସୁବିଧାର ଉପଲବ୍ଧତା 18 ପ୍ରତିଶତରୁ 77 ପ୍ରତିଶତ ମଧ୍ୟରେ ଥିଲା । ପୁରୁଣା ପିଭିଟିଜି ପରିବାର ସହିତ ଉପଲବ୍ଧ ଏହି ମୌଳିକ ସୁବିଧା ଯାହା ବିକାଶମୂଳକ କାର୍ଯ୍ୟକ୍ରମ ଅଧିନରେ ଅନ୍ତର୍ଭୁକ୍ତ ହୋଇଥିଲା, ନୂତନ ଚିହ୍ନଟ ହୋଇଥିବା ପରିବାର ତୁଳନାରେ ଭଲ ଥିଲା । ପିଭିଟିଜି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅଧିନରେ


---

[9] 541 ଟି ଗ୍ରାମର ଜନସଂଖ୍ୟା: 1.34 ଲକ୍ଷ + 1,138 ଟି ନୂଆ ବସ୍ତି/ ଗ୍ରାମର ଜନସଂଖ୍ୟା: 1.60 ଲକ୍ଷ

[10] ପାଉଡ଼ି-ଭୂୟାଁ ଉନ୍ନୟନ ସଂସ୍ଥା, ବାଂଶପାଳ, (ii) ବିରହୋର ଏବଂ ଜୁଆଙ୍ଗ ଉନ୍ନୟନ ସଂସ୍ଥା, ସୁକିନ୍ଦା, (iii) ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଢେଙ୍କାନାଳ

ଅନ୍ତର୍ଭୁକ୍ତ ପରିବାର ଏବଂ ବାଦ୍ ପଡ଼ିଥିବା ପରିବାର ମଧ୍ୟରେ ମୌଳିକ ସୁବିଧାଗୁଡ଼ିକର ଉପଲବ୍ଧତାର ତୁଳନା **ଚାର୍ଟ-1.1** ରେ ଦର୍ଶାଯାଇଅଛି ।

***ଚାର୍ଟ 1.1: ଅନ୍ତର୍ଭୁକ୍ତ ହୋଇଥିବା ଏବଂ ବାଦ୍ ପଡ଼ିଥିବା ପରିବାର ଗୁଡ଼ିକ ପାଖରେ ଥିବା ମୌଳିକ ସୁବିଧା ଗୁଡ଼ିକର ତୁଳନା (ଶତକଡ଼ା ହିସାବରେ)***




***(ଉତ୍ସ: ପିଏମ୍ୟୁ ଠାରୁ ପ୍ରାପ୍ତ ହୋଇଥିବା ତଥ୍ୟ)***

ଅଡିଟ୍ ଲକ୍ଷ୍ୟ କଲା ଯେ, ରାଜ୍ୟ ସ୍ତରୀୟ ପ୍ରୋଗ୍ରାମ୍ ଷ୍ଟିୟରିଂ କମିଟି (ଏସ୍ଏଲ୍ପିଏସ୍ସି) ଏମ୍ପିଏ ଅଞ୍ଚଳ ବାହାରେ ରହୁଥିବା ପିଭିଟିଜି ପରିବାରଗୁଡ଼ିକୁ ଏହି କାର୍ଯ୍ୟକ୍ରମ ଅଧିନରେ ଆଣିବା ପାଇଁ ଆଲୋଚନା କରିଥିଲେ (ନଭେମ୍ବର 2019) । ପ୍ରମୁଖ ସଚିବ (ଏସ୍ଏସ୍ଡି ବିଭାଗ)ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ (ଜୁଲାଇ 2020) ଏହା ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ଯେ, ପିଏମ୍ୟୁ 15 ଜୁଲାଇ 2020 ସୁଦ୍ଧା ନୂତନ ଅନ୍ତର୍ଭୁକ୍ତ ଗ୍ରାମ ଗୁଡ଼ିକରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ପାଞ୍ଚ ବର୍ଷିଆ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବ ଏବଂ 31 ଅଗଷ୍ଟ 2020 ସୁଦ୍ଧା ଏହି ନୂତନ ଗ୍ରାମଗୁଡ଼ିକରେ ସୀମିତ କାର୍ଯ୍ୟକଳାପ ପାଇଁ ପ୍ରଥମ ବର୍ଷର ବଜେଟ୍ ପ୍ରସ୍ତୁତ କରିବ । ଏସ୍ଏସ୍ଡି ବିଭାଗ ମଧ 1,138 ଟି ନୂତନ ପିଭିଟିଜି ଗ୍ରାମରେ ଜମି ଆବଣ୍ଟନ ଏବଂ ଜୀବିକା କାର୍ଯ୍ୟକ୍ରମ ପାଇଁ ପିଏମ୍ୟୁକୁ 20.20 କୋଟି ଟଙ୍କା ପ୍ରଦାନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ଦେଖିଲା ଯେ:

- ପରିସରଭୁକ୍ତ ହୋଇନଥିବା ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଜୁନ୍ 2020 ରେ ନୂତନ ଭାବରେ ସୃଷ୍ଟି କରାଯାଇଥିବା ତିନୋଟି ଏମ୍ପିଏ ଜାନୁଆରୀ 2025 ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିଲା । ଏହି ଏମ୍ପିଏ ପାଇଁ ମାନବସମ୍ବଳ ଯୋଗାଇ ଦିଆଯାଇନଥିଲା କିମ୍ବା ପାଣ୍ଠି ଆବଣ୍ଟନ କରାଯାଇନଥିଲା । ଏହି ଏମ୍ପିଏ ଗୁଡ଼ିକ କାର୍ଯ୍ୟକ୍ଷମ ନ ହୋଇପାରିବାର କାରଣ ରେକର୍ଡରେ ନଥିଲା । ଏହି ଏମ୍ପିଏଗୁଡ଼ିକ କାର୍ଯ୍ୟକ୍ଷମ ନ ହେବା କେବଳ ସମସ୍ତ ପିଭିଟିଜି ଜନସଂଖ୍ୟାର ଅନ୍ତର୍ଭୁକ୍ତୀକରଣକୁ ପ୍ରଭାବିତ କରିନଥିଲା ବରଂ ଏହି ଦୁର୍ବଳ ଗୋଷ୍ଠୀକୁ ସେମାନଙ୍କର ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ଆରମ୍ଭ କରାଯାଇଥିବା ଯୋଜନାର ଉଦ୍ଦେଶ୍ୟମୂଳକ ଲାଭରୁ ମଧ ବଞ୍ଚିତ ରଖିଥିଲା ।

  1986-87ରେ ବିରହୋର ସଂପ୍ରଦାୟକୁ ପିଭିଟିଜି ଭାବେ ଚିହ୍ନଟ କରାଯାଇଥିଲା, କିନ୍ତୁ ପ୍ରାରମ୍ଭିକ ସ୍ତରରେ କୌଣସି ପିଭିଟିଜି କଲ୍ୟାଣକାରୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଇ ନଥିଲା । 2020-21 ମସିହାରେ ସେମାନଙ୍କୁ ଏକ ନବ ଗଠିତ ଏମ୍ପିଏ (ବିରହୋର ଏବଂ ଜୁଆଙ୍ଗ ଉନ୍ନୟନ ସଂସ୍ଥା, ସୁକିନ୍ଦା) ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଯେହେତୁ ଏମ୍ପିଏ କାର୍ଯ୍ୟକ୍ଷମ ହୋଇନଥିଲା, 87ଟି ପରିବାରର 341 ଜନସଂଖ୍ୟା ବିଶିଷ୍ଟ ସଂପ୍ରଦାୟ ଆଜି ପର୍ଯ୍ୟନ୍ତ (ଜାନୁଆରୀ 2025) ପିଭିଟିଜି ସୁବିଧା ପାଇ ପାରିନଥିଲେ ।

- ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କଲା ଯେ, ଏସ୍ଏସ୍‌ଡି ବିଭାଗ ଦ୍ୱାରା ପିଏମୟୁକୁ ଦିଆଯାଇଥିବା 20.20 କୋଟି ଟଙ୍କା ଅବ୍ୟବହୃତ (ଜୁଲାଇ 2024) ହୋଇ ପଡ଼ିରହିଛି । ପାଣ୍ଠି ଲାଭ କରିବାର (ମଇ 2021) ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ପିଏମ୍‌ୟୁ ଏହାର ବ୍ୟବହାର ପାଇଁ କୌଣସି ଯୋଜନା କରିନଥିଲେ କିମ୍ବା ବିଭାଗ ଏହା ବିଷୟରେ ପଚରାଉଚରା କରିନଥିଲେ ।
- ଏହା ବ୍ୟତୀତ, ଏମ୍‌ପିଏମାନଙ୍କ ଦ୍ୱାରା ଅବହେଳାର ଉଦାହରଣ ମଧ୍ୟ ଦେଖାଯାଇଥିଲା । ଏହି କ୍ଷେତ୍ର ସଙ୍ଗଠନ ଗୁଡିକରେ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ପିଭିଟିଜି ମାନଙ୍କର ଉନ୍ନତି ପାଇଁ ମୌଳିକ ତଥ୍ୟର ଅଭାବ ଥିଲା । ଏଲଡିଏ, ମୋରଡା ଅଧୀନରେ ନୂତନ ଚିହ୍ନଟ ହୋଇଥିବା ଗ୍ରାମ (18) ପାଇଁ ମୌଳିକ ସୁବିଧାର ଉପଲବ୍ଧତା ବିଷୟରେ ତଥ୍ୟ ନଥିଲା, ଯଦିଓ ସେମାନଙ୍କର ଚିହ୍ନଟ ହେବାର ପାଞ୍ଚ ବର୍ଷ (2018-19) ବିତିଯାଇଥିଲା ଏବଂ ଜୁନ୍ 2020 ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇସାରିଥିଲା । ସେହିଭଳି ନୂତନ ଭାବରେ ସୃଷ୍ଟି ହୋଇଥିବା ତିନୋଟି ଏମ୍‌ପିଏ ମଧ୍ୟରୁ ଦୁଇଟି (ଜେଡିଏ,ଢେଙ୍କାନାଳ ଏବଂ ପିବିଡିଏ, ବାଂଶପାଳ) ଏମ୍‌ପିଏ ରେ 12,576 ପିଭିଟିଜି ପରିବାର ରହୁଥିଲେ ମଧ୍ୟ ସେହି ଏମ୍‌ପିଏ ଗୁଡ଼ିକ ସୁବିଧା ଉପଲବ୍ଧତା ବିଷୟରେ କୌଣସି ତଥ୍ୟ ପ୍ରଦାନ କରିପାରି ନଥିଲେ ।

ତେଣୁ ଏସ୍ଏସ୍‌ଡି ବିଭାଗ ଏବଂ ଏହାର କ୍ଷେତ୍ରୀୟ ସଂସ୍ଥା, ନୂତନ ଭାବରେ ବିଜ୍ଞାପିତ 1,138 ଟି ଗ୍ରାମରେ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଏକ ଉଦାସୀନ ଆଭିମୁଖ୍ୟ ରଖିଥିଲେ, ଯେଉଁଥିରେ ସମୁଦାୟ 2.94 ଲକ୍ଷ ପିଭିଟିଜି ଜନସଂଖ୍ୟା ମଧ୍ୟରୁ 1.60 ଲକ୍ଷ (54 ପ୍ରତିଶତ) ଲୋକ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ଯୋଜନାରୁ ବାଦ୍ ପଡିଥିଲେ ।

ରାଜ୍ୟର ସମସ୍ତ ପିଭିଟିଜି ଜନସଂଖ୍ୟାଙ୍କୁ (2.94 ଲକ୍ଷ), ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ନଭେମ୍ବର 2023 ରୁ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ ଜନମାନ) ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ସେମାନେ ଓପିଲିପି-II ରେ ପରିକଳ୍ପିତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧୀନରେ ମଧ୍ୟ ଅନ୍ତର୍ଭୁକ୍ତ ହେବେ, ଯାହାର ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି ବୋଲି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2025) । ତେବେ, ବାସ୍ତବତା ଏହା ଥିଲା ଯେ ଚିହ୍ନଟ ହେବାର ଛଅ ବର୍ଷ (2018-19) ପରେ ମଧ୍ୟ 1.60 ଲକ୍ଷ ପିଭିଟିଜି ଜନସଂଖ୍ୟା କଲ୍ୟାଣକାରୀ କାର୍ଯ୍ୟକ୍ରମର ଲାଭରୁ ବଞ୍ଚିତ ରହିଥିଲେ ।

***ସୁପାରିଶ 1.1:***

***ଏସଏସଡି ବିଭାଗ ନୂତନ ଭାବେ ସୃଷ୍ଟି ହୋଇଥିବା ଏମପିଏଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଯଥେଷ୍ଟ ପ୍ରୟାସ କରିବା ଉଚିତ ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ସୁନିଶ୍ଚିତ କରିବା ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ବାଦ ପଡିଥିବା ପିଭିଟିଜି ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ।***

## 1.6 ଯୋଜନାରେ ତ୍ରୁଟି

ଓପିଲିପି ନିର୍ଦ୍ଦେଶାବଳୀ ଅନୁଯାୟୀ, ଲକ୍ଷ୍ୟଭୁକ୍ତ ଆଦିବାସୀ ସମୁଦାୟକୁ ଯୋଜନା କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସାମିଲ୍ କରିବା ପାଇଁ ଯୋଜନା ଆଭିମୁଖ୍ୟ ନିମ୍ନରୁ ଉର୍ଦ୍ଧ୍ୱଗାମୀ ହେବା ଆବଶ୍ୟକ । ଏଫ୍ଏନଜିଓ ଏବଂ ସଂପୃକ୍ତ ଏମ୍‌ପିଏଙ୍କ ସହଯୋଗରେ ଗ୍ରାମ ସ୍ତରରୁ ଯୋଜନା ପ୍ରକ୍ରିୟା ଆରମ୍ଭ ହୋବାର ଥିଲା । ଭିଡିସି, ଏଫ୍ଏନ୍‌ଜିଓ ସହାୟତାରେ, ଗ୍ରାମ ବିକାଶ ଯୋଜନା (ଭିଡିପି) ପ୍ରସ୍ତୁତ କରିବା ଆବଶ୍ୟକ ଥିଲା । ଏଥିରେ ଜୀବିକା, ଗୋଷ୍ଠୀ ସମ୍ବଳ ପରିଚାଳନା, ଗୋଷ୍ଠୀ ଭିତ୍ତିଭୂମି, ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଯୋଜନା ଅନ୍ତର୍ଭୁକ୍ତ କରିବାର ଥିଲା । ଭିଡିପିରେ ପାଞ୍ଚ ବର୍ଷ ପାଇଁ ଏକ ଗ୍ରାମ ଦୀର୍ଘକାଳୀନ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ ହେବାର ଲକ୍ଷ୍ୟ ରହିଥିଲା । ଭିଡିପି ଆଧାରରେ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ (ଏଡବ୍ଲୁପିବି), ବଜେଟ୍ ଆକଳନ ସହିତ କାର୍ଯ୍ୟକ୍ରମ କାର୍ଯ୍ୟକଳାପର ରୂପରେଖ ପ୍ରସ୍ତୁତ କରି, ସଂପୃକ୍ତ ଏମ୍‌ପିଏମାନଙ୍କୁ ପଠାଯିବାର ଆବଶ୍ୟକ ଥିଲା । ଏମ୍‌ପିଏମାନେ, ସମସ୍ତ ଭିଡିସିରୁ

ଏଡବ୍ଲ୍ୟୁପିବିଗୁଡିକୁ ଏକତ୍ରିତ କରିବେ ଏବଂ ଜିଲ୍ଲା ସ୍ତରରେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟିର (ପିଆଇସି)[11] ଅନୁମୋଦନ ପରେ ଏହାକୁ ପିଏମୟୁକୁ ପଠାଇବେ । ପ୍ରତି ବଦଳରେ ପିଏମୟୁ ସମସ୍ତ ଏମ୍‌ପିଏର ଏଡବ୍ଲ୍ୟୁପିବିଗୁଡିକୁ ଏକତ୍ରିତ କରିବେ ଏବଂ ଏହାକୁ ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ । ଅନୁମୋଦିତ ଏଡବ୍ଲ୍ୟୁପିବି କାର୍ଯ୍ୟକ୍ରମର ପ୍ରଦର୍ଶନ ଏବଂ ଅଗ୍ରଗତିର ସମୀକ୍ଷା ପାଇଁ ବ୍ୟବହୃତ ହେବ ।

### 1.6.1 ଯୋଜନା ପ୍ରକ୍ରିୟାରେ ନିମ୍ନରୁ ଉର୍ଦ୍ଧ୍ୱଗାମୀ ଆଭିମୁଖ୍ୟର ଅଭାବ

2019-24 ଅବଧି ପାଇଁ ଭିଡିସି-ଦ୍ୱାରା ଏଡବ୍ଲ୍ୟୁପିବି, ଏମ୍‌ପିଏମାନଙ୍କ ନିକଟରେ ଉପଲବ୍ଧ ନଥିଲା । ତେଣୁ, ଲକ୍ଷ୍ୟଭୁକ୍ତ ଗୋଷ୍ଠୀର ସଦସ୍ୟଙ୍କୁ ସାମିଲ କରି ଗ୍ରାମ ସ୍ତରରେ ଏଡବ୍ଲ୍ୟୁପିବି ପ୍ରସ୍ତୁତ କରାଯାଇନଥିବା ସ୍ପଷ୍ଟ ହୋଇଥିଲା । ଏହା ବି ପରିଲକ୍ଷିତ ହୋଇଥିଲା ଯେ, ଜିଲ୍ଲା ସ୍ତରୀୟ ପିଆଇସି ନିୟମିତ ଭାବରେ ବୈଠକ କରୁନଥିଲେ । ଏମ୍‌ପିଏ ପାଇଁ ଏଡବ୍ଲ୍ୟୁପିବି ପିଆଇସିରେ ଆଲୋଚିତ ହୋଇ ନଥିଲା କିମ୍ବା ଏମ୍‌ପିଏ/ ଜିଲ୍ଲା ସ୍ତରରେ ଅନୁମୋଦିତ ହୋଇନଥିଲା । ଏହିପରି, ଯୋଜନା ମୁଖ୍ୟତଃ ପିଏମ୍‌ୟୁ ସ୍ତରରେ କରାଯାଇଥିଲା । ତେଣୁ, ଏମ୍‌ପିଏମାନେ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ପିଏମ୍‌ୟୁ ଦ୍ୱାରା ପଠାଯାଇଥିବା ଅନମୋଦିତ ଏଡବ୍ଲ୍ୟୁପିବିଗୁଡ଼ିକୁ ହିଁ ଅନୁସରଣ କରିଥିଲେ । ଫଳସ୍ୱରୂପ, ରିଭର୍ସ ଓସ୍ମୋସିସ୍ ପ୍ଲାଣ୍ଟ, ଶୀତଳ ଭଣ୍ଡାର ୟୁନିଟ୍, ପ୍ରକ୍ରିୟାକରଣ ୟୁନିଟ୍ ଇତ୍ୟାଦିର ପ୍ରତିଷ୍ଠା ନିଷ୍କ୍ରିୟ/ ବିଫଳ ହୋଇଗଲା, କାରଣ ଗ୍ରାମବାସୀମାନେ ସେଗୁଡ଼ିକୁ ବ୍ୟବହାର କରିନଥିଲେ କିମ୍ବା ଅଚଳ ୟୁନିଟ୍ ଗୁଡ଼ିକର ମରାମତି ପାଇଁ କୌଣସି ଉଦ୍ୟମ କରିନଥିଲେ, ଯାହା ଯଥାକ୍ରମେ ***ଅନୁଚ୍ଛେଦ 1.10.1(କ), 1.10.2*** ଏବଂ ***1.10.3*** ରେ ଆଲୋଚନା କରାଯାଇଅଛି ।

ପୁନଶ୍ଚ, 2016-17 ଆର୍ଥିକ ବର୍ଷରେ ଓପିଲିପି ଆରମ୍ଭ କରାଯାଇଥିଲାବେଳେ 2019-20 ଠାରୁ ଭିଡିପି ପ୍ରସ୍ତୁତ କରାଯାଇଥିଲା । ତେଣୁ, ଭିଡିପି ପ୍ରସ୍ତୁତି ପ୍ରାୟ ଦୁଇରୁ ତିନି ବର୍ଷ ବିଳମ୍ବରେ ହୋଇଥିଲା । ଏହିପରି, 2016-17, 2017-18 ଏବଂ 2018-19 ପାଇଁ ଏଡବ୍ଲ୍ୟୁପିବି, ଭିଡିପି ଉପରେ ଆଧାରିତ ନଥିଲା । ପାଞ୍ଚଟି[12] ଏମ୍‌ପିଏ ଅଧିନରେ ଥିବା 25ଟି ପିଭିଟିଜି ଭିଡିସିର ନମୁନା ଯାଞ୍ଚ କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, 2019-24 ମଧ୍ୟରେ 17ଟି ଭିଡିସିକୁ ପ୍ରଦାନ କରାଯାଇଥିବା ପାଣ୍ଠି, ଭିଡିପି ଅଧିନରେ ବ୍ୟବସ୍ଥିତ ପାଣ୍ଠିର ମାତ୍ର 4 ରୁ 31 ପ୍ରତିଶତ ମଧ୍ୟରେ ଥିଲା । ତେଣୁ, ଭିଡିସିକୁ ପାଣ୍ଠି ପ୍ରଦାନ କରିବା ଏବଂ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା, ଭିଡିପିରେ ଅନୁମୋଦିତ ଯୋଜନା ସହିତ ମେଳ ଖାଉ ନଥିଲା । ଅଧିକନ୍ତୁ, ଭିଡିପିରେ ଅନୁମୋଦିତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇ ନଥିଲା । ତେଣୁ, ଏଡବ୍ଲ୍ୟୁପିବିଗୁଡ଼ିକ ଭିଡିପି ଅନୁଯାୟୀ ନଥିଲା ।

**ଭିଡିପିରେ ଯୋଜନା କରାଯାଇଥିବା କାର୍ଯ୍ୟକଳାପ ଏବଂ ପ୍ରକୃତ କାର୍ଯ୍ୟକାରିତା ମଧ୍ୟରେ ତୁଳନା**

ଜୁଆଙ୍ଗ ଡେଭଲପ୍‌ମେଣ୍ଟ ଏଜେନ୍ସି, ଗୋନାସିକା (କେନ୍ଦୁଝର) ଅଧିନରେ ଥିବା ଘୁଙ୍ଗି ଭିଡିସିର ଭିଡିପିରେ ବର୍ଣ୍ଣିତ ଦୀର୍ଘମିଆଦି ଯୋଜନାରେ 2019-24 ଅବଧି ପାଇଁ ଚେକ୍ ଡ୍ୟାମ୍ ନିର୍ମାଣ, ଛେଳି ଗୁହାଳ, ଜମି ବିକାଶ, କାଜୁ ବୃକ୍ଷରୋପଣ, ପନିପରିବା ଚାଷ ଇତ୍ୟାଦି ଭଳି 45ଟି ବିଭିନ୍ନ କାର୍ଯ୍ୟକଳାପ/ କାର୍ଯ୍ୟକ୍ରମ ସହିତ ଜଡ଼ିତ 397ଟି କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ଏଥିପାଇଁ ମୋଟ 318.84 ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଥିଲା । ଏହି ଆର୍ଥିକ ଆକଳନ ତୁଳନାରେ, 2019-24 ଆର୍ଥିକ ବର୍ଷ ମଧ୍ୟରେ ଭିଡିସିକୁ ବିଭିନ୍ନ କାର୍ଯ୍ୟକଳାପ ପାଇଁ ମାତ୍ର 23.45 ଲକ୍ଷ ଟଙ୍କା ( 7 ପ୍ରତିଶତ) ପ୍ରଦାନ କରାଯାଇଥିଲା । ଏହି ସମୟ ମଧ୍ୟରେ 24.17 ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ 10ଟି କାର୍ଯ୍ୟକଳାପ ସମ୍ବନ୍ଧିତ କେବଳ 23ଟି କାର୍ଯ୍ୟ (5 ପ୍ରତିଶତ) କାର୍ଯ୍ୟକାରୀ ହୋଇଥିଲା । ତେଣୁ, 2019-24 ବର୍ଷ ମଧ୍ୟରେ ପାଣ୍ଠି ଯୋଗାଣ ଏବଂ ଭିଡିସି ଦ୍ୱାରା କରାଯାଇଥିବା କାର୍ଯ୍ୟକଳାପର, ଭିଡିପି ଯୋଜନା ସହିତ କୌଣସି ତାଳମେଳ ନଥିଲା ।

ଯୋଜନା ପ୍ରସ୍ତୁତିରେ ନିମ୍ନରୁ ଉର୍ଦ୍ଧ୍ୱମୁଖୀ ଆଭିମୁଖ୍ୟର ଅନୁପସ୍ଥିତିରେ, ବାସ୍ତବିକ ତୃଣମୂଳ ସ୍ତରର ଆବଶ୍ୟକତାର ଏକ ବିଶ୍ୱସନୀୟ ମୂଲ୍ୟାଙ୍କନରେ ପହଞ୍ଚିବାର ମୌଳିକ ଉଦ୍ଦେଶ୍ୟ ସୁନିଶ୍ଚିତ ହୋଇପାରି ନଥିଲା ।

---

[11] ଅନ୍ୟ ବିଭାଗ ଏବଂ ଏମ୍‌ପିଏମାନଙ୍କର ସ୍ୱତନ୍ତ୍ର ଅଧିକାରୀ ର ପ୍ରତିନିଧିତ୍ୱରେ, ଜିଲ୍ଲାପାଳଙ୍କ ନେତୃତ୍ୱରେ, ଜିଲ୍ଲା ସ୍ତରରେ ଗଠିତ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି (ପିଆଇସି) ଏଡବ୍ଲ୍ୟୁପିବିକୁ ଅନୁମୋଦନ କରିବା ଏବଂ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିବା ପାଇଁ ଥିଲା

[12] (i) ଜେଡିଏ, ଗୋନାସିକା; (ii) ପିବିଡିଏ, ଜାମରଡିହି; (iii) ପିବିଡିଏ, ରୁଗୁଡାକୁଦର;(iv) ଏଚ୍‌କେଏମ୍‌ଡିଏ, ଯଶୀପୁର;(v) ଡିଡିଏ, କୁଡୁମୁଲୁଗୁମ୍ମା

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ଏଡବ୍ଲୁପିବି ପ୍ରସ୍ତୁତି ପୂର୍ବରୁ, ପିଏମ୍ୟୁ ଭିଡିସି ସଦସ୍ୟମାନଙ୍କୁ ସାମିଲ୍ କରି ଏଡବ୍ଲୁପିବି ପ୍ରସ୍ତୁତି ବିଷୟରେ ଏମ୍‌ପିଏ/ ଏଫ୍‌ଏନ୍‌ଜିଓ ସହିତ ଆଲୋଚନା କରିଥିଲା । ଜିଲ୍ଲାପାଳ ତାଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟଭାର ଯୋଗୁଁ ପିଆଇସି ଅନୁମୋଦନ ପାଇଁ ସମୟ ଦେଇପାରି ନଥିଲେ, କିନ୍ତୁ ଥରେ ରାଜ୍ୟ ସ୍ତରରେ ଅନୁମୋଦନ ପାଇବା ପରେ, ଏହି ଏଡବ୍ଲୁପିବି ତାଙ୍କର ସୂଚନା ପାଇଁ ପ୍ରଦାନ କରାଯାଇଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଭିଡିସି ସଦସ୍ୟମାନଙ୍କୁ ନେଇ ଏଡବ୍ଲ୍ୟୁପିବି ପ୍ରସ୍ତୁତ କରାଯିବାର କୌଣସି ରେକର୍ଡ ଉପଲବ୍ଧ ନଥିଲା ।


## 1.7 ପାଣ୍ଠି ପରିଚାଳନା

### *1.7.1 ବିତ୍ତୀୟ ଖର୍ଚ୍ଚ*

ଗତ ପାଞ୍ଚ ବର୍ଷ (2019-24) ମଧ୍ୟରେ, ରାଜ୍ୟ ସରକାର ପିଭିଟିଜିମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ 694.97 କୋଟି ଟଙ୍କାର ବଜେଟ୍ ଆକଳନ ସହିତ ଏଡବ୍ଲୁପିବିଗୁଡିକୁ ଅନୁମୋଦନ କରିଥିଲେ । ଏହି ବ୍ୟବସ୍ଥା ମଧ୍ୟରୁ 537.09 କୋଟି ଟଙ୍କା[13] ଓପିଲିପି, ସିସିଡି, ଧାରା 275 (1), ଏସ୍‌ସିଏ ରୁ ଟିଏସ୍‌ଏସ୍ ପରି ଯୋଜନାରୁ ଭରଣା କରିବାର ଥିଲାବେଳେ ଅନ୍ୟ ବିଭାଗ ସହିତ ସହଭାଗିତା କାର୍ଯ୍ୟକ୍ରମ ଅଧୀନରେ 157.88 କୋଟି ଟଙ୍କା[14] ଯୋଜନା କରାଯାଇଥିଲା ।

ସିସିଡି, ଧାରା 275 (1), ଏସସିଏ ରୁ ଟିଏସ୍‌ଏସ୍ ଇତ୍ୟାଦି ଯୋଜନା ଅଧୀନରେ ପ୍ରାପ୍ତ ପାଣ୍ଠି କେବଳ ପିଜିଟିଭିର ବିକାଶ ପାଇଁ ବ୍ୟବହୃତ ହେବାର ଥିଲାବେଳେ, ଆଇଏଫ୍‌ଏଡି ସହାୟତାରେ ଓପିଲିପି ପାଣ୍ଠି 17 ଏମ୍‌ପିଏ ଅଧୀନରେ 84ଟି ପିଭିଟିଜି ଗ୍ରାମ ପଞ୍ଚାୟତରେ, ପିଭିଟିଜି ଏବଂ ଅନ୍ୟାନ୍ୟ ଏସଟି ଏବଂ ଏସ୍‌ସି ପରିବାର ପାଇଁ ଉଦ୍ଦିଷ୍ଟ ଥିଲା । 2019-24 ବର୍ଷ ମଧ୍ୟରେ କରାଯାଇଥିବା ଯୋଜନା ଅନୁଯାୟୀ ପାଣ୍ଠିର ବ୍ୟବସ୍ଥା **ଚାର୍ଟ 1.2** ରେ ପ୍ରଦର୍ଶିତ ହୋଇଛି ।

*ଚାର୍ଟ 1.2: 2019-20 ରୁ 2023-24 ପର୍ଯ୍ୟନ୍ତ ବଜେଟ୍ ବ୍ୟବସ୍ଥା (କୋଟି ଟଙ୍କାରେ)*




*(ଉତ୍ସ: ପିଏମ୍‌ୟୁ (ଓପିଲିପି), ଏସ୍‌ଏସ୍‌ଡି ବିଭାଗରୁ ପ୍ରାପ୍ତ ତଥ୍ୟ)*
***(ଟିପ୍ପଣୀ: 'ଅନ୍ୟାନ୍ୟ'ରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଇତ୍ୟାଦି ଅଧୀନରେ ପାଣ୍ଠି ଅନ୍ତର୍ଭୁକ୍ତ ଅଟେ; ହିତାଧିକାରଙ୍କ ଅଂଶଦାନ: ଓପିଲିପ୍ ଅଧୀନରେ ଜମି ବିକାଶ, ଜଳସେଚନ ବ୍ୟବସ୍ଥା, ଆୟ ଅର୍ଜନ କାର୍ଯ୍ୟକଳାପ ଭଳି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ଅଂଶ ଭାବରେ ପ୍ରାୟ 10 ପ୍ରତିଶତ ଅନ୍ତର୍ଭୁକ୍ତ ।***

[13] ଓପିଲିପି: 451.91 କୋଟି ଟଙ୍କା + ସିସିଡି: 68.43 କୋଟି ଟଙ୍କା + ଏସ୍‌ସିଏ ରୁ ଟିଏସ୍‌ଏସ୍: 11.25 କୋଟି ଟଙ୍କା + ଧାରା 275 (1): 5.50 କୋଟି ଟଙ୍କା

[14] ଏମ୍‌ଜିଏନ୍‌ଆର୍‌ଇଜିଏସ୍: 96.29 କୋଟି ଟଙ୍କା + ଏଫ୍‌ଏଆର୍‌ଡି: 24.72 କୋଟି ଟଙ୍କା + ହିତାଧିକାରୀଙ୍କ ଅଂଶଦାନ: 23.06 କୋଟି ଟଙ୍କା + ଅନ୍ୟାନ୍ୟ: 13.81 କୋଟି ଟଙ୍କା (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ), ଜାତୀୟ ଉଦ୍ୟାନ କୃଷି ମିଶନ)

ଉପରୋକ୍ତ ବଜେଟ୍ ବ୍ୟବସ୍ଥା ବାବଦରେ 2019-24 ବର୍ଷରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପାଇଁ 533.13 କୋଟି ଟଙ୍କା (77 ପ୍ରତିଶତ) ଖର୍ଚ୍ଚ ହୋଇଥିଲା ।

### 1.7.2 ବଜେଟ୍ ବ୍ୟବସ୍ଥା ବନାମ ପାଣ୍ଠି ବିନିଯୋଗ

ବିତ୍ତୀୟ ବ୍ୟବସ୍ଥା ଅନୁଯାୟୀ, ଏସ୍ଏସ୍‌ଡି ବିଭାଗ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପିଏମ୍‌ୟୁ (ଓପିଲିପି)ର ବ୍ୟାଙ୍କ୍ ଏକାଉଣ୍ଟକୁ ପାଣ୍ଠି ପ୍ରଦାନ କରିଥିଲେ । ପିଏମ୍‌ୟୁ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ଅନୁମୋଦିତ ଏଡବ୍ଲ୍ୟୁପିବିକୁ ଆଧାର କରି ଏମ୍‌ପିଏମାନଙ୍କୁ ଅନୁଦାନ ସହାୟତା ଭାବରେ ପାଣ୍ଠି ପ୍ରଦାନ କରିଥିଲେ ।

ପାଞ୍ଚ ବର୍ଷର ଅବଧି ମଧ୍ୟରେ ରାଜ୍ୟ ପିଭିଟିଜି ପାଇଁ ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପିଏମ୍‌ୟୁକୁ 399.18 କୋଟି[15] ଟଙ୍କା ପ୍ରଦାନ କରିଥିଲେ । ଅଡିଟ୍ ନିମ୍ନଲିଖିତ ଅବଲୋକନ କରିଥିଲା:

- 2019-24 ମଧ୍ୟରେ ଏଡବ୍ଲ୍ୟୁପିବିରେ କରାଯାଇଥିବା ଆର୍ଥିକ ବ୍ୟବସ୍ଥାର (537.09 କୋଟି ଟଙ୍କା ) ମାତ୍ର 74 ପ୍ରତିଶତ (399.18 କୋଟି ଟଙ୍କା) ଆବଣ୍ଟନ ହୋଇଥିଲା । ସହଭାଗିତା କାର୍ଯ୍ୟକ୍ରମକୁ ବାଦ୍ ଦେଇ ଏହି ପାଣ୍ଠି ଯୋଜନାଗୁଡ଼ିକ ସହିତ ଜଡିତ ଥିଲା । ଅନ୍ୟ ବିଭାଗ ସହିତ ସହଭାଗିତା କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ପାଣ୍ଠି ଏବଂ ଖର୍ଚ୍ଚର ସବିଶେଷ ତଥ୍ୟ ପିଏମ୍‌ୟୁ ପାଖରେ ଉପଲବ୍ଧ ନଥିଲା ।

- 2019-24 ଆର୍ଥିକ ବର୍ଷ ମଧ୍ୟରେ ଖର୍ଚ୍ଚ (415.30 କୋଟି ଟଙ୍କା), ଉପଲବ୍ଧ ପାଣ୍ଠିର (476.65 କୋଟି ଟଙ୍କା[16]) 87 ପ୍ରତିଶତ ଏବଂ ବଜେଟ୍ ବ୍ୟବସ୍ଥାର 77 ପ୍ରତିଶତ ଥିଲା । ପିଏମ୍‌ୟୁ ଏବଂ ଏମ୍‌ପିଏର ବ୍ୟାଙ୍କ ଆକାଉଣ୍ଟରେ 61.35 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା । ଯୋଜନା ଅନୁଯାୟୀ କାର୍ଯ୍ୟାନ୍ୱୟନ ନହେବା ହେତୁ, ଏଡବ୍ଲ୍ୟୁପିବିରେ ଅନୁମୋଦିତ ବଜେଟ୍ ତୁଳନାରେ ଖର୍ଚ୍ଚ 121.79 କୋଟି ଟଙ୍କା (23 ପ୍ରତିଶତ) କମ୍ ଥିଲା । ଏହା ଏମ୍‌ପିଏ / ପିଏମ୍‌ୟୁ ଦ୍ୱାରା ଦୁର୍ବଳ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ପ୍ରଭାବହୀନ ପର୍ଯ୍ୟାଲୋଚନାକୁ ସୂଚିତ କରିଅଛି ।

- ଖର୍ଚ୍ଚ ହୋଇନଥିବା ବଳକା ରାଶି ମଧ୍ୟରେ 2021-22 ବର୍ଷରେ ନୂତନ ଭାବରେ ଚିହ୍ନଟ ହୋଇଥିବା ପିଭିଟିଜି ଗ୍ରାମରେ ଜୀବିକା କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ପ୍ରାପ୍ତ 20.20 କୋଟି ଟଙ୍କା ଅନ୍ତର୍ଭୁକ୍ତ । ସେହିଭଳି 2022-23 ଆର୍ଥିକ ବର୍ଷରେ ମିଳିଥିବା 41.15 କୋଟି ଟଙ୍କା ଓପିଲିପି ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ପିଏମ୍‌ୟୁ ଏହି ରାଶି ଏମ୍‌ପିଏକୁ ପ୍ରଦାନ କରିନଥିଲେ କିମ୍ବା ଏସ୍ଏସ୍‌ଡି ବିଭାଗକୁ ଫେରସ୍ତ ମଧ୍ୟ କରିନଥିଲେ । ଫଳସ୍ୱରୂପ, ଖର୍ଚ୍ଚ ହୋଇନଥିବା ରାଶିକୁ ପିଭିଟିଜି ଜନସଂଖ୍ୟାର ବିକାଶମୂଳକ ଆବଶ୍ୟକତା ପାଇଁ ବ୍ୟବହାର କରା ନଯାଇ ତିନି ବର୍ଷରୁ ଅଧିକ ସମୟ ଧରି ସରକାରୀ ଖାତାରେ ନ ରଖି ବାହାରେ ରଖାଯାଇଥିଲା ।

ତେଣୁ ପିଏମ୍‌ୟୁ/ ଏମ୍‌ପିଏମାନେ ପ୍ରଦତ୍ତ ପାଣ୍ଠିକୁ ଦୁର୍ବଳ ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଯୋଜନାବଦ୍ଧ କାର୍ଯ୍ୟକଳାପର କାର୍ଯ୍ୟକାରୀତାରେ ବ୍ୟବହାର କରିବାରେ ବିଫଳ ହୋଇଥିଲେ ।

ବିଭାଗ (ସେପ୍ଟେମ୍ବର 2025), କୋଭିଡ-19 ମହାମାରୀ ଯୋଗୁଁ କାର୍ଯ୍ୟକ୍ରମରେ ହୋଇଥିବା ସ୍ୱଳ୍ପ ସଫଳତା (74 ପ୍ରତିଶତ) ଏବଂ ସିସିଡି, ଏସ୍‌ସିଏ ରୁ ଟିଏସ୍ଏସ୍ ଇତ୍ୟାଦି ଯୋଜନାରେ କମ୍ ପାଣ୍ଠି ପ୍ରାପ୍ତିକୁ ଦାୟୀ କରିଥିଲେ । ଖର୍ଚ୍ଚ ହୋଇପାରି ନଥିବା 20.20 କୋଟି ଟଙ୍କା ସରକାରଙ୍କୁ ଫେରସ୍ତ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । କିନ୍ତୁ ବାସ୍ତବରେ, ପିଏମ୍‌ୟୁ ଏବଂ ଏମ୍‌ପିଏମାନେ ସେମାନଙ୍କ ପାଖରେ ଥିବା ସମୁଦାୟ ପାଣ୍ଠିକୁ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟବହାର କରିନଥିଲେ ।

[15] ସହଭାଗିତା କାର୍ଯ୍ୟକ୍ରମ ପଇଁ ପାଣ୍ଠିକୁ ବାଦ୍ ଦିଆଯାଇଛି, କାରଣ ଏହା ପିଏମ୍‌ୟୁ ସ୍ତରରେ ପ୍ରାପ୍ତ ହୁଏ ନାହିଁ

[16] ପ୍ରାପ୍ତି: 399.18 କୋଟି ଟଙ୍କା + ପୂର୍ବ ବର୍ଷର ଖର୍ଚ୍ଚ ହୋଇନଥିବା 77.47 କୋଟି ଟଙ୍କା

### 1.7.3 ଏମ୍‌ପିଏଗୁଡିକୁ ଅଯୌକ୍ତିକ ଭାବେ ପାଣ୍ଠି ପ୍ରଦାନ

'ପିଭିଟିଜି/ ସିସିଡି ଯୋଜନାର ବିକାଶ' ଅଧିନରେ, ଭାରତ ସରକାର ରାଜ୍ୟରେ ପିଭିଟିଜି ଜନସଂଖ୍ୟା ଆଧାରରେ ପାଣ୍ଠି ଆବଣ୍ଟନ କରନ୍ତି । ଯଦିଓ ଓପିଲିପିର ପ୍ରାଥମିକ ଉଦ୍ଦେଶ୍ୟ ପିଭିଟିଜିର ବିକାଶ ଥିଲା, ଏହା ପିଭିଟିଜି ଗ୍ରାମ ପଞ୍ଚାୟତରେ ଥିବା ଅନ୍ୟ ଏସ୍‌ଟି/ଏସ୍‌ସି ଲୋକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା ।

ରାଜ୍ୟ ଦ୍ୱାରା କରାଯାଇଥିବା ଆର୍ଥିକ ବ୍ୟବସ୍ଥା ଅନୁଯାୟୀ, ଏଡବ୍ଲୁପିବିରେ ଅନୁମୋଦିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପ ପାଇଁ ପିଏମ୍‌ୟୁ ମାଧ୍ୟମରେ ଏମ୍‌ପିଏମାନଙ୍କୁ ପାଣ୍ଠି ସ୍ଥାନାନ୍ତର କରାଯାଇଥିଲା । ବର୍ଷ 2019-2024 ମଧ୍ୟରେ ପିଏମ୍‌ୟୁ (ଓପିଲିପି)ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ, 360.75 କୋଟି ଟଙ୍କା ଏମ୍‌ପିଏ ମାନଙ୍କୁ ପ୍ରଦାନ କରିଥିଲେ । ତେବେ, ଅଡିଟ୍ ଦେଖିଲା ଯେ ଏମ୍‌ପିଏମାନଙ୍କୁ ପାଣ୍ଠି ଆବଣ୍ଟନରେ କୌଣସି ଯୁକ୍ତିଯୁକ୍ତତା ନ ଥିଲା । ଏମ୍‌ପିଏମାନଙ୍କର କ୍ଷମତା ପରିସରରେ ବସବାସ କରୁଥିବା ପିଭିଟିଜି ଜନସଂଖ୍ୟା ଅନୁପାତରେ ପାଣ୍ଠି ଆବଣ୍ଟନ କରାଯାଇ ନଥିଲା । ପିଭିଟିଜି ଜନସଂଖ୍ୟା ତୁଳନାରେ ପାଣ୍ଠି ଆବଣ୍ଟନରେ ବ୍ୟାପକ ପାର୍ଥକ୍ୟ ରହିଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ 2019-24 ମଧ୍ୟରେ ଅଧିକ ପିଭିଟିଜି ଜନସଂଖ୍ୟା ଥିବା ନଅଟି ଏମ୍‌ପିଏକୁ କମ୍ ଆବଣ୍ଟନ ମିଳିବା ସ୍ଥଳେ ଆଠଟି ଏମ୍‌ପିଏଙ୍କୁ ସେମାନଙ୍କ ଜନସଂଖ୍ୟା ତୁଳନାରେ ଅଧିକ ପାଣ୍ଠି ପ୍ରଦାନ କରାଯାଇଥିଲା । ଏହା ***ପରିଶିଷ୍ଟ 1.1*** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ :

- 17,852 ପିଭିଟିଜି ଜନସଂଖ୍ୟା ବିଶିଷ୍ଟ ଜେଡିଏ, ଗୋନାସିକାକୁ 21.56 କୋଟି ଟଙ୍କା ଦିଆଯାଇଥିବା ବେଳେ 3,548 ଜନସଂଖ୍ୟା ବିଶିଷ୍ଟ କେକେଡିଏ, ଲାଞ୍ଜିଗଡ଼କୁ 22.44 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।
- ପିଏମ୍‌ୟୁ 3,217 ପିଭିଟିଜି ଜନସଂଖ୍ୟା ବିଶିଷ୍ଟ ଏଚ୍‌କେଏମ୍‌ଡିଏ, ଯଶୀପୁରକୁ 23.61 କୋଟି ଟଙ୍କା ପ୍ରଦାନ କରିଥିବାବେଳେ, 11,530 ଜନସଂଖ୍ୟା ବିଶିଷ୍ଟ ଟିଡିଏ, ତୁମ୍ବାକୁ 23.46 କୋଟି ଟଙ୍କା ପ୍ରଦାନ କରିଥିଲେ ।
- ଏପରିକି ସିସିଡି ଯୋଜନା ଅଧିନରେ, କମ୍ ଜନସଂଖ୍ୟା ଥିବା ଛଅଟି ଏମ୍‌ପିଏ ଅଧିକ ପାଣ୍ଠି ପାଇଥିଲେ, ଯେତେବେଳେ କି ଅଧିକ ଜନସଂଖ୍ୟା ଥିବା ପାଞ୍ଚଟି ଏମ୍‌ପିଏଙ୍କୁ କମ୍ ପାଣ୍ଠି ପ୍ରଦାନ କରାଯାଇଥିଲା । ଉଦାହରଣ ସ୍ୱରୂପ, 13.29 ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜେଡିଏ ଗୋନାସିକା, ସିସିଡି ଯୋଜନା ଅଧିନରେ ମୋଟ ପାଣ୍ଠିର 5.71 ପ୍ରତିଶତ ପାଇଥିଲା । ଅପରପକ୍ଷେ ମାତ୍ର 5.4 ପ୍ରତିଶତ ଜନସଂଖ୍ୟା ଥାଇ ଡିକେଡିଏ, ଚାଟିକୋଣା ସମୁଦାୟ ପାଣ୍ଠିର 10.73 ପ୍ରତିଶତ ପାଇଥିଲା ।

ତେଣୁ, ଏମ୍‌ପିଏମାନଙ୍କୁ ପାଣ୍ଠି ପ୍ରଦାନରେ କୌଣସି ସଂଗତି ପରିଲକ୍ଷିତ ହୋଇନଥିଲା । ଏମ୍‌ପିଏକୁ ଜାରି କରାଯାଇଥିବା ପାଣ୍ଠି ମଧ୍ୟରେ ବ୍ୟାପକ ପାର୍ଥକ୍ୟ ଦେଖାଯାଇଥିଲା ଯାହାର ପିଭିଟିଜି ଜନସଂଖ୍ୟା ପ୍ରତିଶତ ସହିତ ତାଳମେଳ ନଥିଲା । ଏହାଯେ କେବଳ ଯୋଜନାର ମାର୍ଗଦର୍ଶିକା ଠାରୁ ବ୍ୟତିକ୍ରମ ନଥିଲା ବରଂ ତାହା ଅଧିକ ଜନସଂଖ୍ୟା ବିଶିଷ୍ଟ ଏମ୍‌ପିଏଗୁଡିକରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରିଥିଲା ।

ଓପିଲିପି ଅଧୀନରେ ପାଣ୍ଠି ଆବଣ୍ଟନ ସମ୍ପ୍ରଦାୟର ଆବଶ୍ୟକତା, ସର୍ବୋଚ୍ଚ ସ୍ତରରେ ନୀତି ସ୍ତରୀୟ ସୁପାରିଶ/ ନିଷ୍ପତ୍ତି ଇତ୍ୟାଦିକୁ ଦୃଷ୍ଟିରେ ରଖି କରାଯାଇଥିଲା ବୋଲି ବିଭାଗ ମତବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2025) ଏବଂ କହିଥିଲେ ଯେ ଏହା ସିସିଡି ଯୋଜନା ଅଧୀନରେ ଥିବା ମାନଦଣ୍ଡ ଅନୁଯାୟୀ ନଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ସିସିଡି ଯୋଜନା ଅଧୀନରେ ମଧ୍ୟ ପାଣ୍ଠି ଆବଣ୍ଟନ ଜନସଂଖ୍ୟା ମାନଦଣ୍ଡ ଉପରେ ଆଧାରିତ ନଥିଲା ।

### 1.7.4 ଏମ୍‌ପିଏ ସ୍ତରରେ ପାଣ୍ଠି ପରିଚାଳନା

2019-24 ମଧ୍ୟରେ 17ଟି ଏମ୍‌ପିଏ ବିଭିନ୍ନ ଯୋଜନା ଅଧିନରେ 387.93 କୋଟି[17] ଟଙ୍କା ପାଇଥିଲେ ଏବଂ ଉପଲବ୍ଧ 461.44 କୋଟି ଟଙ୍କା ପାଣ୍ଠିରୁ 424.62 କୋଟି ଟଙ୍କା ବ୍ୟୟ କରିଥିଲେ (ପ୍ରାରମ୍ଭିକ ଜମା: 60.31

[17] ପିଏମ୍‌ୟୁ ଦ୍ୱାରା ଆବଣ୍ଟିତ ପାଣ୍ଠି (360.75 କୋଟି ଟଙ୍କା) ଏବଂ ଏମ୍‌ପିଏ ଦ୍ୱାରା ପ୍ରାପ୍ତି (387.93 କୋଟି ଟଙ୍କା) ମଧ୍ୟରେ ପାର୍ଥକ୍ୟ ଥିଲା କାରଣ ଏମ୍‌ପିଏମାନେ ସହଭାଗିତା କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ଖଣିଜ ପାଣ୍ଠି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପରି ଅନ୍ୟ ଉତ୍ସରୁ ପାଣ୍ଠି ଗ୍ରହଣ କରିଥିଲେ ।

କୋଟି ଟଙ୍କା ଏବଂ ସୁଧ: 13.20 କୋଟି ଟଙ୍କା ସହିତ) । ମାର୍ଚ୍ଚ 2024 ସୁଦ୍ଧା ଏମ୍‌ପିଏମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ 36.82 କୋଟି ଟଙ୍କା ବ୍ୟୟ ନ ହୋଇ ପଡ଼ିରହିଥିଲା । 2019-24 ବର୍ଷ ମଧ୍ୟରେ ପ୍ରାପ୍ତ ପାଣ୍ଠି ଏବଂ ହୋଇଥିବା ଖର୍ଚ୍ଚର ବର୍ଷଓ୍ୱାରୀ ବିବରଣୀ **ସାରଣୀ-1.3** ରେ ଦିଆଗଲା ।

***ସାରଣୀ 1.3: 2019-24 ବର୍ଷରେ ଏମ୍‌ପିଏମାନଙ୍କ ଦ୍ୱାରା ପ୍ରାପ୍ତି ଏବଂ ବ୍ୟୟ*** ***(କୋଟି ଟଙ୍କାରେ)***

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | ସୁଧ | ସମୁଦାୟ | ବ୍ୟୟ | ଅବଶେଷ |
|---|---|---|---|---|---|---|
| **2019-20** | 60.31 | 118.22 | 5.57 | 184.09 | 108.85 | 75.24 |
| **2020-21** | 75.24 | 50.56 | 2.35 | 128.15 | 81.27 | 46.88 |
| **2021-22** | 46.88 | 44.16 | 1.98 | 93.02 | 61.20 | 31.82 |
| **2022-23** | 31.82 | 114.28 | 1.76 | 147.86 | 106.60 | 41.26 |
| **2023-24** | 41.26 | 60.71 | 1.55 | 103.52 | 66.71 | 36.82 |
| **ସମୁଦାୟ** | | **387.93** | **13.20** | **461.44 *** | **424.62** | **36.82** |

***(ଉତ୍ସ: ଏମଓ୍ୱପିଏରୁ ପ୍ରାପ୍ତ ତଥ୍ୟ)***

**** (ମୋଟ ପ୍ରାପ୍ତି = ପ୍ରାରମ୍ଭିକ ଜମା + ମୋଟ ପ୍ରାପ୍ତି + ମୋଟ ସୁଧ)***

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ:

- ଏମ୍‌ପିଏମାନଙ୍କ ପାଖରେ ଥିବା 36.82 କୋଟି ଟଙ୍କାର ଅବ୍ୟବହୃତ ପରିମାଣ ମଧ୍ୟରେ ଓପିଲିପି (20.12 କୋଟି), ସିସିଡି ଯୋଜନା (8.64 କୋଟି), ଧାରା 275 (1.40 କୋଟି ଟଙ୍କା) ଇତ୍ୟାଦି ଯୋଜନାର ପାଣ୍ଠି ଅନ୍ତର୍ଭୁକ୍ତ । ଏମ୍‌ପିଏମାନଙ୍କ ଦ୍ୱାରା ପାଣ୍ଠିର ଅବିନିଯୋଗ, ପିଭିଟିଜି ସମ୍ପ୍ରଦାୟ ସମେତ ଆଦିବାସୀ ଲୋକଙ୍କ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଜୀବିକା କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ସେମାନଙ୍କର ଅପାରଗତାକୁ ଦର୍ଶାଉଛି ।

- ଆବଣ୍ଟିତ ପାଣ୍ଠିର ସାମଗ୍ରିକ ବିନିଯୋଗ କ୍ଷେତ୍ରରେ, ଟିଡିଏ, ତୁମ୍ବା ଏବଂ ଡିକେଡିଏ, ପାର୍ସାଲି ଅନ୍ୟ ଏମ୍‌ପିଏ ତୁଳନାରେ କମ୍ ପାଣ୍ଠି ବ୍ୟବହାର କରିଥିଲେ । ବର୍ଷ 2019-24 ମଧ୍ୟରେ ଉପଲବ୍ଧ 30.26 କୋଟି ଟଙ୍କା ମଧ୍ୟରୁ ଟିଡିଏ, ତୁମ୍ବା 25.95 କୋଟି ଟଙ୍କା ଖର୍ଚ୍ଚ କରିଥିଲାବେଳେ ଡିକେଡିଏ, ପାର୍ସାଲି 27.14 କୋଟି ଟଙ୍କାରୁ 23.09 କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହାଫଳରେ ଯଥାକ୍ରମେ 4.31 କୋଟି ଟଙ୍କା ଏବଂ 4.05 କୋଟି ଟଙ୍କା ଖର୍ଚ୍ଚ ନହୋଇ ରହିଥିଲା ।

- ମାର୍ଚ୍ଚ 2024 ସୁଦ୍ଧା ଏଚ୍‌କେଏମ୍‌ଡିଏ, ଜଶୀପୁରର ଆକାଉଣ୍ଟରେ 17.61 ଲକ୍ଷ ଟଙ୍କାର ବକେୟା ଅଗ୍ରୀମ ଟଙ୍କା ରହିଥିଲା । ଏହି ବକେୟା ଅଗ୍ରୀମ ଏପ୍ରିଲ୍ 2019 ପୂର୍ବର ଏବଂ ଅଗ୍ରୀମର ଉଦ୍ଦେଶ୍ୟ, ତାରିଖ, କେଉଁ ବ୍ୟକ୍ତି / ଏଜେନ୍ସିଙ୍କୁ ଅଗ୍ରୀମ ପ୍ରଦାନ କରାଯାଇଥିଲା ଇତ୍ୟାଦି ବିବରଣୀ ରେକର୍ଡରେ ଉପଲବ୍ଧ ନଥିଲା । ଏଭଳି ବିବରଣୀର ଅଭାବରେ, ବକେୟା ଅଗ୍ରୀମର ଆଦାୟ/ ଅସୁଲି ହେବାର ସମ୍ଭାବନା ବହୁତ କମ୍ ଥିଲା । ଏହା ସରକାରୀ ଅର୍ଥର ଆତ୍ମସାତ୍‌କରଣ / ଅପବ୍ୟବହାର ହୋଇପାରେ ।

ଏମ୍‌ପିଏମାନଙ୍କ ଦ୍ୱାରା ଆବଣ୍ଟିତ ପାଣ୍ଠିର ବ୍ୟବହାର ନହେବା ସେମାନଙ୍କର ସ୍ୱଳ୍ପ ବ୍ୟୟ ଦକ୍ଷତା ଏବଂ ଅନୁମୋଦିତ କାର୍ଯ୍ୟକଳାପର କାର୍ଯ୍ୟକାରିତା ନ ହେବାକୁ ସୂଚାଉଥିଲା ।

ପାଣ୍ଠିର ସ୍ୱଳ୍ପ ବ୍ୟୟ ପାଇଁ ବିଭାଗ ଉପାନ୍ତ ଅଞ୍ଚଳ, ଦୁର୍ଗମ ଅଞ୍ଚଳ, ସାମଗ୍ରୀର ଅପହଞ୍ଚ ଇତ୍ୟାଦିକୁ ଦାୟୀ କରିଥିଲେ (ସେପ୍ଟେମ୍ବର 2025) ଏବଂ ଓପିଲିପି ଅଧୀନରେ ଏମ୍‌ପିଏଗୁଡିକ ପାଖରେ ଖର୍ଚ୍ଚ ହୋଇନଥିବା ଅର୍ଥ ସରକାରଙ୍କୁ ଫେରସ୍ତ ହୋଇଥିଲା ବୋଲି ସୂଚନା ପ୍ରଦାନ କରିଥିଲେ । ଅଗ୍ରୀମ ରାଶିର ଅନାଦାୟ ସମ୍ବନ୍ଧରେ ଏହା ଦର୍ଶାଯାଇଥିଲା ଯେ ଏମ୍‌ପିଏମାନେ ଅଗ୍ରୀମ ଅସୁଲି/ ସମାୟୋଜନ ପାଇଁ ନିରନ୍ତର ପ୍ରୟାସ କରିଥିଲେ । ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଉପରୋକ୍ତ ଅସୁବିଧାକୁ ଦୃଷ୍ଟିରେ ରଖି ପାଣ୍ଠିର ଯୋଜନା ଏବଂ ପ୍ରଦାନ କରିବା ଆବଶ୍ୟକ ଥିଲା ।

### *1.7.5 ଏଫ୍‌ଏନ୍‌ଜିଓ ଦ୍ୱାରା ଆର୍ଥିକ ଅନିୟମିତତା*

***ଅନୁଚ୍ଛେଦ 1.1.2*** ରେ କରାଯାଇଥିବା ଆଲୋଚନା ଅନୁଯାୟୀ, ପିଏମ୍‌ୟୁ 17ଟି ଏଫ୍‌ଏନ୍‌ଜିଓକୁ ବିକାଶମୂଳକ କାର୍ଯ୍ୟକଳାପର ଅଂଶଗ୍ରହଣକାରୀ ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣରେ ଭିତିସିର କ୍ଷମତାରେ ଉନ୍ନତି

ଆଣିବାରେ ସାହାଯ୍ୟ କରିବା ପାଇଁ ନିୟୋଜିତ କରିଥିଲା । 2019-24 ମଧ୍ୟରେ ଏହି 17ଟି ଏଫ୍ଏନ୍‌ଜିଓକୁ ପରିଚାଳନା ଖର୍ଚ୍ଚ, ଓପିଲିପି କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀଙ୍କ ଦରମା ଆଦି ବାବଦରେ 49.05 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ଓପିଲିପି ଅଧୀନରେ ବିଭିନ୍ନ କାର୍ଯ୍ୟକଳାପ ପାଇଁ ଭିଡିସିକୁ ସହାୟତା କରିବା ଉଦ୍ଦେଶ୍ୟରେ ପିବିଡିଏ, ଖୁଣ୍ଟଗାଁରେ ଗୋଟିଏ ଏଫ୍ଏନ୍‌ଜିଓ ନିୟୋଜିତ ହୋଇଥିଲା (31 ମଇ 2017) । ଆର୍ଥିକ ଅନିୟମିତତା ଏବଂ ଅସନ୍ତୋଷଜନକ ପ୍ରଦର୍ଶନ କାରଣରୁ, ମାନ୍ୟବର ହାଇକୋର୍ଟ ଏଫ୍ଏନ୍‌ଜିଓ ଦ୍ୱାରା ଦାଖଲ ହୋଇଥିବା ରିଟ୍ ପିଟିସନକୁ ଖାରଜ କରିବା ପରେ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ପିଏମ୍ୟୁ) ଏହି ଏଫ୍ଏନ୍‌ଜିଓକୁ ସେବାରୁ ନିବୃତ୍ତ କରିଥିଲେ (ଅଗଷ୍ଟ 2022) ।

2017-18 ରେ ଏମ୍‌ଜିଏନ୍ଆରଇଜିଏସ୍ ଉପକରଣ (9.53 ଲକ୍ଷ ଟଙ୍କା ) ଏବଂ ବାସନକୁସନ (11.17 ଲକ୍ଷ ଟଙ୍କା) ବଣ୍ଟନ ପାଇଁ ଏଫ୍ଏନ୍‌ଜିଓ ସମୁଦାୟ 20.70 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଏଫ୍ଏନ୍‌ଜିଓ ଏହି ସାମଗ୍ରୀଗୁଡ଼ିକର ବଣ୍ଟନର ସବିଶେଷ ତଥ୍ୟ ଦେଇପାରି ନଥିବାରୁ ଏହି ଖର୍ଚ୍ଚ ଅନିୟମିତ ଥିଲା । ଅଧିକନ୍ତୁ, ଏଫ୍ଏନ୍‌ଜିଓଙ୍କ ପାଖରେ 29.03 ଲକ୍ଷ ଟଙ୍କାର ଅବ୍ୟବହୃତ ପାଣ୍ଠି ଥିଲା, ଯାହା ଅଗଷ୍ଟ 2024 ପର୍ଯ୍ୟନ୍ତ ଫେରସ୍ତ ହୋଇ ନଥିଲା । ଏହି ଅର୍ଥରାଶି ତାଲିମ୍ ଏବଂ ଦକ୍ଷତା ବିକାଶ, ଏଫ୍ଏନ୍‌ଜିଓର ପରିଚାଳନା ଖର୍ଚ୍ଚ, ଇତ୍ୟାଦି ପାଇଁ ପ୍ରଦାନ (2019-23) କରାଯାଇଥିଲା । ସେବା ନିବୃତ୍ତ ହେବା ପରେ ଏବଂ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଏହି ରାଶି ଫେରସ୍ତ କରିବାକୁ ଅନେକ ଥର କହିବା ପରେ ମଧ୍ୟ ଏଫ୍ଏନ୍‌ଜିଓ ଏହି ରାଶି ଫେରସ୍ତ କରିନଥିଲେ କିମ୍ବା ପାସ୍ ବୁକ୍, ବିଲ୍/ ଭାଉଚର, କେସ୍ ରେକର୍ଡ ଇତ୍ୟାଦି ପରି ସମ୍ପତ୍ତି ଏବଂ ରେକର୍ଡ ଏମ୍‌ପିଏକୁ ହସ୍ତାନ୍ତର କରିନଥିଲେ । ଖର୍ଚ୍ଚ ହୋଇନଥିବା ଟଙ୍କା ଏବଂ ରେକର୍ଡ ପୁନରୁଦ୍ଧାର ପାଇଁ ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀ ମଧ୍ୟ ଏଫ୍ଏନଜିଓ ବିରୋଧରେ କୌଣସି ଏଫ୍ଆଇଆର୍ ଦାଖଲ କରିନଥିଲେ ।

ଆର୍ଥିକ ଅପବ୍ୟବହାର ଏବଂ ରେକର୍ଡ ଦାଖଲ ନ କରିବା ଯୋଗୁଁ 10 ଜୁଲାଇ 2025 ରେ ଏଫ୍ଏନ୍‌ଜିଓ ବିରୁଦ୍ଧରେ ଏଫ୍ଆଇଆର୍ ଦାଖଲ କରାଯାଇଥିଲା ଏବଂ ଏଫ୍ଏନ୍‌ଜିଓ ବିରୁଦ୍ଧରେ ଏଫ୍ଆଇଆର୍ ଦାଖଲ ହୋଇନଥିବା ତଥ୍ୟ ସଠିକ୍ ନୁହେଁ ବୋଲି ବିଭାଗ ମତବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2025) । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଅଡିଟ୍ ଦ୍ୱାରା ଦର୍ଶାଯିବା ପରେ ଜୁଲାଇ 2025 ରେ ଏଫ୍ଆଇଆର୍ ଦାଖଲ କରାଯାଇଥିଲା ।

### 1.7.6 ପ୍ରକୃତ ଖର୍ଚ୍ଚ ବିନା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା/ ବିନିଯୋଗ ପ୍ରମାଣପତ୍ର ଦାଖଲ ନକରିବା

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍ଆର୍) ଅଧୀନରେ ଥିବା ବ୍ୟବସ୍ଥା[18] ଅନୁଯାୟୀ, ପ୍ରାପ୍ତ ଅନୁଦାନ ସେହି ଆର୍ଥିକ ବର୍ଷ ମଧ୍ୟରେ ବ୍ୟବହାର କରାଯିବା ଉଚିତ୍ ଏବଂ ବିନିଯୋଗ ପ୍ରମାଣପତ୍ର (ୟୁସି) ପରବର୍ତ୍ତୀ ବର୍ଷ ଜୁନ୍/ ଡିସେମ୍ବର ସୁଦ୍ଧା ପାଣ୍ଠି ପ୍ରଦାନ କରୁଥିବା କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯିବା ଉଚିତ୍ । ସରକାରୀ ଅନୁଦାନର ମଞ୍ଜୁରୀ ଆଦେଶ ଅନୁଯାୟୀ ଅନୁଦାନ ପ୍ରାପ୍ତ ଅନୁଷ୍ଠାନକୁ ବିତରଣ କରିଥିବା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ପ୍ରଶାସନିକ ବିଭାଗକୁ ପ୍ରତିସ୍ୱାକ୍ଷରିତ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ ହେବ । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା କେବଳ ପାଣ୍ଠିର ଉପଯୁକ୍ତ ବିନିଯୋଗ ନୁହେଁ ବରଂ ଯୋଜନା/ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା ପାଇଁ ପରବର୍ତ୍ତୀ ସମୟରେ ପାଣ୍ଠି ଜାରି କରିବାରେ ମଧ୍ୟ ସହାୟକ ହୋଇଥାଏ ।

ସମ୍ବନ୍ଧିତ ରେକର୍ଡର ଯାଞ୍ଚରୁ ଜଣାପଡ଼ିଲା ଯେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ପିଡି), ପିଏମ୍ୟୁ (ଓପିଲିପି) 2019-24 ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ଅଧୀନରେ ଏସ୍ଏସ୍‌ଡି ବିଭାଗରୁ 399.18 କୋଟି ଟଙ୍କାର ଅନୁଦାନ ପ୍ରାପ୍ତ କରିଥିଲେ । ଏହି ସମୟରେ, ପିଏମ୍ୟୁ ପାଖରେ ପ୍ରାରମ୍ଭିକ ବଳକା 124.08 କୋଟି ଟଙ୍କା ସହିତ ମୋଟ 523.26 କୋଟି ଟଙ୍କା ଉପଲବ୍ଧ ଥିଲା । ଏହି ଅନୁଦାନ ତୁଳନାରେ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ 461.71 କୋଟି ଟଙ୍କା ବ୍ୟୟ ବଦଳରେ 401.31 କୋଟି ଟଙ୍କା ପାଇଁ ବିନିଯୋଗ ପ୍ରମାଣପତ୍ର ଦାଖଲ କରିଥିଲେ, ଅବଶିଷ୍ଟ 60.40 କୋଟି ଟଙ୍କାର ଖର୍ଚ୍ଚ ପାଇଁ ବିନିଯୋଗ ପ୍ରମାଣପତ୍ର ମାର୍ଚ୍ଚ 2024 ସୁଦ୍ଧା ଦାଖଲ ହୋଇନଥିଲା, ଯାହା **ସାରଣୀ 1.4** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

[18] ଓଜିଏଫ୍ଆର୍ ଭଲ୍ୟୁମ୍ 1 ର ନିୟମ 171 ଏବଂ 173 ଏବଂ ସଂଶୋଧିତ ଓଜିଏଫ୍ଆର୍ (2023) ର ନିୟମ 306

***ସାରଣୀ 1.4: 2019-24 ବର୍ଷ ମଧ୍ୟରେ ବିନିଯୋଗ ପ୍ରମାଣପତ୍ରର ସ୍ଥିତି*** **(ଟଙ୍କା / କୋଟିରେ)**

| *ଯୋଜନା* | *ପ୍ରାରମ୍ଭିକ ପରିମାଣ* | *ପ୍ରାପ୍ତ ଅନୁଦାନ* | *ସମୁଦାୟ* | *କରାଯାଇଥିବା ବ୍ୟୟ* | *ୟୁସି ଦାଖଲ କରାଯାଇଛି* | *ୟୁସି ବିଚାରାଧୀନ* |
|---|---|---|---|---|---|---|
| ଓପିଲିପି | 77.47 | 326.28 | 403.75 | 353.52 | 293.12 | 60.40 |
| ଆର୍‌କେଭିଓ୍ୱାଇ | 0 | 8.50 | 8.50 | 8.50 | 8.50 | 0 |
| ଧାରା- 275(I) | 5.50 | 0 | 5.50 | 5.50 | 5.50 | 0 |
| ଏସ୍‌ସିଏ ରୁ ଟିଏସ୍‌ପି/ ଟିଏସ୍‌ଏସ୍ | 5.50 | 12.35 | 17.85 | 17.85 | 17.85 | 0 |
| ସିସିଡି ଯୋଜନା | 35.61 | 52.05 | 87.66 | 76.34 | 76.34 | 0 |
| *ମୋଟ* | **124.08** | **399.18** | **523.26** | **461.71** | **401.31** | **60.40** |

***(ଉତ୍ସ: ପିଏମ୍‌ୟୁ, ଓପିଏଲପି ରୁ ପ୍ରାପ୍ତ ତଥ୍ୟ)***

ଅଧିକନ୍ତୁ, 2019-24 ଆର୍ଥିକ ବର୍ଷରେ 17ଟି ଏମ୍‌ପିଏ ଦ୍ୱାରା ଉପଲବ୍ଧ 461.44 କୋଟି ଟଙ୍କା ମଧ୍ୟରୁ 424.62 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ 36.82 କୋଟି ଟଙ୍କା ଖର୍ଚ୍ଚ ହୋଇ ନଥିଲା । ଏହି ବ୍ୟୟ ବଦଳରେ ଏମ୍‌ପିଏମାନେ 363.14 କୋଟି ଟଙ୍କାର ୟୁସି ଦାଖଲ କରିଥିଲେ । ତେଣୁ, ମାର୍ଚ୍ଚ 2024 ସୁଦ୍ଧା ଏମ୍‌ପିଏ ମାନଙ୍କ ନିକଟରେ 61.48 କୋଟି ଟଙ୍କାର ୟୁସି ବକେୟା ଥିଲା । ବ୍ୟୟ ବଦଳରେ ୟୁସି ଦାଖଲ ନକରିବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା ।

ଅଡିଟ୍‌ରେ ଏହା ଦେଖାଗଲା ଯେ ପିଏମ୍‌ୟୁ ପ୍ରକୃତ ଖର୍ଚ୍ଚକୁ ସୁନିଶ୍ଚିତ ନକରି ଏମ୍‌ପିଏମାନଙ୍କୁ ପାଣ୍ଠି ପ୍ରଦାନ କରିବା ପରେ ବିଭାଗକୁ ବର୍ଦ୍ଧିତ ୟୁସି ଦାଖଲ କରିଥିଲା । ଉଦାହରଣସ୍ୱରୂପ:

- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିଓ୍ୱାଇ) ଅଧୀନରେ ମିଳିଥିବା ମୋଟ 8.50 କୋଟି ଟଙ୍କା (2019-21) ପାଇଁ ପିଏମ୍‌ୟୁ ୟୁସି ଦାଖଲ କରିଥିଲା । ତେବେ, ଏମ୍‌ପିଏମାନଙ୍କ ପାଖରେ 1.53 କୋଟି ଟଙ୍କା ଅବ୍ୟବହୃତ ହୋଇ ପଡ଼ିଥିବାର ଜଣାପଡ଼ିଥିଲା । ଏହା ଦର୍ଶାଏ ଯେ ପିଏମ୍‌ୟୁ ଏମ୍‌ପିଏରୁ ପ୍ରକୃତ ଖର୍ଚ୍ଚକୁ ସୁନିଶ୍ଚିତ ନକରି ୟୁସି ଦାଖଲ କରିଥିଲା ।
- ସେହିପରି, ସିସିଡି ଯୋଜନା ଅଧୀନରେ ପିଏମ୍‌ୟୁ 2019-23 ମଧ୍ୟରେ ପ୍ରାପ୍ତ 87.66 କୋଟି ଟଙ୍କା ମଧ୍ୟରୁ 76.34 କୋଟି ଟଙ୍କାର ୟୁସି ଦାଖଲ କରିଥିଲା । ଅବଶିଷ୍ଟ 11.32 କୋଟି ଟଙ୍କା ପିଏମ୍‌ୟୁ ପାଖରେ ପଡ଼ିରହିଥିଲା । ତେବେ, ଏମ୍‌ପିଏମାନଙ୍କ ପାଖରେ 8.64 କୋଟି ଟଙ୍କା ଖର୍ଚ୍ଚ ହୋଇନଥିବା ଜଣାପଡ଼ିଥିଲା । ତେଣୁ, ଏମ୍‌ପିଏ ସ୍ତରରେ ବାସ୍ତବରେ ଖର୍ଚ୍ଚ ହୋଇ ନଥିଲାବେଳେ, ପିଏମ୍‌ୟୁ ଦ୍ୱାରା ୟୁସିଗୁଡ଼ିକ ଦାଖଲ କରାଯାଇଥିଲା ।

ୟୁସି ଦାଖଲ ନକରିବା, ବର୍ଦ୍ଧିତ ୟୁସି ଦାଖଲ କରିବା କେବଳ ଆର୍ଥିକ ବିବରଣୀ ଏବଂ ପରିଚାଳନାର ଉଲ୍ଲଂଘନ ନୁହେଁ ବରଂ ପିଏମ୍‌ୟୁ ଏବଂ ଏମ୍‌ପିଏ ଅଧୀନରେ ରଖାଯାଇଥିବା ପାଣ୍ଠିର ସଠିକ୍ ବ୍ୟବହାର ବିଷୟରେ ଆଶ୍ୱାସନା ଦେବାରେ ମଧ୍ୟ ବିଫଳ ହୋଇଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ, ଓପିଲିପି କାର୍ଯ୍ୟକ୍ରମ ଅଧୀନରେ ବକେୟା ୟୁସି ଅଗଷ୍ଟ 2024 ରେ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା । ସିସିଡି ଯୋଜନା ଅଧୀନରେ 11.32 କୋଟି ଟଙ୍କା ମଧ୍ୟରୁ 2.01 କୋଟି ଟଙ୍କା ପାଇଁ ୟୁସି ଦାଖଲ କରାଯାଇଥିଲା । ପ୍ରକୃତ ଖର୍ଚ୍ଚର ଆଶ୍ୱାସନା ନଦେଇ ବର୍ଦ୍ଧିତ ୟୁସି ଦାଖଲ ପାଇଁ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନଥିଲା ।

## କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ

ପିଭିଟିଜିମାନଙ୍କର ବିକାଶ ପାଇଁ ଓପିଲିପିରେ ଚାରୋଟି ପ୍ରମୁଖ ଉପାଦାନ ରହିଛି, ଯଥା (i) ଗୋଷ୍ଠୀ ସଶକ୍ତିକରଣ, (ii) ପ୍ରାକୃତିକ ସମ୍ବଳ ପରିଚାଳନା ଏବଂ ଜୀବିକା ବୃଦ୍ଧି, (iii) ଗୋଷ୍ଠୀ ଭିତ୍ତିଭୂମି ଓ କଠିନ ପରିଶ୍ରମ ହ୍ରାସ ଏବଂ (iv) କାର୍ଯ୍ୟକ୍ରମ ପରିଚାଳନା ।

## 1.8. ଗୋଷ୍ଠୀ ସଶକ୍ତିକରଣ

ଗୋଷ୍ଠୀ ସଶକ୍ତିକରଣ ଅଧୀନ କାର୍ଯ୍ୟକଳାପରେ ଏଫ୍‌ଏନ୍‌ଜିଓର ନିୟୋଜନ, ଭିଡିଏର ସଚେତନକରଣ ଏବଂ ଭିଡିସି ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ ଏବଂ ଦୃଢ଼ୀକରଣ, ଗରିବଙ୍କ ପାଇଁ ଅନୁକୂଳ ପାଣ୍ଠିର ବ୍ୟବସ୍ଥା, ଭିଡିଏ/ ଏମ୍‌ପିଏ/ଏଫ୍‌ସନ୍‌ଜିଓ ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ଇତ୍ୟାଦି ଅନ୍ତର୍ଭୁକ୍ତ ।

***ଅନୁଚ୍ଛେଦ 1.1.2*** ରେ ଆଲୋଚନା କରାଯାଇଥିବା ଅନୁଯାୟୀ, 1,011 ଭିଡିଏ/ ଭିଡିସି ଗଠନ କରାଯାଇଥିଲା ଏବଂ ଭିଡିସିକୁ କାର୍ଯ୍ୟକ୍ରମ ଯୋଜନା ଏବଂ କାର୍ଯ୍ୟକାରିତାରେ ସହାୟତା କରିବା ପାଇଁ 17ଟି ଏଫ୍‌ଏନ୍‌ଜିଓକୁ ନିୟୋଜିତ କରାଯାଇଥିଲା । ଏହି ଏଫ୍‌ଏନ୍‌ଜିଓ ଗୁଡ଼ିକ ପ୍ରତିବଦଳରେ 518 ଗୋଷ୍ଠୀ ସହାୟକ (ସିଆର୍‌ପି)ଙ୍କୁ ନିୟୋଜିତ କରିଥିଲେ, ଯେଉଁମାନେ ଗୋଷ୍ଠୀ ଏବଂ କାର୍ଯ୍ୟାନ୍ୱୟନ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା କରି ସ୍ଥାନୀୟ ବିଶେଷଜ୍ଞତା ଏବଂ ସହାୟତା ପ୍ରଦାନ କରିଥିଲେ । ମହିଳା ସଦସ୍ୟମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଅନ୍ୟାନ୍ୟ ମୁଖ୍ୟ ସ୍ରୋତ କାର୍ଯ୍ୟକ୍ରମର ଲାଭ ଉଠାଇବାରେ ସକ୍ଷମ କରିବା ପାଇଁ 17ଟି ଏମ୍‌ପିଏଙ୍କ ଦ୍ୱାରା 2,851 ପିଭିଟିଜି ଏସ୍‌ଏଚ୍‌ଜି ଗଠନ କରାଯାଇଥିଲା । ଏମ୍‌ପିଏ, ପିଏମ୍‌ୟୁ ଏବଂ ଏଫ୍‌ଏନ୍‌ଜିଓର କର୍ମଚାରୀ/ ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ପିଏମ୍‌ୟୁ 2019-24 ମଧ୍ୟରେ ବିଭିନ୍ନ ବିଷୟ[19] ଉପରେ 141 ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ।

### *1.8.1 ପିଭିଟିଜି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କୁ ଆର୍ଥିକ ସହାୟତା*

ପିଭିଟିଜି ସଦସ୍ୟମାନଙ୍କୁ ସର୍ବନିମ୍ନ ସୁଧରେ ଆର୍ଥିକ ଋଣ ପ୍ରଦାନ କରି ଜୀବିକା ବୃଦ୍ଧିରେ ସମର୍ଥନ କରିବା ପାଇଁ ପିଭିଟିଜି ସଶକ୍ତିକରଣ ପାଣ୍ଠି (ପିଇଏଫ୍) ନାମକ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରାଯାଇଥିଲା ।

ପିଇଏଫ୍ ଅଧୀନରେ, ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେସନ୍ (ଜିପିଏଲ୍‌ଏଫ୍)କୁ ସହାୟତା ଅନୁଦାନ ପ୍ରଦାନ କରାଯାଇଥିଲା, ଯାହା କେବଳ ପିଭିଟିଜି ଏସ୍‌ଏଚ୍‌ଜି ପାଇଁ ଆବର୍ତ୍ତନ ପାଣ୍ଠି ଭାବରେ ବ୍ୟବହୃତ ହେବାର ଆବଶ୍ୟକ ଥିଲା । ପିଭିଟିଜି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଜିପିଏଲ୍‌ଏଫ୍‌ରୁ ଯେଉଁ ପାଣ୍ଠି ହାସଲ କରନ୍ତି ତାହା ସଦସ୍ୟମାନଙ୍କୁ ପିଇଏଫ୍ ଋଣ ଭାବରେ ପ୍ରଦାନ କରିଥାଆନ୍ତି । 50 ପ୍ରତିଶତରୁ ଅଧିକ ପିଭିଟିଜି ସଦସ୍ୟ ଥିବା ଏସ୍‌ଏଚ୍‌ଜି ମାନଙ୍କୁ ପିଭିଟିଜି ଏସ୍‌ଏଚ୍‌ଜି ଭାବରେ ଗ୍ରହଣ କରାଯାଇ ସମସ୍ତ ସଦସ୍ୟଙ୍କୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ଋଣ ପାଇବାକୁ ଯୋଗ୍ୟ ବିବେଚନା କରିବା ଆବଶ୍ୟକ ଥିଲା । ପିଭିଟିଜି ଏସ୍‌ଏଚ୍‌ଜିଗୁଡ଼ିକୁ ପ୍ରଥମେ 70 ପ୍ରତିଶତ ପିଇଏଫ୍‌ର ସହାୟତା ପ୍ରଦାନ କରାଯିବାର ଥିଲା, ଏବଂ ତା'ପରେ ଅନ୍ୟ ଏସ୍‌ଏଚ୍‌ଜିଗୁଡ଼ିକୁ 30 ପ୍ରତିଶତ ଉପଲବ୍ଧ କରିବାର ଆବଶ୍ୟକ ଥିଲା । କୋଭିଡ-19 ମହାମାରୀ ସମୟରେ, ପିଏମ୍‌ୟୁ ଅନ୍ୟ ଏସ୍‌ଟି ଏବଂ ଏସ୍‌ସି ପରିବାରକୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ପିଇଏଫ୍‌ରୁ ଋଣ ପାଇବାକୁ ସକ୍ଷମକରିବା ପାଇଁ ନିୟମକୁ କୋହଳ କରିଥିଲା (ମାର୍ଚ୍ଚ 2021) । 2022-23 ପରଠାରୁ, ପିଇଏଫ୍ ସହାୟତା କେବଳ ପିଭିଟିଜି ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯିବାର ଥିଲା ।

ଅଡିଟ୍ ଜାଣିବାକୁ ପାଇଲା ଯେ 2019-24 ମଧ୍ୟରେ 17ଟି ଏମ୍‌ପିଏରେ 2,113 ଏସ୍‌ଏଚ୍‌ଜିକୁ 19.34 କୋଟି ଟଙ୍କାର ପିଇଏଫ୍ ସହାୟତା ପ୍ରଦାନ କରାଯାଇଅଛି । ଏଥିରେ 1,437 ପିଭିଟିଜି (12.95 କୋଟି ଟଙ୍କା) ଏବଂ 676 ଅଣ-ପିଭିଟିଜି ଏସ୍‌ଏଚ୍‌ଜି (6.39 କୋଟି ଟଙ୍କା) ଅନ୍ତର୍ଭୁକ୍ତ । ମାର୍ଚ୍ଚ 2024 ସୁଦ୍ଧା, ଏସ୍‌ଏଚ୍‌ଜି ଦ୍ୱାରା 8.76 କୋଟି ଟଙ୍କା (45 ପ୍ରତିଶତ) ପରିଶୋଧ କରାଯାଇଛି ଏବଂ 709 ଏସ୍‌ଏଚ୍‌ଜିରୁ 10.58 କୋଟି ଟଙ୍କା ଆଦାୟ ପାଇଁ ବାକି ଅଛି । ଅଡିଟ୍ ଦେଖିଲା ଯେ:

- 2019-24 ମଧ୍ୟରେ 676 ଅଣ-ପିଭିଟିଜି ଏସ୍‌ଏଚ୍‌ଜିକୁ 6.39 କୋଟି ଟଙ୍କା (33 ପ୍ରତିଶତ) ପିଇଏଫ୍ ସହାୟତା ପ୍ରଦାନ କରାଯାଇଥିଲା । ଏଥିରେ 2019-20, 2022-23 ଏବଂ 2023-24 ବର୍ଷରେ 3.97 କୋଟି ଟଙ୍କାର ଅର୍ଥ ସହାୟତା ସାମିଲ ରହିଛି, ଯେତେବେଳେ ନିୟମରେ କୌଣସି କୋହଳ କରାଯାଇନଥିଲା । ଏପରିକି କୋହଳ ଅବଧି (2020-22) ମଧ୍ୟରେ, ଅଣ-ପିଭିଟିଜି ଏସ୍‌ଏଚ୍‌ଜିଗୁଡ଼ିକୁ ଦିଆଯାଇଥିବା ପିଇଏଫ୍ ସହାୟତା, ମଞ୍ଜୁର ରାଶିର 35 ପ୍ରତିଶତ ଥିଲା, ଯାହା 30

[19] ଆକାଉଣ୍ଟସ୍ ଏବଂ ଫାଇନାନ୍ସ ମ୍ୟାନେଜମେଣ୍ଟ, କୃଷି ଏବଂ ଉଦ୍ୟାନ କୃଷି, ଆୟ ସୃଷ୍ଟି କାର୍ଯ୍ୟକଳାପ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପୁଷ୍ଟିସାଧନ; ପ୍ରାଣୀସମ୍ପଦ ପରିଚାଳନା, ପ୍ରାକୃତିକ କୃଷି, ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା, ଇତ୍ୟାଦି

ପ୍ରତିଶତ ମାନଦଣ୍ଡ ବିପକ୍ଷରେ ଥିଲା । ଏଥିସହ ଅଣ-ପିଭିଟିଜିଙ୍କ ଏସଏଚ୍‌ଜି ଠାରୁ ଆଦାୟ ପାଇଁ 3.48 କୋଟି ଟଙ୍କା (54 ପ୍ରତିଶତ) ବକେୟା ରହିଥିଲା । ଚାରୋଟି[20] ଏମ୍‌ପିଏରେ, ପିଭିଟିଜି ଏସଚଏଚ୍‌ଜି(243) ତୁଳନାରେ ଅଧିକ ସଂଖ୍ୟକ ଅଣ-ପିଭିଟିଜି ଏସ୍‌ଏଚ୍‌ଜିକୁ (472)କୁ ପିଇଏଫ୍ ସହାୟତା ପ୍ରଦାନ କରାଯାଇଥିଲା । ଏହିପରି, ଏହି ଏମ୍‌ପିଏମାନଙ୍କର ସ୍ୱତନ୍ତ୍ର ଅଧିକାରୀମାନେ ପିଭିଟିଜିର ଅର୍ଥନୈତିକ ସଶକ୍ତିକରଣ ଉପରେ ଧ୍ୟାନ ଦେଇନଥିଲେ । ଅଣ-ପିଭିଟିଜି ଏସ୍‌ଏଚ୍‌ଜିକୁ ପିଇଏଫ୍‌ରୁ ସହାୟତା, ପିଇଏଫ୍ ନିର୍ଦ୍ଦେଶାବଳୀର ବିରୁଦ୍ଧାଚରଣ ତଥା ପିଇଏଫ୍ ସୃଷ୍ଟି କରିବାର ଉଦ୍ଦେଶ୍ୟ ବିରୁଦ୍ଧରେ ଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ଯୋଗ୍ୟ ପିଭିଟିଜି ଏସ୍‌ଏଚ୍‌ଜିମାନଙ୍କୁ ପରିପୃକ୍ତ କରିବା ପରେ ହିଁ ଅଣ-ପିଭିଟିଜି ଏସ୍‌ଏଚ୍‌ଜି ଗୁଡ଼ିକୁ ପିଇଏଫ୍ ସହାୟତା ପ୍ରଦାନ କରାଯାଇଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ, କାରଣ କେବଳ 50 ପ୍ରତିଶତ ପିଭିଟିଜି ଏସ୍‌ଏଚ୍‌ଜି ପିଇଏଫ୍ ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିଲେ ।

- 1,437 ପିଭିଟିଜି ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଥିବା 12.95 କୋଟି ଟଙ୍କାର ଋଣ ମଧ୍ୟରୁ 5.86 କୋଟି ଟଙ୍କା ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପରିଶୋଧ କରାଯାଇଥିଲା । ମାର୍ଚ୍ଚ 2024 ସୁଦ୍ଧା ଅସୁଲି ପାଇଁ 7.10 କୋଟି ଟଙ୍କାର[21] ଋଣ ବକେୟା ଥିଲା । ଋଣ ନେଉଥିବା ଏସ୍‌ଏଚ୍‌ଜିମାନଙ୍କ ମଧ୍ୟରୁ 492 (35 ପ୍ରତିଶତ) ଏସ୍‌ଏଚ୍‌ଜି 4.54 କୋଟି ଟଙ୍କା ପରିଶୋଧ କରିବାରେ ଖିଲାପ କରିଥିଲେ । ଋଣ ପରିଶୋଧ କରିବାରେ ବିଫଳ ହୋଇଥିବା ସର୍ବାଧିକ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ, ଏଲ୍‌ଡିଏ, ମୋରାଡା (92 ପ୍ରତିଶତ) ଏବଂ ଡିକେଡିଏ, ଚାଟିକୋଣା (86 ପ୍ରତିଶତ) ରୁ ଅଟନ୍ତି ।

  ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2025) ଯେ, ଋଣ ପରିଶୋଧର ଗୁରୁତ୍ୱ ଉପରେ ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଉତ୍ସାହିତ ଏବଂ ପରାମର୍ଶ ଦେବା ପାଇଁ ବର୍ତ୍ତମାନ ସକ୍ରିୟ ପଦକ୍ଷେପ ନିଆଯାଉଛି, ଯେଉଁଥିପାଇଁ ସଦସ୍ୟମାନେ ବକେୟା ଋଣ ପରିଶୋଧ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

- 2024 ସମିହାରେ ଆଇଏଫ୍‌ଏଡି/ଓପିଲିପି ଦ୍ୱାରା କରାଯାଇଥିବା ଏଣ୍ଡଲାଇନ୍ ସର୍ବେକ୍ଷଣରେ, ଏହା ଦୃଢତାର ସହିତ କୁହାଯାଇଥିଲା ଯେ ପିଭିଟିଜି ମହିଳାମାନଙ୍କ ପାଇଁ ଏହି ଆଭ୍ୟନ୍ତରୀଣ ଋଣ ସାହୁକାରମାନଙ୍କ ଦ୍ୱାରା ଶୋଷଣର ସମ୍ମୁଖୀନ ନ ହୋଇ ଆବଶ୍ୟକତା ପୂରଣ କରିବାରେ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇଅଛି । ପିଭିଟିଜିମାନଙ୍କ ଦ୍ୱାରା ଏସ୍‌ଏଚ୍‌ଜିରୁ ସ୍ୱଳ୍ପ ସୁଧ ହାରରେ ଋଣ ପାଇବାର ସୁବିଧା ସତ୍ତ୍ୱେ, ମାର୍ଚ୍ଚ 2024 ସୁଦ୍ଧା କେବଳ 50 ପ୍ରତିଶତ ମହିଳା ପିଭିଟିଜି ଏସ୍‌ଏଚ୍‌ଜି ପିଇଏଫ୍‌ରୁ ଋଣ ନେଇଥିଲେ ।

- ପିଇଏଫ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏମ୍‌ପିଏ ଅଧିକାରୀମାନେ ପାଣ୍ଠିର ବ୍ୟବହାର, ପରିଶୋଧ ପ୍ରଦର୍ଶନ, ନିଷ୍କ୍ରିୟ ନଗଦ, ଇତ୍ୟାଦି ଉପରେ ମାସିକ ପ୍ରଗତି ରିପୋର୍ଟ (ଏମ୍‌ପିଆର୍) ପ୍ରସ୍ତୁତ କରିବେ ଏବଂ ଏହାକୁ ଜିପିଏଲ୍‌ଏଫ୍‌ରେ ଦାଖଲ କରିବେ । ଜିପିଏଲ୍‌ଏଫ୍ ସବ୍-କମିଟିକୁ[22] ଋଣ ପରିଶୋଧର ସମୀକ୍ଷା କରିବାର ଥିଲା । ଖିଲାପକାରୀମାନଙ୍କ କ୍ଷେତ୍ରରେ, ଉପ-କମିଟି ଆବଶ୍ୟକ ପଦକ୍ଷେପ ନେଇପାରେ ଯେପରିକି ଦେୟ ନଦେବା ପଛର କାରଣ ଯାଞ୍ଚ, ସହକର୍ମୀଙ୍କ ଉପରେ ଚାପ ସୃଷ୍ଟି କରିବା ଏବଂ କାର୍ଯ୍ୟନିର୍ବାହୀ କମିଟିକୁ ମାମଲା ଆଣିବା ଇତ୍ୟାଦି । ମାସିକ ପ୍ରଗତି ରିପୋର୍ଟ ପ୍ରସ୍ତୁତି, କାର୍ଯ୍ୟନିର୍ବାହୀ କମିଟି/ ସବ୍-କମିଟି ବୈଠକ ବିବରଣୀ ସମ୍ବନ୍ଧୀୟ ରେକର୍ଡ, ଅଡିଟ୍‌କୁ ଉପଲବ୍ଧ କରାଯାଇନଥିଲା । ଏହି ରେକର୍ଡ ଏବଂ ରିପୋର୍ଟର ଅଭାବ, ଏମ୍‌ପିଏମାନଙ୍କ ଦ୍ୱାରା ପିଇଏଫ୍ ଉପରେ ନଜର ନ ରଖିବା ପ୍ରମାଣିତ କରିଥିଲା, ଯାହା ଏସ୍‌ଏଚ୍‌ଜିଗୁଡ଼ିକୁ ଋଣ ପରିଶୋଧରେ ଖିଲାପକାରୀ ହେବାରେ ସହାୟକ ହୋଇଥିଲା ।

[20] ଏଚ୍‌କେଏମ୍‌ଡିଏ, ଯଶିପୁର; ଏଲ୍‌ଡିଏ, ମୋରଡ଼ା; ପିବିଡିଏ, ରୁଗୁଡାକୁଦର; ଏସ୍‌ଡିଏ, ଚନ୍ଦ୍ରଗିରି

[21] ଋଣ ଉପରେ ଚାରି ଶତକଡ଼ା ସୁଧ ଅନ୍ତର୍ଭୁକ୍ତ

[22] ଜିପିଏଲଏଫ୍ ସ୍ତରରେ ଉପ-କମିଟି ଏବଂ କାର୍ଯ୍ୟନିର୍ବାହୀ କମିଟି ଏସ୍‌ଏଚ୍‌ଜିର ପ୍ରତିନିଧିଙ୍କ ଦ୍ୱାରା ଗଠନ କରାଯାଏ

ଏହିପରି, ଆର୍ଥିକ ସହାୟତା ଦ୍ୱାରା ପିଭିଟିଜି ମହିଳମାନଙ୍କର ଜୀବିକା ବୃଦ୍ଧି ପାଇଁ ପିଇଏଫ୍‌ର ସଞ୍ଚାଳନ, ଏମ୍‌ପିଏମାନଙ୍କ ଦ୍ୱାରା ଉପଯୁକ୍ତ ତଦାରଖ ଏବଂ ନିରୀକ୍ଷଣର ଅଭାବ ଏବଂ ଏହାର ପରିଣାମ ସ୍ୱରୂପ ଅଯୋଗ୍ୟ ଏସ୍‌ଏଚ୍‌ଜିକୁ ଋଣ ଦେୟ, ନିମ୍ନ ମାନର ଋଣ ପରିଶୋଧ ଇତ୍ୟାଦି ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ଜିବି / ଇସି ବୈଠକ ସମ୍ବନ୍ଧୀୟ ଦସ୍ତାବିଜ୍ ମିଶନ ଶକ୍ତି ବିଭାଗ ଅଧିନରେ ଜିପିଏଲ୍‌ଏଫ୍ ସ୍ତରରେ ଉପଲବ୍ଧ ଥିଲା, ଯେଉଁଥିପାଇଁ ଏହାକୁ ଅଡିଟ୍ ସମ୍ମୁଖରେ ଉପସ୍ଥାପନ କରାଯାଇପାରିଲା ନାହିଁ । ତଥାପି, କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ତଦାରଖ ଏବଂ ସଂଶୋଧିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏମ୍‌ପିଏମାନଙ୍କ ପାଖରେ ଏହି ଦସ୍ତାବିଜ୍ ଉପଲବ୍ଧ ହେବା ଉଚିତ୍ ଥିଲା ।

### 1.8.2 ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଝିଅ/ ମହିଳାମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତି ଆଣିବା

ବାଲ୍ୟ ବିବାହ ରୋକିବା ବିଷୟରେ ସଚେତନତା ସୃଷ୍ଟି ପାଇଁ ପିଏମ୍‌ୟୁ ଓପିଲିପି ଅଧିନରେ 'ପିଭିଟିଜି ପରିବାରକୁ ବିଳମ୍ବିତ ବିବାହ ପ୍ରୋତ୍ସାହନ' କାର୍ଯ୍ୟକ୍ରମ ପ୍ରଣୟନ (ଡିସେମ୍ବର 2020)କରିଥିଲା । ଏହି ଯୋଜନା ଅଧିନରେ 18 ବର୍ଷ ବୟସ ପରେ ବିବାହ କରୁଥିବା ପ୍ରତ୍ୟେକ ଝିଅକୁ 2,000 ରୁ 20,000 ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା[23] ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ଗୋଷ୍ଠୀ ସଭାରେ ପ୍ରଦାନ କରାଯିବାରଥିଲା ଏବଂ ଝିଅମାନଙ୍କୁ ଆକାଉଣ୍ଟ ଗ୍ରହୀତ ଚେକ୍ ଆକାରରେ ପ୍ରଦାନ କରାଯିବାର ଥିଲା । ଏହା ଦ୍ୱାରା, ସମାନ ପ୍ରଥା ଅନୁସରଣ କରିବା ପାଇଁ ଅନ୍ୟ ଝିଅମାନଙ୍କୁ ତଥା ସେମାନଙ୍କ ପରିବାର ବର୍ଗଙ୍କୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଥିଲା । ଏଥି ସହିତ ମାସିକ ଭିଡିସି ବୈଠକରେ, ତଥା ଜିପିଏଲ୍‌ଏଫ୍/ ମହିଳା ଏସ୍‌ଏଚ୍‌ଜି ବୈଠକରେ ବିଳମ୍ବିତ ବିବାହର ଲାଭ ବିଷୟରେ ଆଲୋଚନା କରିବା ଏବଂ ପ୍ରତ୍ୟେକ ସଦସ୍ୟଙ୍କ ଦ୍ୱାରା ସଚେତନତା ସୃଷ୍ଟି କରିବାର ଅଭିଯାନ ଆରମ୍ଭ କରାଯିବାର ଥିଲା । ସିଆର୍‌ପିମାନଙ୍କୁ 18 ବର୍ଷ ପରେ ବିବାହ କରୁଥିବା ପିଭିଟିଜି ପରିବାରର ଝିଅମାନଙ୍କୁ ଚିହ୍ନଟ କରିବା ଏବଂ ଭିଡିସିକୁ ଜ୍ଞାପନ କରିବାର ଥିଲା ।

ଏହି କାର୍ଯ୍ୟକ୍ରମ ପାଇଁ 2019-24 ବର୍ଷରେ 1,161 ପିଭିଟିଜି ବାଳିକାଙ୍କୁ ସାମିଲ କରିବା ପାଇଁ 17 ଟି ଏମ୍‌ପିଏର ଏଡବ୍ଲ୍ୟୁପିବିରେ 153.26 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଏହା ତୁଳନାରେ, ଏମ୍‌ପିଏମାନେ କେବଳ 677 (58 ପ୍ରତିଶତ) ହିତାଧିକାରୀଙ୍କୁ ବିଳମ୍ବିତ ବିବାହ ପ୍ରୋତ୍ସାହନ ପ୍ରଦାନ ପାଇଁ 95.24 ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ବିଳମ୍ବିତ ବିବାହକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଏମପିଏ/ ପିଏମ୍‌ୟୁର ଏହି ଖରାପ ପ୍ରଦର୍ଶନ, ଭିଡିସି/ଏଫ୍‌ଏନ୍‌ଜିଓ/ଏମ୍‌ପିଏମାନଙ୍କ ଦ୍ୱାରା ପର୍ଯ୍ୟାପ୍ତ ସଚେତନତାର ଅଭାବ ଏବଂ ହିତାଧିକାରୀଙ୍କୁ ଚିହ୍ନଟ ନକରିବା ଇତ୍ୟାଦିକୁ ଇଙ୍ଗିତ କରୁଛି ।

ଅଡିଟ୍ ଲକ୍ଷ୍ୟ କଲା ଯେ:

- 17ଟି ଏମ୍‌ପିଏଙ୍କ ମଧ୍ୟରୁ 13ଟି ଏମ୍‌ପିଏ ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନାରେ ସାମିଲ ହୋଇଥିବା ଗ୍ରାମ/ ପଡ଼ାର ରେକର୍ଡ/ ତଥ୍ୟ ପ୍ରଦାନ କରିଥିଲେ, ଯେତେବେଳେ କି ଅନ୍ୟ ଚାରୋଟି ଏମ୍‌ପିଏଙ୍କ[24] ପାଖରେ ସେପରି କୌଣସି ସୂଚନା ନଥିଲା । ଏହି 13ଟି ଏମ୍‌ପିଏରେ ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନା ଅଧିନରେ ସହାୟତା ପାଇଥିବା ହିତାଧିକାରୀମାନେ ଏହି ଏମ୍‌ପିଏମାନଙ୍କ ଅଧିନରେ ଥିବା ମୋଟ 389 ଟି ଗ୍ରାମ ମଧ୍ୟରୁ କେବଳ 168 (43 ପ୍ରତିଶତ) ଗ୍ରାମର ଥିଲେ । ତେଣୁ, ପିଭିଟିଜିମାନଙ୍କ ମଧ୍ୟରେ ବାଲ୍ୟ ବିବାହକୁ ରୋକିବା ପାଇଁ ବିଳମ୍ବିତ ବିବାହ ପ୍ରୋତ୍ସାହନ ଯୋଜନା 214ଟି ଗ୍ରାମରେ କାର୍ଯ୍ୟକାରୀ ହୋଇନଥିଲା । 2019-24 ମଧ୍ୟରେ ଟିଡିଏ, ତୁମ୍ବା ଏହାର ଅଧିନରେ ଥିବା 58ଟି ଗ୍ରାମ ମଧ୍ୟରୁ କୌଣସିଟିରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିନଥିଲା, ଯଦିଓ 65 ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ 5.80 ଲକ୍ଷ ଟଙ୍କା ପ୍ରାପ୍ତ ହୋଇଥିଲା । ପାଞ୍ଚଟି[25] ଏମ୍‌ପିଏରେ 35 ଜଣ

---

[23] 2019-20: 2,000 ଟଙ୍କା; 2020-21: 10,000 ଟଙ୍କା; 2021-22: 20,000 ଟଙ୍କା

[24] (i) ଡିଡିଏ, କୁତୁମୁଲୁଗୁମ୍ମା; (ii) ଟିଡିଏ, ତୁମ୍ବା; (iii) ଏଲ୍‌ଏସ୍‌ଡିଏ ସେରାଙ୍ଗୋ; (iv) ବିଡିଏ, ମୁଦୁଲିପଡ଼ା;

[25] (i) ଜେଡିଏ, ଗୋନାସିକା (11); (ii) ପିବିଡିଏ, ରୁଗୁଡାକୁଦର (2); (iii) ଏଲ୍‌ଏସ୍‌ଡିଏ ସେରାଙ୍ଗୋ (5); (iv) ବିଡିଏ , ମୁଦୁଲିପଡ଼ା (9); (v) ପିବିଡିଏ, ଖୁଣ୍ଟାଗାଁ (8)

ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ପାଣ୍ଠି ଉପଲବ୍ଧ ହେବା ପରେ ମଧ୍ୟ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇନଥିଲା । ଦେୟ ନ ଦେବାର କାରଣ ରେକର୍ଡରେ ନଥିଲା । ସେହିପରି, ଦୁଇଟି ଏମ୍‌ପିଏ (କୁତୁଗୁଲୁଗୁମା; 16 ଏବଂ ଚନ୍ଦ୍ରଗିରି: 5) ଅଧିନରେ ଚିହ୍ନଟ ହୋଇଥିବା 21 ଜଣ ହିତାଧିକାରୀଙ୍କୁ ପାଣ୍ଠି ଅଭାବରୁ ସହାୟତା ଦିଆଯାଇନଥିଲା । ଏହି ଚିହ୍ନିତ ହିତାଧିକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଏହି ଏମ୍‌ପିଏମାନଙ୍କର ପିଏମ୍‌ୟୁ ରୁ ଅତିରିକ୍ତ ପାଣ୍ଠି ଦାବି କରିନଥିଲେ ।

- ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶାବଳୀରେ ବର୍ଣ୍ଣିତ ସଚେତନତା ଅଭିଯାନ ଆରମ୍ଭ କରାଯାଇନଥିଲା । ଭିଡିସି ଏବଂ ଏସଏଚ୍‌ଜିର ମାସିକ ବୈଠକରେ ଏହି ଯୋଜନା ବିଷୟରେ ଆଲୋଚନା ହୋଇନଥିଲା । ଗତ ପାଞ୍ଚ ବର୍ଷ (2019-24) ମଧ୍ୟରେ ଅନେକ ପିଭିଟିଜି ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ ହୋଇନଥିଲା ଏବଂ ସେହି ଗ୍ରାମଗୁଡିକରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସମ୍ପୃକ୍ତ ସିଆରପି ଅବହେଳା ପ୍ରଦର୍ଶନ କରିଥିଲେ ।
- ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ଅଧିକାଂଶ ଏମ୍‌ପିଏଙ୍କ ପାଖରେ ସେମାନଙ୍କ ନିୟନ୍ତ୍ରଣରେ ଥିବା ଗ୍ରାମଗୁଡ଼ିକରେ ହେଉଥିବା ବାଲ୍ୟ ବିବାହ ସମ୍ବନ୍ଧରେ କୌଣସି ତଥ୍ୟ/ ସୂଚନା ନଥିଲା, ଯଦିଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧିକ ସଂଖ୍ୟକ ବାଲ୍ୟ ବିବାହ ଦେଖିବାକୁ ମିଳିଥିଲା । ଏନ୍‌ଏଫ୍‌ଏଚଏସ୍-4 (2015-16) ଅନୁଯାୟୀ ମାଲକାନଗିରିରେ ସର୍ବାଧିକ 39.30 ପ୍ରତିଶତ, ନବରଙ୍ଗପୁରରେ 37.90 ପ୍ରତିଶତ, ମୟୁରଭଞ୍ଜରେ 35 ପ୍ରତିଶତ, କୋରାପୁଟରେ 34.70 ଓ ରାୟଗଡ଼ାରେ 34.40 ପ୍ରତିଶତ ବାଲ୍ୟ ବିବାହ ମାମଲା ଚିହ୍ନଟ ହୋଇଥିଲା । 17ଟି ଏମ୍‌ପିଏ ମଧ୍ୟରୁ ମାତ୍ର ପାଞ୍ଚଟି[26] ଏମ୍‌ପିଏ 2019-24 ବର୍ଷରେ ବାଲ୍ୟ ବିବାହର ସବିଶେଷ ତଥ୍ୟ (133 ମାମଲା) ଦେଇପାରିଲେ ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ 18 ବର୍ଷ ବୟସ ପୂର୍ବରୁ ଝିଅମାନଙ୍କୁ ବିବାହ ନ କରିବାକୁ ପିଭିଟିଜି ସମ୍ପ୍ରଦାୟକୁ ପରାମର୍ଶ ଦେବା ଏବଂ ଉତ୍ସାହିତ କରିବା ପାଇଁ ବିଭିନ୍ନ ସ୍ତରରେ ସକ୍ରିୟ ପଦକ୍ଷେପ ନିଆଯାଉଛି । ଏହି ଉତ୍ତର ଗ୍ରହଣଯୋଗ୍ୟ ନଥିଲା କାରଣ ଏମ୍‌ପିଏମାନେ ଉପରୋକ୍ତ ଆଲୋଚନା ଅନୁଯାୟୀ କାର୍ଯ୍ୟକ୍ରମକୁ ପ୍ରକୃତ ଭାବରେ କାର୍ଯ୍ୟକାରୀ କରୁନଥିଲେ ।

***ସୁପାରିଶ 1.2:***

***ବିଳମ୍ବିତ ବିବାହର ଲାଭ ଏବଂ ଏଥିରେ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ବିଷୟରେ ପିଭିଟିଜି ଯୁବକଯୁବତୀମାନଙ୍କ ମଧ୍ୟରେ ସଚେତନତା ଅଭିଯାନକୁ ବୃଦ୍ଧି କରିବା ପାଇଁ ଏସ୍‌ଏସ୍‌ଡି ବିଭାଗ ଏହାର କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସକ୍ରିୟ ପଦକ୍ଷେପ ନେବା ଉଚିତ୍ ।***

## 1.9 ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ଜୀବିକାର ଉନ୍ନତି

ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଏବଂ ଜୀବିକା ସୁଯୋଗ ସୃଷ୍ଟି କରିବା ଲାଗି ଓପିଲିପିରେ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ, ଯୋଜନାରେ କୃଷି, ଜମି ଆବଣ୍ଟନ, ଜଳସେଚନ ପ୍ରଣାଳୀ, କୁକୁଡ଼ା ପାଳନ, ଛେଳି ପାଳନ, କ୍ଷୁଦ୍ର ଉଦ୍ୟୋଗର ବିକାଶ ଇତ୍ୟାଦି ଉପାଦାନ ଅନ୍ତର୍ଭୁକ୍ତ ଅଟେ । ଅଡିଟ୍ ଏହି ଉପାଦାନଗୁଡ଼ିକର ସମ୍ପାଦନକୁ ବିଶ୍ଳେଷଣ କରିଥିଲା ଏବଂ ଏହାର ପର୍ଯ୍ୟବେକ୍ଷଣ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା ।

### *1.9.1 ଭୂମି ଓ ଜଳ ସମ୍ପଦ ବିକାଶ*

#### *1.9.1.1 ପିଭିଟିଜି ପରିବାରକୁ ଜମି ଆବଣ୍ଟନ*

ସମ୍ପୃକ୍ତ ସରକାରୀ ଆଇନ୍ ଏବଂ ଜଙ୍ଗଲ ଅଧିକାର ଅଧିନିୟମ (ଏଫ୍‌ଆର୍‌ଏ) ଅଧିନରେ ବ୍ୟକ୍ତିଗତ ଅଧିକାରର ସମାଧାନ ଅନୁଯାୟୀ ଭୂମିହୀନମାନଙ୍କୁ ବାସଗୃହ ଏବଂ କୃଷି ପାଇଁ ଯୋଗ୍ୟ ରାଜସ୍ୱ ଜମି ଚିହ୍ନଟ ଏବଂ ନ୍ୟସ୍ତ କରିବା

[26] (i) ବିଡିଏ, ମୁଦୁଲିପଡ଼ା (9); (ii) ପିବିଡିଏ, ଖୁଣ୍ଟାଗାଁ, (21); (iii) କେକେଡିଏ, ବେଲଘର (29); (iv) ଡିକେଡିଏ , ପାର୍ସାଲି (23), (v) ଏଲ୍‌ଏସ୍‌ଡିଏ , ପୁଟାସିଂ (51)

ଓପିଲିପି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ସ୍ୱାମୀ ଏବଂ ସ୍ତ୍ରୀଙ୍କ ମିଳିତ ନାମରେ ଜମି ପଟ୍ଟା ପ୍ରଦାନ କରାଯିବା ଆବଶ୍ୟକ ଥିଲା ।

ପିଏମ୍ୟୁର ରେକର୍ଡରୁ ଅଡିଟ୍ ଦେଖିଲା ଯେ 17ଟି ଏମ୍‌ପିଏ ଅଧିନରେ ଥିବା 1,679 ଗ୍ରାମର[27] 64,214 ପରିବାର ମଧ୍ୟରୁ ପିଏମ୍ୟୁ ପାଖରେ ମାର୍ଚ୍ଚ 2024 ସୁଦ୍ଧା 10,005 ପରିବାରର ଜମି ମାଲିକାନା ବିଷୟରେ ତଥ୍ୟ ନଥିଲା । ତଥ୍ୟ ଉପଲବ୍ଧ ଥିବା 54,209 ପରିବାର ମଧ୍ୟରୁ 40,829 ପରିବାର (75 ପ୍ରତିଶତ)ଙ୍କର ଘର/ ଚାଷ ଜମି ଉପରେ ମାଲିକାନା ଥିଲା ଏବଂ ଅବଶିଷ୍ଟ 13,380 ପରିବାର (25 ପ୍ରତିଶତ)ଙ୍କର କୌଣସି ମାଲିକାନା ନଥିଲା ।

ଜଙ୍ଗଲ ଅଧିକାର ଆଇନ୍ (ଏଫ୍‌ଆରଏ), 2006 ଅନୁଯାୟୀ ଭୂମିହୀନମାନଙ୍କୁ ବାସଗୃହ ଏବଂ ଚାଷ ପାଇଁ ଯୋଗ୍ୟ ରାଜସ୍ୱ ଜମି ଚିହ୍ନଟ ଓ ଆବଣ୍ଟନ ଏବଂ ବ୍ୟକ୍ତିଗତ ବନ ଅଧିକାରର ବନ୍ଦୋବସ୍ତ ପାଇଁ, ଓପିଲିପି ଯୋଜନା କରିଥିଲା । ଏହି ପରିପ୍ରେକ୍ଷୀରେ, ଏସ୍‌ଏଲ୍‌ପିଏସ୍‌ସି (ଅଗଷ୍ଟ 2018) ସମସ୍ତ ଭୂମିହୀନ ପିଭିଟିଜି ପରିବାରକୁ ଜମି ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଥିଲା । ତଦନୁଯାୟୀ, ଓପିଲିପିର କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ସେପ୍ଟେମ୍ବର 2018) ସମସ୍ତ ଜିଲ୍ଲାପାଳଙ୍କୁ ମାର୍ଚ୍ଚ 2019 ସୁଦ୍ଧା ଜମି ଆବଣ୍ଟନ ପ୍ରକ୍ରିୟା ଶେଷ କରିବା ପାଇଁ ସୂଚିତ କରିଥିଲେ ।

ଚାରୋଟି ଏମ୍‌ପିଏରେ (ମୋରଡା, ଯଶୀପୁର, ରୁଗୁଡାକୁଦର, ଗୋନାସିକା) ଜମି ଆବଣ୍ଟନ ପାଇଁ 1,551 ପରିବାର ଚିହ୍ନଟ ହୋଇଥିବାର ଅଡିଟ୍ ଲକ୍ଷ୍ୟ କରିଥିଲା । ଏଥିମଧ୍ୟରୁ କେବଳ 1,005 ପରିବାରକୁ ଜମି ଆବଣ୍ଟନ କରାଯାଇଥିଲା । ଅବଶିଷ୍ଟ 546 ପରିବାରକୁ ଉପଯୁକ୍ତ ଜମି ଚିହ୍ନଟ ନହେବା ଏବଂ ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍)ରେ ସଂଶୋଧନ ପରି ଜମି ଆବଣ୍ଟନ ପ୍ରକ୍ରିୟାରେ ବିଳମ୍ବ ହେତୁ ଏହା ଆବଣ୍ଟନ କରାଯାଇପାରି ନଥିଲା ।

ଜିଲ୍ଲାସ୍ତରୀୟ କମିଟି[28] (ଡିଏଲ୍‌ସି)ର ସଦସ୍ୟ ସଂଯୋଜକ ଭାବେ ସ୍ୱତନ୍ତ୍ର ଅଧିକାରୀମାନେ ଜମି ଆବଣ୍ଟନ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସହ ପାକ୍ଷିକ ସମୀକ୍ଷା କରିବାର ଥିଲା । ତେବେ, ଡିଏଲ୍‌ସି ଗଠନ ସମ୍ବନ୍ଧୀୟ ରେକର୍ଡ ଏବଂ ଅନୁଷ୍ଠିତ ବୈଠକର ବିବରଣୀ ଅଡିଟ୍‌କୁ ପ୍ରଦାନ କରାଯାଇନଥିଲା । ତେଣୁ ସମସ୍ତ ପିଭିଟିଜି ପରିବାର ପାଇଁ ଜମି ଆବଣ୍ଟନର ତଦାରଖ ପାଇଁ ଏମ୍‌ପିଏମାନେ ଡିଏଲ୍‌ସିର ବୈଠକ ଡକାଇଥିଲେ କି ନାହିଁ ତାହା ସନ୍ଦେହଜନକ ଥିଲା । ଫଳସ୍ୱରୂପ, ମାର୍ଚ୍ଚ 2024 ସୁଦ୍ଧା 25 ପ୍ରତିଶତ ପିଭିଟିଜି ପରିବାର ଭୂମିହୀନ ହୋଇ ରହିଥିଲେ ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ଜମି ଆବଣ୍ଟନ ଏକ ନିରନ୍ତର ପ୍ରକ୍ରିୟା ଏବଂ ଜିଲ୍ଲା ପ୍ରଶାସନ ଏଫ୍‌ଆରଏ ଅଧିନରେ ଜମି ଆବଣ୍ଟନ କାର୍ଯ୍ୟକଳାପ ହାତକୁ ନେଇଛି । ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଓପିଲିପି-2 ସମୟରେ ବାଦ ପଡ଼ିଥିବା ମାମଲାଗୁଡ଼ିକର ବିଚାର କରାଯିବ, ଯାହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି ।

### *1.9.1.2 ଜମି ବିକାଶ କାର୍ଯ୍ୟକଳାପ*

ଭୂମି ବିକାଶରେ ମୃତ୍ତିକା କ୍ଷୟ ବିରୋଧୀ ପଦକ୍ଷେପ, ବର୍ଷା ଜଳର ସଂରକ୍ଷଣ, କୂଅ ଏବଂ ଝରଣାରେ ଜଳର ସାମଗ୍ରିକ ଉପଲବ୍ଧତା ବୃଦ୍ଧି, ଫସଲର ଘନତା ବୃଦ୍ଧି ଏବଂ କୃଷିକୁ ଉତ୍ପାଦନକ୍ଷମ ଏବଂ ସ୍ଥାୟୀ କରିବା ଭଳି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ।

17ଟି ଏମ୍‌ପିଏରୁ 10ଟି[29] ଏମ୍‌ପିଏ 2019-24 ମଧ୍ୟରେ, ଜମିର ବିକାଶ ସମ୍ବନ୍ଧୀୟ ଲକ୍ଷ୍ୟ ଏବଂ ଉପଲବ୍ଧିର ତଥ୍ୟ ପ୍ରଦାନ କରିଥିଲେ । ଏଡବ୍ଲ୍ୟୁପିବିରେ 5,213 ହେକ୍ଟର ଜମିର ବିକାଶ ଲକ୍ଷ୍ୟ ତୁଳନାରେ, ମାର୍ଚ୍ଚ 2024 ସୁଦ୍ଧା

---

27 ପୂର୍ବରୁ ବିଜ୍ଞାପିତ ପିଭିଟିଜି ଗ୍ରାମ: 541 ଏବଂ ବିଏଲ୍‌ଏସ୍-2018: ଅନୁଯାୟୀ ବିଜ୍ଞାପିତ ଅତିରିକ୍ତ ଗ୍ରାମ 1,138

28 ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ ଓ ତହସିଲଦାର ସଦସ୍ୟ ରହିବେ

29 (i) ଏଲ୍‌ଡିଏ, ମୋରଡ଼ା; (ii) ଏଚ୍‌କେଏମ୍‌ଡିଏ, ଯଶିପୁର; (iii) ପିବିଡିଏ, ରୁଗୁଡାକୁଦର; (iv) ପିବିଡିଏ, ଜାମର୍ଡିହି; (v) ଜେଡିଏ, ଗୋନାସିକା; (vi) ଡିଡିଏ, କୁଦୁମୁଲୁଗୁମ୍ମା; (vii) ଏଲ୍‌ଏସ୍‌ଡିଏ, ସେରାଙ୍ଗୋ; (viii) ଏଲ୍‌ଏସ୍‌ଡିଏ, ପୁଟାସିଂ; (ix) କେକେଡିଏ, ବେଲଘର; (x) ଡିକେଡିଏ, ଚାଟିକୋଣା

2,866 ହେକ୍ଟର ଜମିର ବିକାଶ (55 ପ୍ରତିଶତ) ହାସଲ କରାଯାଇଥିଲା । ତିନୋଟି ଏମ୍‌ପିଏଙ୍କ (ଏଚ୍‌କେଏମ୍‌ଡିଏ, ଯଶୀପୁର, ପିବିଡିଏ, ଜାମରଡିହି ଏବଂ ଡିଡିଏ, କୁଡୁମୁଲୁଗୁମା) ପ୍ରଦର୍ଶନ ନିମ୍ନ ରହିଥିଲା, କାରଣ ସେମାନଙ୍କର ଜମି ବିକାଶ କାର୍ଯ୍ୟକଳାପ ଅନୁମୋଦିତ ଲକ୍ଷ୍ୟର 40 ପ୍ରତିଶତରୁ କମ୍ ଥିଲା । ଆର୍ଥିକ ପ୍ରଦର୍ଶନ ସମ୍ବନ୍ଧରେ ଏହି ଏମ୍‌ପିଏମାନେ 0.98 କୋଟି ଟଙ୍କା ବ୍ୟବହାର କରିଥିଲେ, ଯାହା 2019-24 ରେ 3.50 କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥାର ମାତ୍ର 28 ପ୍ରତିଶତ ଥିଲା ।

ଏହିପରି, ଏଡବ୍ଲ୍ୟୁପିବି ଗୁଡ଼ିକରେ ସ୍ଥିର କରାଯାଇଥିବା ଲକ୍ଷ୍ୟ ତୁଳନାରେ ଏମ୍‌ପିଏ ଗୁଡ଼ିକର ପ୍ରଦର୍ଶନ ପ୍ରତିକୂଳ ଥିଲା ।

### 1.9.1.3 ଜଳସେଚନ ପ୍ରକଳ୍ପଗୁଡ଼ିକରେ ସ୍ଥାୟୀତ୍ୱର ଅଭାବ

ଉନ୍ନତ ଫସଲ ଉତ୍ପାଦନ, ପନିପରିବା ଚାଷ, ଶୀତକାଳୀନ ଫସଲ ଚାଷ, ଅନିୟମିତ ମୌସୁମୀରୁ ଧାନ ଫସଲକୁ ସୁରକ୍ଷା ପ୍ରଦାନ, ଇତ୍ୟାଦିକୁ ସହଯୋଗ କରିବା ପାଇଁ ଓପିଲିପି ଅଧୀନରେ ଜଳ ସମ୍ପଦ ବିକାଶ ଉପାଦାନର ଏକ ଅଂଶ ଅଟେ। ଜଳସେଚନର ସୁବିଧା ପାଇଁ, ଏମ୍‌ପିଏଗୁଡିକ ବିଭିନ୍ନ ଯୋଜନା ଅଧୀନରେ ଉଠା/ପମ୍ପ୍ ଜଳସେଚନ, ବର୍ଷା ଜଳ ସଂରକ୍ଷଣ, ସୌର ଆଧାରିତ ଜଳସେଚନ ଆଦିର ସୁବିଧା ପାଇଁ ବ୍ୟବସ୍ଥା କରିଥିଲେ ।

2019-24 ମଧ୍ୟରେ ଏମ୍‌ପିଏଗୁଡିକ 31.51 କୋଟି ଟଙ୍କା ବ୍ୟୟରେ 644ଟି ଜଳସେଚନ ପ୍ରକଳ୍ପ ସୃଷ୍ଟି କରିଥିଲେ । ଏଥିମଧ୍ୟରୁ 3.91 କୋଟି ଟଙ୍କା ବ୍ୟୟର 83ଟି ଜଳସେଚନ ପ୍ରକଳ୍ପ ତିନି ରୁ 36 ମାସ ପର୍ଯ୍ୟନ୍ତ ଅଚଳ ଥିଲା ବୋଲି ଏମ୍‌ପିଏମାନେ ରିପୋର୍ଟ କରିଥିଲେ । ଦୁର୍ବୃତ୍ତଙ୍କ ଦ୍ୱାରା ହୋଇଥିବା କ୍ଷୟକ୍ଷତି, ସୌର ପ୍ୟାନେଲ ଚୋରି, ଶୁଖିଲା ଉତ୍ସ, ଜଳମଗ୍ନ ମୋଟର କାମ ନ କରିବା ଇତ୍ୟାଦି ଏହାର କାରଣ ବୋଲି ଏମ୍‌ପିଏଗୁଡିକ ଦର୍ଶାଇଥିଲେ ।

ଅଡିଟ୍ ସଂପୃକ୍ତ ଏମ୍‌ପିଏଗୁଡିକର ପ୍ରତିନିଧିଙ୍କ ଉପସ୍ଥିତିରେ 644ଟି ପ୍ରକଳ୍ପ ମଧ୍ୟରୁ 40ଟି ପ୍ରକଳ୍ପର ମିଳିତ ସରଜମିନ ତଦନ୍ତ (ଜେପିଆଇ)/ଯୁଗ୍ମ ପରିଦର୍ଶନ କରିଥିଲା । ଏମ୍‌ପିଏଙ୍କ ରିପୋର୍ଟ ଅନୁଯାୟୀ ଏଥିରେ 17ଟି ଅଚଳ ଏବଂ 23ଟି କାର୍ଯ୍ୟକ୍ଷମ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଜେପିଆଇ ସମୟରେ , ଏହା ଜଣା ପଡିଲା ଯେ 17ଟି ଅଚଳ ପ୍ରକଳ୍ପ ନିଷ୍କ୍ରିୟ ହୋଇ ପଡିଥିଲା ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏମ୍‌ପିଏ କିମ୍ବା ଭିଡିସି ଦ୍ୱାରା କୌଣସି ପଦକ୍ଷେପ ନିଆଯାଇନଥିଲା । ଅଧିକନ୍ତୁ, ରିପୋର୍ଟ କରାଯାଇଥିବା 23ଟି କାର୍ଯ୍ୟକ୍ଷମ ଥିବା ପ୍ରକଳ୍ପ ମଧ୍ୟରୁ 6ଟି ଅଚଳ ଥିବାର ଜଣାପଡିଥିଲା । ଅଚଳ ପାଣି ପମ୍ପ, ନଷ୍ଟ ହୋଇଯାଇଥିବା ପାଇପ୍/ପାଣି ଟାଙ୍କି ଓ ଶୁଖିଲା ଜଳ ଉତ୍ସ ଆଦି କାରଣରୁ ଏହି ପ୍ରକଳ୍ପଗୁଡିକ ଅଚଳ ରହିଥିଲା । ଯଦିଓ, ଏହି ପ୍ରକଳ୍ପଗୁଡିକ ଏକ ବର୍ଷରୁ ଅଧିକ ସମୟ ଧରି ଅଚଳ ରହିଥିଲା, ତଥାପି ଏମ୍‌ପିଏ ଏବଂ ସଂପୃକ୍ତ ଭିଡିସିମାନେ ଏହାକୁ ଅଚଳ ବୋଲି ରିପୋର୍ଟ କରିନଥିଲେ କିମ୍ବା ଏହି ପ୍ରକଳ୍ପଗୁଡିକର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ଏହାଦ୍ୱାରା ଏମ୍‌ପିଏମାନଙ୍କ ଦ୍ୱାରା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ସ୍ଥିତି ବିଷୟରେ ବାସ୍ତବତାରୁ ଅଧିକ ରିପୋର୍ଟ କରାଯାଇଥିଲା ।

ଅଡିଟ୍ ଅବଲୋକନ କଲା ଯେ ଜଳସେଚନ ପ୍ରକଳ୍ପର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ କୌଣସି ପାଣ୍ଠିର ବ୍ୟବସ୍ଥା ନଥିଲା । ଭିଡିଏ/ଭିଡିସି ଗଠନ ଏବଂ ପରିଚାଳନା ପାଇଁ ପରିଚାଳନାଗତ ମାର୍ଗଦର୍ଶିକା ଅନୁଯାୟୀ ସମ୍ପୃକ୍ତ ଭଡିସି/ ଉପଭୋକ୍ତା ଗୋଷ୍ଠୀ ହିତାଧିକାରୀଙ୍କ ଠାରୁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରି ଜଳସେଚନ ପ୍ରକଳ୍ପକୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବେ । ବାସ୍ତବରେ, ସମ୍ପୃକ୍ତ ଭିଡିସି/ ଉପଭୋକ୍ତା ଗୋଷ୍ଠୀ, ଉପଭୋକ୍ତା ଶୁଳ୍କ ଆଦାୟ କରିନଥିଲେ କିମ୍ବା ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ କରିନଥିଲେ, ଯେଉଁଥିପାଇଁ ପ୍ରକଳ୍ପଗୁଡ଼ିକ ଅଚଳ ହୋଇ ରହିଥିଲା । ଏହିପରି, ଗରିବ ପିଭିଟିଜି ମାନଙ୍କଠାରୁ ଉପଭୋକ୍ତା ଶୁଳ୍କ ସଂଗ୍ରହ ମାଧ୍ୟମରେ ଜଳସେଚନ ପ୍ରକଳ୍ପର ମରାମତି ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରଣୀୟ ନଥିଲା, ଯେଉଁଥିପାଇଁ ପ୍ରକଳ୍ପଗୁଡ଼ିକ ସ୍ଥାୟୀ ଭାବରେ ଚାଲିପାରିଲା ନାହିଁ ।ଏହା ପିଭିଟିଜି ଚାଷୀଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା । ଗୋଟିଏ ଉଦାହରଣ ନିମ୍ନରେ ଆଲୋଚନା କରାଯାଇଛି:

ଯେହେତୁ ପିଭିଟିଜି ସମ୍ପ୍ରଦାୟଗୁଡ଼ିକ ଜୀବିକା ପାଇଁ ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି, ଜଳସେଚନ ପ୍ରକଳ୍ପର ବିଫଳତା ସେମାନଙ୍କ ଦ୍ୱାରା କରାଯାଉଥିବା କୃଷି କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଥିଲା, ଯାହା ଫସଲ ଉତ୍ପାଦନ ହ୍ରାସ କରିଥିଲା ଏବଂ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଥିଲା । ଉଦାହରଣ ସ୍ୱରୂପ ଏସ୍‌ଡିଏ, ଚନ୍ଦ୍ରଗିରି ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଚାଷୀମାନେ ଦୁଇ ଏକର ଜମିରେ ବନ୍ଧାକୋବି, ଫୁଲକୋବି, ବାଇଗଣ, ବିନ୍ସ ଇତ୍ୟାଦି ଚାଷ କରିଥିଲେ । ଜଳସେଚନ ପାଇଁ ଏକ ସୌର ଶକ୍ତି ପ୍ରକଳ୍ପ ସେପ୍ଟେମ୍ବର 2022 ରେ ଛଅ ଲକ୍ଷ ଟଙ୍କା ବ୍ୟୟରେ ସଂପୂର୍ଣ୍ଣ କରାଯାଇଥିଲା । ତେବେ, ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଅକ୍ଟୋବର 2024 ରେ ଜଳସେଚନ ପ୍ରକଳ୍ପଟି ଅଚଳ ହୋଇଯାଇଥିଲା । ନଭେମ୍ବର 2024 ରେ ଅଡିଟ୍ (ଏମ୍‌ପିଏ ଅଧିକାରୀଙ୍କ ସହିତ) ଦ୍ୱାରା କରାଯାଇଥିବା ଜେପିଆଇ ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଚାଷ କରାଯାଇଥିବା ଫସଲ ନଷ୍ଟ ହୋଇଛି, ଯାହା ଚିତ୍ର 1.1 ଏବଂ 1.2 ରୁ ସୁସ୍ପଷ୍ଟ । ଏହା ବ୍ୟତୀତ ଚାଷୀମାନେ କହିଥିଲେ ଯେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ନକରିବାରୁ ସେମାନେ ନିକଟସ୍ଥ ଜଳ ଉତ୍ସରୁ ହାତରେ ଜଳ ବୋହି ନେଇଥିଲେ ।



*ଚିତ୍ର 1.1: ଜଗନ୍ନାଥପୁରରେ ଅଚଳ ସୌର ଭିତ୍ତିକ ଜଳସେଚନ ପ୍ରକଳ୍ପ (27 ନଭେମ୍ବର 2024)*



*ଚିତ୍ର 1.2: ଜଗନ୍ନାଥପୁର ଗ୍ରାମରେ ଜଳ ଅଭାବରୁ ଆଂଶିକ ଚାଷ ଏବଂ ଆଂଶିକ କ୍ଷତିଗ୍ରସ୍ତ ଫସଲ କ୍ଷେତ (27 ନଭେମ୍ବର 2024)*

ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଅଚଳ ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରି ନଥିଲା । ଫଳସ୍ୱରୂପ ଜଳ ଅଭାବ ଦେଖାଯାଇ କୃଷି ଉତ୍ପାଦକତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ।

ଗରିବ ପିଭିଟିଜି ସମ୍ପ୍ରଦାୟରୁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରିବା ଏକ ଆହ୍ୱାନପୂର୍ଣ୍ଣ ପ୍ରସଙ୍ଗ ବୋଲି ସ୍ୱୀକାର କରି ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ କେତେକ ଉପଭୋକ୍ତା ଗୋଷ୍ଠୀ ଜଳସେଚନ ପ୍ରକଳ୍ପର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରି ଖର୍ଚ୍ଚ କରିଥିଲେ । ଏଥିରେ ଆହୁରି ମଧ୍ୟ କୁହାଯାଇଥିଲା ଯେ ବର୍ତ୍ତମାନ ସମସ୍ତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି । ସମସ୍ତ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ବନ୍ଧରେ ଉତ୍ତର ବିଶ୍ୱାସଯୋଗ୍ୟ ନଥିଲା, କାରଣ ମିଳିତ ସରଜମିନ ତଦନ୍ତ (ଜେପିଆଇ) ସମୟରେ 40 ଟି ପ୍ରକଳ୍ପ ମଧ୍ୟରୁ 23 ଟି ଅଚଳ ଥିବା ଜଣାପଡ଼ିଥିଲା ।

***ସୁପାରିଶ 1.3:***

***ରାଜ୍ୟ ସରକାର ଲକ୍ଷ୍ୟଭୁକ୍ତ ପିଭିଟିଜି ଜନସଂଖ୍ୟାକୁ ଉଦ୍ଦିଷ୍ଟ ଲାଭ ପ୍ରଦାନ କରିବା ପାଇଁ ଜଳସେଚନ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିବାକୁ ବିଚାର କରିପାରନ୍ତି ।***

### 1.9.2 ମହିଳା ଏବଂ ଶିଶୁମାନଙ୍କ ପାଇଁ ଖାଦ୍ୟ ଏବଂ ପୋଷଣର ସୁରକ୍ଷା

ପିଭିଟିଜି ସମ୍ପ୍ରଦାୟର ମହିଳା ଏବଂ ଶିଶୁମାନଙ୍କର ପୋଷଣର ମାନରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଓଡ଼ିଶା ପିଭିଟିଜି ପୋଷଣ ଉନ୍ନତି କାର୍ଯ୍ୟକ୍ରମ (ଓପିଏନ୍‌ଆଇପି) ଆରମ୍ଭ କରିଥିଲେ (ଜୁନ୍ 2020) । ପିଏମ୍‌ୟୁ 2021-24 ମଧ୍ୟରେ ଓପିଏନ୍‌ଆଇପିର କାର୍ଯ୍ୟାନ୍ୱୟନ ପାଇଁ ଏମ୍‌ପିଏଗୁଡ଼ିକୁ 18.46 କୋଟି ଟଙ୍କା ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ, ସମସ୍ତ 17ଟି ଏମ୍‌ପିଏରେ 116ଟି ମାତୃ ଶିଶୁ ପୋଷଣ କେନ୍ଦ୍ର (ଏନ୍‌ଏସ୍‌ପିକେ) ତଥା କ୍ରେଚ୍/ ପୋଷଣ ସମ୍ବଳ କେନ୍ଦ୍ର (ଏନ୍‌ଆରସି) ପ୍ରତିଷ୍ଠା କରାଯାଇଥିଲା, ଯାହା କାର୍ଯ୍ୟରତ

ପିଭିଟିଜିର ପିତାମାତାଙ୍କ ପିଲାମାନଙ୍କ ପାଇଁ ନିରାପଦ ସ୍ୱଚ୍ଛ ଓ ପରିମଳ ସ୍ଥାନ ଯୋଗାଇଥିଲା ଏବଂ ପିଲାମାନଙ୍କୁ ତିନୋଟି ପୁଷ୍ଟିକର ଭୋଜନ ଏବଂ ପିଭିଟିଜି ସମ୍ପ୍ରଦାୟର ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ ଗରମ ରନ୍ଧା ଖାଦ୍ୟ ପ୍ରଦାନ କରିଥିଲା ।

ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ପିଏମ୍ୟୁ 17 ଜଣ ପୋଷଣ ସଂଯୋଜକ (ଏନ୍‌ସି) ଏବଂ 78 ଗ୍ରାମ ପଞ୍ଚାୟତ ପୋଷଣ ସହାୟକଙ୍କୁ (ଜିପିଏନ୍‌ଏ) ନିୟୋଜିତ କରିଥିଲା ।

ଅଡିଟ୍ ଦେଖିଲା ଯେ ପିଏମ୍ୟୁ ଦ୍ୱାରା ଆବଣ୍ଟିତ 18.46 କୋଟି ଟଙ୍କା ମଧ୍ୟରୁ 15.79 କୋଟି ଟଙ୍କା (ମାର୍ଚ୍ଚ 2024 ସୁଦ୍ଧା) ବ୍ୟବହୃତ ହୋଇଛି ଏବଂ ଅବଶିଷ୍ଟ 2.67 କୋଟି ଟଙ୍କା ଏମ୍‌ପିଏଙ୍କ ପାଖରେ ପଡ଼ିଛି । ପିଏମ୍ୟୁ ଏବଂ ଏମ୍‌ପିଏରେ ରେକର୍ଡଗୁଡ଼ିକର ଯାଞ୍ଚ ପରେ, ଅଡିଟ୍ ନିମ୍ନଲିଖିତ ଅବଲୋକନ କରିଥିଲା:

- 116ଟି ଏନ୍‌ଆର୍‌ସି ମଧ୍ୟରୁ କେବଳ 61ଟି କାର୍ଯ୍ୟକ୍ଷମ ଥିଲା । ଅବଶିଷ୍ଟ 55ଟି ଏନ୍‌ଆର୍‌ସି ମାର୍ଚ୍ଚ 2024 ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିଲା । ଏପରିକି ନୂତନ କୋଠା ନିର୍ମାଣ, ଆବଶ୍ୟକ ସାମଗ୍ରୀ[30] କ୍ରୟ ଏବଂ ମାନବ ସମ୍ବଳ ନିୟୋଜନର ତିନି ବର୍ଷ ପରେ ମଧ୍ୟ 3.59 କୋଟି ଟଙ୍କା ବ୍ୟୟରେ ନିର୍ମିତ 55ଟି ଏନ୍‌ଆର୍‌ସି କାର୍ଯ୍ୟକ୍ଷମ ନହେବାର କାରଣ ଏନ୍‌ଆର୍‌ସିର ପରିଚାଳନା ଖର୍ଚ୍ଚ ତୁଲାଇବା ପାଇଁ ବିଭାଗ କୌଣସି ବ୍ୟବସ୍ଥା ନକରିବା ଥିଲା । ଏହା ଏସ୍‌ଏସ୍‌ଡି ବିଭାଗର ଦୁର୍ବଳ ଯୋଜନାକୁ ସୂଚିତ କରେ । ଫଳସ୍ୱରୂପ, ଏହି ଅଞ୍ଚଳର 8,517 ଶିଶୁ (6 ମାସରୁ 3 ବର୍ଷ) ଏବଂ 5,972 ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ପୋଷଣ ସମ୍ବନ୍ଧୀୟ ଲାଭ ପାଇପାରିଲେ ନାହିଁ । ଆହୁରି ମଧ୍ୟ, ଏନ୍‌ଆର୍‌ସିଗୁଡ଼ିକ କାର୍ଯ୍ୟ ନକରିବାରୁ ଏନ୍‌ଆର୍‌ସି ଏବଂ ଜିପିଏନ୍‌ଏର ସେବା କମ୍ ବ୍ୟବହୃତ ବା ମୋଟେ ବ୍ୟବହୃତ ହୋଇପାରି ନଥିଲା ।
- ଏମ୍‌ପିଏ ଗୁଡ଼ିକରେ ଯେଉଁ ଯୋଗ୍ୟ ମହିଳା/ ପିଲାମାନେ ନାମାଙ୍କିତ ହୋଇଥିଲେ କିମ୍ବା କାର୍ଯ୍ୟକ୍ରମର ଲାଭ ପାଉଥିଲେ, ସେମାନଙ୍କର ସୂଚନା / ତଥ୍ୟ ପିଏମ୍ୟୁ ପାଖରେ ନଥିଲା । ଏହା ବ୍ୟତୀତ, ଯୋଜନାର ପ୍ରଭାବକୁ ଆକଳନ କରିବା ପାଇଁ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସ୍ଥିତିରେ ସୁଧାର ସମ୍ବନ୍ଧୀୟ ତଥ୍ୟାବଳୀ ଯଥା, ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର), ଶିଶୁ ଏବଂ ମହିଳାଙ୍କ ରକ୍ତହୀନତା, ଡ଼ାକ୍ତରଖାନାରେ ପ୍ରସବ ଆଦି ପ୍ରମୁଖ ସୂଚକାଙ୍କ ଇତ୍ୟାଦି ପିଏମ୍ୟୁ/ଏମ୍‌ପିଏ ନିକଟରେ ଉପଲବ୍ଧ ନଥିଲା ।

  ପବ୍ଲିକ୍ ହେଲ୍‌ଥ ରିସୋର୍ସ ସୋସାଇଟି (ପିଏଚ୍‌ଆର୍‌ଏସ୍)[31] ଏପ୍ରିଲ୍ 2021 ରୁ ଫେବୃଆରୀ 2024 ମଧ୍ୟରେ 61ଟି କ୍ରେଚ୍‌ରେ ନାମ ଲେଖାଇଥିବା 1,841 ପିଲାଙ୍କ ପାଇଁ ଗୁରୁତର ପୋଷଣ ଅଭାବରେ ଥିବା ଶିଶୁ[32]/(ଏସ୍‌ଏଏମ୍)[33], ବୟସ ଅନୁଯାୟୀ ଉଚ୍ଚତା, ବୟସ ଅନୁଯାୟୀ ଓଜନ, ଇତ୍ୟାଦି ସୂଚକାଙ୍କ ଉପରେ ବିଶ୍ଳେଷଣ କରିଥିଲା । କିନ୍ତୁ, ଏହି ବିଶ୍ଳେଷଣର ଫଳାଫଳ ଉତ୍ସାହଜନକ ନଥିଲା । ନିମ୍ନ **ସାରଣୀ 1.5** ରେ ଏହା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 1.5: ପିଏଚ୍‌ଆର୍‌ଏସ୍, 2024 ଦ୍ୱାରା ସ୍ୱାସ୍ଥ୍ୟ ସୂଚକାଙ୍କ ବିଶ୍ଳେଷଣ***

| ସ୍ୱାସ୍ଥ୍ୟ ସୂଚକାଙ୍କ | ସର୍ଭେ ଫଳାଫଳ |
|---|---|
| **ଗୁରୁତର ପୁଷ୍ଟିହୀନତା ଗ୍ରସ୍ତ ଶିଶୁ** | ହାରାହାରି 15 ମାସ ପାଇଁ କ୍ରେଚରେ ନାମ ଲେଖାଇଥିବା 110 ଜଣ ଗୁରୁତର ପୁଷ୍ଟିହୀନତା ଗ୍ରସ୍ତ ଶିଶୁଙ୍କ ମଧ୍ୟରୁ ମାତ୍ର 46 (42 ପ୍ରତିଶତ) ଜଣ ସାଧାରଣ ବର୍ଗକୁ[34] (ମାର୍ଚ୍ଚ 2024) ସ୍ଥାନାନ୍ତରିତ ହୋଇଥିଲେ । |
| **ବୟସ ତୁଳନାରେ ଉଚ୍ଚତା** | କ୍ରେଚରେ ଅତି କମରେ ଚାରି ମାସ ବିତାଇଥିବା 1,204 ପିଲାଙ୍କ ମଧ୍ୟରୁ, ଗୁରୁତର ପୁଷ୍ଟିହୀନ ହୋଇଥିବା ପିଲାଙ୍କ ସଂଖ୍ୟା ଏପ୍ରିଲ 2021 ରେ 23.70 |

[30] ପିଲାମାନଙ୍କ ପାଇଁ ଖେଳନା, ଏଲ୍‌ଇଡି ଟିଭି, ଇନଭର୍ଟର ଏବଂ ସୋଲାର୍ ସିଷ୍ଟମ୍

[31] ପିଲାମାନଙ୍କର ପୋଷଣ ସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ନିୟୋଜିତ ଏକ ସୋସାଇଟି

[32] ଗୁରୁତର ଷ୍ଟଣ୍ଟ/ ନଷ୍ଟ ହୋଇଥିବା ପିଲାଙ୍କର ଅର୍ଥ ହେଉଛି 'ଗୁରୁତର ପୁଷ୍ଟିହୀନ ପିଲା'

[33] ଗୁରୁତର ତୀବ୍ର ପୁଷ୍ଟିହୀନତା

[34] ବୟସ ଅନୁଯାୟୀ ଉପଯୁକ୍ତ ଓଜନ ଏବଂ ଉଚ୍ଚତା ସହିତ

| **ସ୍ୱାସ୍ଥ୍ୟ ସୂଚକାଙ୍କ** | **ସର୍ଭେ ଫଳାଫଳ** |
|---|---|
| | ପ୍ରତିଶତରୁ ଫେବୃଆରୀ 2024 ରେ 24.30 ପ୍ରତିଶତକୁ ବୃଦ୍ଧି ପାଇଥିଲା । |
| **ବୟସ ତୁଳନାରେ ଓଜନ** | ଚାରି ମାସ କିମ୍ବା ତା'ଠାରୁ ଅଧିକ ସମୟ ଧରି କ୍ରେଚରେ ନାମ ଲେଖାଇଥିବା 628 ଜଣ ସାଧାରଣ ପିଲାଙ୍କ ମଧ୍ୟରୁ କେବଳ 493 ଜଣ ସାଧାରଣ ବର୍ଗରେ ରହିପାରିଥିଲେ ଏବଂ ଅନ୍ୟମାନେ ମଧ୍ୟମ ଏବଂ ଗୁରୁତର କମ୍ ଓଜନର ଶିଶୁବର୍ଗଙ୍କୁ ସ୍ଥାନାନ୍ତରିତ ହୋଇଥିଲେ ।<br>ମଧ୍ୟମ ବର୍ଗର 558 ପିଲାଙ୍କ ମଧ୍ୟରୁ କେବଳ 122 (22 ପ୍ରତିଶତ) ପିଲା ସାଧାରଣ ବର୍ଗକୁ ଯାଇଥିବା ବେଳେ 55 (10 ପ୍ରତିଶତ) ପିଲା ଗୁରୁତର ନିମ୍ନ ଓଜନ ବର୍ଗକୁ ଯାଇଥିଲେ ।<br>267 ଜଣ ଅତ୍ୟଧିକ କମ୍ ଓଜନ ଥିବା ପିଲାଙ୍କ ମଧ୍ୟରୁ କେବଳ 110 (41 ପ୍ରତିଶତ) ମଧ୍ୟମ ଏବଂ ସାଧାରଣ ବର୍ଗକୁ ଯାଇଥିଲେ ଏବଂ ଅବଶିଷ୍ଟ 157 (59 ପ୍ରତିଶତ) ଗୁରୁତର କମ୍ ଓଜନ ବର୍ଗରେ ରହିଥିଲେ । |

***(ଉତ୍ସ: ପିଏଚ୍ଆର୍ଏସ୍‌ର ରିପୋର୍ଟ, 2024)***

ଦୀର୍ଘ ସମୟ ଧରି ନୂତନ ଏନ୍‌ଆର୍‌ସି କାର୍ଯ୍ୟକାରୀ ନହେବା ବିଭାଗ ଏବଂ ପିଏମ୍‌ୟୁ ଦ୍ୱାରା ଅପର୍ଯ୍ୟାପ୍ତ ଯୋଜନାକୁ ସଙ୍କେତ ଦେଇଛି । ଯୋଜନାର କାର୍ଯ୍ୟକାରିତା ପାଇଁ ଏମ୍‌ପିଏ ସ୍ତରରେ ସ୍ୱାସ୍ଥ୍ୟ ସୂଚକାଙ୍କଗୁଡ଼ିକର ଉପଯୁକ୍ତ ଅନୁଧ୍ୟାନ ଏବଂ ପର୍ଯ୍ୟାୟକ୍ରମେ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ, ଏନ୍‌ଆର୍‌ସି ଚଳାଇବା ପାଇଁ ପାଣ୍ଠି ଯୋଗାଇବା ଏକ ସମସ୍ୟା ନୁହେଁ, କିନ୍ତୁ ଏଥିପାଇଁ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗର ଅନୁମୋଦନ ଆବଶ୍ୟକ । ତେବେ, ଓପିଲିପି-II ର କାର୍ଯ୍ୟାନ୍ୱୟନ ସମୟରେ ଏନ୍‌ଆର୍‌ସିକୁ କାର୍ଯ୍ୟକ୍ଷମ କରିବାକୁ ବିଭାଗ ନିଶ୍ଚିତ କରିଛି ।

### 1.9.3 ଜୀବିକା ବିବିଧକରଣ

#### *1.9.3.1 ଘରୋଇ ଫସଲ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପୋଷଣ ସହାୟତା*

ପିଭିଟିଜିମାନଙ୍କୁ ପୋଷଣ ସହାୟତା ଯୋଗାଇବା ଲକ୍ଷ୍ୟରେ, ଏସ୍‌ଏସ୍‌ଡି ବିଭାଗ ଓପିଲିପି ଅଧୀନରେ ଘରୋଇ ଫସଲ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା (ଏପ୍ରିଲ୍ 2022)। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ପରିବାରକୁ ଆମ୍ବ, ସପେଟା, ପିଜୁଳି ଭଳି ବିଭିନ୍ନ ପ୍ରକାରର ଚାରା ସହିତ ଖତ, ବାଡ଼ ତିଆରି ସାମଗ୍ରୀ ଇତ୍ୟାଦି ଯୋଗାଇ ଦିଆଯିବାର ଥିଲା । ପୁନଶ୍ଚ ଗୋଷ୍ଠୀ ସେବା ପ୍ରଦାନକାରୀ (କୃଷି/ଉଦ୍ୟାନ କୃଷି) / ସିଆର୍‌ପି/ ଗ୍ରାମ୍ୟ କୃଷି କର୍ମୀ (ଭିଏଡବ୍ଲ୍ୟୁ)ଙ୍କ ଦ୍ୱାରା ଉପଯୁକ୍ତ ତଦାରଖ ମାଧ୍ୟମରେ ଏମ୍‌ପିଏ/ ଏଫ୍‌ଏନ୍‌ଜିଓମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ସଫଳତା ସୁନିଶ୍ଚିତ କରିବା ଆବଶ୍ୟକ ଥିଲା ।

**ଅଗଷ୍ଟ-ଡିସେମ୍ବର 2024 ମଧ୍ୟରେ 25 ଟି ସ୍ଥାନର ମିଳିତ ସରଜମିନ ତଦନ୍ତ ଏବଂ ହିତାଧିକାରୀଙ୍କ ସହ ଆଲୋଚନା ସମୟରେ, 2022-23 ମଧ୍ୟରେ ଲଗାଯାଇଥିବା 434 ଟି ଗଛ ମଧ୍ୟରୁ କେବଳ 91 (21 ପ୍ରତିଶତ) ଜୀବିତ ଥିବା ଦେଖିବାକୁ ମିଳିଛି । ଛଅ ଜଣ ହିତାଧିକାରୀଙ୍କ କ୍ଷେତ୍ରରେ, କୌଣସି ଗଛ ବଞ୍ଚି ନଥିବା ପରିଲକ୍ଷିତ ହୋଇଥିଲା ।**

ସମ୍ବନ୍ଧିତ ରେକର୍ଡର ପରୀକ୍ଷଣ ପରେ, ଅଡିଟ୍ ଜାଣିବାକୁ ପାଇଲା ଯେ 2022-23 ରେ 17ଟି ଏମ୍‌ପିଏ ଅଧୀନରେ 10,113[35] ହିତାଧିକାରୀଙ୍କୁ 5.70 କୋଟି ଟଙ୍କା ମୂଲ୍ୟର 10,113 ଘରୋଇ ଫସଲ କିଟ୍ ଯୋଗାଇ ଦିଆଯାଇଥିଲା । ଏମ୍‌ପିଏମାନଙ୍କ ଦ୍ୱାରା ପ୍ରସ୍ତୁତ ବଞ୍ଚିବା ସ୍ଥିତି ରିପୋର୍ଟ (ଜୁଲାଇ 2023) ରୁ ଜଣାପଡ଼ିଛି ଯେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଥିବା 1,65,659 ଚାରା ମଧ୍ୟରୁ 84,324ଟି (50.90 ପ୍ରତିଶତ) ବଞ୍ଚି ନଥିଲା । ପିବିଡିଏ, ଜାମରଡିହି କ୍ଷେତ୍ରରେ ବଞ୍ଚିବା ହାର ମାତ୍ର 21 ପ୍ରତିଶତ ଥିବାର ଲକ୍ଷ୍ୟ

[35] ନିୟମିତ କିଟ୍ ପିଛା 6,000 ଟଙ୍କା (3.88 କୋଟି ଟଙ୍କା) ରେ 6,477 କିଟ୍; ମିନି: କିଟ୍ ପିଛା 5,000 ଟଙ୍କା ଦରରେ 3,636 କିଟ୍ (1.82 କୋଟି ଟଙ୍କା)

କରାଯାଇଥିଲା । କେକେଡିଏ, ଲାଞ୍ଜିଗଡ଼ରେ 36 ପ୍ରତିଶତ ଚାରା ବଞ୍ଚିଥିଲା । ଆହୁରି ମଧ୍ୟ, ଆଠଟି[36] ଏମ୍‌ପିଏରେ ଚାରାଗୁଡ଼ିକର ବଞ୍ଚିବାର ସ୍ଥିତି 50 ପ୍ରତିଶତରୁ କମ୍ ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଘରୋଇ ଫସଲ କିଟ୍ ବଣ୍ଟନ ପୂର୍ବରୁ ଆବଶ୍ୟକତା ଆଧାରିତ ବିଶ୍ଳେଷଣ କରାଯାଇ ନଥିଲା । ଏମ୍‌ପିଏମାନଙ୍କ ଦ୍ୱାରା ଏହି ଫସଲ ରୋପଣ ଏବଂ ପରବର୍ତ୍ତୀ ରକ୍ଷଣାବେକ୍ଷଣରେ ହିତାଧିକାରୀମାନଙ୍କ ଆଗ୍ରହର ମଧ୍ୟ ଆକଳନ କରାଯାଇ ନଥିଲା । ସିଏସ୍‌ପି/ ସିଆର୍‌ପି/ଭିଏଡବ୍ଲ୍ୟୁ ଭଳି ଗୋଷ୍ଠୀ ବ୍ୟକ୍ତିବିଶେଷଙ୍କ ସହ ଏମ୍‌ପିଏମାନେ ମଧ୍ୟ ହିତାଧିକାରୀଙ୍କ ଦ୍ୱାରା ରୋପିତ ଚାରା ଉପରେ ନଜର ରଖିନଥିଲେ । ତେଣୁ, ତୃଣମୂଳ ସ୍ତରରେ ଯଥୋଚିତ ଯୋଜନାର ଅଭାବ ରହିଥିଲା ଓ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିନଥିଲା । ତେଣୁ, 5.70 କୋଟି ଟଙ୍କାର ବ୍ୟୟ ବହୁଳ ଭାବରେ ଫଳପ୍ରଦ ହୋଇନଥିଲା ।

ଗ୍ରୀଷ୍ମ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଜଳ ଯୋଗାଣର ଅଭାବ ଯୋଗୁଁ ଚାରାଗୁଡ଼ିକ ବଞ୍ଚିନଥିବା ଦର୍ଶାଇ ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଥିବା ଲୁପ୍ତ ଗଛଗୁଡ଼ିକ ଜାଗାରେ ପୁନଃ ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯାଇଛି । ହିତାଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏହି ସମସ୍ତ କାରଣକୁ ବିଚାର କରାଯିବା ଆବଶ୍ୟକ ଥିବାରୁ ବିଭାଗର ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା ।

### *1.9.3.2 ନିଷ୍ଫଳ ଆଦର୍ଶ ନର୍ସରୀ*

ଏସ୍‌ଏସ୍‌ଡି ବିଭାଗ ଅଧୀନରେ ଓପିଏଲ୍‌ଆଇପି ଦ୍ୱାରା ଏଡବ୍ଲ୍ୟୁପିବି 2019-20 ଏବଂ 2020-21 ରେ ପ୍ରତ୍ୟେକ ନର୍ସରୀ ପାଇଁ 10 ଲକ୍ଷ ଟଙ୍କା ଆକଳନ ସହିତ ଆଦର୍ଶ ନର୍ସରୀ ପ୍ରତିଷ୍ଠା ପାଇଁ ଏକ ବ୍ୟବସ୍ଥା କରାଯାଇଥିଲା ।

ଅଡିଟ୍ ଦେଖିଲା ଯେ 2019-20 ଏବଂ 2020-21 ଆର୍ଥିକ ବର୍ଷରେ ଏଡବ୍ଲ୍ୟୁପିବିଗୁଡ଼ିକରେ 24ଟି ଆଦର୍ଶ ନର୍ସରୀ ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଥିଲା । ଏହା ବିପକ୍ଷରେ, ମାର୍ଚ୍ଚ 2024 ସୁଦ୍ଧା 13 ଟି ଏମ୍‌ପିଏରେ[37] 19ଟି ନର୍ସରୀ (2020-23) ପ୍ରତିଷ୍ଠା କରାଯାଇଥିଲା, ଯେଉଁଥିରୁ 10ଟି କାର୍ଯ୍ୟକ୍ଷମ ଏବଂ ନଅଟି କାର୍ଯ୍ୟକ୍ଷମ ନଥିବା ରିପୋର୍ଟ କରାଯାଇଥିଲା ।

32.11 ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଚାରିଟି[38] ଏମ୍‌ପିଏ ଅଧୀନରେ ଥିବା ଚାରିଟି ଆଦର୍ଶ ନର୍ସରୀ ରେକର୍ଡର ଅଡିଟ୍ ପରୀକ୍ଷଣ କରିଥିଲା ଏବଂ ଏମ୍‌ପିଏ ପ୍ରତିନିଧିଙ୍କ ସହ (ଅଗଷ୍ଟରୁ ଡିସେମ୍ବର 2024) ମିଳିତ ସରଜମିନ ତଦନ୍ତ ମଧ୍ୟ କରିଥିଲା । ମିଳିତ ସରଜମିନ ତଦନ୍ତ ସମୟରେ ଏହା ଦେଖାଗଲା ଯେ ସମସ୍ତ ନର୍ସରୀ ଅଚଳ/ କ୍ଷତିଗ୍ରସ୍ତ ଅବସ୍ଥାରେ ଅଛି, ଯାହା ***ଚିତ୍ର 1.3*** ରୁ ***1.6*** ରୁ ଦେଖାଯାଇପାରେ ଏବଂ **ସାରଣୀ 1.6** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 1.6: ଜେପିଆଇ ସମୟରେ ଅଚଳ ଥିବା ମଡେଲ ନର୍ସରୀଗୁଡ଼ିକର ବିବରଣୀ***

| କ୍ର.ସଂ. | ଏମ୍‌ପିଏ | ସମାପ୍ତି ତାରିଖ | ଖର୍ଚ୍ଚ (ଟଙ୍କା ଲକ୍ଷରେ) | ଅଚଳ ହେବା ଠାରୁ ତାରିଖ | କାରଣ |
|---|---|---|---|---|---|
| 1 | ଏସ୍‌ଡିଏ, ଚନ୍ଦ୍ରଗିରି | ମାର୍ଚ୍ଚ 2021 | 9.70 | ଅଗଷ୍ଟ 2022 | ପରିଚାଳନା ପାଇଁ ଅର୍ଥର ଅଭାବ |
| 2 | ଟିଡିଏ, ତୁମ୍ବା | ମାର୍ଚ୍ଚ 2022 | 8.73 | ମାର୍ଚ୍ଚ 2022 | ନର୍ସରୀକୁ ବିଦ୍ୟୁତ୍ ଯୋଗାଣର ଅଭାବ |
| 3 | ପିବିଡିଏ, ଖୁଣ୍ଟାଗାଁ | ମାର୍ଚ୍ଚ 2021 | 6.29 | ଅଗଷ୍ଟ 2022 | ବିଦ୍ୟୁତ୍‌ର ଅଭାବ |
| 4 | ଜେଡିଏ, ଗୋନାସିକା | ମାର୍ଚ୍ଚ 2020 | 7.39 | 2022-23 | କାରଣଗୁଡ଼ିକ ରେକର୍ଡରେ ନାହିଁ |

***(ଉତ୍ସ: ଏମ୍‌ପିଏର ରେକର୍ଡ)***

[36] (i) ଜେଡିଏ, ଗୋନାସିକା; (ii) ଡିକେଡିଏ, ପାର୍ସାଲି; (iii) ଏଲ୍‌ଏସ୍‌ଡିଏ, ପୁଟାସିଂ; (iv) ଡିକେଡିଏ, ଚାଟିକୋଣା; (v) ଡିଡିଏ, କୁଡୁମୁଲୁଗୁମ୍ମା; (vi) ଏଚ୍‌କେଏମ୍‌ଡିଏ, ଯଶିପୁର; (vii) ବିଡିଏ, ମୁଦୁଲିପଡ଼ା; (viii) ପିବିଡିଏ, ରୁଗୁଡାକୁଦର

[37] ବିଡିଏ, ମୁଦୁଲିପଡ଼ା, ଏଲଏସ୍‌ଡିଏ, ସେରାଙ୍ଗୋ, ଡିଡିଏ, କୁଡୁମୁଲୁଗୁମ୍ମା ଏବଂ ସିବିଡିଏ, ସୁନାବେଡ଼ା ବ୍ୟତୀତ

[38] ଜେଡିଏ, ଗୋନାସିକା, ଏସ୍‌ଡିଏ, ଚନ୍ଦ୍ରଗିରି, ପିବିଡିଏ, ଖୁଣ୍ଟାଗାଁ, ଟିଡିଏ, ତୁମ୍ବା

ନର୍ସରୀଗୁଡ଼ିକ ଅନାବଶ୍ୟକ ଘାସ ଏବଂ ବୁଦାରେ ପରିପୂର୍ଣ୍ଣ ଏବଂ କ୍ଷତିଗ୍ରସ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା । ମଡେଲ ନର୍ସରୀ ପରିଚାଳନା ପାଇଁ ଦାୟୀ ଭିଡିସି/ ଏସ୍ଏଚ୍ଜି ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଷ କରାଯାଇଥିବା ଚାରା, ବିକ୍ରି ହୋଇଥିବା ଚାରା ଏବଂ ଅର୍ଜିତ ଲାଭ ପାଇଁ କୌଣସି ରେକର୍ଡ/ ରେଜିଷ୍ଟର ରଖିନଥିଲେ । ଏପରି ରେକର୍ଡର ଅନୁପସ୍ଥିତିରେ, ନର୍ସରୀ ବ୍ୟବହାର କରି ଚାରାର ପ୍ରକୃତ ବୃଦ୍ଧି ଅଡିଟ୍‌ରେ ପ୍ରମାଣିତ ହୋଇପାରିନଥିଲା ।




*ଚିତ୍ର 1.3: କେଡିଏ, ଗୋନାସିକାରେ ମଡେଲ ନର୍ସରୀ କ୍ଷତିଗ୍ରସ୍ତ ଅବସ୍ଥାରେ ପଡ଼ିରହିଛି ( 9 ଡିସେମ୍ବର 2024)*



*ଚିତ୍ର 1.4: ଏସ୍‌ଡିଏ, ଚନ୍ଦ୍ରଗିରି ଅଧିନରେ ମଡେଲ ନର୍ସରୀ (22 ନଭେମ୍ବର 2024)*



*ଚିତ୍ର 1.5: କ୍ଷତିଗ୍ରସ୍ତ ଅବସ୍ଥାରେ ପିବିଡିଏ, ଖୁଣ୍ଟାଗାଁର ମଡେଲ ନର୍ସରୀ (20 ଅଗଷ୍ଟ 2024)*



*ଚିତ୍ର 1.6: ଟିଡିଏ, ତୁମ୍ବାରେ ମଡେଲ ନର୍ସରୀ ଅନାବଶ୍ୟକ ଘାସ ଏବଂ ବୁଦାରେ ପରିପୂର୍ଣ୍ଣ (5 ସେପ୍ଟେମ୍ବର 2024)*

ତେଣୁ, କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଆବଶ୍ୟକତା ଭିତ୍ତିକ ନଥିଲା ଏବଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ସମ୍ପୃକ୍ତ ଏମ୍‌ପିଏ ଏବଂ ପିଏମ୍‌ୟୁ ଦ୍ୱାରା ଉପଯୁକ୍ତ ତଦାରଖର ଅଭାବ ଥିଲା । କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନର୍ସରୀଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଜେଏଓ/ଏଓ ଏବଂ ଜେଇଙ୍କ ସମେତ ଏମ୍‌ପିଏ ଅଧିକାରୀଙ୍କ ଦ୍ୱାରା ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନର ଅଭାବ ଥିବା ଜଣାପଡ଼ିଛି । ଫଳସ୍ୱରୂପ, ଏମ୍‌ପିଏ ଅଞ୍ଚଳରେ ଚାରା ଚାଷ/ ଗଛଗୁଡ଼ିକୁ ଦୃଢ଼ କରିବା ଉଦ୍ଦେଶ୍ୟ ହାସଲ ହୋଇପାରିଲା ନାହିଁ ଏବଂ ଏହି ନର୍ସରୀ ପ୍ରତିଷ୍ଠା ପାଇଁ ହୋଇଥିବା ଖର୍ଚ୍ଚ ବହୁଳ ଭାବରେ ବ୍ୟର୍ଥ ହୋଇଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ମଡେଲ ନର୍ସରୀଗୁଡ଼ିକ ପ୍ରାରମ୍ଭରେ କାର୍ଯ୍ୟକ୍ଷମ ଥିଲା, କିନ୍ତୁ ବାରମ୍ବାର ବାତ୍ୟା ହେତୁ କ୍ଷତିଗ୍ରସ୍ତ ହୋଇଥିଲା । ବିଭାଗ ଆହୁରି ମଧ୍ୟ କହିଛି ଯେ ସମୟ ସମୟରେ ପ୍ରତିକୂଳ ଜଳବାୟୁ ଅବସ୍ଥା ହେତୁ ମରାମତି ଏବଂ ରକ୍ଷଣାବେକ୍ଷଣ ହୋଇପାରିଲା ନାହିଁ । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ବ୍ୟବହାରକାରୀ ଏଜେନ୍ସି/ଏମ୍‌ପିଏ ଦ୍ୱାରା ନର୍ସରୀଗୁଡ଼ିକର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

### *1.9.3.3 କୁକୁଡ଼ା ପାଳନ*

ପୋଷଣ ଆଧାରିତ ଜୀବିକା କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରୁ ଘରୋଇ ଭାବରେ କୁକୁଡ଼ା ପାଳନ ଅନ୍ୟତମ । ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ, ପୁଷ୍ଟିହୀନତା ଦୂରୀକରଣ ଏବଂ

ପିଭିଟିଜି ଅଞ୍ଚଳରେ କ୍ଷୁଦ୍ର/ ନାମମାତ୍ର କୃଷକମାନଙ୍କ ପାଇଁ ଅତିରିକ୍ତ ଆୟ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଟେ । ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ (ଏଫ୍ଏଆର୍ଡି), ଓଡ଼ିଶା ସରକାର ସହ ମିଳିତ ଭାବରେ ଏମ୍ପିଏମାନେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥିଲେ ।

ରେକର୍ଡ ଏବଂ ଅଡିଟ୍ ପାଇଁ ପ୍ରଦାନ କରାଯାଇଥିବା ତଥ୍ୟକୁ ଯାଞ୍ଚ କରିବା ପରେ ଏହା ଜଣାପଡ଼ିଥିଲା ଯେ 2019-24 ଆର୍ଥିକ ବର୍ଷରେ 15 ଟି ଏମ୍ପିଏଙ୍କ[39] ଦ୍ୱାରା କୁକୁଡ଼ା ପାଳନ କାର୍ଯ୍ୟକ୍ରମରେ 12.76 କୋଟି ଟଙ୍କା ଖର୍ଚ୍ଚ କରାଯାଇ 33,860 ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ଉଭୟ ଏମ୍ପିଏ (7.51 କୋଟି ଟଙ୍କା) ଏବଂ ଏଫ୍ଏଆର୍ଡି (5.25 କୋଟି ଟଙ୍କା)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ମିଳିତ କାର୍ଯ୍ୟକ୍ରମରେ, ଏଫ୍ଏଆର୍ଡି ହିତାଧିକାରୀଙ୍କୁ କୁକୁଡ଼ା ଛୁଆ ଯୋଗାଇଥିଲା ଏବଂ ଏମ୍ପିଏମାନେ ଅଣ୍ଡା ଦେଉଥିବା କୁକୁଡ଼ା, ଲୁହା ପିଞ୍ଜରା ଇତ୍ୟାଦି ଯୋଗାଇଥିଲେ ।

ଜେପିଆଇ ଏବଂ ହିତାଧିକାରୀ ସର୍ବେକ୍ଷଣ (ଅଗଷ୍ଟ-ଡିସେମ୍ବର 2024) ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ 17ଟି ଏମ୍ପିଏ ଅଧିନରେ କୁକୁଡ଼ା ଛୁଆ ଯୋଗାଇ ଦିଆଯାଇଥିବା 124 ହିତାଧିକାରୀଙ୍କ ମଧ୍ୟରୁ 95 ଜଣ ହିତାଧିକାରୀ ରିପୋର୍ଟ କରିଥିଲେ ଯେ ସେମାନଙ୍କୁ ଯୋଗାଇ ଦିଆଯାଇଥିବା କୁକୁଡ଼ା ଛୁଆ ବଞ୍ଚି ନଥିଲେ । ଏହା ବ୍ୟତୀତ ଆଠଟି ହିତାଧିକାରୀ କହିଛନ୍ତି ଯେ 20ଟି ଛୁଆ ମଧ୍ୟରୁ ମାତ୍ର 5ଟି ବଞ୍ଚିପାରିଥିଲେ, 18 ଜଣ ହିତାଧିକାରୀ ସୂଚନା ଦେଇଛନ୍ତି ଯେ 40ଟି ଛୁଆ ମଧ୍ୟରୁ 10 ରୁ 20ଟି ଛୁଆ ବଞ୍ଚିଥିଲେ । ତେଣୁ, କୁକୁଡ଼ା ପାଳନର କାର୍ଯ୍ୟକ୍ରମ ସଫଳ ହୋଇନଥିଲା, କାରଣ କୁକୁଡ଼ାର ବଞ୍ଚିବା ହାର କମ୍ ଥିବାରୁ ପୋଷଣ ସହାୟତା ଏବଂ ଜୀବିକା ସୃଷ୍ଟି କରିବାର ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ । ଆହୁରି ମଧ୍ୟ, ଗ୍ରାମୀଣ ଘରୋଇ ଚାଷ ନିର୍ଦ୍ଦେଶାବଳୀ (ଏଫ୍ଏଆର୍ଡି ବିଭାଗ) ଅନୁଯାୟୀ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ହିତାଧିକାରୀମାନଙ୍କୁ ଦିଆଯାଇଥିବା କୁକୁଡ଼ା ଛୁଆମାନଙ୍କର ଖାଦ୍ୟ ଏବଂ ଜଳଯୋଗାଣ, ପ୍ରଜନନ ଏବଂ ଲାଳନପାଳନ ଇତ୍ୟାଦି ବିଷୟ ଉପରେ ତାଲିମ୍ ସମ୍ବନ୍ଧୀୟ କୌଣସି ରେକର୍ଡ ଏମ୍ପିଏ ସ୍ତରରେ ଉପଲବ୍ଧ ନଥିଲା ।


ଏହା ମଧ୍ୟ ଦେଖାଗଲା ଯେ 2022-24 ବର୍ଷରେ ପିବିଡିଏ, ଜମରଡିହି ଅଧିନରେ 11ଟି ଏସ୍ଏଚ୍ଜିକୁ ସହାୟତା ଯୋଗାଇ ଦେବା ପାଇଁ 1000 ୟୁନିଟ୍ କ୍ଷମତା ବିଶିଷ୍ଟ କୁକୁଡ଼ା ସେଡ୍ ନିର୍ମାଣରେ 23.76 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି 11ଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ନଅଟିକୁ କୁକୁଡ଼ା କିଣିବା ପାଇଁ 5.18 ଲକ୍ଷ ଟଙ୍କା (ପ୍ରତ୍ୟେକ 57,600 ଟଙ୍କା) ଏଫ୍ଏଆର୍ଡି ଅଂଶ ଭାବରେ ପ୍ରଦାନ କରାଯାଇଛି । ଏହା ଦେଖାଯାଇଥିଲା ଯେ ଅଡିଟ୍ ପର୍ଯ୍ୟନ୍ତ (ନଭେମ୍ବର 2024) କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ କୁକୁଡ଼ା କିଣି ନଥିଲେ । ତିନୋଟି ସ୍ଥାନର ଜେପିଆଇରେ, ଏହା ଦେଖାଗଲା ଯେ କୁକୁଡ଼ା ଫାର୍ମ ପାଇଁ ତିଆରି ହୋଇଥିବା ଭିତ୍ତିଭୂମି ଏକ ବର୍ଷରୁ ଅଧିକ ସମୟ ଧରି ନିଷ୍କ୍ରିୟ ରହିଛି (***ଚିତ୍ର 1.7*** ରୁ ***1.9***) ।



***ଚିତ୍ର 1.7: ଦୁଇପାନି ଗ୍ରାମରେ ନିଷ୍କ୍ରିୟ ଭିତ୍ତିଭୂମି (27 ନଭେମ୍ବର 2024)***



***ଚିତ୍ର 1.8: ଜମାରଡିହି ପାଉଡ଼ି ଗ୍ରାମରେ ନିଷ୍କ୍ରିୟ ଭିତ୍ତିଭୂମି (27 ନଭେମ୍ବର 2024)***



***ଚିତ୍ର 1.9: ଟମି ଗ୍ରାମରେ ନିଷ୍କ୍ରିୟ ଭିତ୍ତିଭୂମି (28 ନଭେମ୍ବର 2024)***

ଏହା ସୂଚାଉଛି ଯେ, ଏମ୍ପିଏ/ ଏଫ୍ଏନ୍ଜିଓମାନେ 1,000 ୟୁନିଟ୍ ବିଶିଷ୍ଟ କୁକୁଡ଼ା ପାଳନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏସ୍ଏଚ୍ଜିଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ

[39] ପିବିଡିଏ, ଖୁଣ୍ଟାଗାଁ ଏବଂ ଏଲଏସ୍ଡିଏ, ସେରାଙ୍ଗୋ ବ୍ୟତୀତ, ଯିଏ ଅଡିଟ୍ ପାଇଁ ରେକର୍ଡ/ ତଥ୍ୟ ପ୍ରଦାନ କରିନଥିଲେ

କରିନଥିଲେ । ଅଧିକନ୍ତୁ, ସ୍ୱୟଂ ସହାୟକ ଗୋଷ୍ଠୀକୁ ପାଣ୍ଠି ସ୍ଥାନାନ୍ତର କରିବା ପରେ, ଏମ୍‌ପିଏ/ ଏଫ୍‌ଏନଜିଓ ହିତାଧିକାରୀମାନଙ୍କୁ ଆବଶ୍ୟକ ସହାୟତା ଏବଂ ମାର୍ଗଦର୍ଶନ ପ୍ରଦାନ କରି କୁକୁଡ଼ା ଚାଷ ପାଇଁ ସେମାନଙ୍କର ଉପଯୋଗକୁ ସୁନିଶ୍ଚିତ କରିନଥିଲେ ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ଆର୍ଥିକ କ୍ଷତିକୁ ଏଡ଼ାଇବା ପାଇଁ ଅକାଳ କିମ୍ବା ଅଧିକ ବିପଦପୂର୍ଣ୍ଣ ମୃତ୍ୟୁ ହେତୁ କୁକୁଡ଼ା ଛୁଆ ଯୋଗାଣକୁ ସ୍ଥଗିତ ରଖାଯାଇଥିଲା । 1000-ପକ୍ଷୀ ୟୁନିଟ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ କୁକୁଡ଼ା ଯୋଗାଣ ପାଇଁ ଓପୋଲଫେଡ୍ (ରାଜ୍ୟସ୍ତରୀୟ ସର୍ବୋଚ୍ଚ ସମବାୟ ବିପଣନ ସଂସ୍ଥା) କୁ ଚିଠି ଜାରି କରାଯାଇଛି ।

### *1.9.3.4 ଛେଳି ପାଳନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ*

ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ପିଭିଟିଜି ପରିବାରର ଆର୍ଥିକ ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଛେଳି ପାଳନକୁ ପ୍ରୋତ୍ସାହିତ କରିବା ପାଇଁ ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା, କାରଣ ଏହା ଅଦିବାସୀ ଅଞ୍ଚଳରେ ଏକ ଲାଭଦାୟକ କାର୍ଯ୍ୟକ୍ରମ ଭାବରେ ବିବେଚନା କରାଯାଉଥିଲା । 50 ପ୍ରତିଶତ ସହାୟତା ଏଫ୍‌ଏଆର୍‌ଡିରୁ ଏବଂ ଅବଶିଷ୍ଟ 50 ପ୍ରତିଶତ ଓପିଲିପିରୁ ଆସିବା ସହିତ ଏହି ଯୋଜନାକୁ ମିଳିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାକୁ ସମ୍ପୃକ୍ତ ଏମ୍‌ପିଏ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବାର ଥିଲା । ପ୍ରତ୍ୟେକ ଏସ୍‌ଏଚ୍‌ଜିକୁ 2.30 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ଓପିଲିପି ଏବଂ ଏଫ୍‌ଏଆର୍‌ଡି ଦ୍ୱାରା ସମାନ ଭାବରେ 1.15 ଲକ୍ଷ ଟଙ୍କା ଲେଖାଏଁ ବଣ୍ଟନ କରାଯିବାର ଥିଲା । ପିଭିଟିଜି ମହିଳା ସଦସ୍ୟମାନେ ସେମାନଙ୍କ ଏସ୍‌ଏଚ୍‌ଜି ମାଧ୍ୟମରେ ଛେଳି ପାଳନ ପାଇଁ ସହାୟତା ପାଇବାର ଆବଶ୍ୟକ ଥିଲା ।

ଏହି ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ, ଓପିଲିପ୍ ପାଣ୍ଠି ଅଂଶରେ ଏକ ଗୋଷ୍ଠୀ ଛେଳି ଗୁହାଳ ନିର୍ମାଣ ପାଇଁ 45,000 ଟଙ୍କା ଏବଂ ଛେଳି କିଣିବା ପାଇଁ 70,000 ଟଙ୍କା (10 ମାଈ ଛେଳି ଏବଂ ଗୋଟିଏ ପୁରୁଷ ଛେଳି), ବୀମା ଶୁଳ୍କ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା, ଯେଉଁ ସମୟରେ କି 20ଟି ମାଈ ଛେଳି ଏବଂ ଗୋଟିଏ ପୁରୁଷ ଛେଳି କିଣିବା ପାଇଁ ଏଫ୍‌ଏଆର୍‌ଡି ଅଂଶ 1.15 ଲକ୍ଷ ଟଙ୍କା ଥିଲା ।

ଅଡିଟରୁ ଦେଖାଗଲା ଯେ 2019-24 ଆର୍ଥିକ ବର୍ଷରେ 17ଟି ଏମ୍‌ପିଏ ଛେଳି ପାଳନ କାର୍ଯ୍ୟକ୍ରମ ଅଧିନରେ 566ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଜର ଅଂଶଧନ 6.51 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହାର ଅଂଶ 6.51 କୋଟି ଟଙ୍କା ବଦଳରେ ଏଫ୍‌ଏଆର୍‌ଡି, ଏମ୍‌ପିଏମାନଙ୍କୁ 5.46 କୋଟି ଟଙ୍କା ପ୍ରଦାନ କରିଥିଲା । ଏହିପରି, ଏଫ୍‌ଏଆର୍‌ଡି ଦ୍ୱାରା 1.05 କୋଟି ଟଙ୍କା କମ୍ ପ୍ରଦାନ କରାଯାଇଥିଲା, ଯେଉଁଥିପାଇଁ ସାତଟି[40] ଏମ୍‌ପିଏ ଅଧିନରେ ଥିବା ଏସ୍‌ଏଚ୍‌ଜି ଗୁଡ଼ିକ ଅଧିକ ସହାୟତା ପାଇପାରିଲେ ନାହିଁ । ଏଫ୍‌ଏଆର୍‌ଡି ଦ୍ୱାରା କମ୍ ପାଣ୍ଠି ପ୍ରଦାନର କାରଣ ରେକର୍ଡରେ ନଥିଲା । ଆହୁରି ମଧ 5.46 କୋଟି ଟଙ୍କା ମଧ୍ୟରୁ 1.06 କୋଟି ଟଙ୍କାର ଏଫ୍‌ଏଆର୍‌ଡି ଅଂଶଧନ ପ୍ରାପ୍ତ (2021-24) ତିନୋଟି ଏମ୍‌ପିଏ (ଡିକଡିଏ, ପରସାଲି: 20.70 ଲକ୍ଷ ଟଙ୍କା: କେକେଡିଏ, ବେଲଘର: 20.70 ଲକ୍ଷ ଟଙ୍କା, କେକେଡିଏ, ଲାଞ୍ଜିଗଡ଼: 64.40 ଲକ୍ଷ ଟଙ୍କା), 92 ଟି ଏସ୍‌ଏଚ୍‌ଜିକୁ ପ୍ରଦାନ କରି ନଥିଲେ ଏବଂ ଜାନୁଆରୀ 2025 ସୁଦ୍ଧା ଏହି ରାଶି ଏମ୍‌ପିଏଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଡ଼ିରହିଥିଲା ।

ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ଅଧିନରେ ନିର୍ମିତ ଛେଳି ଗୁହାଳରେ ଛେଳି ରଖିବା ଆବଶ୍ୟକ୍ ଥିଲା । ହିତାଧିକାରୀ ସର୍ବେକ୍ଷଣ ଏବଂ ଏମ୍‌ପିଏ କର୍ମଚାରୀଙ୍କ ସହ ମିଳିତ ସରଜମିନ ତଦନ୍ତ ସମୟରେ, ଅଡିଟ୍ ଜାଣିବାକୁ ପାଇଲା ଯେ ଏସ୍‌ଏଚ୍‌ଜି ସଦସ୍ୟମାନେ ଚୋରି ଭୟରେ ସେମାନଙ୍କର ଛେଳିମାନଙ୍କୁ ଗୋଷ୍ଠୀ ଗୁହାଳରେ ରଖୁନଥିଲେ । ଏହା ପରିବର୍ତ୍ତେ, ସେମାନେ ସେମାନଙ୍କ ଘର ନିକଟରେ ଥିବା ବ୍ୟକ୍ତିଗତ ଗୁହାଳରେ ରଖିଥିଲେ । ଫଳସ୍ୱରୂପ, ଅଧିକାଂଶ ଗୋଷ୍ଠୀ ଛେଳି ଗୁହାଳଗୁଡ଼ିକ ବ୍ୟବହାର ନକରାଯିବାରୁ ନଷ୍ଟ ହୋଇଯାଇଥିଲା କିମ୍ବା ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା । ଜେପିଆଇ ସମୟରେ, 28ଟି ଛେଳି ଗୁହାଳ ମଧ୍ୟରୁ 21ଟି (75 ପ୍ରତିଶତ) ସମ୍ପୂର୍ଣ୍ଣ ନଷ୍ଟ/ ପରିତ୍ୟକ୍ତ ଅବସ୍ଥାରେ ମିଳିଥିଲା (**ଚିତ୍ର 1.10** ରୁ **1.13**) । ସୁରକ୍ଷା କାରଣରୁ ପିଏମ୍‌ୟୁ ମଧ

[40] (i) ଏଚ୍‌କେଏମ୍‌ଡିଏ, ଯଶୀପୁର (31.75 ଲକ୍ଷ ଟଙ୍କା); (ii) ପିବିଡିଏ, ଖୁଣ୍ଟାଗାଁ (21.85 ଲକ୍ଷ ଟଙ୍କା); (iii) ଟିଡିଏ, ତୁମ୍ବା (5.75 ଲକ୍ଷ ଟଙ୍କା); (iv) ଡିକେଡିଏ, ଚାଟିକୋଣା (18.40 ଲକ୍ଷ ଟଙ୍କା);(v) ଡିକଏଡିଏ, ପାର୍ସାଲି (1.15 ଲକ୍ଷ ଟଙ୍କା); (vi) ପିବିଡିଏ, ଜାମର୍ଡିହି (24.15 ଲକ୍ଷ ଟଙ୍କା); (vii) ପିବିଡିଏ, ରୁଗୁଡାକୁଦର (2.30 ଲକ୍ଷ ଟଙ୍କା)

ନିର୍ଦ୍ଦେଶାବଳୀକୁ (ଅକ୍ଟୋବର 2022) ଗୋଷ୍ଠୀ ଛେଳି ଗୁହାଳରୁ ବ୍ୟକ୍ତିଗତ ଗୁହାଳକୁ ପରିବର୍ତ୍ତନ କରିଥିଲା । ତେଣୁ, ଗୋଷ୍ଠୀ ଛେଳୀ ଗୁହାଳର ପରିକଳ୍ପନା ସଠିକ୍ ନଥିଲା ଏବଂ ସ୍ଥାନୀୟ ପିଭିଟିଜି ଗୋଷ୍ଠୀର ପ୍ରକୃତ ଆବଶ୍ୟକତା ଉପରେ ଆଧାରିତ ନଥିଲା । ଏଥିସହ ଗୋଷ୍ଠୀ ଛେଳି ଗୁହାଳ ନିର୍ମାଣ ପାଇଁ 2.55 କୋଟି ଟଙ୍କା[41] (ଆନୁମାନିକ ଭାବରେ) ଖର୍ଚ୍ଚ ମଧ ବହୁଳ ଭାବେ ବ୍ୟର୍ଥ ପ୍ରମାଣିତ ହୋଇଥିଲା ।



***ଚିତ୍ର 1.10: ଏମ୍‌ପିଏ, ରୁଗୁଡାକୁଦରା ଅନ୍ତର୍ଗତ ବୁଢ଼ାଭୁଇଁ ଗ୍ରାମରେ କ୍ଷତିଗ୍ରସ୍ତ ଗୋଷ୍ଠୀ ଛେଳି ଗୁହାଳ (8 ନଭେମ୍ବର 2024)***



***ଚିତ୍ର 1.11: ଗୋନାସିକା ଏମ୍‌ପିଏ ଅନ୍ତର୍ଗତ ତାଲାବାରୁଡ଼ା ଗ୍ରାମରେ ଅବ୍ୟବହୃତ ଗୋଷ୍ଠୀ ଛେଳି ଗୁହାଳ (11 ଡିସେମ୍ବର 2024)***



***ଚିତ୍ର 1.12: ଏମ୍‌ପିଏ, ଖୁଣ୍ଟାଗାଁ ଅନ୍ତର୍ଗତ ବୁଢ଼ାଭୁଇଁ ଗ୍ରାମରେ କ୍ଷତିଗ୍ରସ୍ତ ଛେଳି ଗୁହାଳ (14 ଅଗଷ୍ଟ 2024)***



***ଚିତ୍ର 1.13: ସେରାଙ୍ଗୋର ଏମ୍‌ପିଏ ଅଧୀନରେ ଥିବା ଜଙ୍ଗଟର ଗ୍ରାମରେ ପଡ଼ିରହିଥିବା ଛେଳି ଗୁହାଳ (6 ନଭେମ୍ବର 2024)***

ଅଡିଟ୍ ମଧ, କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ନିମ୍ନଲିଖିତ ତ୍ରୁଟି ଦେଖିଥିଲା:

- ତିନୋଟି ଏମ୍‌ପିଏ (ଖୁଣ୍ଟା ଗାଓଁ, ମୁଦୁଲିପଡ଼ା ଏବଂ ସେରାଙ୍ଗୋ) ଅଧୀନରେ ଯାଞ୍ଚ ହୋଇଥିବା ଆଠଟି[42] ସ୍ୱୟଂ ସହାୟକ ଗୋଷ୍ଠୀରେ ଛେଳିଗୁଡ଼ିକର ମୃତ୍ୟୁ ସଂଖ୍ୟା ଅଧିକ ଥିଲା । ଏହି ଏସ୍‌ଏଚ୍‌ଜିଗୁଡ଼ିକ ଦ୍ୱାରା କିଣାଯାଇଥିବା 178 ଛେଳି ମଧ୍ୟରୁ 111 ଟିର ମୃତ୍ୟୁ ଘଟିଥିଲା ବୋଲି ଏସ୍‌ଏଚ୍‌ଜି ସଦସ୍ୟମାନେ କହିଥିଲେ । ଏମ୍‌ପିଏ କିମ୍ବା ଏସ୍‌ଏଚ୍‌ଜି ମାନେ ଛେଳିଗୁଡ଼ିକର ବୀମା ଏବଂ ଟୀକାକରଣର ତଥ୍ୟ ଦେଇପାରିନଥିଲେ । ଏହା ଦର୍ଶାଉଛି ଯେ ମୋଟ ଆର୍ଥିକ ସହାୟତାରେ ବୀମା ଏବଂ ଟୀକାକରଣର ପାଇଁ ଅଟକଳ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ ଛେଳିଗୁଡ଼ିକର ବୀମା ଏବଂ ଟୀକାକରଣ ହୋଇନଥିଲା ।
  - ✓ ମୁଦୁଲିପଡ଼ା ଏମ୍‌ପିଏ ଅଧୀନରେ ଥିବା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ (ଆଇଟାଙ୍ଗ୍ ଡୋଙ୍ଗର ଏବଂ ବାଲି ଡୋଙ୍ଗର) ଆର୍ଥିକ ସହାୟତା ସମ୍ପୂର୍ଣ୍ଣ ଉପଯୋଗ କରିନଥିଲେ । ଏହି ଏସ୍‌ଏଚ୍‌ଜିଗୁଡ଼ିକ ପ୍ରତ୍ୟେକ 2.30 ଲକ୍ଷ ଟଙ୍କା ସହାୟତା ମଧ୍ୟରୁ 1.15 ଲକ୍ଷ ଟଙ୍କା ବ୍ୟବହାର

---

41 45,000 ଟଙ୍କା X 566( ଏହି କାର୍ଯ୍ୟକ୍ରମ ଅଧୀନରେ ଏସ୍‌ଏଚ୍‌ଜି ସହାୟତା)

42 (i) ମା ଶିବାନୀ ଏସ୍‌ଏଚ୍‌ଜି; (ii) ମା ବନଦେବୀ ଏସ୍‌ଏଚ୍‌ଜି; (iii) ଅଗରବତୀ ଏସ୍‌ଏଚ୍‌ଜି; (iv) ମା ଲକ୍ଷ୍ମୀ ଏସ୍‌ଏଚ୍‌ଜି; (v) ଜ୍ୟୋତି ଏସ୍‌ଏଚ୍‌ଜି; (vi) ଲିଲି ଏସ୍‌ଏଚ୍‌ଜି; (vii) ଆଇତଙ୍ଗ ଡୋଙ୍ଗର ଏସ୍‌ଏଚ୍‌ଜି; (viii) ବାଲି ଡୋଙ୍ଗର ଏସ୍‌ଏଚ୍‌ଜି

କରିଥିଲେ ଏବଂ ଅବଶିଷ୍ଟ ରାଶି (ପ୍ରତ୍ୟେକଙ୍କ 1.15 ଲକ୍ଷ ଟଙ୍କା) ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ରଖିଥିଲେ । ପାଣ୍ଠି ପ୍ରଦାନ ନକରିବାର କାରଣ ରେକର୍ଡରେ ନଥିଲା । ତେଣୁ, ଏହି ଯୋଜନାର ସମ୍ପୂର୍ଣ୍ଣ ଲାଭ ଏସ୍‌ଏଚ୍‌ଜି ସଦସ୍ୟ ଏବଂ ପିଭିଟିଜି ହିତାଧିକାରୀମାନେ ଉଠାଇ ପାରିନଥିଲେ ।

✓ ଏମ୍‌ପିଏ, ଖୁଣ୍ଟାଗାଁ ଅଧିନରେ ଥିବା ମା ବନଦେବୀ ଏସ୍‌ଏଚ୍‌ଜି 2.30 ଲକ୍ଷ ଟଙ୍କା ସହାୟତା ରାଶିରୁ 32 ଟି ଛେଳି ବଦଳରେ 18 ଟି ଛେଳି କିଣିବା ପାଇଁ ମାତ୍ର 1.55 ଲକ୍ଷ ଟଙ୍କା ବ୍ୟବହାର କରିଥିଲେ । ଅବଶିଷ୍ଟ 74,600 ଟଙ୍କା 19 ଜଣଙ୍କୁ ଋଣ ଆକାରରେ ବଣ୍ଟନ କରାଯାଇଥିଲା । ଏହା ଏମ୍‌ପିଏ ଏବଂ ଏଫ୍‌ଏନ୍‌ଜିଓ ଦ୍ୱାରା କାର୍ଯ୍ୟକ୍ରମର ପ୍ରଭାବହୀନ ତଦାରଖକୁ ପ୍ରମାଣିତ କରିଥିଲା ।

ଯଦିଓ ଛେଳି ପାଳନ ଏକ ଲାଭଜନକ କାର୍ଯ୍ୟକ୍ରମ, ଏମ୍‌ପିଏ/ ପିଏମ୍‌ୟୁ ଏବଂ ଏଫ୍‌ଏନ୍‌ଜିଓ ଦ୍ୱାରା ପର୍ଯ୍ୟାପ୍ତ ସମର୍ଥନ ଏବଂ ତଦାରଖର ନ ମିଳିବାରୁ, ଏହା କ୍ଷତିଗ୍ରସ୍ତ ହୋଇଥିଲା । ଉପଯୁକ୍ତ ମନିଟରିଂ ହୋଇଥିଲେ ଗରିବ ପିଭିଟିଜି ମାନଙ୍କର ଆର୍ଥିକ ସଶକ୍ତିକରଣ ଉତ୍ତମ ରୂପେ ଫଳପ୍ରଦ ହୋଇପାରିଥାନ୍ତା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ବ୍ଲକ ସ୍ତରୀୟ ନିରୀକ୍ଷଣ ଦଳ ଦ୍ୱାରା ନିରୀକ୍ଷଣରେ ବିଳମ୍ବ ଏବଂ ଆବଶ୍ୟକ ପ୍ରକ୍ରିୟାର ପ୍ରକ୍ରିୟାକରଣ ନହେବା ହେତୁ ଏଫ୍‌ଏଆର୍‌ଡି ସଂଶଧନ ଜାରି କରିବାରେ ବାଧା ସୃଷ୍ଟି ହୋଇଥିଲା । ଖୁଣ୍ଟାଗାଁ ଏମ୍‌ପିଏରେ ଛେଳିଗୁଡ଼ିକର ଅକାଳ ମୃତ୍ୟୁ ପାଇଁ ଏଫ୍‌ଏନ୍‌ଜିଓର ନିୟୋଜକଙ୍କୁ ପ୍ରତ୍ୟାହାର ଏବଂ ଅନ୍ୟ ଏମ୍‌ପିଏଗୁଡ଼ିକ କ୍ଷେତ୍ରରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ତ୍ରୁଟିଯୁକ୍ତ ରିପୋର୍ଟ ପ୍ରଦାନକୁ ଦାୟୀ କରିଥିଲେ । ଗୋଷ୍ଠୀ ଛେଳି ଗୁହାଳ ନିର୍ମାଣରେ ଅପଚୟ ଖର୍ଚ୍ଚ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନଥିଲା ।

***ସୁପାରିଶ 1.4:***

***ସ୍ଥାନୀୟ ସମ୍ପ୍ରଦାୟର ସମ୍ପୃକ୍ତି ସହିତ ପୋଷଣ ଓ ଜୀବିକା ସହାୟତା ଯୋଜନା ଗୁଡ଼ିକୁ ରୂପରେଖ ପ୍ରଦାନ କରିବା ତଥା ପିଭିଟିଜି ସମୁଦାୟଙ୍କର ସଶକ୍ତିକରଣ ନିମିତ୍ତ ଯଥୋଚିତ ପ୍ରଶିକ୍ଷଣ ସହିତ ନିରନ୍ତର ସହାୟତା ଯୋଗାଇ ଦିଆଯାଇ ପାରେ ।***

### 1.9.4 ସୂକ୍ଷ୍ମ ଉଦ୍ୟୋଗର ବିକାଶ

ଦୁର୍ବଳ ପରିବାରଗୁଡ଼ିକର[43] ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଏସ୍‌ଏସ୍‌ଡି ବିଭାଗ ପକ୍ଷରୁ 'ଆୟକାରୀ କାର୍ଯ୍ୟକ୍ରମ (ଆଇଜିଏ)' ଯୋଜନା ପ୍ରଚଳନ କରାଯାଇଥିଲା । ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା (10,000 ଟଙ୍କାରୁ 30,000 ଟଙ୍କା) ବିଭିନ୍ନ ଆୟ ସୃଷ୍ଟି କାର୍ଯ୍ୟକଳାପ ଯେପରିକି ଦଉଡି ତିଆରି, ତେଜରାତି ଦୋକାନ, କମାର ଶାଳ, ବଢ଼େଇ କାମ, ସ୍ଥାନୀୟ ବ୍ୟବସାୟ, ମରାମତି ଦୋକାନ ଇତ୍ୟାଦି ପାଇଁ ସମ୍ପୃକ୍ତ ଭିଡିସି ମାଧ୍ୟମରେ ହିତାଧିକାରୀକୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା । ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ମୋଟ ପିଭିଟିଜି ହିତାଧିକାରୀଙ୍କ ସଂଖ୍ୟା 90 ପ୍ରତିଶତରୁ ଅଧିକ ହେବା ଉଚିତ ।

#### *1.9.4.1 ଆୟକାରୀ କାର୍ଯ୍ୟକ୍ରମ (ଆଇଜିଏ) ମାଧ୍ୟମରେ ସ୍ୱରୋଜଗାର*

ଏହା ଦେଖାଯାଇଥିଲା ଯେ 2019-24 ବର୍ଷରେ 5,825 ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ 17 ଟି ଏମ୍‌ପିଏ ଆୟକାରୀ କାର୍ଯ୍ୟକ୍ରମ (ଆଇଜିଏ) ଯୋଜନାରେ 13.79 କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏଥିରେ 3,747 ଜଣ ପିଭିଟିଜି ଏବଂ 2,078 ଜଣ ଅଣ-ପିଭିଟିଜି ହିତାଧିକାରୀ ଅନ୍ତର୍ଭୁକ୍ତ । ଅଡିଟ୍ ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପରିଲକ୍ଷିତ ହୋଇଥିଲା:

- ଯୋଜନାର ମାର୍ଗଦର୍ଶୀକା ଅନୁଯାୟୀ ପିଭିଟିଜି ହିତାଧିକାରୀଙ୍କ ସଂଖ୍ୟା 90 ପ୍ରତିଶତରୁ ଅଧିକ ହେବା ଆବଶ୍ୟକ ଥିବା ବେଳେ ଏହି ଯୋଜନାରେ ସହାୟତା ପାଇଥିବା ପିଭିଟିଜି ଲୋକଙ୍କ ସଂଖ୍ୟା ମୋଟ

[43] ଏଥିରେ ପରିବାରର ସମର୍ଥନ ନ ଥିବା ଦରିଦ୍ରରୁ ଦରିଦ୍ରତମ, ଭିନ୍ନକ୍ଷମ, ମହିଳା ନେତୃତ୍ୱାଧିନ ପରିବାର, ପିଭିଟିଜି ସଦସ୍ୟ, ବୃଦ୍ଧ ବ୍ୟକ୍ତି ଇତ୍ୟାଦି ଅନ୍ତର୍ଭୁକ୍ତ

ହିତାଧିକାରୀଙ୍କର ମାତ୍ର 64 ପ୍ରତିଶତ ଥିଲା । ତିନୋଟି ଏମ୍‌ପିଏ[44] କ୍ଷେତ୍ରରେ ଅଣ-ପିଭିଟିଜି ସଦସ୍ୟ (835) ଙ୍କୁ ଦିଆଯାଇଥିବା ସହାୟତା ପିଭିଟିଜି ହିତାଧିକାରୀଙ୍କ (626) ତୁଳନାରେ ଅଧିକ ଥିଲା । ଏମ୍‌ପିଏଗୁଡ଼ିକ ଏହିପରି ଭାବରେ ଯୋଜନାର ନିର୍ଦ୍ଦେଶାବଳୀକୁ ଅଣଦେଖା କରି ଅଣ-ପିଭିଟିଜି ଲୋକଙ୍କୁ ସୁବିଧା ପ୍ରଦାନ କରିଥିଲେ ।

- ଏମ୍‌ପିଏଗୁଡ଼ିକର ରିପୋର୍ଟ ଅନୁଯାୟୀ, 2.38 କୋଟି ଟଙ୍କା ସହାୟତା ପାଇଥିବା 1,362 ହିତାଧିକାରୀ (23 ପ୍ରତିଶତ) ସେମାନଙ୍କର ବ୍ୟବସାୟ/ କାର୍ଯ୍ୟ ବନ୍ଦ କରିଦେଇଥିଲେ । ଏହା ସୂଚାଉଛି ଯେ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟବସାୟ କିମ୍ବା ଆୟକାରୀ କାର୍ଯ୍ୟ ଚଳାଇବା ପାଇଁ ଆବଶ୍ୟକ ସହାୟତା ଏବଂ ମାର୍ଗଦର୍ଶନ ପ୍ରଦାନ କରିବାରେ ଏମ୍‌ପିଏ ଏବଂ ଏଫ୍‌ଏନ୍‌ଜିଓ ଗୁଡ଼ିକ ବିଫଳ ହୋଇଛନ୍ତି।
- ହିତାଧିକାରୀଙ୍କ ଦ୍ୱାରା ହୋଇଥିବା ବ୍ୟବସାୟିକ କାର୍ଯ୍ୟର ଅଗ୍ରଗତି ନିୟମିତ ଭାବରେ ରେକର୍ଡ ହୋଇଛି କି ନାହିଁ, ନିଶ୍ଚିତ କରିବା ପାଇଁ ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀମାନେ, ଏମ୍‌ପିଏ ଏବଂ ଏଫ୍‌ଏନ୍‌ଜିଓର କର୍ମଚାରୀଙ୍କ ସହ ପ୍ରତି ପନ୍ଦର ଦିନରେ ଥରେ ସମୀକ୍ଷା ବୈଠକ କରିବାର ନିୟମ ଥିଲା । କିନ୍ତୁ, ସ୍ୱତନ୍ତ୍ର ଅଧିକାରୀମାନଙ୍କ ଦ୍ୱାରା ଏଭଳି ବୈଠକ ଅନୁଷ୍ଠିତ ହେବାର କୌଣସି ରେକର୍ଡ ନଥିଲା ।

ତେଣୁ, ହିତାଧିକାରୀଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ଆୟକାରୀ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭିତ୍ତିକ ଆଭିମୁଖ୍ୟ ଏବଂ ମଜଭୁତ୍ ଅନୁଧାନ ବ୍ୟବସ୍ଥାର ଅଭାବ ରହିଥିଲା ।

### ସଫଳ ପ୍ରୟାସ

ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ଉପରୋକ୍ତ ଅନିୟମିତତା ସତ୍ତ୍ୱେ କିଛି ହିତାଧିକାରୀ ସେମାନଙ୍କର ବ୍ୟବସାୟ ଚଳାଇବାରେ ସଫଳ ହୋଇଥିଲେ ଏବଂ ସେମାନଙ୍କର ନିୟମିତ ଆୟବୃଦ୍ଧି ହୋଇଥିଲା । ଆଇଜିଏ ହିତାଧିକାରୀଙ୍କ କିଛି ସଫଳ କାହାଣୀ ନିମ୍ନରେ ଆଲୋଚନା କରାଯାଇଛି:

ଗୋନାସିକାର ଜେଡିଏ ଅନ୍ତର୍ଗତ ବାଂଶପାଳ ବ୍ଲକର ତଳଚମ୍ପେଇ ଗ୍ରାମର ସୁରା ଜୁଆଙ୍ଗ 2021-22 ବର୍ଷରେ ଏକ ଚେଜରାତି ଦୋକାନ ଖୋଲିବା ପାଇଁ ଆଇଜିଏ ଯୋଜନା ଅଧିନରେ 22,500 ଟଙ୍କାର ସହାୟତା ପାଇଥିଲେ । ସେ ଦୋକାନଟି ପ୍ରତିଷ୍ଠା କରି ବ୍ୟବସାୟକୁ ସଫଳତାର ସହ ଚଳାଉଥିଲେ । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଦୋକାନରୁ ସେ ମାସକୁ ପ୍ରାୟ 8,000 ରୁ 10,000 ଟଙ୍କା ରୋଜଗାର କରୁଥିଲେ ।



*ଚିତ୍ର 1.14: ସୁରା ଜୁଆଙ୍ଗର ଚେଜରାତି ଦୋକାନ (12 ଡିସେମ୍ବର 2024)*


*ଚିତ୍ର 1.15: ମାଙ୍ଗା ହାନସଦାର ଟିଫିନ୍ କେନ୍ଦ୍ର (20 ସେପ୍ଟେମ୍ବର 2024)*

ଏଚ୍‌କେଏମ୍‌ଡିଏ, ଯଶୀପୁର ଅନ୍ତର୍ଗତ ଦୁର୍ଦ୍ଦୁରା ଗ୍ରାମର ମାଙ୍ଗା ହାଁସଦାକୁ 2021-22 ବର୍ଷରେ ଏକ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ 27,000 ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ସେ ସଫଳତାର ସହ ଟିଫିନ୍ କେନ୍ଦ୍ର ଚଳାଉଥିଲେ ଏବଂ ଜୀବିକା ନିର୍ବାହ ପାଇଁ ମାସକୁ ପ୍ରାୟ 10,000 ଟଙ୍କା ରୋଜଗାର କରୁଥିଲେ ।

[44] (i) ଏଲ୍‌ଡିଏ, ମୋରଡ଼ା; (ii) ଏଚ୍‌କେଏମ୍‌ଡିଏ, ଯଶୀପୁର; (iii) ପିବିଡିଏ, ରୁଗୁଡାକୁଦର;

ପିବିଡିଏ, ଗୁଗୁଡ଼ାକୁଦୁର ଅନ୍ତର୍ଗତ ବାରକୋଟ ବ୍ଲକର ଜାଲିସୁଆଁ ଗ୍ରାମର ସୁକାନ୍ତି ନାୟକ 2020-21 ବର୍ଷରେ 18,000 ଟଙ୍କାର ଆଇଜିଏ ସହାୟତା ପାଇଥିଲେ । ସେ ମାସକୁ ପ୍ରାୟ 15,000 ଟଙ୍କା ରୋଜଗାର କରି ତାଙ୍କର ଟେଲରିଂ କାମକୁ ପ୍ରଭାବଶାଳୀ ଭାବରେ ଚଳାଉଥିବାର ଜଣାପଡ଼ିଥିଲା ।



*ଚିତ୍ର 1.16: ସୁକାନ୍ତି ନାୟକଙ୍କ ଟେଲରିଂ ୟୁନିଟ୍ (08 ନଭେମ୍ବର 2024)*

ଉପରୋକ୍ତ ସଫଳତାର କାହାଣୀ ଦର୍ଶାଉଛି ଯେ, ଆଇଜିଏ ଯୋଜନା ଯଦି ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଏ, ତେବେ ଏହା ପିଭିଟିଜି ମାନଙ୍କର ଜୀବିକାରେ ଯଥେଷ୍ଟ ସୁଧାର ଆଣିପାରିବ ।

ବିଭାଗ, ହିତାଧିକାରୀଙ୍କ ସ୍ଥାନାନ୍ତରଣ ଏବଂ ସେମାନଙ୍କ ପରିବାରର ଜରୁରୀ ଆବଶ୍ୟକତା ପାଇଁ ସହାୟତା ଅର୍ଥର ବ୍ୟବହାରକୁ ବ୍ୟବସାୟ ବନ୍ଦ ପାଇଁ ଦାୟୀ କରିଥିଲେ (ସେପ୍ଟେମ୍ବର 2025) । ଏଥିରେ ଆହୁରି ମଧ କୁହାଯାଇଛି ଯେ ବିଧବା, ପରିତ୍ୟକ୍ତା ଓ ମହିଳା ମୁଖ୍ୟ ଥିବା ପରିବାର ଭଳି ଅନ୍ୟ ଅନୁସୂଚିତ ଜାତି(ଏସ୍‌ସି) ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି) ହିତାଧିକାରୀଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି । ତଥାପି ଅଧିକ ସଂଖ୍ୟକ ଅଣ-ପିଭିଟିଜି ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରିବା ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଟେ, ଯାହା ପିଭିଟିଜି ମାନଙ୍କୁ ଆଇଜିଏ ସୁବିଧାରୁ ବଞ୍ଚିତ କରିଛି ।

### 1.9.4.2 *ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ପ୍ରତିଷ୍ଠା ଏବଂ ପରିଚାଳନା ମାଧ୍ୟମରେ ଆୟକାରୀ କାର୍ଯ୍ୟକ୍ରମ (ଆଇଜିଏ)*

ଭାରତ ସରକାରଙ୍କ ଜନଜାତି ମନ୍ତ୍ରଣାଳୟ (ଏମ୍‌ଓଟିଏ) ପକ୍ଷରୁ ଚାରୋଟି[45] ସ୍ଥାନରେ ସିସିଡ଼ି ଯୋଜନା ଅଧିନରେ ଏମ୍‌ପିଏ ଅଞ୍ଚଳରେ ପରିବେଶ ଅନୁକୁଳ ପର୍ଯ୍ୟଟନର ପ୍ରସାର ପାଇଁ ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ କରିଥିଲେ (2018-19) । ରାଜ୍ୟରେ ପର୍ଯ୍ୟଟନର ବିକାଶ କରିବା ଏବଂ ପିଭିଟିଜି ସମ୍ପ୍ରଦାୟକୁ ଜୀବିକା ନିର୍ବାହର ସୁଯୋଗ ଯୋଗାଇ ଦେବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଥିଲା । ମାର୍ଗଦର୍ଶିକାରେ ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ଗୁଡ଼ିକ ପିଭିଟିଜି ମାନଙ୍କର ଭିଡିସିଙ୍କ ଦ୍ୱାରା ପରିଚାଳିତ ହେବାର ନିୟମ ଥିଲା ।

**ଚାରୋଟି ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ମଧ୍ୟରୁ କୌଣସିଟି ପ୍ରତିଷ୍ଠା ହୋଇପାରିଲା ନାହିଁ, ପାଞ୍ଚ ବର୍ଷ ପାଣ୍ଠି ମଞ୍ଜୁର ହେବା ପରେ ମଧ, ଯାହା ପିଭିଟିଜି ସମ୍ପ୍ରଦାୟକୁ ଆଶା କରାଯାଇଥିବା ଜୀବିକା ସୁଯୋଗରୁ ବଞ୍ଚିତ କରିଥିଲା ।**

ଅଡିଟ୍ ଲକ୍ଷ୍ୟ କଲା ଯେ ଏସ୍‌ଏସ୍‌ଡି ବିଭାଗ ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଙ୍କୁ ଏକ କୋଟି ଟଙ୍କା ହିସାବରେ ଚାରି ଗୋଟି[46] ଏମ୍‌ପିଏକୁ ମୋଟ ଚାରି କୋଟି ଟଙ୍କା ମଞ୍ଜୁର କରିଥିଲେ (ଫେବୃଆରୀ 2019) । ଜଙ୍ଗଲ ଓ ପରିବେଶ ବିଭାଗ ଜରିଆରେ ଏହି କାର୍ଯ୍ୟ ସମ୍ପାଦନ କରିବା ଲାଗି ବିଭାଗ ପକ୍ଷରୁ ନିଷ୍ପତ୍ତି (ଅଗଷ୍ଟ 2020) ନିଆଯାଇଥିଲା । ସେହି ଅନୁଯାୟୀ ଯୋଗାଯୋଗ କରାଯାଇଥିଲେ ହେଁ ସେପ୍ଟେମ୍ବର 2020 ପରେ କୌଣସି ଅଗ୍ରଗତିର ରେକର୍ଡ ମିଳିନଥିଲା । ଅଡିଟରୁ ଜଣାପଡ଼ିଛି ଯେ, ତିନୋଟି ଏମ୍‌ପିଏ (ବେଲଘର, ଚାଟିକୋଣା ଏବଂ ଚନ୍ଦ୍ରଗିରି) ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସ ନିର୍ମାଣ ପାଇଁ ସମ୍ପୃକ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) (ବାଲିଗୁଡ଼ା, ଗୁଣୁପୁର ଏବଂ ପାରଳାଖେମୁଣ୍ଡି) ଙ୍କୁ ପାଣ୍ଠି (2.78 କୋଟି ଟଙ୍କା) ହସ୍ତାନ୍ତର[47] କରିଥିଲେ । ଅବଶିଷ୍ଟ ଗୋଟିଏ

45 (i) ବେଲଘର (କନ୍ଧମାଳ), (ii) ଚାଟିକୋଣା (ରାୟଗଡ଼ା), (iii) ଚନ୍ଦ୍ରଗିରି (ଗଜପତି); (iv) ଯଶୀପୁର (ମୟୂରଭଞ୍ଜ)

46 (i) ଡିକେଡିଏ, ଚଟିକୋଣା; (ii) ଏଚ୍‌କେଏମଡିଏ, ଯଶୀପୁର; (iii) କେକେଡିଏ, ବେଲଘର; (iv) ଏସ୍‌ଡିଏ, ଚନ୍ଦ୍ରଗିରି

47 (i) କେକେଡିଏ, ବେଲଘର: ଅଗଷ୍ଟ 2021; (ii) ଡିକେଡିଏ, ଚଟିକୋଣା: ଜାନୁଆରୀ 2021; (iii) ଏସ୍‌ଡିଏ, ଚନ୍ଦ୍ରଗିରି: ଜୁଲାଇ 2023

ଏମ୍‌ପିଏ (ଯଶୀପୁର) ସେପ୍ଟେମ୍ବର 2024 ସୁଦ୍ଧା ପାଣ୍ଠି ନିଜ ପାଖରେ ରଖିଥିଲେ । ଆଇଟିଡିଏକୁ ପାଣ୍ଠି ହସ୍ତାନ୍ତର କରିବା ପରେ ଏମ୍‌ପିଏ ଗୁଡ଼ିକ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ନଜର ରଖିନଥିଲେ କିମ୍ବା କାର୍ଯ୍ୟ ନହେଲେ ଟଙ୍କା ଫେରସ୍ତ କରିବାକୁ କହିନଥିଲେ । ଫଳରେ, ଜାନୁଆରୀ 2025 ସୁଦ୍ଧା ଆଇଟିଡିଏ ଦ୍ୱାରା ହୋଇଥିବା ନିର୍ମାଣ କିମ୍ବା ପାଣ୍ଠି ବିନିଯୋଗର ସ୍ଥିତି ବିଷୟରେ ଏମ୍‌ପିଏ ମାନଙ୍କ ପାଖରେ କୌଣସି ତଥ୍ୟ/ ସୂଚନା ଉପଲବ୍ଧ ନଥିଲା ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନଲିଖିତ ଲକ୍ଷ୍ୟ କଲା:

- ଆଇଟିଡିଏ, ବାଲିଗୁଡ଼ା (ଜୁଲାଇ-ସେପ୍ଟେମ୍ବର 2023)ର ଆକାଉଣ୍ଟଗୁଡ଼ିକର ଅଡିଟ୍ ସମୟରେ ଏହା ଦେଖାଯାଇଥିଲା ଯେ ଆଇଟିଡିଏ, ବାଲିଗୁଡ଼ା ବେଲଘରରେ ପରିବେଶ ଅନୁକୂଳ-କୁଟୀର କମ୍ପ୍ଲେକ୍ସ ନିର୍ମାଣ ପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ କରିଛି । ଯଦିଓ ଆଇଟିଡିଏ ଏହି କମ୍ପ୍ଲେକ୍ସ ନିର୍ମାଣ କରିଥିଲା ତଥାପି ଏହା ଏମ୍‌ପିଏକୁ ହସ୍ତାନ୍ତର କରିନଥିଲା । ଅଡିଟ୍ ଦ୍ୱାରା ଦର୍ଶାଯିବା ପରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ (ସେପ୍ଟେମ୍ବର 2023) ପ୍ରତିଶ୍ରୁତି ଦେଇଥିଲେ ଯେ କିଛି ଆନୁସଙ୍ଗିକ କାର୍ଯ୍ୟ ସମାପ୍ତ ହେବା ପରେ 15 ଦିନ ମଧ୍ୟରେ ଏହି ସମ୍ପତ୍ତି କେକେଡିଏକୁ ହସ୍ତାନ୍ତର କରାଯିବ । ତେବେ, ଡିସେମ୍ବର 2024 ସୁଦ୍ଧା ପରିବେଶ ଅନୁକୂଳ-କୁଟୀର କମ୍ପ୍ଲେକ୍ସକୁ କେକେଡିଏ, ବେଲଘରକୁ ହସ୍ତାନ୍ତର ନହୋଇ ପଡ଼ି ରହିଥିଲା ।



**ଚିତ୍ର 1.17: ବେଲଘରର ପରିବେଶ ଅନୁକୂଳ-କୁଟୀର କେକେଡିଏ, ବେଲଘରକୁ ହସ୍ତାନ୍ତର କରାଯାଇନାହିଁ (31 ଅଗଷ୍ଟ 2023)**

  ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ, ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ସମାପ୍ତ ହେବା ପରେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ମାନକ ପରିଚାଳନା ପ୍ରଣାଳୀ (ଏସ୍‌ଓପି) ପ୍ରସ୍ତୁତ କରାଯିବ ।

- ଚନ୍ଦ୍ରଗିରିର ଏକ ପରିବେଶ ଅନୁକୂଳ-କୁଟୀର କମ୍ପ୍ଲେକ୍ସ ନିର୍ମାଣ ପାଇଁ ଏମ୍‌ପିଏ (ଏସ୍‌ଡିଏ) ଚନ୍ଦ୍ରଗିରି 78 ଲକ୍ଷ ଟଙ୍କା ଆଇଟିଡିଏ, ପାରଳାଖେମୁଣ୍ଡିକୁ ହସ୍ତାନ୍ତର (ଜୁଲାଇ 2023) କରିଥିଲେ । ମଞ୍ଜୁର ହୋଇଥିବା ଏକ କୋଟି ଟଙ୍କା ମଧ୍ୟରୁ ଅବଶିଷ୍ଟ 22 ଲକ୍ଷ ଟଙ୍କାରେ ଏମ୍‌ପିଏ ପରିବେଶ ଅନୁକୂଳ-କୁଟୀର ଜାଗାର ଚାରି ପାଖରେ ପ୍ରାଚୀର ନିର୍ମାଣ ପାଇଁ 18.09 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ବଳକା 3.91 ଲକ୍ଷ ଟଙ୍କା ନିଜ ଆକାଉଣ୍ଟରେ ରଖିଥିଲେ । ମାର୍ଚ୍ଚ 2025 ସୁଦ୍ଧା ଆଇଟିଡିଏ କାମ ଆରମ୍ଭ କରିନଥିଲା ଏବଂ ପାଣ୍ଠି ପଡ଼ିରହିଥିଲା ।

  ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ, ଟେଣ୍ଡର ପୁନଃ ଆହ୍ୱାନ କରାଯାଇଛି ଏବଂ ଠିକାଦାର ଚୟନ ଚୂଡ଼ାନ୍ତ ହେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

- ଏମ୍‌ପିଏ, ଚାଟିକୋଣା ଅଧିନରେ ପରିବେଶ ଅନୁକୂଳ-କୁଟୀର ପାଇଁ ନିର୍ମାଣ କାର୍ଯ୍ୟ ସମାପ୍ତିର କୌଣସି ସମୟ ସୀମା ଧାର୍ଯ୍ୟ ନକରି ଏମ୍‌ପିଏ, ଆଇଟିଡିଏ ଗୁଣୁପୁରକୁ ଏକ କୋଟି ଟଙ୍କା ଦେଇଥିଲେ (ଜାନୁଆରୀ 2020) । ଅଡିଟ୍ ଦ୍ୱାରା କରାଯାଇଥିବା ଜେପିଆଇ (28 ଅକ୍ଟୋବର 2024) ସମୟରେ ଏହା ଦେଖାଯାଇଥିଲା ଯେ ପାଣ୍ଠି ପ୍ରଦାନର ଚାରି ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ କୁଟୀର ଗୁଡ଼ିକ ନିର୍ମାଣାଧୀନ ଥିଲା (**ଚିତ୍ର 1.18**) ।



***ଚିତ୍ର 1.18: ଚାଟିକୋଣାରେ ଅସମ୍ପୂର୍ଣ୍ଣ ଇକୋ-କୁଟୀର କମ୍ପ୍ଲେକ୍ସ (28 ଅକ୍ଟୋବର 2024)***

ବିଭାଗ ଦର୍ଶାଇଲେ (ସେପ୍ଟେମ୍ବର 2025) ଯେ କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ବିଦ୍ୟୁତ୍‌କରଣ କାର୍ଯ୍ୟ ଚାଲିଛି । କାର୍ଯ୍ୟ ଶେଷ ହେବା ପରେ ପରିବେଶ ଅନୁକୁଳ-କୁଟୀର କମ୍ପ୍ଲେକ୍ସକୁ କାର୍ଯ୍ୟ ପାଇଁ ଏମ୍‌ପିଏକୁ ହସ୍ତାନ୍ତର କରାଯିବ ।

- ଯଶୀପୁରର ଏମ୍‌ପିଏ (ଏଚ୍‌କେଏମ୍‌ଡିଏ) ନିକଟରେ ଥିବା ଏକ କୋଟି ଟଙ୍କା ଅବ୍ୟବହୃତ ହୋଇ ପଡିରହିଥିଲା । ଅଡିଟ୍ ଦେଖିଲା ଯେ ସେପ୍ଟେମ୍ବର 2024 ସୁଦ୍ଧା କୌଣସି କାର୍ଯ୍ୟକାରୀ ସଂସ୍ଥା ଚୟନ ହୋଇନଥିଲା କିମ୍ବା ପ୍ରକଳ୍ପ ପାଇଁ କୌଣସି ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ନଥିଲା ।

  ବିଭାଗ କହିଲେ ଯେ (ସେପ୍ଟେମ୍ବର 2025) ସ୍ଥାନ ଚୂଡାନ୍ତ ହୋଇନଥିବାରୁ ଏମ୍‌ପିଏ ପାଖରେ ପାଣ୍ଠି ପଡିରହିଛି ।

ଏହିପରି ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ମଞ୍ଜୁର ହେବାର ପାଞ୍ଚ ବର୍ଷ ପରେ ମଧ, ପିଭିଟିଜି ସମ୍ପ୍ରଦାୟଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ପର୍ଯ୍ୟଟନର ବିକାଶ କରିବା ଲକ୍ଷ୍ୟ ପୂରଣ ହୋଇପାରି ନାହିଁ ।

### 1.9.4.3 ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମାଧ୍ୟମରେ ଜୀବିକା ସୁରକ୍ଷା

ଜୀବିକା ସୁରକ୍ଷା ବୃଦ୍ଧି କରିବା ଏବଂ ଆଦିବାସୀ ଲୋକଙ୍କ ମଧ୍ୟରେ ଦାରିଦ୍ର୍ୟ ସ୍ତର ହ୍ରାସ କରିବା ପାଇଁ (ପିଭିଟିଜି ସମେତ) ଏବଂ ସ୍ଥାୟୀ ସଂପତ୍ତି ସୃଷ୍ଟି କରିବା ପାଇଁ ଏମ୍‌ପିଏଗୁଡ଼ିକ ଭାରତ ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହ ମିଳିତ ଭାବରେ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କାର୍ଯ୍ୟକାରୀ କରିଥିଲେ । ଏମ୍‌ପିଏଗୁଡ଼ିକ ନିଜ ନିଜ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ସଂପୃକ୍ତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)କୁ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇଥିଲେ । ଡିଆର୍‌ଡିଏର ଅନୁମୋଦନ ପରେ ମାଇକ୍ରୋ ପ୍ରୋଜେକ୍ଟ ଏରିଆରେ ପିଭିଟିଜି ସମେତ ଗରିବ ଏସ୍‌ଟି ଲୋକମାନଙ୍କୁ ଲାଭ ପ୍ରଦାନ କରିବା ପାଇଁ ଏମପିଏଗୁଡ଼ିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଅନୁମୋଦିତ କାର୍ଯ୍ୟକୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ହାତକୁ ନେଇଥିଲେ ।

ଅଡିଟ୍ ଦେଖିଲା ଯେ 267.79 କୋଟି ଟଙ୍କାର ଆନୁମାନିକ ବ୍ୟୟ ସହିତ 11,493ଟି ପ୍ରକଳ୍ପକୁ ଡିଆରଡିଏ ଦ୍ୱାରା 2019-24 ଆର୍ଥିକ ବର୍ଷରେ 15ଟି ଏମ୍‌ପିଏଙ୍କ[48] ଦ୍ୱାରା କାର୍ଯ୍ୟକାରୀ କରିବା ପାଇଁ ମଞ୍ଜୁର କରାଯାଇଥିଲା । ଅନୁମୋଦିତ କାର୍ଯ୍ୟ ମଧ୍ୟରୁ ଏମ୍‌ପିଏମାନେ ମାର୍ଚ୍ଚ 2024 ସୁଦ୍ଧା 5,223ଟି କାର୍ଯ୍ୟ (45 ପ୍ରତିଶତ) ହାତକୁ ନେଇଥିଲେ ଏବଂ 93.46 କୋଟି ଟଙ୍କା (35 ପ୍ରତିଶତ) ଖର୍ଚ୍ଚ କରିଥିଲେ, ଯାହା **ସାରଣୀ 1.7** ରେ ଦର୍ଶାଯାଇଛି ।

*ସାରଣୀ 1.7: ଏମ୍‌ପିଏଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ଟଙ୍କା ଲକ୍ଷରେ) ଅଧିନରେ ଅନୁମୋଦିତ ଏବଂ ନିଆଯାଇଥିବା ପ୍ରକଳ୍ପ*

| କ୍ର.ସଂ. | ଏମ୍‌ପିଏ | ଅନୁମୋଦିତ ପ୍ରକଳ୍ପ/ କାର୍ଯ୍ୟ | ନିଆଯାଇଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ (ପ୍ରତିଶତ) | ପ୍ରକଳ୍ପ ମୂଲ୍ୟ | ବ୍ୟୟ | ବ୍ୟୟର ପ୍ରତିଶତ |
|---|---|---|---|---|---|---|
| 1 | ଟିଡିଏ, ତୁମ୍ବା | 736 | 290 (39) | 650.04 | 258.14 | 40 |
| 2 | ଏଲଡିଏ, ମୋରଡ଼ା | 423 | 267 (63) | 1358.23 | 775.22 | 57 |
| 3 | ଏଚ୍‌କେଏମଡିଏ, ଯଶୀପୁର | 920 | 124 (13) | 2787.28 | 316.95 | 11 |
| 4 | ଡିଡିଏ, କୁଡୁମୁଲୁଗୁମ୍ମା | 1168 | 513 (44) | 1265.54 | 450.76 | 36 |
| 5 | ଡିଡିଏ, , ମୁଦୁଲିପଡ଼ା | 521 | 405 (78) | 826.56 | 408.22 | 49 |
| 6 | ଏସ୍‌ଡିଏ, ଚନ୍ଦ୍ରଗିରି | 496 | 325 (66) | 1347.22 | 725.56 | 54 |
| 7 | ଏଲଏସଡିଏ ସେରଙ୍ଗୋ | 368 | 180 (49) | 1592.61 | 501.01 | 31 |
| 8 | ଏଲଏସଡିଏ ପୁଟାସିଂ | 813 | 277 (34) | 4563.63 | 933.61 | 20 |
| 9 | କେକେଡିଏ, ବେଲଘର | 294 | 226 (77) | 1341.48 | 563.99 | 42 |
| 10 | ଡିକେଡିଏ, ଚାଟିକୋଣା | 1559 | 682 (44) | 2556.15 | 1488.96 | 58 |

48 ଦୁଇଟି ଏମ୍‌ପିଏ (ପିବିଡିଏ, ଖୁଣ୍ଟାଗାଁ, ଏବଂ ସିବିଡିଏ, ସୁନାବେଡ଼ା) ଙ୍କ ତଥ୍ୟ ଉପଲବ୍ଧ ନାହିଁ

| କ୍ର.ସଂ. | ଏମ୍‌ପିଏ | ଅନୁମୋଦିତ ପ୍ରକଳ୍ପ/ କାର୍ଯ୍ୟ | ନିଆଯାଇଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ (ପ୍ରତିଶତ) | ପ୍ରକଳ୍ପ ମୂଲ୍ୟ | ବ୍ୟୟ | ବ୍ୟୟର ପ୍ରତିଶତ |
|---|---|---|---|---|---|---|
| 11 | ଡିକେଡିଏ, ପାର୍ସାଲି | 1205 | 254 (21) | 1113.54 | 242.14 | 22 |
| 12 | ପିବିଡିଏ, ରୁଗୁଡାକୁଦର | 233 | 147 (63) | 255.98 | 142.37 | 56 |
| 13 | ପିବିଡିଏ, ଜାମର୍ଡିହି | 1262 | 335 (27) | 1928.43 | 133.69 | 7 |
| 14 | ଜେଡିଏ, ଗୋନାସିକା | 342 | 244 (71) | 1382.39 | 549.09 | 40 |
| 15 | କେକେଡିଏ, ଲାଞ୍ଜିଗଡ | 1153 | 964(84) | 3809.98 | 1874.17 | 49 |
| | **ସମୁଦାୟ** | **11,493** | **5,223(45)** | **26,779.06** | **9,363.88** | **35** |

***(ଉତ୍ସ: ଏମ୍‌ପିଏ ରୁ ପ୍ରାପ୍ତ ତଥ୍ୟ)***

ଅଡିଟ୍ ଦେଖିଲା ଯେ :

- 174.15 କୋଟି ଟଙ୍କାର ଅବ୍ୟବହୃତ ରାଶି ମଧ୍ୟରେ ଶ୍ରମିକଙ୍କ ମଜୁରୀ ପାଇଁ 115.02 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା । ଏହି ଅର୍ଥକୁ ଉପଯୋଗ କରାଯାଇଥିଲେ ଏହା ଦୁର୍ବଳ ଗୋଷ୍ଠୀ ସମ୍ପ୍ରଦାୟ ଲୋକଙ୍କୁ ମଜୁରୀ ମାଧ୍ୟମରେ ଆୟର ଉତ୍ସ ସୃଷ୍ଟି କରିପାରିଥାନ୍ତା ।
- ଚାରୋଟି[49] ଏମପିଏର ପ୍ରଦର୍ଶନ ଅତ୍ୟନ୍ତ ନଗଣ୍ୟ ଥିଲା କାରଣ ସେମାନଙ୍କ ଦ୍ୱାରା ଅନୁମୋଦିତ କାର୍ଯ୍ୟରୁ କେବଳ 13 ରୁ 34 ପ୍ରତିଶତ କାର୍ଯ୍ୟ ହାତକୁ ନିଆଯାଇ ପାରିଥିଲା, ଯାହା ସେମାନଙ୍କର ଦୁର୍ବଳ କାର୍ଯ୍ୟକାରିତା ଦକ୍ଷତାକୁ ସୂଚାଉଛି । ଏମପିଏ (ପିବିଡିଏ) ଜାମର୍ଡିହି କ୍ଷେତ୍ରରେ ଏହା ଦେଖାଯାଇଥିଲା ଯେ ଉପଲବ୍ଧ ପାଣ୍ଠିର ମାତ୍ର ସାତ ପ୍ରତିଶତ ଖର୍ଚ୍ଚ କରାଯାଇପାରିଲା, ଯାହା ଅତ୍ୟନ୍ତ ଖରାପ ଥିଲା । ଏଭଳି ଖରାପ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କ ଅଭାବ ଏବଂ ଏମ୍‌ପିଏଗୁଡ଼ିକରେ ନିୟମିତ ସ୍ୱତନ୍ତ୍ର ଅଧିକାରୀ (ଏସ୍‌ଓ)ଙ୍କ ଅନୁପସ୍ଥିତି ମୁଖ୍ୟ କାରଣ ଥିଲା ।

ତେଣୁ, ଏମ୍‌ପିଏ ଗୁଡ଼ିକ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟର ଦୁର୍ବଳ କାର୍ଯ୍ୟକାରିତା ପିଭିଟିଜି ସଂପ୍ରଦାୟ ସମେତ ଗରିବ ଲୋକଙ୍କୁ ଜୀବିକା ଯୋଗାଇବାରେ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟକୁ ବିଫଳ କରିଛି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ନିମ୍ନପ୍ରଦର୍ଶନକୁ ବିଭାଗ ସ୍ୱୀକାର କରି ଭୌତିକ ଓ ଆର୍ଥିକ ଲକ୍ଷ୍ୟ ହାସଲର ଅଭାବକୁ ଶ୍ରମ ଓ ସାମଗ୍ରୀ ପ୍ରଦାନରେ ବିଳମ୍ବ, ଅନ୍ତର୍ବିଭାଗୀୟ ସମସ୍ୟା, କୋଭିଡ -19 ପ୍ରଭାବ ଇତ୍ୟାଦିକୁ ଦାୟୀ କରିଥିଲା ।

ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା । ଗରିବ ଆଦିବାସୀ ସଂପ୍ରଦାୟର ସୁବିଧା ପାଇଁ ସମସ୍ୟାର ସମାଧାନ ଏବଂ ଅନୁମୋଦିତ କାର୍ଯ୍ୟଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଏମ୍‌ପିଏ ଗୁଡ଼ିକ ଉଚିତ୍ ସମୟରେ ସମ୍ପୃକ୍ତ ବିଭାଗ ସହିତ ଆଲୋଚନା କରିବାର ଆବଶ୍ୟକ ଥିଲା ।

### 1.9.4.4 ନିଷ୍ଫଳ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ ସମନ୍ୱୟ ରକ୍ଷା କରି ଏମ୍‌ପିଏ ଗୁଡ଼ିକ ଦ୍ୱାରା ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ଜୀବିକା ସହାୟତା ଯୋଗାଇବା ପାଇଁ ବୃକ୍ଷରୋପଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା । ବୃକ୍ଷରୋପଣ ପ୍ରକଳ୍ପଗୁଡ଼ିକ ମଧ୍ୟରେ କାଜୁ ବଗିଚା, ଆମ୍ବ ବଗିଚା, ଲେମ୍ବୁ ଘାସ ଚାଷ ଇତ୍ୟାଦି ରହିଥିଲା ।

ସମ୍ପୃକ୍ତ ରେକର୍ଡର ଯାଞ୍ଚ ଏବଂ ଅଡିଟ୍ ପାଇଁ ଉପଲବ୍ଧ ତଥ୍ୟର ବିଶ୍ଳେଷଣ ପରେ ଏହା ଜଣାପଡ଼ିଛି ଯେ 14ଟି ଏମ୍‌ପିଏ[50] 2019-24 ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ ସମନ୍ୱୟ ରକ୍ଷା କରି ଶ୍ରମିକ ନିୟୋଜନ ଏବଂ ସାମଗ୍ରୀ ଯୋଗାଣ ମାଧ୍ୟମରେ 1,613ଟି ବୃକ୍ଷରୋପଣ (ଆମ୍ବ, କାଜୁ, ଲେମ୍ବୁ ଘାସ ଏବଂ କାଗଜି ଲେମ୍ବୁ) କାର୍ଯ୍ୟ କରିଥିଲେ ଏବଂ 36.11 କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏମ୍‌ଜିଏନ୍‌ଆରଇଜିଏସ୍ ନିର୍ଦ୍ଦେଶାବଳୀରେ ବର୍ଣ୍ଣିତ ପଦ୍ଧତି

[49] (i) ଏଚ୍‌କେଏମ୍‌ଡିଏ, ଯଶୀପୁର; (ii) ଡିକେଡିଏ, ପାର୍ଶାଲି; (iii) ପିବିଡିଏ, ଜାମର୍ଡିହି, (iv) ଏଲ୍‌ଏସ୍‌ଡିଏ ପୁଟାସିଂ

[50] ତିନୋଟି ଏମ୍‌ପିଏଙ୍କ ତଥ୍ୟ ଉପଲବ୍ଧ ନଥିଲା

ଅନୁଯାୟୀ ସମ୍ପୃକ୍ତ ବିଭାଗ ଗୁଡ଼ିକ ଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା । 14ଟି ଏମ୍‌ପିଏ ଦ୍ୱାରା ପ୍ରଦାନ କରାଯାଇଥିବା ବୃକ୍ଷରୋପଣର ସ୍ଥିତି (ଅଗଷ୍ଟରୁ ଡିସେମ୍ବର 2024) **ସାରଣୀ 1.8** ରେ ଦର୍ଶାଯାଇଛି:

***ସାରଣୀ 1.8: ବୃକ୍ଷରୋପଣ କାର୍ଯ୍ୟକ୍ରମର ସ୍ଥିତି***

| କ୍ର.ସଂ. | ଏମ୍‌ପିଏର ନାମ | ବୃକ୍ଷରୋପଣ ପ୍ରକଳ୍ପ ସଂଖ୍ୟା | ରୋପଣ କରାଯାଇ ଥିବା ଗଛ ସଂଖ୍ୟା | ଖର୍ଚ୍ଚ (ଲକ୍ଷ ଟଙ୍କାରେ) | ବଞ୍ଚିବାର ପ୍ରତିଶତ |
|---|---|---|---|---|---|
| 1 | ଏସ୍‌ଡିଏ , ଚନ୍ଦ୍ରଗିରି | 28 | 16770 | 60.16 | 90 |
| 2 | ଏଲଏସ୍‌ଡିଏ, ସେରାଙ୍ଗୋ | 63 | 16375 | 334.35 | 80 |
| 3 | ପିବିଡିଏ, ଜାମର୍ଦ୍ଦିହି | 171 | 24470 | 31.23 | 67 |
| 4 | କେକେଡିଏ, ବେଲଘର | 64 | 53800 | 252.68 | 66 |
| 5 | ଡିଡିଏ, କୁଡୁମୁଲୁଗୁମା | 117 | 38510 | 217.36 | 70 |
| 6 | ଏଲ୍‌ଡିଏ, ମୋରଡ଼ା | 68 | 7600 | 735.06 | 50 ରୁ 60 |
| 7 | ଏଚକେଏମ୍‌ଡିଏ, ଯଶୀପୁର | 17 | 16600 | 190.23 | 26 ରୁ 77 |
| 8 | ଡିକେଡିଏ, ଚାଟିକୋଣା | 284 | 143140 | 578.99 | 51 |
| 9 | ଏଲ୍‌ଏସ୍‌ଡିଏ, ପୁଟାସିଂ | 152 | 135475 | 443.85 | 43 |
| 10 | ଡିକେଡିଏ, ପାର୍ଶାଲି | 47 | 13300 | 67.61 | 43 |
| 11 | ପିବିଡିଏ, ଗୁଗୁଡ଼ାକୁଦର | 54 | 2160 | 26.13 | 37 |
| 12 | ଟିଡିଏ, ତୁମ୍ବା | 222 | 20091 | 85.07 | ରେକର୍ଡ ଉପଲବ୍ଧ ନାହିଁ |
| 13 | ବିଡିଏ, ମୁଦୁଲିପଡ଼ା | 303 | 50200 | 262.10 | ରେକର୍ଡ ଉପଲବ୍ଧ ନାହିଁ |
| 14 | ଜେଡିଏ, ଗୋନାସିକା | 23 | 75600 | 325.11 | ହାତୀ/ ଜନସାଧାରଣଙ୍କ ଦ୍ୱାରା 5 ଟି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି । 18 ଟି ପ୍ରକଳ୍ପରେ ବୃକ୍ଷ ବଞ୍ଚିବା ହାର 30 ରୁ 92 ପ୍ରତିଶତ ଥିଲା । |
| | ସମୁଦାୟ | **1,613** | **6,14,091** | **3,610.93** | |

***(ଉତ୍ସ: ଏମ୍‌ପିଏରୁ ପ୍ରାପ୍ତ ତଥ୍ୟ)***

ଅଡିଟ୍ ଏମ୍‌ପିଏମାନଙ୍କର ପ୍ରତିନିଧିଙ୍କ ସହ (ଅଗଷ୍ଟ ରୁ ଡିସେମ୍ବର 2024 ମଧ୍ୟରେ) 10[51]ଟି ଏମ୍‌ପିଏ ଅଧିନରେ ଥିବା 59ଟି ବୃକ୍ଷରୋପଣ ପ୍ରକଳ୍ପର ମିଳିତ ସରଜମିନ ତଦନ୍ତ କରିଥିଲା । ମିଳିତ ସରଜମିନ ତଦନ୍ତ ସମୟରେ ଏହା ଦେଖାଗଲା ଯେ 2019-24 ମଧ୍ୟରେ 73.55 ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା 59ଟି ବୃକ୍ଷରୋପଣ ପ୍ରକଳ୍ପ ମଧ୍ୟରୁ 18ଟି (35 ପ୍ରତିଶତ) ପ୍ରକଳ୍ପରେ (ଆଠଟି କାଜୁ ଏବଂ 10ଟି ଆମ୍ବ) ଗୋଟିଏ ହେଲେ ଗଛ ନଥିଲା । ବୃକ୍ଷରୋପଣ ପରେ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଗଛଗୁଡ଼ିକ ବଞ୍ଚିପାରି ନଥିଲା । ଏହା ବ୍ୟତୀତ ହିତାଧିକାରୀଙ୍କୁ ସାମିଲ୍ ନକରିବା ଏବଂ ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଉପଯୁକ୍ତ ତଦାରଖର ଅଭାବ ଯୋଗୁଁ ଏହି ବୃକ୍ଷରୋପଣ ପ୍ରକଳ୍ପର ବିଫଳତା ପାଇଁ ସହାୟକ ହୋଇଥିଲା ।

ପାଞ୍ଚଟି ଲେମ୍ବୁ ଘାସ ଚାଷର ପରିଦର୍ଶନ ସମୟରେ ଦେଖାଗଲା ଯେ ଲେମ୍ବୁ ଘାସ ଚାଷ ହୋଇଥିବା ସତ୍ତ୍ୱେ, ଅମଳ ପରବର୍ତ୍ତୀ ବ୍ୟବସ୍ଥା ଏବଂ ବଜାର ସଂଯୋଗୀକରଣ ଅଭାବରୁ ଚାଷୀଙ୍କର ଏହି ଚାଷରୁ କୌଣସି ଆୟ ହୋଇନଥିଲା, ଯାହାଫଳରେ 1.23 କୋଟି ଟଙ୍କାର ବ୍ୟୟ ବୃଥା ହୋଇଥିଲା । ବୃକ୍ଷ ନଥିବା ବୃକ୍ଷରୋପଣ ପ୍ରକଳ୍ପର ଉଦାହରଣ ***ଚିତ୍ର 1.19*** ରୁ ***1.22*** ରେ ଦର୍ଶାଯାଇଅଛି ।

[51] (i) ଜେଡିଏ, ଗୋନାସିକା (2); (ii) ପିବିଡିଏ, ଜାମର୍ଦ୍ଦିହି (8); (iii) ପିବିଡିଏ, ଗୁଗୁଡାକୁଦର (11); (iv) ଏଚ୍‌କେଏମ୍‌ଡିଏ, ଯଶୀପୁର (13); (v) ଏଲ୍‌ଡିଏ, ମୋରଡ଼ା (12); (vi) ଟିଡିଏ, ତୁମ୍ବା (4); (vii) ବିଡିଏ, ମୁଦୁଲିପଡ଼ା (2); (viii) ଡିଡିଏ, କୁଡୁମୁଲୁଗୁମ୍ମା (2), (ix) କେକେଡିଏ, ବେଲଘର (1); (x) ଡିକେଡିଏ, ଚାଟିକୋଣା (4)



*ଚିତ୍ର 1.19: ମୋରଡ଼ାର ଏମ୍‌ପିଏ ଅନ୍ତର୍ଗତ ଗଡ଼ିଗାଁ ଗ୍ରାମରେ ଲେମ୍ବୁ ଘାସ ବିନା ଅମଳ ହୋଇନଥିବା କ୍ଷେତ (4 ସେପ୍ଟେମ୍ବର 2024)*



*ଚିତ୍ର 1.20: ମୋରଡ଼ାର ଏମ୍‌ପିଏ ଅଧିନରେ ଥିବା ମୁଣ୍ଡାବାନି, ଗଡିଗାଁ ଗ୍ରାମରେ ନିର୍ମାଣ ସାମଗ୍ରୀ ସବୁ କାଜୁ କ୍ଷେତରେ ରଖାଯାଇ ଅଛି (4 ସେପ୍ଟେମ୍ବର 2024)*



*ଚିତ୍ର 1.21: ଏମ୍‌ପିଏ, ଯଶୀପୁର ଅଧିନରେ ଥିବା ବଡ଼ଗାଁରେ କାଜୁ କ୍ଷେତରେ ଗୋରୁ ଚରୁଛନ୍ତି (20 ସେପ୍ଟେମ୍ବର 2024)*



*ଚିତ୍ର 1.22: ଏମ୍‌ପିଏ, ରୁଗୁଡ଼ାକୁଦର ଅନ୍ତର୍ଗତ ହରିଡ଼ାନାଳି ଗ୍ରାମର ସୁମନ୍ତ ସାହୁଙ୍କ ଆମ୍ବ କ୍ଷେତରେ ଆମ୍ବ ଗଛ ନାହିଁ (10 ନଭେମ୍ବର 2024)*

ଅଡିଟ୍‌ରୁ ଜଣାଗଲା ଯେ ବୃକ୍ଷରୋପଣ ପରେ ଗଛର ଯତ୍ନ ଏବଂ ଜଗାରଖା ଭଳି କାର୍ଯ୍ୟରେ ହିତାଧିକାରୀମାନଙ୍କୁ ଜଡ଼ିତ କରିବା ପାଇଁ ଏମ୍‌ପିଏ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଏମ୍‌ପିଏମାନେ ମଧ୍ୟ ବିଭିନ୍ନ ବୃକ୍ଷ ରୋପଣ ପ୍ରକଳ୍ପରେ ଗଛଗୁଡ଼ିକର ବୃଦ୍ଧିର ତଦାରଖ କରି ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେଇନଥିଲେ । ଫଳରେ ଏହି 23ଟି ବୃକ୍ଷରୋପଣ ପ୍ରକଳ୍ପରେ 1.97 କୋଟି ଟଙ୍କାର ବ୍ୟୟ ବୃଥା ହୋଇଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, 18 ଟି ବୃକ୍ଷରୋପଣ ପ୍ରକଳ୍ପରେ ବୃକ୍ଷଗୁଡ଼ିକର ବଞ୍ଚିବାର ହାର 60 ପ୍ରତିଶତରୁ ଅଧିକ ଏବଂ 35 ପ୍ରତିଶତରୁ କମ୍ ନଥିଲା । ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଅଡିଟ୍ ଦ୍ୱାରା ଏମ୍‌ପିଏ ପ୍ରତିନିଧିଙ୍କ ସହିତ କରାଯାଇଥିବା ଜେପିଆଇ ରିପୋର୍ଟ ଅନୁଯାୟୀ ବୃକ୍ଷଗୁଡ଼ିକର ପ୍ରକୃତ ବଞ୍ଚିବାର ହାର ବିଭାଗ ଦେଇଥିବା ତଥ୍ୟ ସହିତ ସମାନ ନଥିଲା ।

### *1.9.4.5 ଉପାଦାନ ସାମଗ୍ରୀର କ୍ରୟ*

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର 13 ଫେବୃଆରୀ 2012 ପତ୍ର ଅନୁଯାୟୀ କ୍ରୟ କର୍ତ୍ତୃପକ୍ଷ ସାର୍ବଜନୀନ କ୍ରୟ କ୍ଷେତ୍ରରେ ସ୍ୱଚ୍ଛତା, ମିତବ୍ୟୟିତା ଏବଂ ଦକ୍ଷତା ନିଶ୍ଚିତ କରିବା ସହ ନିରପେକ୍ଷ ପ୍ରତିଯୋଗିତା ବଜାୟ ରଖିବା ଆବଶ୍ୟକ । ସାମଗ୍ରୀର ଗୁଣବତ୍ତା, ପ୍ରକାର ଏବଂ ପରିମାଣ ସ୍ୱଷ୍ଟ ଭାବେ ନିର୍ଦ୍ଧାରିତ କରି ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଦର ଆହ୍ୱାନ କରାଯିବା ଉଚିତ୍ । ଚୟନ କରାଯାଇଥିବା ମୂଲ୍ୟ ଯୁକ୍ତିଯୁକ୍ତ ଓ ସୁସଙ୍ଗତ ତଥା ଗୁଣବତ୍ତା ଅନୁଯାୟୀ ହେବା ଆବଶ୍ୟକ ।

କେନ୍ଦ୍ରୀୟ ସତର୍କତା ଆୟୋଗର (ସିଭିସି) 06 ଏପ୍ରିଲ୍ 2021 ପତ୍ରରେ କୁହାଯାଇଥିଲା ଯେ ଚୁକ୍ତି ପ୍ରଦାନ ପାଇଁ ଟେଣ୍ଡର କିମ୍ବା ସାର୍ବଜନୀନ ନିଲାମ ପ୍ରାଥମିକ ପଦ୍ଧତି ହେବା ଉଚିତ୍ । ମନୋନୟନ ଭିତ୍ତିରେ ଚୁକ୍ତି ପ୍ରଦାନ କରିବା ଦ୍ୱାରା ପ୍ରତିଯୋଗିତା ଏବଂ ନିରପେକ୍ଷତା ବାଧାପ୍ରାପ୍ତ ହୁଏ । ତେଣୁ, ଖୋଲା ପ୍ରତିଯୋଗିତାମୂଳକ ନିଲାମକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ ।

ଏହା ବ୍ୟତୀତ, ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ସଂକଳ୍ପ ମାଧ୍ୟମରେ ଓଡ଼ିଶା ଗ୍ରାହକ ସମବାୟ ମହାସଙ୍ଘ (ଓସିସିଏଫ୍) ଲିମିଟେଡକୁ ଦିଆଯାଇଥିବା ବିଶେଷ ସୁବିଧାକୁ[52] ପ୍ରତ୍ୟାହାର କରିନେଇଥିଲେ (ଜୁନ୍ 2005), ଯାହାଫଳରେ ଏକଛତ୍ରବାଦକୁ ରୋକାଯାଇପାରିବ । ସ୍ୱଚ୍ଛତା ଏବଂ ଆର୍ଥିକ ଦକ୍ଷତା ପାଇଁ ଓସିସିଏଫ୍ ଏବଂ ଅନ୍ୟାନ୍ୟ ସମବାୟ ସମିତିଗୁଡ଼ିକ ଅନ୍ୟ ଯୋଗାଣକାରୀଙ୍କ ସହ ପ୍ରତିଯୋଗିତା କରିବା ବାଧତାମୂଳକ କରାଯାଇଥିଲା ।

ସମ୍ବନ୍ଧିତ ରେକର୍ଡଗୁଡ଼ିକର ଯାଞ୍ଚ ପରେ ଅଡିଟ୍ ଜାଣିବାକୁ ପାଇଲା ଯେ, ଏମ୍‌ପିଏମାନେ 2019-24 ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ସାର, ବିହନ, ଖତ ଇତ୍ୟାଦି ଇନ୍‌ପୁଟ୍ ସାମଗ୍ରୀ କ୍ରୟ କରିଥିଲେ । 13ଟି[53] ଏମ୍‌ପିଏ କୃଷି, ଉଦ୍ୟାନ କୃଷି/ ଆଇଜିଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ 26.43 କୋଟି ଟଙ୍କାରେ ଇନ୍‌ପୁଟ୍ ସାମଗ୍ରୀ ସମବାୟ ସମିତି, ଯେପରିକି ଓସିସିଏଫ୍ ଏବଂ ବିଭିନ୍ନ ଆଞ୍ଚଳିକ ବିପଣନ ସମବାୟ ସମିତି (ଆର୍‌ସିଏମ୍‌ଏସ୍)ରୁ କ୍ରୟ କରିଥିଲେ ।

> ପିବିଡିଏ, ଜାମରଡିହି ଟେଣ୍ଡର ପ୍ରକ୍ରିୟା ଅନୁସରଣ କରି 2023-24 ବର୍ଷରେ ଘରବାଡ଼ି ଫସଲ ପାଇଁ ଇନ୍‌ପୁଟ୍ ସାମଗ୍ରୀ କ୍ରୟ କରିଥିଲା । ଫଳସ୍ୱରୂପ, ଯାହା ସମବାୟ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ / ପିଏମ୍‌ୟୁ ଦ୍ୱାରା ସ୍ଥିର ହୋଇଥିବା ଦର ତୁଳନାରେ ଏମ୍‌ପିଏ 12.99 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କରିବାରେ 1.67 ଲକ୍ଷ ଟଙ୍କା ସଞ୍ଚୟ କରିପାରିଛି ।

ଅଡିଟ୍‌ରେ ଦେଖାଗଲା ଯେ ଏମ୍‌ପିଏମାନେ କ୍ରୟ ନିର୍ଦ୍ଦେଶାବଳୀ ଅନୁଯାୟୀ ସାମଗ୍ରୀ ସଂଗ୍ରହ କରିବା ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟା ଅନୁସରଣ କରିନଥିଲେ ଯାହା ସଂଗ୍ରହଣ ମାର୍ଗଦର୍ଶିକାରେ ନିର୍ଦ୍ଦେଶ ଥିଲା । ଉଭୟ ଏମ୍‌ପିଏଗୁଡ଼ିକ ଏବଂ ପିଏମ୍‌ୟୁ ଇନ୍‌ପୁଟ୍ ସାମଗ୍ରୀ ପାଇଁ ଯୋଗାଣକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିବା କିମ୍ବା କୌଣସି ଆନୁଷ୍ଠାନିକ ବଜାର ସର୍ବେକ୍ଷଣ କରି ଅଥବା ଦର ପ୍ରସ୍ତାବ ହାସଲ କରି ସେଗୁଡ଼ିକର ଉଚିତ୍ ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ କୌଣସି ପ୍ରୟାସ କରିନଥିଲେ । ଏହା ପରିବର୍ତ୍ତେ ପିଏମ୍‌ୟୁ, ରାଜ୍ୟ ମାଲିକାନାରେ ଥିବା ସମବାୟ ସମିତି ଯେପରିକି ଓସିସିଏଫ୍, ଆର୍‌ସିଏମ୍‌ଏସ୍ ଇତ୍ୟାଦିଙ୍କ ଠାରୁ ସାମଗ୍ରୀ କ୍ରୟ କରିବା ପାଇଁ ଏମ୍‌ପିଏ ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2019) । ସମବାୟ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ସାମଗ୍ରୀର ମୂଲ୍ୟକୁ ଏମ୍‌ପିଏମାନଙ୍କ ଦ୍ୱାରା ଗ୍ରହଣ କରାଯାଇ ଅର୍ଥ ପ୍ରଦାନ କରାଯାଇଥିଲା ।

ଟେଣ୍ଡର ପ୍ରକ୍ରିୟା ଅନୁସରଣ ନ କରି ସାମଗ୍ରୀ କ୍ରୟ କରିବା ଦ୍ୱାରା ସର୍ବାଧିକ ପ୍ରତିଯୋଗିତା ମୂଳକ ଏବଂ ଉଚିତ୍ ମୂଲ୍ୟ ହାସଲ ହୋଇ ନ ପାରିବାର ଆଶଙ୍କା ସୃଷ୍ଟି ହୁଏ ଏବଂ ଏହା କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବକୁ ଦର୍ଶାଏ ।

ବିଭାଗ କହିଛି (ସେପ୍ଟେମ୍ବର 2025) ଯେ, ଏମପିଏମାନେ କ୍ରୟ କମିଟି ଗଠନ କରିଛନ୍ତି ଏବଂ ବିକ୍ରେତା/ଯୋଗାଣକାରୀଙ୍କଠାରୁ ବିହନ କ୍ରୟ କରିଛନ୍ତି । ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଏମ୍‌ପିଏମାନେ କେବଳ ସମବାୟ ସମିତିରୁ ସେମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଦରରେ ଇନପୁଟ୍ ସାମଗ୍ରୀ କ୍ରୟ କରିଥିଲେ ।

> **ସୁପାରିଶ 1.5**
>
> ***କୃଷି ଉତ୍ପାଦନର ଉନ୍ନତି ପାଇଁ ବିଭାଗ ଗୋଷ୍ଠୀ ସହଭାଗିତାରେ ପୁଷ୍ଟିସାଧନ ସହାୟତା ଯୋଜନା ପ୍ରସ୍ତୁତ କରିପାରନ୍ତି ଏବଂ ନିଶ୍ଚିତ ଜଳସେଚନ ମାଧ୍ୟମରେ ଫସଲ ବିକାଶ କାର୍ଯ୍ୟକ୍ରମକୁ ସୁଦୃଢ଼ କରିପାରନ୍ତି ।***

## 1.10 ଗୋଷ୍ଠୀ ଭିତ୍ତିଭୂମି ଏବଂ ପରିଶ୍ରମ ଲାଘବ

ଓପିଲିପି ଅଧୀନରେ କଠିନ ପରିଶ୍ରମ ଲାଘବ କାର୍ଯ୍ୟକ୍ରମ ଗୁଡ଼ିକ ପିଭିଟିଜିମାନଙ୍କର ଆର୍ଥିକ ଏବଂ ସାମାଜିକ ସ୍ଥିତିର ସୁସ୍ଥତାକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଜଳ, ଶକ୍ତି ଏବଂ କୃଷି ଉପକରଣର ଉନ୍ନତ ଉପଲବ୍ଧତା, ମହିଳାମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ବିତାଉଥିବା ସମୟ ଏବଂ ପ୍ରୟାସକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଉନ୍ନତ ଅର୍ଥନୈତିକ ଯୋଗଦାନ, ସାମାଜିକ ଅଂଶଗ୍ରହଣ ଏବଂ

[52] ଓସିସିଏଫ୍ ଏବଂ ଅନ୍ୟାନ୍ୟ ସମବାୟ ସମିତିରୁ ସରକାର ଏବଂ ସରକାରୀ ଉଦ୍ୟୋଗ ଦ୍ୱାରା ସାମଗ୍ରୀ କ୍ରୟ କରିବା

[53] ଡିକେଡିଏ ଚାଟିକୋଣା, ଏଲ୍‌ଏସ୍‌ଡିଏ ପୁଟାସିଂ, ଡିକେଡିଏ ପାର୍ସାଲି, କେକେଡିଏ ବେଲଘର, ଏଲଡିଏ ମୋରଡ଼ା, ଏଚ୍‌କେଏମ୍‌ଡିଏ ଯଶୀପୁର, ପିବିଡିଏ ଜାମର୍ଡିହି, ପିବିଡିଏ ଖୁଣ୍ଟାଗାଁ, ବିଡିଏ ମୁଦୁଲିପଡ଼ା, ଏସ୍‌ଡିଏ ଚନ୍ଦ୍ରଗିରି, ଡିଡିଏ କୁଦୁମୁଲୁଗୁମ୍ମା, ସିବିଡିଏ ସୁନାବେଡ଼ା ଏବଂ ଏଲ୍‌ଏସ୍‌ଡିଏ ସେରାଙ୍ଗୋ

ଜୀବନର ସାମଗ୍ରିକ ଗୁଣବତ୍ତା ପାଇଁ ସୁଯୋଗ ସୃଷ୍ଟି କରିଥାଏ । ସାମାଜିକ ଭିତ୍ତିଭୂମିର ବିକାଶ, ବଜାର ଭିତ୍ତିଭୂମି ଏବଂ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ, ଶସ୍ୟ ସଂରକ୍ଷଣ ଗୃହ ନିର୍ମାଣ, ମିଲିଂ ୟୁନିଟ୍ ବିତରଣ ଇତ୍ୟାଦି ଦ୍ୱାରା ପରିଶ୍ରମ ଲାଘବର ଲକ୍ଷ୍ୟ ହାସଲ କରାଯାଇପାରିବ ।

### *1.10.1 ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ*

ଦୂର ସ୍ଥାନରୁ ପାନୀୟ ଜଳ ସଂଗ୍ରହ କରିବାରେ ମହିଳାମାନଙ୍କ ପରିଶ୍ରମ ଲାଘବ କରିବା ପାଇଁ ଓପିଲିପି ଅଧୀନରେ ଥିବା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଏମ୍‌ପିଏମାନଙ୍କ ଦ୍ୱାରା ନିଆଯିବାର ଥିଲା । କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁଯାୟୀ, ଭିଡିସିମାନେ ଏଫ୍‌ଏନ୍‌ଜିଓ ସହିତ ପରାମର୍ଶ କରି ଜଳ ଯୋଗାଣ ଯୋଜନା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବେ । ଏହାପରେ ଏଫ୍‌ଏନ୍‌ଜିଓ ଏକ ବିସ୍ତୃତ ରିପୋର୍ଟ ସହିତ ଭିଡିସିର ସଂକଳ୍ପ ସହିତ ପ୍ରକଳ୍ପ ଅନୁମୋଦନ ପାଇଁ ଏମପିଏକୁ ଦାଖଲ କରିବ । ମଞ୍ଜୁରୀ ମିଳିବା ପରେ ଏମପିଏ ସଂପୃକ୍ତ ଭିଡିସିକୁ କାର୍ଯ୍ୟକାରିତା ପାଇଁ ପାଣ୍ଠି ପ୍ରଦାନ କରିବେ ।

ଅଡିଟ୍‌ରୁ ଜଣାପଡିଛି ଯେ 17ଟି ଏମ୍‌ପିଏ 2019-24 ମଧ୍ୟରେ 25.98 କୋଟି ଟଙ୍କା ବ୍ୟୟରେ 824 ଟି ପାନୀୟ ଜଳ ପ୍ରକଳ୍ପ ସୃଷ୍ଟି କରିଛନ୍ତି । ଏଥି ମଧ୍ୟରୁ ଏମପିଏଙ୍କ ରିପୋର୍ଟ ଅନୁଯାୟୀ 3.20 କୋଟି ଟଙ୍କା ବ୍ୟୟରେ ନିର୍ମିତ 101 ଟି (12 ପ୍ରତିଶତ) ପ୍ରକଳ୍ପ ଅଚଳ ରହିଛି ।

ଅଡିଟ୍ ଦେଖିଲା ଯେ ପାନୀୟ ଜଳ ପ୍ରକଳ୍ପର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ କୌଣସି ଉପଯୁକ୍ତ ଯୋଜନା ନଥିଲା । ପିଆର୍ ଆଣ୍ଡ୍ ଡିଡବ୍ଲ୍ୟୁ ବିଭାଗ ଏବଂ ଏସ୍‌ଏସ୍‌ଡି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ମଧ୍ୟ ନଜରକୁ ଆସିଥିଲା, ଯେଉଁଥିପାଇଁ ଉଭୟ ବିଭାଗ ଦ୍ୱାରା ସମାନ ଗ୍ରାମରେ ଏକାଧିକ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିବା ଦେଖିବାକୁ ମିଳିଥିଲା ଏବଂ ଅଚଳ ପ୍ରକଳ୍ପଗୁଡିକର ପୁନରୁଦ୍ଧାର କରାଯାଇନଥିଲା । ଫଳସ୍ୱରୂପ ପାନୀୟ ଜଳ ପ୍ରକଳ୍ପଗୁଡିକ ଅଚଳ ରହିଲା ଏବଂ ବାସିନ୍ଦାଙ୍କୁ ପାନୀୟ ଜଳ ଉଦ୍ଦେଶ୍ୟରେ ନଦୀ, ପୋଖରୀ, କେନାଲ ଇତ୍ୟାଦିରୁ ପାନୀୟ ଜଳ ସଂଗ୍ରହ କରିବାର ପାରମ୍ପରିକ ପଦ୍ଧତି ଅନୁସରଣ କରିବାକୁ ପଡୁଥିଲା, ଯାହା ଏହି ପ୍ରକଳ୍ପଗୁଡିକର ଯୁଗ୍ମ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିଲା ।

ମୋଟ 824 ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ 69ଟି ପାଇଁ ମିଳିତ ଭାବେ ନିରୀକ୍ଷଣ କରାଯାଇଥିଲା, ଯେଉଁଥିରେ 35ଟି କାର୍ଯ୍ୟକ୍ଷମ ଏବଂ 34ଟି ଅକାମୀ ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା (ଏମପିଏଙ୍କ ରିପୋର୍ଟ ଅନୁଯାୟୀ) । ଅଡିଟରୁ ଜଣାପଡିଛି ଯେ ସମସ୍ତ 34ଟି ଅକାମୀ ପ୍ରକଳ୍ପ ଦୁଇ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଅଚଳ ପଡି ରହିଥିଲା ଏବଂ ଏମ୍‌ପିଏ କିମ୍ବା ଭିଡିସି ଏହି ପ୍ରକଳ୍ପଗୁଡିକର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେଇନଥିଲେ । ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ସମୟରେ ଏହା ଜଣାପଡିଲା ଯେ ପ୍ରକଳ୍ପଗୁଡିକ କାର୍ଯ୍ୟ କରୁନଥିବାରୁ ଗ୍ରାମବାସୀମାନେ ପାନୀୟ ଉଦ୍ଦେଶ୍ୟରେ ଚୁଆ, ଝରଣା, କୂଅ ଇତ୍ୟାଦିରୁ ପାଣି ସଂଗ୍ରହ କରନ୍ତି, ଯେଉଁଥିପାଇଁ ଅସ୍ୱାସ୍ଥ୍ୟକର ଏବଂ ଜଳବାହିତ ରୋଗର ଆଶଙ୍କା ରହିଛି । ଏହା ମଧ୍ୟ ଲକ୍ଷ୍ୟ କରାଗଲା ଯେ ଦୁଇଟି ଜଳ ଯୋଗାଣ ପ୍ରକଳ୍ପ (ନମଗାଁ ପଡା/ ନାଗିରା ଗ୍ରାମ ଏବଂ ବାଲିବାହଲ ଗ୍ରାମ, ପିବିଡିଏ, ଜାମର୍ଦ୍ଦିହି ଅଧୀନ) ଦୁର୍ବୃତ୍ତମାନଙ୍କ ଦ୍ୱାରା ଭାଙ୍ଗି ଦିଆଯାଇଛି ଏବଂ ଗ୍ରାମବାସୀ କିମ୍ବା ଏମ୍‌ପିଏ କର୍ମଚାରୀ ଏହି କାର୍ଯ୍ୟ ବିଷୟରେ ଅବଗତ ନଥିଲେ ।

ଅଡିଟରୁ ଜଣାପଡ଼ିଲା ଯେ, 35ଟି କାର୍ଯ୍ୟକ୍ଷମ ପ୍ରକଳ୍ପ ମଧ୍ୟରୁ, ତିନୋଟି ଏମ୍‌ପିଏ ଦ୍ୱାରା କାର୍ଯ୍ୟକ୍ଷମ ଥିବାର ରିପୋର୍ଟ କରାଯାଇଥିବା ଚାରୋଟି ପାନୀୟ ଜଳ ପ୍ରକଳ୍ପ (ଏଲ୍‌ଡିଏ ମୋରଡା-1, ଏଚକେଏମ୍ ଡିଏ ଜଶିପୁର-2 ଏବଂ ଏଲଏସଡିଏ ପୁଟାସିଂ-1) ସୋଲାର ପାନେଲ ଚୋରୀ ହେବା, କଣ୍ଟ୍ରୋଲ ବକ୍ସ କାମ ନ କରିବା ଇତ୍ୟାଦି ହେତୁ ପ୍ରକୃତରେ ଅଚଳ ଥିଲା । ତେଣୁ ଏମ୍‌ପିଏଗୁଡ଼ିକର ରିପୋର୍ଟ ଅନୁଯାୟୀ ଅଚଳ ରହିଥିବା ପ୍ରକଳ୍ପଗୁଡିକର ପ୍ରକୃତ ସଂଖ୍ୟା ସନ୍ଦେହଜନକ ଥିଲା ।

ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ନକରିବା କାରଣରୁ ତିନୋଟି ପିଭିଟିଜି ଗ୍ରାମ/ ପଡା ପାନୀୟ ଜଳ ଅଭାବର ସମ୍ମୁଖୀନ ହେବାର ଉଦାହରଣ ନିମ୍ନରେ ଦର୍ଶାଯାଇଛି ।

**ତିନୋଟି ଗ୍ରାମ/ ପଡ଼ାରେ ପାନୀୟ ଜଳ ଅସ୍ୱଚ୍ଛ ସଂଗ୍ରହ କରାଯାଇଥିବା ଘଟଣା ସମୂହ**

ପିବିଡିଏ ଗୁଡ଼ୁଗୁଡ଼ାକୁଦର ଅଧୀନ ବୁଢ଼ାଭୁଇଁ ଗ୍ରାମରେ ସୌର ଭିତ୍ତିକ ଜଳ ଯୋଗାଣ ପ୍ରକଳ୍ପ ଦୁଇ ମାସ (ସେପ୍ଟେମ୍ବର 2024 ରୁ) ହେବ ଅଚଳ ହୋଇପଡ଼ିଥିଲା । ଗ୍ରାମବାସୀମାନେ ମଧ୍ୟ ଗତ ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପଟି ମଝିରେ ମଝିରେ ଅଚଳ ହେବାର ସୂଚନା ଦେଇଥିଲେ । ଗାଁର ଅନ୍ୟ ଏକ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ଅଚଳ ଥିବା ଜଣାପଡ଼ିଛି । କୌଣସି ବିକଳ୍ପ ପାନୀୟ ଜଳ ଉତ୍ସ ଉପଲବ୍ଧ ନଥିବାରୁ ଗ୍ରାମର 101 ପିଭିଟିଜି ଲୋକ ଥିବା 30ଟି ପରିବାରକୁ ପାନୀୟ ଜଳ ଏବଂ ଘରୋଇ ବ୍ୟବହାର ଉଦ୍ଦେଶ୍ୟରେ ନିକଟସ୍ଥ ଜଳସେଚନ କେନାଲ/ ଚ୍ୟାନେଲ ଉପରେ ନିର୍ଭର କରିବାକୁ ପଡୁଥିଲା । ଏହା ନିରାପଦ କିମ୍ବା ସ୍ୱଚ୍ଛ ନଥିଲା ଯାହା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ । ସେହିଭଳି, ବେଲଘରର କେକେଡିଏ ଅନ୍ତର୍ଗତ ଦୁତିପଦର ଗ୍ରାମରେ ଥିବା ଏକମାତ୍ର ପାନୀୟ ଜଳ ଉତ୍ସ ଜାନୁଆରୀ 2025 ସୁଦ୍ଧା କାର୍ଯ୍ୟ କରୁନଥିଲା । ଫଳସ୍ୱରୂପ, ଗାଁର 45ଟି ପରିବାର ପାନୀୟ ଜଳ ଉଦ୍ଦେଶ୍ୟରେ ଗୋଟିଏ ଅପରିଷ୍କାର ଉତ୍ସ (ଝରଣା) ରୁ ଜଳ ସଂଗ୍ରହ କରୁଥିଲେ ।

ଜାମର୍ଡିହିର ପିବିଡିଏ ଅଧୀନରେ ଥିବା ଏକ ପିଭିଟିଜି ପଡ଼ା ନାଗିରା ପଦସାହିରେ 15ଟି ପରିବାର ପାଖରେ ପାନୀୟ ଜଳ ସୁବିଧା ନଥିଲା । ଗାଁର ଅନ୍ୟ ଏକ ଭାଗରେ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଥିବା ବେଳେ ଏହାକୁ ସେମାନଙ୍କ ଅଞ୍ଚଳରେ ବିସ୍ତାର କରାଯାଇନଥିଲା । ଫଳସ୍ୱରୂପ, ବାସିନ୍ଦାକୁ ଅପରିଷ୍କାର ଅବସ୍ଥାରେ ଜଳସେଚନ କେନାଲ/ ପୁଷ୍କରିଣୀ/ ପୋଖରୀରୁ ଜଳ ସଂଗ୍ରହ କରିବାକୁ ପଡ଼ିଥିଲା, ଯାହା ***ଚିତ୍ର 1.23*** ରୁ ***1.26*** ରୁ ଦେଖାଯାଇପାରେ ।



*ଚିତ୍ର 1.23: ବୁଢ଼ାଭୁଇଁ ଗ୍ରାମର ଗ୍ରାମବାସୀ ଜଳସେଚନ ଚ୍ୟାନେଲରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି (8 ନଭେମ୍ବର 2024)*



*ଚିତ୍ର 1.24: କେକେଡିଏ, ବେଲଘର ଅନ୍ତର୍ଗତ ଦୁତିପଦ୍ରା ଗ୍ରାମବାସୀମାନେ ଏକ ଝରଣାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି (3 ନଭେମ୍ବର 2024)*



*ଚିତ୍ର 1.25: ବୁଢ଼ାଭୁଇଁ ଗ୍ରାମରେ ଅଚଳ ଜଳ ଯୋଗାଣ ପ୍ରକଳ୍ପ (8 ନଭେମ୍ବର 2024)*



*ଚିତ୍ର 1.26: ନାଗିରା ଗ୍ରାମରେ ଚୁଆଁରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି (26 ନଭେମ୍ବର 2024)*

ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ପିଭିଟିଜିମାନଙ୍କ ଠାରୁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରିବା କଷ୍ଟସାଧ୍ୟ ବୋଲି ସ୍ୱୀକାର କରୁଥିବା ବେଳେ ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ପାନୀୟ ଜଳ ପ୍ରକଳ୍ପର ପୁନରୁଦ୍ଧାର ଏବଂ ବିକଳ୍ପ ବ୍ୟବସ୍ଥା ପାଇଁ ଏମ୍‌ପିଏମାନେ ନିୟମିତ ଭାବରେ ସମ୍ପୃକ୍ତ ବିଡିଓ ଏବଂ ସରପଞ୍ଚଙ୍କ ସହ ଯୋଗାଯୋଗ କରୁଛନ୍ତି ।

### କ) ରିଭର୍ସ ଓସ୍ମୋସିସ୍ (ଆର୍‌ଓ) ପ୍ଲାଣ୍ଟଗୁଡ଼ିକର କାର୍ଯ୍ୟ

ଏଡବ୍ଲ୍ୟୁପିବି ଅନୁଯାୟୀ, ପିଏମ୍‌ୟୁ 2019-22 ରେ 17 ଏମ୍‌ପିଏ ଅଧୀନରେ 20 ଟି ପିଭିଟିଜି ଗ୍ରାମରେ 1.88 କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ 43 ଟି ଆର୍‌ଓ ପ୍ଲାଣ୍ଟ ସ୍ଥାପନ ପାଇଁ ବ୍ୟବସ୍ଥା କରିଥିଲା । 17ଟି ଏମ୍‌ପିଏ ମଧ୍ୟରୁ କେବଳ 11[54] ଟି ଏମ୍‌ପିଏ ଅଡିଟ୍ ପାଇଁ ଆର୍‌ଓ ପ୍ଲାଣ୍ଟ ସ୍ଥାପନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ଏହି 11ଟି ଏମ୍‌ପିଏରେ 30ଟି ପ୍ଲାଣ୍ଟ ନିର୍ମାଣ ପାଇଁ ଯୋଜନା କରାଯାଇଥିବା ବେଳେ 77.36 ଲକ୍ଷ ଟଙ୍କା ବ୍ୟୟରେ 20ଟି ଆରଓପ୍ଲାଣ୍ଟ ସ୍ଥାପନ କରାଯାଇଥିଲା ।

ଏହି 20ଟି ଆର୍‌ଓ ପ୍ଲାଣ୍ଟ ମଧ୍ୟରୁ ପାଞ୍ଚଟି[55] ଏମ୍‌ପିଏ ଅଧିନରେ ସ୍ଥାପିତ ପାଞ୍ଚଟି ପ୍ଲାଣ୍ଟର ଜେପିଆଇ ସମୟରେ, ଅଡିଟ୍ ଜାଣିବାକୁ ପାଇଲା ଯେ ସମସ୍ତ ପ୍ଲାଣ୍ଟଗୁଡ଼ିକ କାର୍ଯ୍ୟ କରୁନଥିଲା । ଡିକେଡିଏ, ପାର୍ସାଲି ଅଧିନରେ ଥିବା ଆର୍‌ଓ ପ୍ଲାଣ୍ଟ ସ୍ଥାପନ (ଅଗଷ୍ଟ 2022) ହେବାର ଛଅ ମାସ ପରେ ଅଚଳ ହୋଇଯାଇଥିଲା (ଫେବୃଆରୀ 2023), ଯେତେବେଳେ କି ଏଲଏସଡିଏ, ପୁଟାସିଂ ଅଧିନରେ ଥିବା ଆର୍‌ଓ ପ୍ଲାଣ୍ଟ ସ୍ଥାପନ (ମାର୍ଚ୍ଚ 2021) ହେବାର ତିନି ମାସ ପରେ ଜୁନ୍ 2021 ରୁ ଅଚଳ ହୋଇଯାଇଥିଲା । ଅନ୍ୟ ତିନୋଟି ସ୍ଥାନରେ ଥିବା ଆରଓ ପ୍ଲାଣ୍ଟ କେଉଁ ତାରିଖରୁ ଅଚଳ ହୋଇଗଲା, ତାହା ରେକର୍ଡରେ ନଥିଲା । ଚିତ୍ର 1.27 ଏବଂ 1.28 ରେ ଯଥାକ୍ରମେ ଜେଡିଏ, ଗୋନାସିକା ଅଧିନରେ ଥିବା କଲୋନୀ ସାହି ଏବଂ ସିବିଡିଏ, ସୁନାବେଡ଼ା ଅଧିନରେ ଥିବା ବାଟିବାହାଲରେ ଅଚଳ ଆର୍‌ଓ ପ୍ଲାଣ୍ଟର ଅବସ୍ଥା ଦର୍ଶାଉଛି ।



*ଚିତ୍ର 1.27: ଜେଡିଏ, ଗୋନାସିକା ଅଧିନରେ ଥିବା କଲୋନୀ ସାହିରେ ଅଚଳ ଆରଓ ପ୍ଲାଣ୍ଟ (12 ଡିସେମ୍ବର 2024)*




*ଚିତ୍ର 1.28: ସିବିଡ଼ିଏ, ସୁନାବେଡ଼ା ଅଧିନରେ ବାଟିବାହାଲରେ ଅଚଳ ଆରଓ ପ୍ଲାଣ୍ଟ (12 ଡିସେମ୍ବର 2024)*

ଏତେ ଦୀର୍ଘ ସମୟ ଧରି ଆରଓ ପ୍ଲାଣ୍ଟଗୁଡ଼ିକର ମରାମତି/ ପୁନରୁଦ୍ଧାର ନକରିବା ଫଳରେ ପିଭିଟିଜି ଜନସଂଖ୍ୟାକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ପୂରଣ ହୋଇନଥିଲା ଏବଂ ଖର୍ଚ୍ଚ ଅପଚୟ ହୋଇଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ 2023-24 ମଧ୍ୟରେ ଆର୍‌ଓ ପ୍ଲାଣ୍ଟ ସମେତ ପାନୀୟ ଜଳ ପ୍ରକଳ୍ପର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି, ଯେଉଁଥିପାଇଁ ଅନେକ ପ୍ରକଳ୍ପର ମରାମତି ଏବଂ ପୁନରୁଦ୍ଧାର କରାଯାଇଛି । ଏହାର ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଅଡିଟ୍ ଦ୍ୱାରା ମିଳିତ ଭାବରେ ନିରୀକ୍ଷଣ କରାଯାଇଥିବା ସମସ୍ତ ପାଞ୍ଚଟି ଆରଓ ପ୍ଲାଣ୍ଟ ଅଚଳ ଥିବା ଜଣାପଡ଼ିଥିଲା ।


---

[54] (i) କେକେଡିଏ, ଲାଞ୍ଜିଗଡ଼; (ii) ସିବିଡିଏ, ସୁନାବେଡ଼ା; (iii) ଡିକେଡିଏ, ଚାଟିକୋଣା; (iv) ଏଲ୍‌ଏସ୍‌ଡିଏ, ପୁଟାସିଂ; (v) କେକେଡିଏ, ବେଲଘର, (vi) ଡିକେଡିଏ, ପାର୍ସାଲି, (vii) ଏଲଡିଏ, ମୋରଡ଼ା, (viii) ଏଚ୍‌କେଏମ୍‌ଡିଏ, ଯଶୀପୁର, (ix) ପିବିଡିଏ, ରୁଗୁଡାକୁଦର, (x) ପିବିଡିଏ, ଜାମର୍ଡିହି, (xi) ଜେଡିଏ, ଗୋନାସିକା

[55] ଏଲ୍‌ଏସ୍‌ଡିଏ, ପୁଟାସିଂ ଅଧିନରେ ଅଲାଙ୍ଗଡ଼ା; (ii) ଡିକେଡିଏ, ପାର୍ସାଲି ଅଧିନରେ ସାନାଡେଙ୍ଗିନାଲି; (iii) ସିବିଡିଏ, ସୁନାବେଡ଼ା ଅଧିନରେ ବାଟିବାହାଲ; (iv) ଜେଡିଏ, ଗୋନାସିକା ଅଧିନରେ କଲୋନୀ ସାହି; (v) ଜେଡିଏ ,ଗୋନାସିକା ଅଧିନରେ ପୁରୁଣାସାହି

### ଖ) ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ସମନ୍ୱୟର ଅଭାବ

- ଯଶୀପୁରର ଏଚ୍‌କେଏମ୍‌ଡିଏ ଅନ୍ତର୍ଗତ ଶିଆଳିନଈ ଗ୍ରାମରେ ଛଅଟି ସୌର ଭିତ୍ତିକ ପାନୀୟ ଜଳ ପ୍ରକଳ୍ପ ଦେଖିବାକୁ ମିଳିଛି । ଏଥି ମଧ୍ୟରୁ ତିନୋଟି ପ୍ରକଳ୍ପ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା, ଦୁଇଟି ଏମ୍‌ପିଏ ଏବଂ ଗୋଟିଏ ଅନ୍ୟ ଏଜେନ୍ସି ଦ୍ୱାରା ପ୍ରତିଷ୍ଠା କରାଯାଇଛି । ଜେପିଆଇ (ସେପ୍ଟେମ୍ବର 2024) ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ ଏମ୍‌ପିଏ ଦ୍ୱାରା ନିର୍ମିତ ଦୁଇଟି ପାନୀୟ ଜଳ ପ୍ରକଳ୍ପ ସୌର ପ୍ୟାନେଲର ଚୋରୀ ଏବଂ କ୍ଷତି ହେତୁ ଅଚଳ ହୋଇଯାଇଥିଲା, ଯାହା ***ଚିତ୍ର 1.29*** ଏବଂ ***1.30*** ରୁ ଦେଖାଯାଇପାରେ ।



*ଚିତ୍ର 1.29: ଶିଆଳିନଈ ଗ୍ରାମରେ ଏମପିଏ ଅଚଳ ପାନୀୟ ଜଳ ପ୍ରକଳ୍ପ (20 ସେପ୍ଟେମ୍ବର 2024)*



*ଚିତ୍ର 1.30: ଶିଆଳିନଈ ଗ୍ରାମରେ ଦୁଇଟି ବିଭାଗ ଦ୍ୱାରା ଦୁଇଟି ପାନୀୟ ଜଳ ପ୍ରକଳ୍ପ (20 ସେପ୍ଟେମ୍ବର 2024)*

- ପିବିଡିଏ ଜାମର୍ଦ୍ଦିହି ଅନ୍ତର୍ଗତ ଜାମର୍ଦ୍ଦିହି ପାଉଡ଼ି ଗ୍ରାମରେ ଦୁଇଟି ସୌର ଭିତ୍ତିକ ପାନୀୟ ଜଳ ବ୍ୟବସ୍ଥା ପ୍ରତିଷ୍ଠା ହୋଇଥିବାର ଦେଖିବାକୁ ମିଳିଥିଲା । ଗୋଟିଏ ଏମ୍‌ପିଏ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା, ଯାହା କାର୍ଯ୍ୟକ୍ଷମ ଥିଲା ଏବଂ ଅନ୍ୟଟି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା, ଯାହା ସେପ୍ଟେମ୍ବର 2024 ସୁଦ୍ଧା ଅଚଳ ଥିଲା, ଯାହାର ***ଚିତ୍ର 1.31*** ଏବଂ ***1.32*** ରେ ଦେଖାଯାଇଛି ।



*ଚିତ୍ର 1.31: ଜାମର୍ଦ୍ଦିହି ପାଉଡ଼ି ଗ୍ରାମରେ ପିଆରଆଣ୍ଡଡିଡବ୍ଲ୍ୟୁ ବିଭାଗ ଦ୍ୱାରା ଅଣ-କାର୍ଯ୍ୟକ୍ଷମ ସୌର ପାନୀୟ ଜଳ ପ୍ରକଳ୍ପ (27 ସେପ୍ଟେମ୍ବର 2024)*



*ଚିତ୍ର 1.32: ଜାମର୍ଦ୍ଦିହି ପାଉଡ଼ି ଗ୍ରାମରେ ଏମପିଏର କାର୍ଯ୍ୟକ୍ଷମ ସୌର ପାନୀୟ ଜଳ ପ୍ରକଳ୍ପ (27 ସେପ୍ଟେମ୍ବର 2024)*

- ଏଲଡିଏ ମୋରାଡ଼ା ଅନ୍ତର୍ଗତ ପିସିପୁର-1 ଗ୍ରାମରେ ଦୁଇଟି ସୌର ଭିତ୍ତିକ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା । ଗୋଟିଏ ଏମ୍‌ପିଏ ଦ୍ୱାରା ଓ ଅନ୍ୟଟି ପାଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଉଭୟ ଅଗଷ୍ଟ 2024 ସୁଦ୍ଧା ଅଚଳ ଥିଲା, ଯାହା ***ଚିତ୍ର 1.33*** ଏବଂ ***1.34*** ରେ ଦର୍ଶାଯାଇଛି ।



*ଚିତ୍ର 1.33: ପିସିପୁର-1 ଗ୍ରାମରେ ଏମପିଏର ଅଣ-କାର୍ଯ୍ୟକ୍ଷମ ସୌର ଭିତ୍ତିକ ପାନୀୟ ଜଳ ପ୍ରକଳ୍ପ (16 ଅଗଷ୍ଟ 2024)*



*ଚିତ୍ର 1.34: ପିସିପୁର-1 ଗ୍ରାମରେ ପିଆରଆଣ୍ଡଡିଡବ୍ଲ୍ୟୁ ବିଭାଗର ଅଣ-କାର୍ଯ୍ୟକ୍ଷମ ସୌର ଭିତ୍ତିକ ପାନୀୟ ଜଳ ପ୍ରକଳ୍ପ. (16 ଅଗଷ୍ଟ 2024)*

ଅଧିକନ୍ତୁ, ଏହି ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିଲା । ଫଳସ୍ୱରୁପ ପିଭିଟିଜି ପରିବାରଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳର ନିରବଚ୍ଛିନ୍ନ ଯୋଗାଣ ହୋଇ ପାରିନଥିଲା, ଯେହେତୁ ଜେପିଆଇ ସମୟରେ ପାନୀୟ ଜଳ ପ୍ରକଳ୍ପର 49 ପ୍ରତିଶତ (69 ଟି ମଧ୍ୟରୁ 34) ଅଚଳ ଥିବା ଜଣାପଡ଼ିଥିଲା ।

ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ ସମନ୍ୱୟର କୌଣସି ଅଭାବ ନାହିଁ ଏବଂ ଯୋଜନା ଓ ନକଲକୁ ଏଡ଼ାଇବା ପାଇଁ ଏମ୍‌ପିଏ, ଏଫ୍‌ଏନ୍‌ଜିଓ ଏବଂ ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ବିଭାଗ ଦ୍ୱାରା ପ୍ରତିବର୍ଷ ମିଳିତ ସର୍ଭେ କରାଯାଇଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଉପରୋକ୍ତ ଆଲୋଚନା ଅନୁଯାୟୀ ଉଭୟ ଏମ୍‌ପିଏ ଏବଂ ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗ ଦ୍ୱାରା ଗୋଟିଏ ଗ୍ରାମରେ ଏକାଧିକ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା ।

***ସୁପାରିଶ 1.6:***

***ରାଜ୍ୟ ସରକାର ଚିହ୍ନିତ ଗ୍ରାମର ସମସ୍ତ ପିଭିଟିଜି ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ଶୀଘ୍ର ପଦକ୍ଷେପ ନେଇପାରିବେ ଏବଂ ପିଭିଟିଜି ପରିବାରରୁ ଉପଭୋକ୍ତା ଶୁଳ୍କ ଆଦାୟ କରିବା ପରିବର୍ତ୍ତେ ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ଯୋଗାଇବା ଉପରେ ବିଚାର କରିପାରିବେ ।***

### 1.10.2 ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠାରେ ନିଷ୍ଫଳ ବ୍ୟୟ

ଫଳ, ପନିପରିବା ଏବଂ ଫୁଲର ନିରାପଦ ସଂରକ୍ଷଣ ନିମନ୍ତେ କୃଷକମାନଙ୍କୁ ଶୀତଳ ଭଣ୍ଡାର ସୁବିଧା ଯୋଗାଇବା ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ (ଏଆଣ୍ଡଏଫ୍‌ଇ) ବିଭାଗ ଦ୍ୱାରା ରାଜ୍ୟର କାର୍ଯ୍ୟକାରୀ ହୋଇଥିବା ଜାତୀୟ ଉଦ୍ୟାନ କୃଷି ମିଶନ (ଏନ୍‌ଏଚ୍‌ଏମ୍) ସହିତ ମିଳିତ ଭାବରେ 14 ଏମ୍‌ପିଏ ଅଞ୍ଚଳରେ ସୌର ଭିତ୍ତିକ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା କରିବାକୁ ପିଏମ୍‌ୟୁ (2021-22) ନିଷ୍ପତ୍ତି ନେଇଥିଲା । ପ୍ରତ୍ୟେକ ଶୀତଳ ଭଣ୍ଡାର ୟୁନିଟ୍ 16.50 ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବାର ଥିଲା, ଯାହା ପିଏମ୍‌ୟୁ (6 ଲକ୍ଷ ଟଙ୍କା) ଏବଂ ଏଆଣ୍ଡଏଫ୍‌ଇ ବିଭାଗ (10.50 ଲକ୍ଷ ଟଙ୍କା)ର ଅଂଶୀଦାର ଥିଲା ।

14ଟି ଯୋଜନାବଦ୍ଧ ଶୀତଳ ଭଣ୍ଡାର ୟୁନିଟ୍‌ର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତାର ସ୍ଥିତି **ସାରଣୀ 1.9**ରେ ଦର୍ଶାଯାଇଛି ।

***ସାରଣୀ 1.9: ଏମ୍‌ପିଏରେ ସୌର ଆଧାରିତ ଶୀତଳ ଭଣ୍ଡାର ପ୍ରଣାଳୀର ସ୍ଥିତି*** ***(ଟଙ୍କା / ଲକ୍ଷରେ)***

| କ୍ର. ସଂ. | ଏମ୍‌ପିଏ | ମଞ୍ଜୁର ଏବଂ ପ୍ରଦାନ ହୋଇଥିବା ପରିମାଣ | ଖର୍ଚ୍ଚ | ସ୍ଥିତି |
|---|---|---|---|---|
| 1 | ଏଲ୍‌ଡିଏ, ମୋରାଡ଼ା | 16.50 | - | ଜମି ବିବାଦ କାରଣରୁ ପ୍ରତିଷ୍ଠିତ ହୋଇନଥିଲା |
| 2 | ଏଚ୍‌କେଏମ୍‌ଡିଏ, ଯଶୀପୁର | 16.50 | - | ପ୍ରତିଷ୍ଠିତ ହୋଇନଥିଲା । ଶୀତଳ ଭଣ୍ଡାର |

| କ୍ର. ସଂ. | ଏମ୍‌ପିଏ | ମଞ୍ଜୁର ଏବଂ ପ୍ରଦାନ ହୋଇଥିବା ପରିମାଣ | ଖର୍ଚ୍ଚ | ସ୍ଥିତି |
|---|---|---|---|---|
| | | | | ୟୁନିଟ୍ ନିର୍ମାଣ ପାଇଁ ଦର ପ୍ରଦାନ କରିବାକୁ ଏମ୍‌ପିଏ ଓଡ଼ିଶା ଉପଭୋକ୍ତା ସମବାୟ ମହାସଙ୍ଘକୁ ଅନୁରୋଧ କରିଥିଲେ (ଡିସେମ୍ବର 2023) । ପୁନଃ କୌଣସି ଚିଠି ଲେଖାହୋଇନଥିଲା । |
| 3 | ବିଡିଏ, ମୁଦୁଲିପଡ଼ା | 16.50 | 14.16 | ଅସମ୍ପୂର୍ଣ୍ଣ ପଡ଼ିଛି । ବାଡ଼ ଏବଂ ଭିତର ଚଟାଣ ଇତ୍ୟାଦି କାର୍ଯ୍ୟ କାର୍ଯ୍ୟକାରୀ ହୋଇନଥିଲା । |
| 4 | ଡିକେଡିଏ, ପର୍ସାଲି | 16.50 | 15.30 | ସଠିକ ଭାବରେ କାର୍ଯ୍ୟ କରୁନଥିଲା କାରଣ ଆବଶ୍ୟକତା ତାପମାତ୍ରା ବଜାୟ ରଖାଯାଇନଥିଲା । |
| 5 | ଏଲ୍‌ଏସ୍‌ଡିଏ, ପୁଟାସିଂ | 16.50 | 16.50 | |
| 6 | ପିବିଡିଏ, ଜାମରର୍ଡିହି | 16.50 | 16.50 | ତିନୋଟି କୁଲିଂ ଫ୍ୟାନ୍ ମଧ୍ୟରୁ ଦୁଇଟି କାମ କରୁନଥିବାରୁ ଠିକ୍ ଭାବରେ କାର୍ଯ୍ୟ କରୁନଥିଲା । |
| 7 | ଜେଡିଏ, ଗୋନାସିକା | 16.50 | 15.00 | |
| 8 | କେକେଡିଏ, ଲାଞ୍ଜିଗଡ଼ | 16.50 | 16.50 | ଶୀତଳ ଭଣ୍ଡାର ଗୁଡ଼ିକ କାର୍ଯ୍ୟକ୍ଷମ ଅବସ୍ଥାରେ ଥିଲା । ତେବେ, ଜେପିଆଇ ସମୟରେ କୌଣସି ଉତ୍ପାଦ ଗଚ୍ଛିତ ହୋଇନଥିଲା । |
| 9 | ଡିକେଡିଏ, ଚଟିକୋନା | 16.50 | 16.50 | |
| 10 | ଏଲ୍‌ଏସ୍‌ଡିଏ, ସେରଙ୍ଗୋ | 16.50 | 16.00 | |
| 11 | ପିବିଡିଏ, ରୁଗୁଡ଼ାକୁଦର | 16.50 | 15.30 | |
| 12 | ଏସ୍‌ଡିଏ, ଚନ୍ଦ୍ରଗିରି | 16.50 | 16.00 | |
| 13 | ଟିଡିଏ, ଗଞ୍ଜାମ | 16.50 | 16.50 | |
| 14 | ପିବିଡିଏ, ଖୁଣ୍ଟାଗାଁ | 16.50 | 16.50 | |
| | **ସମୁଦାୟ** | **231.00** | **190.76** | |

***(ଉତ୍ସ: ଏମପିଏର ରେକର୍ଡ ଏବଂ ଯୁଗ୍ମ ଭୌତିକ ନିରୀକ୍ଷଣ ରିପୋର୍ଟ)***

- କେତେକ ଉଦାହରଣ ***ଚିତ୍ର 1.35*** ଓ ***1.36*** ରେ ଦର୍ଶାଯାଇଛି।




***ଚିତ୍ର 1.35: ବିଡିଏ, ମୁଦୁଲିପଡ଼ା ଅଧୀନରେ ଅସମ୍ପୂର୍ଣ୍ଣ ଶୀତଳ ଭଣ୍ଡାର ବ୍ୟବସ୍ଥା***
***(12 ଡିସେମ୍ବର 2024)***



***ଚିତ୍ର 1.36: ଏମ୍‌ପିଏ, ରୁଗୁଡ଼ାକୁଦର ଅଧୀନରେ ଅବ୍ୟବହୃତ ସୌର ଆଧାରିତ ଶୀତଳ ଭଣ୍ଡାର ପ୍ରଣାଳୀ***
***(8 ନଭେମ୍ବର 2024)***

ଅଡିଟ୍ ଦେଖିଲା ଯେ:

- ମୋରଡ଼ା ଏବଂ ଯଶୀପୁରରେ ଦୁଇଟି ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା ହୋଇନଥିବା କ୍ଷେତ୍ରରେ ତିନି ବର୍ଷ ମଞ୍ଜୁରୀ (2021-22) ପରେ ମଧ, ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀମାନେ ଏବଂ ପିଏମ୍‌ୟୁ ଜମି ବିବାଦ ଏବଂ ନିର୍ମାଣ ପଦ୍ଧତି ସମସ୍ୟାର ସମାଧାନ କରିନଥିଲେ । ଅଗଷ୍ଟ 2024 ସୁଦ୍ଧା 33 ଲକ୍ଷ ଟଙ୍କାର ଅବ୍ୟବହୃତ ପାଣ୍ଠି ଏମ୍‌ପିଏ ମାନଙ୍କ ପାଖରେ ପଡ଼ିରହିଥିଲା ।
- ସୌର ଶୀତଳ ଭଣ୍ଡାରର ପରିଚାଳନାର ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷକ ଏସ୍‌ଏଚ୍‌ଜି ଶୀତଳ ଭଣ୍ଡାରର ଉପଯୁକ୍ତ ଯତ୍ନ ସହିତ ପରିଚାଳନା କରିବେ ଏବଂ ପ୍ରବର୍ତ୍ତନ କରିବା ପାଇଁ ତାଲିମ ନେବା ଉଚିତ୍ ।

ତେବେ, ସ୍ୱୟଂସହାୟିକା ଗୋଷ୍ଠୀକୁ ଶୀତଳ ଭଣ୍ଡାର ହସ୍ତାନ୍ତର କରିବା ଏବଂ ଶୀତଳ ଭଣ୍ଡାର ଚଲାଇବା ପାଇଁ ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଦିଆଯାଇଥିବା ତାଲିମ୍ ଭଳି ଦସ୍ତାବିଜ୍ ରେକର୍ଡରେ ନଥିଲା । ଶୀତଳ ଭଣ୍ଡାର ଗୁଡ଼ିକର କାର୍ଯ୍ୟକ୍ରମ ବିବରଣୀ ଲିପିବଦ୍ଧ କରିବା ଏବଂ ଏସ୍‌ଏଚ୍‌ଜି / ଉପଭୋକ୍ତା ଗୋଷ୍ଠୀ ଦ୍ୱାରା କୌଣସି ଲଗ୍ ବହିର ରକ୍ଷଣାବେକ୍ଷଣ କରାଯାଉନଥିଲା ।

ଫଳସ୍ୱରୁପ, 12ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହୋଇଥିବା 1.91 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା । ଶୀତଳ ଭଣ୍ଡାରଗୁଡ଼ିକ ଅଚଳ କିମ୍ବା ନିଷ୍କ୍ରିୟ ହେବାର କାରଣ ରେକର୍ଡରେ ନଥିଲା । ପିଭିଟିଜି ଚାଷୀଙ୍କୁ ଶୀତଳ ଭଣ୍ଡାର ସୁବିଧା ଯୋଗାଇବାର ଉଦ୍ଦେଶ୍ୟ ମଧ୍ୟ ହାସଲ ହୋଇପାରିଲା ନଥିଲା ।

ଜମି ସମସ୍ୟା ହେତୁ ମୋରଡ଼ା ଏବଂ ଯଶୀପୁରରେ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା ହୋଇନଥିବା ସ୍ୱୀକାର କରି ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ କୃଷି ଉତ୍ପାଦ କମ୍ ହେଉଥିବା ଋତୁରେ ଶୀତଳ ଭଣ୍ଡାର ୟୁନିଟ୍ ଗୁଡ଼ିକର କମ୍ ବ୍ୟବହାର ଅନୁଭୂତ ହୋଇଥିଲା । କିନ୍ତୁ ବାସ୍ତବରେ ଶୀତଳ ଭଣ୍ଡାରଗୁଡ଼ିକ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ବ୍ୟବହୃତ ହୋଇନଥିଲା କାରଣ ଜେପିଆଇ ସମୟରେ ଏସବୁ ୟୁନିଟରେ କୌଣସି କୃଷିଜାତ ଦ୍ରବ୍ୟ ଗଚ୍ଛିତ ନଥିବାର ଦେଖା ଯାଇଥିଲା ।

### 1.10.3 ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା

ପିଭିଟିଜିମାନଙ୍କ ଆୟ ସୁରକ୍ଷା ସୁନିଶ୍ଚିତ କରିବା, ଶାରୀରିକ ପରିଶ୍ରମକୁ ହ୍ରାସ କରିବା ଏବଂ ସେମାନଙ୍କୁ ଉଚିତ ବଜାର ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକ୍ରିୟାକରଣ ୟୁନିଟ୍ ଯଥା ମୁଢ଼ି ତିଆରି, ତେଲ ପେଡା ୟୁନିଟ୍, ପେପର ପ୍ଲେଟ୍/ ପ୍ରେସ୍ ପ୍ଲେଟ୍ ତିଆରି, ଧାନ କୁଟା ମେସିନ୍/ ମଲ୍ଟି ମିଲିଂ ୟୁନିଟ୍ ଇତ୍ୟାଦି ଏମ୍‌ପିଏ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିଲା । ଏମ୍‌ପିଏ ଏବଂ ଏଫ୍‌ଏନ୍‌ଜିଓ ମାନେ ଭିଡିସି/ ଭିଡିଏଙ୍କର ଅନୁମୋଦନ ସହିତ ପ୍ରକ୍ରିୟାକରଣ ଯନ୍ତ୍ରପାତି ଯୋଗାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଚୟନ କରିବାରେ ସାହାଯ୍ୟ କରିବାର ଥିଲା । ପ୍ରକ୍ରିୟାକରଣ ୟୁନିଟ୍‌ଗୁଡିକର ପରିଚାଳନା ତଥା ପ୍ରତ୍ୟେକ ପକ୍ଷର ଭୂମିକା ଓ ଦାୟିତ୍ୱ ନିର୍ଦ୍ଧାରଣ କରିବା ପାଇଁ ଏମ୍‌ପିଏ, ଭିଡିସି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ/ ଉତ୍ପାଦକ ଗୋଷ୍ଠୀ/ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ ଏକ ପାଞ୍ଚ ବର୍ଷିଆ ତ୍ରିପାକ୍ଷିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାର ଥିଲା । ୟୁନିଟଗୁଡିକର ରକ୍ଷଣାବେକ୍ଷଣ ଏବଂ ସୁଚାରୁ ପରିଚାଳନା ସୁନିଶ୍ଚିତ କରିବାର ଦାୟିତ୍ୱ ଉପଭୋକ୍ତା ଗୋଷ୍ଠୀ ମାନଙ୍କର ଥିଲା ।

ଅଡିଟ୍ ଦ୍ୱାରା ଦେଖାଯାଇଛି ଯେ 2019-24 ଆର୍ଥିକ ବର୍ଷ ମଧ୍ୟରେ 48.29 କୋଟି ଟଙ୍କା ବ୍ୟୟରେ 17 ଟି ଏମ୍‌ପିଏ ଅଧିନରେ 229 ଟି ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଯାଇଥିଲା । ଏଥିମଧ୍ୟରୁ 105 (46 ପ୍ରତିଶତ) ୟୁନିଟ୍ ଅଚଳ ଥିବାର ଏମ୍‌ପିଏ ଦ୍ୱାରା ରିପୋର୍ଟ କରାଯାଇଥିଲା । ଜେପିଆଇ (ଅଗଷ୍ଟ-ଡିସେମ୍ବର 2024) ସମୟରେ 50 ଟି ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟରୁ 48 ଟି ୟୁନିଟ୍ (96 ପ୍ରତିଶତ) ଅଚଳ ମିଳିଥିଲା, ଯାହାର ପ୍ରଧାନ କାରଣ ବିଦ୍ୟୁତ୍ ଯୋଗାଣର ଅଭାବ ଥିଲା । ଏଥିସହ ଚାରୋଟି ଏମ୍‌ପିଏଙ୍କ ଦ୍ୱାରା କାର୍ଯ୍ୟକ୍ଷମ ବୋଲି ରିପୋର୍ଟ କରାଯାଇଥିବା ସାତଟି ୟୁନିଟ୍[56] ମଧ୍ୟ ଅଚଳ ଥିବା ଜଣାପଡ଼ିଥିଲା ।

ଏହି ସନ୍ଦର୍ଭରେ ଅଡିଟ୍ ନିମ୍ନଲିଖିତ ପରିବେକ୍ଷଣ କରିଛି:

- ପାଞ୍ଚଟି ଏମ୍‌ପିଏରେ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଏବଂ ପରିଚାଳନା ପାଇଁ ଏମ୍‌ପିଏ, ଭିଡିସି ଏବଂ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ କରାଯିବାକୁ ଥିବା ତ୍ରିପାକ୍ଷିକ ଚୁକ୍ତିନାମା ରେକର୍ଡରେ ମିଳିଲା ନାହିଁ[57] । ଏହା ନଥିବା ହେତୁ ସଂସ୍ଥାଗୁଡ଼ିକର ଭୂମିକା ଓ ଦାୟିତ୍ୱର କୌଣସି ସ୍ପଷ୍ଟ ସଂଜ୍ଞା ନଥିଲା, ଯାହା ଦ୍ୱନ୍ଦ, ଉତ୍ତର ଦାୟିତ୍ୱର ଅଭାବ ଏବଂ ସମ୍ବଳର କୁପରିଚାଳନାର ସମ୍ଭାବନା ସୃଷ୍ଟି କରିଥିଲା । ଅଧିକନ୍ତୁ କୌଣସି ଆଇନଗତ ଭାବେ ବାଧ୍ୟତାମୂଳକ ଚୁକ୍ତିନାମା ବିନା ପ୍ରକ୍ରିୟାକରଣ ୟୁନିଟ୍‌ଗୁଡିକର ସ୍ଥାୟିତ୍ୱ ସୁନିଶ୍ଚିତ କରିବା କଷ୍ଟକର ଥିଲା, ଯାହା ସେଗୁଡିକର ବିଫଳତା କିମ୍ବା ସ୍ୱଳ୍ପ ବ୍ୟବହାରର କାରଣ ହୋଇପାରେ ।

[56] ଏଲ୍‌ଡିଏ, ମୋରଡ଼ା (1); ପିବିଡିଏ, ରୁଗୁଡାକୁଦର (2) ; ପିବିଡିଏ, ଜାମର୍ଡିହି (2); ଜେଡିଏ, ଗୋନାସିକା (2)

[57] (i) ଏଲ୍‌ଡିଏ, ମୋରଡ଼ା; (ii) ଜେଡିଏ, ଗୋନାସିକା; (iii) କେକେଡିଏ, ବେଲଘର; (iv) ଡିକେଡିଏ, ପାର୍ସାଲି; (v) ଏଚ୍‌କେଏମ୍‌ଡିଏ, ଯଶୀପୁର

- ଏସ୍ଏଚ୍ଜି/ ଉପଭୋକ୍ତା ଗୋଷ୍ଠୀକୁ ସହାୟତା ପ୍ରଦାନ କରିବା ପରେ, ଏମ୍ପିଏ ଦ୍ୱାରା ପ୍ରକ୍ରିୟାକରଣ ୟୁନିଟ୍ ଗୁଡ଼ିକର ଅଗ୍ରଗତି/ କାର୍ଯ୍ୟ ସମ୍ବନ୍ଧରେ ନିରୀକ୍ଷଣ କରିବାର କୌଣସି ରେକର୍ଡ ନଥିଲା ।
- ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ଉପକରଣ/ ଯନ୍ତ୍ରପାତି ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁସରଣ ନକରି ସମ୍ପୃକ୍ତ ଭିଡିସି ଦ୍ୱାରା କ୍ରୟ କରାଯାଇଥିଲା । ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପୂର୍ବରୁ ବାସ୍ତବିକ ଆବଶ୍ୟକତା ଏବଂ ମୌଳିକ ଭିତ୍ତିଭୂମି ବ୍ୟବସ୍ଥାକୁ ବିଶ୍ଳେଷଣ କରାଯାଇ ନଥିଲା । ଫଳସ୍ୱରୂପ, ୟୁନିଟ୍ ଗୁଡ଼ିକ ବିଫଳ ହେବାର ସ୍ଥିତି ଉପସ୍ଥିତି ହୋଇଥିଲା । ଏହିପରି କିଛି ଉଦାହରଣ ନିମ୍ନରେ ଆଲୋଚନା କରାଯାଇଛି:

**ଅଚଳ ପ୍ରକ୍ରିୟାକରଣ ୟୁନିଟର ଉଦାହରଣ**

ପିବିଡିଏ, ଖୁଣ୍ଟଗାଁ ଅଧିନରେ କୁଲିପୋଷରେ ପ୍ରତିଷ୍ଠିତ (ମାର୍ଚ୍ଚ 2020) ତୈଳ ଉତ୍ତୋଳନ ୟୁନିଟ୍ (ମୂଲ୍ୟ: 2.25 ଲକ୍ଷ ଟଙ୍କା) କରମ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବାର ଥିଲା । ତିନି ଫେଜ୍ ବିଦ୍ୟୁତ୍ ସଂଯୋଗ ଅଭାବରୁ ଏହି ୟୁନିଟ୍ ସ୍ଥାପନ ଦିନଠାରୁ ଅଚଳ ହୋଇ ପଡ଼ିଥିଲା । ଏମ୍ପିଏ/ ଏଫ୍ଏନ୍ଜିଓ କିମ୍ବା ଏସ୍ଏଚ୍ଜି ବିଦ୍ୟୁତ ଯୋଗାଣ ପାଇଁ ଆବଶ୍ୟକତା ପଦକ୍ଷେପ ନେଇନଥିଲେ । ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟ କ୍ଷତିଗ୍ରସ୍ତ ଅବସ୍ଥାରେ ମିଳିଥିଲା । ଏହା ଦର୍ଶାଉଛି ଯେ ୟୁନିଟ୍ ସ୍ଥାପନା ପୂର୍ବରୁ ଏସ୍ଏଚ୍ଜିର କ୍ଷମତାର ମୂଲ୍ୟାଙ୍କନ କରାଯାଇ ନଥିଲା ଯେଉଁଥିପାଇଁ କାର୍ଯ୍ୟକ୍ରମ ବିଫଳ ହୋଇଥିଲା ଏବଂ ସରକାରୀ ଅର୍ଥର ଅପଚୟ ଘଟିଲା ।



*ଚିତ୍ର 1.37: କୁଲିପୋସରେ ତୈଳ ଉତ୍ତୋଳନ ୟୁନିଟ୍ (14 ଅଗଷ୍ଟ 2024)*



*ଚିତ୍ର 1.38: ଡାଲି ପ୍ରକ୍ରିୟାକରଣ ୟୁନିଟ୍ (21 ସେପ୍ଟେମ୍ବର 2024)*

ଏଚ୍କେଏମ୍ଡିଏ, ଯଶୀପୁର ଅଧିନରେ କୋପଣ୍ଡ ଠାରେ ତିନି ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଡାଲି ପ୍ରକ୍ରିୟାକରଣ ୟୁନିଟ୍ (2021-22) ସେପ୍ଟେମ୍ବର 2024 ପର୍ଯ୍ୟନ୍ତ ଗତ ଆଠ ମାସ ଧରି ଅଚଳ ଅବସ୍ଥାରେ ମିଳିଲା । ମା ମଙ୍ଗଳା ଜିପିଏଲଏଫ୍ ଘରୋଇ ବିଦ୍ୟୁତ୍ ସଂଯୋଗ ସହିତ ୟୁନିଟ୍ ଚଳାଉଥିଲା । ଯାଞ୍ଚ ପରେ, ବିଦ୍ୟୁତ୍ ବିତରଣ କମ୍ପାନୀ ଉପଭୋକ୍ତା ଏଜେନ୍ସି ଉପରେ 25,000 ଟଙ୍କା ଜୋରିମାନା କରାଯାଇଥିଲା କାରଣ ୟୁନିଟ୍ ଚଳାଇବା ପାଇଁ ଗ୍ରୁପ୍ର କୌଣସି ବୈଧ ବିଦ୍ୟୁତ୍ ସଂଯୋଗ ନଥିଲା । ୟୁନିଟ୍ ପ୍ରତିଷ୍ଠା କରିବା ପୂର୍ବରୁ ଏମ୍ପିଏ/ ଭିଡିସି/ଏଫ୍ଏନ୍ଜିଓ ଏହି ଦିଗ ଉପରେ ଦୃଷ୍ଟି ଦେଇନଥିଲେ । ଉପଭୋକ୍ତା ଏଜେନ୍ସୀ କିମ୍ବା ଏମ୍ପିଏ/ ଏଫ୍ଏନଜିଓ ଏହି ସମସ୍ୟାର ସମାଧାନ ଏବଂ ପ୍ରକ୍ରିୟାକରଣ ୟୁନିଟର ପୁନସ୍ଥାପନା ପାଇଁ କୌଣସି ପଦକ୍ଷେପ ନେଇନଥିଲେ ଯାହାର ପରିଣାମ ସ୍ୱରୁପ ପ୍ରକ୍ରିୟାକରଣର ୟୁନିଟ୍ ଅଚଳ ଅବସ୍ଥାରେ ଥିଲା ।

ବେଲଘରର କେକେଡିଏ ଅନ୍ତର୍ଗତ ଦେଓଗଡ଼ ଗ୍ରାମରେ ସ୍ଥାପିତ ତୈଳ ଉତ୍ତୋଳନ ୟୁନିଟ୍ (ମୂଲ୍ୟ 1.5 ଲକ୍ଷ ଟଙ୍କା) ମାର୍ଚ୍ଚ 2020 ଠାରୁ ଅଚଳ ଅବସ୍ଥାରେ ମିଳିଲା । ଏମ୍ପିଏ ଅଧିନରେ ଥିବା ପିଟାକି ଏସ୍ଏଚ୍ଜି ୟୁନିଟ୍ ପରିଚାଳନା କରୁଥିଲା । ଯଦିଓ ଏହି ୟୁନିଟ୍ ଗଲା ପାଞ୍ଚ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇନଥିଲା ତଥାପି ୟୁନିଟ୍ ପୁନସ୍ଥାପନା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା । ଏହା ମଧ୍ୟ ଦର୍ଶାଏ ଯେ ୟୁନିଟ୍ ପରିଚାଳନା ପାଇଁ ମନୋନୀତ ହୋଇଥିବା ଏସ୍ଏଚ୍ଜିର ଦୁର୍ବଳ କ୍ଷମତା ଏବଂ ସ୍ଥାନୀୟ ଅଞ୍ଚଳରେ ୟୁନିଟ୍ର ଆବଶ୍ୟକତା ବିଷୟରେ ଏମ୍ପିଏ/ ଭିଡିସି/ ଏଫ୍ଏନ୍ଜିଓ ଦ୍ୱାରା ଉଚିତ୍ ମୂଲ୍ୟାଙ୍କନ କରାଯାଇ ନଥିଲା ।



*ଚିତ୍ର 1.39: ଦେଓଗଡ଼ାରେ ତେଲପେଡ଼ା ୟୁନିଟ୍ (26 ଡିସେମ୍ବର 2024)*

***(ଉତ୍ସ: ଏମ୍ପିଏରେ ମିଳିତ ସରଜମିନ ତଦନ୍ତ)***

ତେଣୁ, କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ବ୍ୟବହାରକାରୀ ଗୋଷ୍ଠୀର କ୍ଷମତା ସ୍ଥାନୀୟ ୟୁନିଟ୍ ଗୁଡ଼ିକର ବାସ୍ତବ ଆବଶ୍ୟକତା ଏବଂ କାର୍ଯ୍ୟାନ୍ୱୟନର ପ୍ରଗତି ଉପରେ ନିରୀକ୍ଷଣ ନିମନ୍ତେ ଏମ୍ପିଏ/ ଏଫ୍ଏନ୍ଜିଓ/ ଭିଡିସି ଦ୍ୱାରା

ପର୍ଯ୍ୟାପ୍ତ ନିରୀକ୍ଷଣ ସମ୍ବନ୍ଧରେ ଭୁଲ୍ ଆକଳନ କରାଯାଇଥିଲା । ଫଳସ୍ୱରୂପ, ପିଭିଟିଜି ସଦସ୍ୟମାନଙ୍କୁ ଅତିରିକ୍ତ ଆୟ ଯୋଗାଇବାରେ ଉଦ୍ଦେଶ୍ୟ ମୁଖ୍ୟତଃ ଅପୂରଣ ରହିଗଲା । ଏହା ବ୍ୟତୀତ ବ୍ୟୟ ମଧ୍ୟ ନିଷ୍ଫଳ ହେଲା ।


ପ୍ରକ୍ରିୟାକରଣ ୟୁନିଟ୍‌ଗୁଡିକ କାର୍ଯ୍ୟକ୍ଷମ ନହେବାର କାରଣ ଭାବେ କୋଭିଡ୍-19 ମହାମାରୀ, ଦୁର୍ଗମ ଅଞ୍ଚଳ,ଏବଂ ବାରମ୍ବାର ବିଦ୍ୟୁତ ସରବରାହରେ ବ୍ୟାଘାତକୁ ଦର୍ଶାଇବା ସହ ଅଚଳ ୟୁନିଟଗୁଡିକ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବାର ବିଭାଗ ପ୍ରକାଶ କରିଥିଲା (ସେପ୍ଟେମ୍ବର 2025) । କିନ୍ତୁ ଏହି ଉତ୍ତର ଗ୍ରହଣଯୋଗ୍ୟ ନଥିଲା, ଯେହେତୁ ଜେପିଆଇ ସମୟରେ 90 ପ୍ରତିଶତରୁ ଅଧିକ ପ୍ରକ୍ରିୟାକରଣ ୟୁନିଟ୍ ଅଚଳ ଥିବା ଜଣାପଡ଼ିଥିଲା ।

### 1.10.4 ଶିକ୍ଷା ଏବଂ ସାକ୍ଷରତା

ପିଭିଟିଜି ଶ୍ରେଣୀର ପିଲାମାନଙ୍କ ପାଇଁ ଆବାସିକ ସୁବିଧା, ସ୍ୱତନ୍ତ୍ର ପାଠ୍ୟକ୍ରମ ଏବଂ ସାଂସ୍କୃତିକ ଭିତ୍ତିକ ଶିକ୍ଷାଦାନ ପଦ୍ଧତି ମାଧ୍ୟମରେ ସେମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ପାଇଁ, ଓପିଏଲପି ଶିକ୍ଷା କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପରିକଳ୍ପନା କରିଥିଲା । ଯଦିଓ ଆଦିବାସୀ ପିଲାମାନଙ୍କର ଶିକ୍ଷାର ଦାୟିତ୍ୱ (ପିଭିଟିଜି ସମେତ) ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଉପରେ ନ୍ୟସ୍ତ, ତଥାପି ଏମ୍‌ପିଏଗୁଡିକ ମଧ୍ୟ ନିଜ ସ୍ତରରେ ପିଭିଟିଜି ପିଲାମାନଙ୍କ ପାଇଁ ଶିକ୍ଷା କମ୍ପ୍ଲେକ୍ସ[58] ନିର୍ମାଣ କରି ପରିଚାଳନା ନିମନ୍ତେ ସେଗୁଡିକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ ।

*କ) ପିଭିଟିଜିର ସାକ୍ଷରତା ଅବସ୍ଥା*

2015 ମସିହାରେ 17 ଏମ୍‌ପିଏରେ ବସବାସ କରୁଥିବା ପିଭିଟିଜିମାନଙ୍କର ସାକ୍ଷରତା ହାର **ଚାର୍ଟ 1.3** ରେ ଦର୍ଶାଯାଇଛି । ଏହା ସମ୍ବନ୍ଧରେ କୌଣସି ସର୍ଭେ କରାଯାଇନଥିଲା ।




*(ଉତ୍ସ: ଓଡ଼ିଶାର ଏସ୍‌ସିଏସ୍‌ଟିଆର୍‌ଟିଆଇ ଦ୍ୱାରା ଉପରେ ପ୍ରକାଶିତ ପିଭିଟିଜି 2020)*

2015 ମସିହା ସୁଦ୍ଧା ଅନ୍ୟ ଏମ୍‌ପିଏ ଅଞ୍ଚଳ ତୁଳନାରେ ଚାରୋଟି ଅଞ୍ଚଳ (ସିବିଡିଏ, ସୁନାବେଡ଼ା: ବିଡିଏ, ମୁଦୁଲିପଡ଼ା; ଟିଡିଏ ତୁମ୍ବା ଏବଂ ଡିକେଡିଏ, ପାର୍ସାଲି) ରେ ସାକ୍ଷରତା ହାର 30 ପ୍ରତିଶତରୁ କମ୍ ଥିଲା । ଟିଡିଏ ତୁମ୍ବା ଏମ୍‌ପିଏ ଅଞ୍ଚଳରେ ମହିଳା ସାକ୍ଷରତା ହାର 10 ପ୍ରତିଶତରୁ କମ୍ ଥିଲା, ଯାହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ଥିଲା ।

58 ଶିକ୍ଷା ପରିସରରେ ଶ୍ରେଣୀ କକ୍ଷ, ପରୀକ୍ଷାଗାର, ପୁସ୍ତକାଳୟ, ଛାତ୍ରାବାସ ଇତ୍ୟାଦି ପାଇଁ ସୁବିଧା ରହିଛି ।

### *ଖ) ଡିଡିଏ, କୁଡୁମୁଲୁଗୁମା ଏବଂ ଏଲ୍ ଏସ୍‌ଡିଏ, ସେରଙ୍ଗ ଅଧିନରେ ଥିବା ଶିକ୍ଷା କମ୍ପ୍ଲେକ୍ସ*

ଏମ୍‌ପିଏଗୁଡିକ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ, 13 ଟି ଏମ୍‌ପିଏ[59] ଅଧିନରେ 21 ଟି ଶିକ୍ଷା କମ୍ପ୍ଲେକ୍ସ ରହିଥିଲା । ଏହି ଶିକ୍ଷା କମ୍ପ୍ଲେକ୍ସ ଗୁଡ଼ିକ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ତେବେ, ଅଡିଟ୍‌ରେ ଜଣାପଡିଛି ଯେ 21 ଟି ଶିକ୍ଷା କମ୍ପ୍ଲେକ୍ସ ମଧ୍ୟରୁ ଦୁଇଟି ଏମ୍‌ପିଏ (ଡିଡିଏ, କୁଡୁମୁଲଗୁମା ଏବଂ ଏଲଏସ୍‌ଡିଏ, ସେରାଙ୍ଗୋ) ଦ୍ୱାରା ନିର୍ମିତ ଦୁଇଟି କମ୍ପ୍ଲେକ୍ସ ସମ୍ପୃକ୍ତ ଡିଡବ୍ଲ୍ୟୁଓମାନଙ୍କୁ ହସ୍ତାନ୍ତର କରାଯାଇ ନଥିଲା ଏବଂ ତାହା ଅଦରକାରୀ ହୋଇ ପଡି ରହିଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା:

- 2012-18 ରେ ମୁଦୁଲିପଡ଼ାରେ ବାଳକ ଶିକ୍ଷା କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଏସ୍‌ଏସ୍‌ଡି ବିଭାଗ ଦ୍ୱାରା ମଞ୍ଜୁର (2017-18) ହୋଇଥିବା 1.66 କୋଟି ଟଙ୍କା ମଧ୍ୟରୁ 1.60 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଯଦିଓ ଏହି କାର୍ଯ୍ୟ 2016 ଅକ୍ଟୋବରରେ ଶେଷ ହୋଇଥିବାର ଦର୍ଶାଯାଇଥିଲା, ତଥାପି ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀ କେବଳ ଅଗଷ୍ଟ 2024 ରେ ଏହି କମ୍ପେକ୍ସର ଦାୟିତ୍ୱ ନେବା ପାଇଁ ମାଲକାନଗିରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ କହିଥିଲେ । କାର୍ଯ୍ୟ ସମାପ୍ତ ହେବା ପରେ କମ୍ପ୍ଲେକ୍ସକୁ ତୁରନ୍ତ ହସ୍ତାନ୍ତର ନ କରିବାର କାରଣ ରେକର୍ଡରେ ନଥିଲା । ତଥାପି ଡିଡବ୍ଲ୍ୟୁଓ ଶିକ୍ଷା କମ୍ପ୍ଲେକ୍ସ ଚଳାଇବା ପାଇଁ ଭିତ୍ତିଭୂମିର ଦାୟିତ୍ୱ ନେଇ ନଥିଲେ ଯାହା ଜାନୁଆରୀ 2025 ସୁଦ୍ଧା ଅଦରକାରୀ ହୋଇ ପଡ଼ିରହିଥିଲା ।

  ଅଡିଟ୍‌ରୁ ଏହା ମଧ୍ୟ ଦେଖାଗଲା ଯେ, ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଆକଳନ ଅନୁଯାୟୀ ଜଳ ଯୋଗାଣ, ଆଭ୍ୟନ୍ତରୀଣ ବିଦ୍ୟୁତିକରଣ, ଆସବାବପତ୍ର, ହଷ୍ଟେଲ କୋଠା ଇତ୍ୟାଦି କାର୍ଯ୍ୟ ପାଇଁ ଅତିରିକ୍ତ 82.50 ଲକ୍ଷ ଟଙ୍କା ଆବଶ୍ୟକ ଥିଲା । ଏଥିରେ ଜରୁରୀ ମରାମତି ପାଇଁ 11.50 ଲକ୍ଷ ଟଙ୍କା ମଧ୍ୟ ଅନ୍ତର୍ଭୁକ୍ତ ଥିଲା ।

  ଜାନୁଆରୀ 2025 ରେ ମିଳିତ ସରଜମିନ ତଦନ୍ତ (ଜେପିଆଇ) ସମୟରେ ଏହା ଦେଖାଗଲା ଯେ ବହୁବର୍ଷ ଧରି କମ୍ପ୍ଲେକ୍ସ ପଡ଼ି ରହିବା ଯୋଗୁଁ ଫ୍ୟାନ୍ ଗୁଡ଼ିକ ଚୋରୀ ହୋଇଯାଇଛି ଏବଂ କବାଟ/ ଝରକା/ ପ୍ଲାଷ୍ଟର କାମ ନଷ୍ଟ ହୋଇଯାଇଛି । କୋଠାଗୁଡ଼ିକର ଶୋଚନୀୟ ଅବସ୍ଥା ***ଚିତ୍ର 1.40*** ଏବଂ ***1.41*** ରେ ଦର୍ଶାଯାଇଅଛି ।



***ଚିତ୍ର 1.40: ମୁଦୁଲିଗୁଡ଼ାରେ ଅବ୍ୟବହୃତ ବାଳକ ଶିକ୍ଷା କମ୍ପ୍ଲେକ୍ସ (04 ଜାନୁଆରୀ 2025)***



***ଚିତ୍ର 1.41: ଜରାଜୀର୍ଣ୍ଣ ଅବସ୍ଥାରେ ଅତିରିକ୍ତ ଶ୍ରେଣୀଗୃହ (04 ଜାନୁଆରୀ 2025)***

- ଏଲ୍‌ଏସ୍‌ଡିଏ ସେରାଙ୍ଗ ଅଧିନରେ ଥିବା ଲୁହାର ଶିକ୍ଷା କମ୍ପ୍ଲେକ୍ସଟି 1.58 କୋଟି ଟଙ୍କା ଖର୍ଚ୍ଚରେ ଏମ୍‌ପିଏ ଦ୍ୱାରା ନିର୍ମାଣ କରାଯାଇଥିଲା । ଏହାର ନିର୍ମାଣ କାର୍ଯ୍ୟ ଫେବୃଆରୀ 2024 ରେ ଶେଷ ହୋଇଥିଲେ ମଧ୍ୟ ନଭେମ୍ବର 2024 ସୁଦ୍ଧା ଏଠାରେ ବିଦ୍ୟୁତ୍ ସଂଯୋଗ କରାଯାଇ ନଥିଲା କିମ୍ବା ସମ୍ପୃକ୍ତ ଡିଡବ୍ଲ୍ୟୁଓକୁ ହସ୍ତାନ୍ତର କରାଯାଇ ନଥିଲା । ଜେପିଆଇ ସମୟରେ (ନଭେମ୍ବର 2024) ଏହି କୋଠାଗୁଡ଼ିକ

[59] (i) ଏଲ୍‌ଡିଏ, ମୋରଡ଼ା (ii) ଏଚ୍‌କେଏମ୍‌ଡିଏ, ଯଶୀପୁର, (iii) ଏଲ୍‌ଏସ୍‌ଡିଏ, ପୁଟାସିଂ, (iv) ପିବିଡିଏ, ଗୁଗୁଡାକୁଦର, (v) ଜେଡିଏ, ଗୋନାସିକା, (vi) ଡିଡିଏ, କୁଡୁମୁଲୁଗୁମା, (vii) ବିଡିଏ, ମୁଦୁଲିପଡ଼ା, (viii) ଏଲ୍‌ଏସ୍‌ଡିଏ, ସେରାଙ୍ଗୋ, (ix) ପିବିଡିଏ, ଖୁଣ୍ଟାଗାଁ, (x) ଏସ୍‌ଡିଏ, ଚନ୍ଦ୍ରଗିରି, (xi) କେକେଡିଏ, ବେଲଘର, (xii) ଡିକେଡିଏ, ପାର୍ସାଲି, (xiii) ଡିକେଡିଏ, ଚାଟିକୋଣା

ଅବ୍ୟବହୃତ ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା, ଯାହା ***ଚିତ୍ର 1.42*** ଏବଂ ***1.43*** ରୁ ସ୍ପଷ୍ଟ ଜଣାପଡ଼ୁଛି ।




***ଚିତ୍ର 1.42 ଏବଂ ଚିତ୍ର 1.43: ଏମ୍‌ପିଏ ସେରାଙ୍ଗୋ ଅଧିନରେ ଅବ୍ୟବହୃତ ଲୁହାର ଶିକ୍ଷାନୁଷ୍ଠାନ କମ୍ପ୍ଲେକ୍ସ (11 ନଭେମ୍ବର 2024)***

ଏହି ଶିକ୍ଷା କମ୍ପ୍ଲେକ୍ସଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହେବାର ଏକ ବର୍ଷ ରୁ ନଅ ବର୍ଷ ବିତିଯିବା ସତ୍ତ୍ୱେ କମ୍ପ୍ଲେକ୍ସଗୁଡ଼ିକ କାର୍ଯ୍ୟକ୍ଷମ ନହେବା ଏମ୍‌ପିଏ ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉଦାସୀନ ମନୋଭାବକୁ ଦର୍ଶାଉଛି, ଯାହାଫଳରେ ଜାନୁଆରୀ 2025 ସୁଦ୍ଧା 3.18 କୋଟି ଟଙ୍କାର ବ୍ୟୟ ଫଳପ୍ରଦ ନହେବା ସହିତ ପିଭିଟିଜି ପିଲାମାନେ ଗୁଣାତ୍ମକ ଶିକ୍ଷାପାଇବାରୁ ବଞ୍ଚିତ ହୋଇଥିଲେ ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ମୁଦୁଲିପଡ଼ାରେ ଥିବା ଶିକ୍ଷା କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଏମ୍‌ପିଏ, ସେରାଙ୍ଗୋ ଅଧିନରେ ଲୁହାର ଠାରେ ଥିବା ଶିକ୍ଷା କମ୍ପ୍ଲେକ୍ସକୁ (ଜୁଲାଇ 2025) କାର୍ଯ୍ୟକ୍ଷମ କରାଯାଇଛି, ଯେଉଁଥିରେ 42 ଜଣ ପିଭିଟିଜି ଛାତ୍ରଙ୍କ ସହିତ ଆଶ୍ରମ ଶିକ୍ଷାଳୟକୁ ସ୍ଥାନାନ୍ତର କରାଯାଇଛି ।

## 1.11 କାର୍ଯ୍ୟକ୍ରମ ପରିଚାଳନା

ଓପିଲିପିର କାର୍ଯ୍ୟକାରିତା ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ରାଜ୍ୟ ସ୍ତରରେ ଏସ୍‌ଏସ୍‌ଡି ବିଭାଗ ଅଧିନରେ ସ୍ଥାପିତ କରାଯାଇଥିବା କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (ପିଏମ୍‌ୟୁ) ଉପରେ ନ୍ୟସ୍ତ ହୋଇଥିଲା । ଓପିଲିପି ଅଧିନରେ କରାଯାଉଥିବା ସମସ୍ତ କାର୍ଯ୍ୟର ଯୋଜନା, ପରିଚାଳନା, କାର୍ଯ୍ୟକାରିତା ଏବଂ ତଦାରଖ ପାଇଁ ପିଏମ୍‌ୟୁ ଦାୟୀ ଥିଲା । କ୍ଷେତ୍ର ସ୍ତରରେ ଏମ୍‌ପିଏ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାର ଥିଲା । କାର୍ଯ୍ୟକ୍ରମର ପ୍ରଭାବଶାଳୀ ପରିଚାଳନା ପାଇଁ ଏମ୍‌ପିଏ ଗୁଡ଼ିକୁ ସହାୟକ କର୍ମଚାରୀଙ୍କ ଦ୍ୱାରା ସୁଦୃଢ଼ କରିବା ସହ ଭିତ୍ତିଭୂମି ସର୍ବେକ୍ଷଣ ଏବଂ କାର୍ଯ୍ୟକ୍ରମର ମୂଲ୍ୟାୟନ ଇତ୍ୟାଦି କରିବାର ଥିଲା ।

ତେବେ, ଅଡିଟ୍ ସମୟରେ ନିମ୍ନଲିଖିତ ବିଷୟ ଗୁଡ଼ିକ ପରିଲକ୍ଷିତ ହୋଇଥିଲା:

### 1.11.1 ଅଣୁ ପ୍ରକଳ୍ପ ସଂସ୍ଥାଗୁଡ଼ିକର ସୁଦୃଢ଼ୀକରଣ

ଓପିଲିପି ମାର୍ଗଦର୍ଶିକା/ ଚୁକ୍ତିନାମା ଅନୁଯାୟୀ, ପ୍ରତ୍ୟେକ ଏମ୍‌ପିଏ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବାର ଥିଲା ଯାହାଙ୍କର କାର୍ଯ୍ୟକାଳ ଅନ୍ୟୁନ କ୍ରମାଗତ ତିନି ବର୍ଷ ହେବା ଆବଶ୍ୟକ । ମାନବ ସମ୍ବଳ ଏବଂ କାର୍ଯ୍ୟାଳୟ ସୁବିଧା ଯୋଗାଇ ଦେଇ ଏମ୍‌ପିଏ ଗୁଡ଼ିକର କାର୍ଯ୍ୟଧାରାକୁ ଯଥେଷ୍ଟ ସୁଦୃଢ଼ କରିବାର ଥିଲା । ତଥାପି ଏମ୍‌ପିଏ ସ୍ତରରେ ମାନବ ସମ୍ବଳ ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଥିଲା, ଯାହା ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

#### *1.11.1.1 ଅଣୁ ପ୍ରକଳ୍ପ ସଂସ୍ଥା (ଏମ୍‌ପିଏ) ଗୁଡ଼ିକରେ ମାନବ ସମ୍ବଳ ପରିଚାଳନା*

ଏମ୍‌ପିଏ ଅଞ୍ଚଳ ଗୁଡ଼ିକରେ ସମସ୍ତ ପିଭିଟିଜି ସ୍ୱତନ୍ତ୍ର ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡ଼ିକୁ ଏମ୍‌ପିଏ ମାନେ ହିଁ କାର୍ଯ୍ୟକାରୀ କରନ୍ତି । ଏମ୍‌ପିଏର ସ୍ୱତନ୍ତ୍ର ଅଧିକାରୀ (ଏସ୍‌ଓ) କାର୍ଯ୍ୟକ୍ରମ ପରିଚାଳନାର ସମସ୍ତ ଦାୟିତ୍ୱରେ

ଥାଆନ୍ତି । ଅଡିଟ୍ ଲକ୍ଷ୍ୟ କଲା ଯେ ମଞ୍ଜୁରୀପ୍ରାପ୍ତ ମାନବ ସମ୍ବଳ ଏମ୍‌ପିଏମାନଙ୍କରେ ଉପଲବ୍ଧ ନଥିଲା, ଯାହା **ସାରଣୀ 1.10** ରେ ଦର୍ଶାଯାଇଛି ।

***ସାରଣୀ 1.10: 2019-24 ଅବଧିରେ 17 ଏମ୍‌ପିଏରେ ଅନୁମୋଦିତ ପଦବୀ ଏବଂ କର୍ମଚାରୀଙ୍କ ସଂଖ୍ୟା***

| ପଦବୀର ନାମ | ଅନୁମୋଦିତ ସଂଖ୍ୟା | କାର୍ଯ୍ୟରତ କର୍ମଚାରୀ | ଖାଲି ପଦବୀ |
|---|---|---|---|
| ସ୍ୱତନ୍ତ୍ର ଅଧିକାରୀ | 17 | 11 | 6 |
| ଏଡିଡବ୍ଲ୍ୟୁଓ | 17 | 12 | 5 |
| କନିଷ୍ଠ ଯନ୍ତ୍ରୀ | 17 | 06 | 11 |
| ଜେଆର୍‌ଏ/ ଏସ୍‌ଆର୍‌ଏ | 15 | 10 | 5 |
| ଡିଇଓ/ ଅଫିସ୍ ସହକାରୀ | 18 | 12 | 6 |
| ପିଅନ | 21 | 10 | 11 |

***(ଉତ୍ସ: ଏମ୍‌ପିଏରୁ ପ୍ରାପ୍ତ ତଥ୍ୟ)***

ମଞ୍ଜୁରୀ ପ୍ରାପ୍ତ ପଦବୀ ତୁଳନାରେ ସମସ୍ତ କ୍ୟାଡରରେ ମାନବ ସମ୍ବଳର ଅଭାବ ରହିଥିଲା, ଯାହା କାର୍ଯ୍ୟକ୍ରମ ଗୁଡ଼ିକର ରୂପାୟନ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା । 31 ମାର୍ଚ୍ଚ 2024 ସୁଦ୍ଧା, ଛଅଟି[60] ଏମ୍‌ପିଏରେ ନିୟମିତ ସ୍ପେସାଲ ଅଫିସର (ଏସ୍‌ଓ) ଉପଲବ୍ଧ ନଥିଲେ । ସେମାନଙ୍କ ଅନୁପସ୍ଥିତିରେ ଏଡିଡବ୍ଲ୍ୟୁଓ/ଉପ ଜିଲ୍ଲାପାଳ/ ବିଡିଓ/ ପିଏ, ଆଇଟିଡିଏମାନେ ଇନ୍‌ଚାର୍ଜ ଏସ୍‌ଓ ଭାବେ କାର୍ଯ୍ୟ କରୁଥିଲେ । ଅଧିକାଂଶ କ୍ଷେତ୍ରରେ ଏମ୍‌ପିଏରେ ଏସ୍‌ଓ/ ଇନ୍‌ଚାର୍ଜ ଏସ୍‌ଓମାନେ ଅଳ୍ପ ସମୟ ପାଇଁ ରହୁଥିଲେ, ଯଦିଓ ସେମାନଙ୍କୁ ଗୋଟିଏ ଏମ୍‌ପିଏରେ ଅନ୍ୟୁନ ତିନି ବର୍ଷ ନିରନ୍ତର ସେବା ପ୍ରଦାନ କରିବାର ଥିଲା ।

ସେହିପରି, ଜୁନ୍ 2020 ରେ ସୃଷ୍ଟି ହୋଇଥିବା ତିନୋଟି ନୂତନ ଏମ୍‌ପିଏ ପାଇଁ ମାନବ ସମ୍ବଳ ବ୍ୟବସ୍ଥା କରାଯାଇ ନଥିଲା । ମଇ 2023 ରୁ କେବଳ ସୁକିନ୍ଦାର ବିଜେଡିଏରେ ଜଣେ ନିୟମିତ ସ୍ପେସାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା । ଯେହେତୁ ଏମ୍‌ପିଏ କାର୍ଯ୍ୟକ୍ଷମ ହୋଇନଥିଲା, ଏସ୍‌ଓଙ୍କ ସେବା ବ୍ୟବହୃତ ହୋଇପାରିଲା ନାହିଁ ଏବଂ ମଇ 2023 ରୁ ଅକ୍ଟୋବର 2024 ପର୍ଯ୍ୟନ୍ତ ତାଙ୍କ ଦରମା ବାବଦରେ 18.41 ଲକ୍ଷ ଟଙ୍କାର ଦେୟ ନିରର୍ଥକ ସାବ୍ୟସ୍ତ ହୋଇଥିଲା ।

ଏହିପରି, ପିଭିଟିଜି ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟକ୍ରମ/ ପଦକ୍ଷେପ ଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏସ୍‌ଏସ୍‌ଡି ବିଭାଗ ଏମ୍‌ପିଏରେ ଆବଶ୍ୟକ ମାନବ ସମ୍ବଳ ଉପଲବ୍ଧ କରାଇବାରେ ବିଫଳ ହୋଇଥିଲା ।

ବିଭାଗ ପକ୍ଷରୁ କୁହାଗଲା (ସେପ୍ଟେମ୍ବର 2025) ଯେ ଏମ୍‌ପିଏଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଦୁଇଟି ଅତିରିକ୍ତ ପଦବୀ (ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ) ସୃଷ୍ଟି କରାଯାଇଛି ଏବଂ ସମସ୍ତ ଏମ୍‌ପିଏରେ ଏହି ପଦବୀଗୁଡ଼ିକ ପୂରଣ କରିବା ପାଇଁ ପଦକ୍ଷେପ ନିଆଯିବ ।

### 1.11.2 ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ନଥିପତ୍ର ଏବଂ ତଥ୍ୟର ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏମ୍‌ପିଏର ସ୍ପେସାଲ ଅଫିସର ଏବଂ ବିଭିନ୍ନ କମିଟି ଗୁଡ଼ିକ ଦ୍ୱାରା କାର୍ଯ୍ୟକ୍ରମର ତଦାରଖ ପର୍ଯ୍ୟାପ୍ତ ନଥିଲା । ଏମ୍‌ପିଏଗୁଡ଼ିକ ଯୋଜନାବଦ୍ଧ ଉଦ୍ଦେଶ୍ୟ ହାସଲ କରିବା, ପିଭିଟିଜି ପରିବାର ଗୁଡ଼ିକୁ ମୌଳିକ ସୁବିଧା ଯୋଗାଇ ଦେବା ଏବଂ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ, ଯାହା ପୂର୍ବ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି । ଯୋଜନା ପ୍ରଣୟନ, ସମୀକ୍ଷା ଏବଂ କାର୍ଯ୍ୟକାରିତାର ଅଗ୍ରଗତି ଉପରେ ନଜର ରଖିବା ପାଇଁ ରାଜ୍ୟ ଏବଂ ଜିଲ୍ଲା/ ଏମ୍‌ପିଏ ସ୍ତରରେ ଗଠିତ କମିଟିଗୁଡ଼ିକ ମଧ୍ୟ ପ୍ରଭାବଶାଳୀ ନଥିଲା ।

#### *1.11.2.1 ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନା କମିଟି (ପିଏସ୍‌ସି) ଏବଂ କାର୍ଯ୍ୟକ୍ରମ ପରିଚାଳନା କମିଟି (ପିଏମ୍‌ସି)ର ଅନୁଚିତ କାର୍ଯ୍ୟକାରିତା*

ଓପିଲିପିର ରୂପାୟନ ପାଇଁ ସାମଗ୍ରିକ ମାର୍ଗଦର୍ଶନ ଏବଂ ସମନ୍ୱୟରୁ ରକ୍ଷା କରିବା ଲାଗି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏବଂ ପ୍ରମୁଖ ବିଭାଗ ଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ରାଜ୍ୟ ସ୍ତରୀୟ ପ୍ରୋଗ୍ରାମ ଷ୍ଟିଅରିଂ

[60] (i) ପିବିଡିଏ, ଖୁଣ୍ଟାଗାଁ;(ii) ସିବିଡିଏ, ସୁନାବେଡ଼ା; (iii) ଏଲ୍‌ଡିଏ, ମୋରଡ଼ା; (iv) ଏଚ୍‌କେଏମ୍‌ଡିଏ, ଯଶୀପୁର; (v) ପିବିଡିଏ, ଜାମର୍ଡିହି; (vi) ଜେଡିଏ, ଗୋନାସିକା

କମିଟି(ପିଏସ୍‌ସି) ଗଠନ କରାଯାଇଥିଲା (ଫେବୃଆରୀ 2016) । ଏସ୍‌ଏସ୍‌ଡି ବିଭାଗର ପ୍ରମୁଖ କମିଶନର ତଥା ସଚିବ ଏହି ପିଏସ୍‌ସିର ସଦସ୍ୟ ସଚିବ ଥିଲେ ।

କାର୍ଯ୍ୟକ୍ରମର ପ୍ରଭାବଶାଳୀ ରୂପାୟନ ପାଇଁ ପରିଚାଳନାର ନିଷ୍ପତ୍ତି ନେବା ନିମନ୍ତେ ବିଭାଗୀୟ ସ୍ତରରେ ଫେବୃଆରୀ 2016 ରେ ଏସ୍‌ଏସ୍‌ଡି ବିଭାଗର ପ୍ରମୁଖ/ କମିଶନର ତଥା ସଚିବଙ୍କ ଅଧକ୍ଷତାରେ ଏବଂ ଓପିଲିପିର କାର୍ଯ୍ୟକ୍ରମ ନିର୍ଦ୍ଦେଶକୁ ସଦସ୍ୟ ସଚିବ ଭାବେ ନେଇ ଏକ କାର୍ଯ୍ୟକ୍ରମ ପରିଚାଳନା କମିଟି (ପିଏମ୍‌ସି) ସ୍ଥାପନ କରାଯାଇଥିଲା ।

ଅଡିଟରୁ ଜଣାପଡ଼ିଛି ଯେ:

- କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ସାମୁହିକ ମାର୍ଗଦର୍ଶନ ଏବଂ ସମନ୍ୱୟ ପ୍ରଦାନ କରିବା ନିମନ୍ତେ ଗଠିତ ରାଜ୍ୟସ୍ତରୀୟ ପିଏସ୍‌ସିର ବୈଠକ ବର୍ଷକୁ ଅନ୍ତତଃ ପକ୍ଷେ ଥରେ ଅନୁଷ୍ଠିତ ହେବାର ଥିଲା । ସଚିବ ସଦସ୍ୟ ଭାବେ ଏସ୍‌ଏସ୍‌ଡି ବିଭାଗର ସଚିବଙ୍କୁ ବୈଠକ ଗୁଡ଼ିକ ଆହ୍ୱାନ କରିବାର ଥିଲା । ତଥାପି 2019-20 ଏବଂ 2022-23 ରେ ମାତ୍ର ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ 2020-21, 2021-22 ଏବଂ 2023-24 ବର୍ଷରେ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା ।
- ପିଏମ୍‌ସି ବୈଠକ ପ୍ରତି ତିନି ମାସରେ ଥରେ ବସିବାର ନିୟମ ଥିଲେ ହେଁ 2019-2024 ମଧ୍ୟରେ ମାତ୍ର ଦୁଇ ଥର ବୈଠକ[61] ଅନୁଷ୍ଠିତ ହୋଇଥିଲା । ଗତ ତିନି ବର୍ଷ ଅର୍ଥାତ୍ 2021-24 ମଧ୍ୟରେ କୌଣସି ବୈଠକ ହୋଇନଥିଲା ।

ରାଜ୍ୟ ସ୍ତରୀୟ ପିଏସ୍‌ସି ଏବଂ ପିଏମ୍‌ସି ବୈଠକର ଅଭାବ ପ୍ରକଳ୍ପ ପରିଚାଳନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ଯେପରିକି ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ଅଭାବ, କାର୍ଯ୍ୟକ୍ରମ ପାଣ୍ଠିର ସ୍ୱଳ୍ପ ବିନିଯୋଗ ଏବଂ ପ୍ରକଳ୍ପ ଲକ୍ଷ୍ୟ ହାସଲରେ ବିଫଳତା ଇତ୍ୟାଦି । ଫଳସ୍ୱରୁପ, ପିଭିଟିଜି ମାନଙ୍କ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ (ଏଡବ୍ଲ୍ୟୁପିବି) ଗୁଡ଼ିକରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିଲା ନଥିଲା ।

ବିଭାଗ ଜଣାଇଲେ (ସେପ୍ଟେମ୍ବର 2025) ଯେ ବୈଠକ ଗୁଡ଼ିକ କାର୍ଯ୍ୟକ୍ରମର ଆବଶ୍ୟକତା ଏବଂ କର୍ତ୍ତୃପକ୍ଷଙ୍କ ଉପଲବ୍ଧତା ଅନୁଯାୟୀ ବୈଠକ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା ।

### *1.11.2.2* କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟିମାନଙ୍କର କାର୍ଯ୍ୟକାରିତା

ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ (ଏଡବ୍ଲ୍ୟୁବିପି) ଗୁଡ଼ିକୁ ଅନୁମୋଦନ କରିବା ଏବଂ କାର୍ଯ୍ୟକ୍ରମ ଅଗ୍ରଗତି ସମୀକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏମ୍‌ପିଏ ସ୍ତରରେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି (ପିଆଇସି) ଗଠନ କରାଯାଇଥିଲା । କିନ୍ତୁ, ପିଆଇସି ବୈଠକ ଗୁଡ଼ିକ ନିୟମିତ ଭାବରେ ଅନୁଷ୍ଠିତ ହୋଇନଥିଲା । 2019-24 ମଧ୍ୟରେ 17 ଟି ଏମ୍‌ପିଏରେ ଆବଶ୍ୟକ 340 ଟି ବୈଠକ ତୁଳନାରେ 10ଟି ଏମପିଏରେ ମାତ୍ର 18ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ୟ ସାତଟି ଏମ୍‌ପିଏରେ[62] 2019-24 ରେ କୌଣସି ପିଆଇସି ବୈଠକ ବସିନଥିଲା । ଫଳସ୍ୱରୂପ, କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନର ତଦାରଖ କରାଯାଇ ପାରିଲା ନଥିଲା ଏବଂ ଯୋଜନାବଦ୍ଧ ଲକ୍ଷ୍ୟଗୁଡ଼ିକର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୋଇଥିଲା ।

ବିଭାଗ ଜଣାଇଲେ (ସେପ୍ଟେମ୍ବର 2025) ଯେ ଅଧକ୍ଷଙ୍କ ଉପଲବ୍ଧତା ଅନୁଯାୟୀ ପିଆଇସି ବୈଠକ ଅନୁଷ୍ଠିତ ହୋଇଥିଲା । ତଥାପି, ସମସ୍ତ ସମସ୍ୟା ଏବଂ ପ୍ରତିବନ୍ଧକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଏବଂ ସଂପୃକ୍ତ ବିଭାଗ ଗୁଡ଼ିକର ଦୃଷ୍ଟିଗୋଚରକୁ ଅଣାଯାଇଥିଲା ।

### 1.11.3 ପିଭିଟିଜି ଜନସଂଖ୍ୟା ତଥ୍ୟରେ ଅସଙ୍ଗତି

ଅଡିଟ୍‌ରୁ ଦେଖାଗଲା ଯେ ଏମ୍‌ପିଏ ଏବଂ ପିଏମ୍‌ୟୁ ସ୍ତରରେ ରଖାଯାଇଥିବା ପିଭିଟିଜି ଗ୍ରାମ/ ପରିବାର ସଂଖ୍ୟା ଏବଂ ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟର ସମାନତା ନଥିଲା । ଯେହେତୁ, ପିଭିଟିଜି ନିର୍ଦ୍ଦିଷ୍ଟ ଯୋଜନାଗୁଡ଼ିକ 17ଟି ଏମ୍‌ପିଏ ଅଧିନରେ ଥିବା ପୁରୁଣା ପିଭିଟିଜି ଗ୍ରାମରେ କାର୍ଯ୍ୟକାରୀ ହେଉଥିଲା, ଅଡିଟ୍ ଉଭୟ ଏମ୍‌ପିଏ ଏବଂ ପିଏମ୍‌ୟୁ ପାଖରେ ଉପଲବ୍ଧ ତଥ୍ୟର ବିଶ୍ଳେଷଣ କରିଥିଲା । ଯଦିଓ ପିଏମ୍‌ୟୁ 2019-24 ମଧ୍ୟରେ 541ଟି ଗ୍ରାମ/ ପଡ଼ାର

61 2019-20: ଗୋଟିଏ ବୈଠକ; 2020-21: ଗୋଟିଏ ବୈଠକ

62 (i) ଏଲ୍‌ଡିଏ, ମୋରଡ଼ା; (ii) ପିବିଡିଏ, ଖୁଣ୍ଟଗାଁ; (iii) ଟିଡିଏ, ତୁମ୍ବା; (iv) ଜେଡିଏ, ଗୋନାସିକା; (v) ଡିଡିଏ, କୁଡୁମୁଲୁଗୁମା; (vi) ଏସ୍‌ଡିଏ, ଚନ୍ଦ୍ରଗିରି; (vii) କେକେଡିଏ, ବେଲଘର

27,308 ପରିବାରର 1,34,311 ଜନସଂଖ୍ୟାକୁ ଲାଭାନ୍ୱିତ କରିବାର ଯୋଜନା କରିଥିଲା, ଏମ୍‌ପିଏମାନଙ୍କ ତଥ୍ୟ ଅନୁଯାୟୀ ମାର୍ଚ୍ଚ 2024 ସୁଦ୍ଧା 603 ଟି ଗ୍ରାମ/ ପଡ଼ାର 26,457 ପରିବାରରେ 1,11,796 ଜନସଂଖ୍ୟା ଥିଲା । ଏହିପରି ଭାବେ ବିଭିନ୍ନ ଏମ୍‌ପିଏ (***ପରିଶିଷ୍ଟ 1.2***) ଗ୍ରାମ/ ପଡ଼ା, ପରିବାର ଏବଂ ପିଭିଟିଜି ଜନସଂଖ୍ୟାରେ ବ୍ୟାପକ ଅସଙ୍ଗତି ପରିଲକ୍ଷିତ ହୋଇଥିଲା । ତଥ୍ୟର ଅସଙ୍ଗତି ଯୋଗୁଁ ଭୁଲ ବଣ୍ଟନ ଏବଂ ସୁଯୋଗ ହରାଇବା ଭଳି ଗୁରୁତର ନକାରାତ୍ମକ ପ୍ରଭାବ ପଡ଼ିପାରେ ଯାହା ଆଶାରୂପ ଫଳାଫଳ ହାସଲ କରିବାର କ୍ଷମତାକୁ ହ୍ରାସ କରିଥାଏ ।

ବିଭାଗ ଜଣାଇଲେ (ସେପ୍ଟେମ୍ବର 2025) ଯେ ପଞ୍ଚାୟତ ପରିପୃକ୍ତତା ଆଧାରରେ ଓପିଲିପି କାର୍ଯ୍ୟକରୀ କରାଯାଇଥିଲା, ଯେଉଁଥିରେ ପଞ୍ଚାୟତର ଉଭୟ ପିଭିଟିଜି ଏବଂ ଅଣ-ପିଭିଟିଜି ଗ୍ରାମ ଅନ୍ତର୍ଭୁକ୍ତ ଥିଲା । ଅଣ-ପିଭିଟିଜି ଗ୍ରାମମାନଙ୍କ ଭିତରେ ଥିବା ପଡ଼ା/ ଗ୍ରାମ ଗୁଡ଼ିକର ଉପସ୍ଥିତି, 541 ଏବଂ 603 ଗ୍ରାମ ମଧ୍ୟରେ ଥିବା ପାର୍ଥକ୍ୟର କାରଣ ବୋଲି ବିଭାଗ ଦର୍ଶାଇଥିଲା ।


### 1.11.4 କାର୍ଯ୍ୟକ୍ରମର ମୂଲ୍ୟାଙ୍କନ

ପ୍ରକଳ୍ପର ରୂପାୟନ ଏବଂ ପ୍ରକଳ୍ପ ଲଜିକାଲ ଫ୍ରେମ୍‌ୱାର୍କରେ ସୂଚିତ ପରିଣାମ ଗୁଡ଼ିକର ସଫଳତା ଆକଳନ କରିବା ପାଇଁ ଆଇଏଫ୍‌ଏଡି/ ଓପିଲିପି ଦ୍ୱାରା 2024-25 ମଧ୍ୟରେ ଏକ 'ଏଣ୍ଡଲାଇନ୍ ସର୍ଭେ' କରାଯାଇଥିଲା ।

ଏହି ସର୍ଭେ ରିପୋର୍ଟ ଅନୁଯାୟୀ, ଓପିଲିପି ପ୍ରକଳ୍ପ ପିଭିଟିଜି ସମ୍ପ୍ରଦାୟର ଜୀବନଧାରଣ ମାନରେ ସୁଧାର ଆଣିବା ସହ ଏକ ସ୍ଥାୟୀ ଏବଂ ସମାବେଶୀ ଉନ୍ନୟନ ପାଇଁ ଭିତ୍ତିଭୂମି ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ସୁବିଧା ସୁଯୋଗ ଯୋଗାଇ ସାମାଜିକ ଓ ଅର୍ଥନୈତିକ ଦୁର୍ବଳତାକୁ ଦୂର କରିବା ସହ ଜୀବନଧାରଣର ମାନରେ ଉନ୍ନତି ଆଣିଛି । ଜୀବିକା ବୃଦ୍ଧି କାର୍ଯ୍ୟକ୍ରମ ଦ୍ୱାରା ପରିବାରର ଆୟ 2.5 ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ପିଭିଟିଜି ପରିବାର ଗୁଡ଼ିକର ସାମଗ୍ରିକ ଜୀବନଶୈଳୀରେ ଗୁଣବତ୍ତା ବଢ଼ାଇବା ସହ ଉତ୍ତମ ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହାୟକ ହୋଇଛି ।

ତଥାପି, ଅଡିଟ୍ ଦେଖିଲା ଯେ ପିଭିଟିଜି ଜନସଂଖ୍ୟାର ବିକାଶ ପାଇଁ ଏମ୍‌ପିଏ ଗୁଡ଼ିକ କାର୍ଯ୍ୟ କରୁଥିଲେ ମଧ୍ୟ ପିଭିଟିଜି ଗ୍ରାମ ଏବଂ ପରିବାରଗୁଡ଼ିକୁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ନାହିଁ । ପିଏମ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ମାର୍ଚ୍ଚ 2024 ସୁଦ୍ଧା ପକ୍କା ସଡ଼କ ସଂଯୋଗ, ବିଦ୍ୟୁତ ଯୋଗାଣ, ନିରାପଦ ପାନୀୟ ଜଳ ଉତ୍ସ, ଦୂରସଂଚାର ସୁବିଧା ନଥିବା ପିଭିଟିଜି ଗ୍ରାମ/ ପଡ଼ାଗୁଡ଼ିକର ବିବରଣୀ ***ପରିଶିଷ୍ଟ-1.3*** ଏବଂ **ଚାର୍ଟ 1.4** ରେ ଦର୍ଶାଯାଇଛି ।

***ଚାର୍ଟ 1.4: ମୌଳିକ ସୁବିଧା ନଥିବା ପିଭିଟିଜି ଗ୍ରାମଗୁଡ଼ିକର ସଂଖ୍ୟା***




***(ଉତ୍ସ: ପିଏମ୍‌ୟୁ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ଅଡିଟ୍ ଦେଖିଲା ଯେ ଅଧିକାଂଶ ପିଭିଟିଜି ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଦିବାସୀ ସମ୍ପ୍ରଦାୟ ପାଇଁ ଦକ୍ଷତା ତଥା ସାଂସ୍କୃତିକ କେନ୍ଦ୍ର ନଥିଲା । ସେହିପରି 40 ପ୍ରତିଶତ ଗ୍ରାମରେ ବିଦ୍ୟାଳୟ ମଧ୍ୟ ଉପଲବ୍ଧ ନଥିଲା । ଜେପିଆଇ ସମୟରେ ଦେଖାଗଲା ଯେ ସାତୋଟି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନଥିବା ବେଳେ 19 ଟି ଗ୍ରାମରେ ସ୍ୱାସ୍ଥ୍ୟ ସେବା ସୁବିଧା ନଥିଲା । କାନିବାରୁ ଗ୍ରାମ ଏକ ଉଦାହରଣ, ଯେଉଁଠାରେ ମୌଳିକ ସୁବିଧା ଉପଲବ୍ଧ ନଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

**ମୌଳିକ ସୁବିଧା ନଥିବା ଗ୍ରାମ**

ବେଲଘରର କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ) ଅଧିନରେ ଥିବା ପିଭିଟିଜି ଗ୍ରାମ ମଧ୍ୟରୁ କାନିବାରୁ ଅନ୍ୟତମ । ମାର୍ଚ୍ଚ 2024 ସୁଦ୍ଧା ଏହି ଗ୍ରାମରେ 246 ପିଭିଟିଜି ଜନସଂଖ୍ୟା ସହିତ 43ଟି ପରିବାର ଥିଲା । ଏହି ଗ୍ରାମ ଏମ୍‌ପିଏ ଅଧିନରେ ଥିବା ସତ୍ତ୍ୱେ ଏହି ଗାଁରେ ଅନେକ ମୌଳିକ ସୁବିଧାର ଅଭାବ ଥିଲା । ନିକଟତମ ବାରମାସୀ ପକ୍କା ରାସ୍ତା (ବାଣ୍ଡାପିପିଲିରେ) ଗାଁଠାରୁ ଆଠ କିଲୋମିଟର ଦୂରରେ ଥିଲା । ଗାଁରେ ପହଞ୍ଚିବା ପାଇଁ ଅନେକ ଥର ଝରଣା/ ନଦୀ ପାର ହେବାକୁ ପଡୁଥିଲା । ଗ୍ରାମବାସୀମାନେ ପାନୀୟ ଜଳ ପାଇଁ ଖୋଲା କୂପ/ ଚୁଆ, ଝରଣା/ ନଦୀ ଉପରେ ନିର୍ଭର କରୁଥିଲେ । ଗ୍ରାମରେ ଉପଲବ୍ଧ ଏକମାତ୍ର ନଳ କୂଅ ଗତ ପାଞ୍ଚ ବର୍ଷ ଧରି ଅଚଳ ହୋଇ ପଡ଼ିଥିଲା । ଗ୍ରାମକୁ କୌଣସି ପାରମ୍ପରିକ ବିଦ୍ୟୁତ୍ ଯୋଗାଣ ନଥିଲା । ଏମ୍‌ପିଏ ଦ୍ୱାରା ଗାଁରେ ସ୍ଥାପନ କରାଯାଇଥିବା(2023-24) ସୌର ଗ୍ରୀଡ୍ ରହିଥିଲେ ମଧ୍ୟ ଅନେକ ପଏଣ୍ଟ କାର୍ଯ୍ୟକ୍ଷମ ନଥିଲା ।



*ଚିତ୍ର 1.44: କାନିବୁରୁ ଗ୍ରାମ*

ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପ୍ରାୟ ତିନି କିଲୋମିଟର ଦୂରରେ ଥିବାରୁ ଗାଁର ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ଅଙ୍ଗନବାଡ଼ି କେନ୍ଦ୍ର (ଏଡବ୍ଲ୍ୟୁସି) ଉପଲବ୍ଧ ନଥିବାରୁ ଗ୍ରାମବାସୀଙ୍କୁ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ଅଧିନରେ ଟେକ୍ ହୋମ୍ ରାସନ ସଂଗ୍ରହ ପାଇଁ ବାଣ୍ଡାପିପିଲିକୁ ଯିବାକୁ ପଡୁଥିଲା । ଗ୍ରାମରୁ ପ୍ରାୟ 17 କିଲୋମିଟର ଦୂରରେ ଥିବା ଦୁର୍ଗାପିଙ୍ଗାରେ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର । ଖାଦ୍ୟ ଅଭାବ ହେଉଥିବା ସମୟରେ ଗ୍ରାମବାସୀମାନେ ଆମ୍ବକୋଇଲି ଖାଇ ଜୀବନ ଧାରଣ କରୁଥିଲେ ।

ଏପରି କଷ୍ଟସାଧ୍ୟ ପରିସ୍ଥିତି ସତ୍ତ୍ୱେ ଏମ୍‌ପିଏ ପକ୍ଷରୁ ଗ୍ରାମରେ ମାତ୍ର କେତୋଟି କାର୍ଯ୍ୟ କରାଯାଇଥିଲା । 2019-24 ମଧ୍ୟରେ ମଞ୍ଜୁର ହୋଇଥିବା 14.19 ଲକ୍ଷ ଟଙ୍କା ମଧ୍ୟରୁ କେବଳ 12.67 ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ଭିତ୍ତିଭୂମି ବିକାଶ ଅଧିନରେ, 2023-24 ମଧ୍ୟରେ କେବଳ ଗୋଟିଏ ସୌର ଗ୍ରୀଡ୍ (4.34 ଲକ୍ଷ ଟଙ୍କା) ସ୍ଥାପନ କରାଯାଇଥିଲା । ପାନୀୟ ଜଳ କିମ୍ବା ଜଳସେଚନ ପାଇଁ କୌଣସି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇନଥିଲା । 2019-24 ମଧ୍ୟରେ ଜୀବିକାନିର୍ବାହ କାର୍ଯ୍ୟ ପାଇଁ ଏମ୍‌ପିଏ ମାତ୍ର 8.33 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ଏହିପରି ଭାବେ, ଏମ୍‌ପିଏ ସୃଷ୍ଟି ହେବାର ଚାରି ଦଶନ୍ଧି (1978-79) ପରେ ମଧ୍ୟ ଗ୍ରାମର ପିଭିଟିଜି ଜନସଂଖ୍ୟାର ଜୀବନଧାରଣ ମାନରେ କୌଣସି ଉନ୍ନତି ହୋଇନଥିଲା ।

ଏହିପରି ଭାବରେ, ପିଭିଟିଜିମାନେ ସମ୍ମୁଖୀନ ହେଉଥିବା ଦୀର୍ଘ ଦିନର ସମସ୍ୟାଗୁଡ଼ିକୁ ସମାଧାନ କରିବା ଏବଂ ଏହି ସମ୍ପ୍ରଦାୟ ମଧ୍ୟରେ ସ୍ଥାୟୀ ଅର୍ଥନୈତିକ ଏବଂ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସ, ଦୀର୍ଘକାଳୀନ ସ୍ଥିରତା ଏବଂ ଅନ୍ତର୍ଭୁକ୍ତ ବିକାଶର ଅଭାବ ପରିଲକ୍ଷିତ ହୋଇଥିଲା ।

ବିଭାଗ ଜଣାଇଲେ (ସେପ୍ଟେମ୍ବର 2025) ଯେ ସଡ଼କ, ବିଦ୍ୟୁତ୍, ଦୂରସଂଚାର ଇତ୍ୟାଦି ସୁବିଧାଗୁଡ଼ିକ ଓପିଲିପିର ଅଂଶ ନଥିଲା ଏବଂ ଏହା ସଂପୃକ୍ତ ଲାଇନ ବିଭାଗଗୁଡ଼ିକର ଦାୟିତ୍ୱ । ତଥାପି, ପିଭଟିଜି ଅଞ୍ଚଳରେ ମୌଳିକ ସୁବିଧା ଗୁଡ଼ିକର ସମ୍ପୂର୍ଣ୍ଣତା ପାଇଁ 2023-24 ରୁ ପ୍ରଧାନମନ୍ତ୍ରୀ ଜନଜାତି ଆସିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍‌ଜନମନ) ଯୋଜନା କାର୍ଯ୍ୟକାରୀ ହେଉଛି । କିନ୍ତୁ, ପ୍ରକୃତ ତଥ୍ୟ ହେଉଛି ଯେ ସମସ୍ତ ପିଭଟିଜି ଗ୍ରାମ ଏବଂ ପରିବାରରେ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ଏମ୍‌ପିଏଗୁଡ଼ିକ ସଂପୃକ୍ତ ବିଭାଗଗୁଡ଼ିକ ସହିତ ଆବଶ୍ୟକୀୟ ସମନ୍ୱୟ ରକ୍ଷା କରିନାହାଁନ୍ତି ।

***ସୁପାରିଶ 1.7:***

***କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ପିଭିଟିଜି ମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ କ୍ଷେତ୍ରରେ ଥିବା ଅଭାବଗୁଡ଼ିକୁ ଚିହ୍ନଟ କରିବା ଓ ତାହାର ସମାଧାନ ପାଇଁ ଏକ ସୁଦୃଢ ମୂଲ୍ୟାଙ୍କନ ବ୍ୟବସ୍ଥା ରହିବା ଆବଶ୍ୟକ, ଯାହା ନିରୀକ୍ଷଣ, ପର୍ଯ୍ୟାଲୋଚନା, ତଥ୍ୟ ସଂଗ୍ରହ ଏବଂ ଅଂଶୀଦାରମାନଙ୍କ ମତାମତ ଉପରେ ଗୁରୁତ୍ୱ ଦେବ ।***

### 1.11.4.1 ଅନୁମୋଦିତ କାର୍ଯ୍ୟକ୍ରମ ଗୁଡ଼ିକର ସମ୍ପାଦନରେ ନିମ୍ନମାନର ପ୍ରଦର୍ଶନ

ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ (ଏଡବ୍ଲ୍ୟୁପିବି) ବର୍ଷ ମଧ୍ୟରେ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟ ଏବଂ ପଦକ୍ଷେପ ଗୁଡ଼ିକର ରୂପରେଖ ପ୍ରଦାନ କରେ । ଏଡବ୍ଲ୍ୟୁପିବିର ଅଗ୍ରଗତିକୁ ଏଥିରେ ଥିବା ବିଭିନ୍ନ ସୂଚକାଙ୍କ ଆଧାରରେ ମପାଯାଏ, ଯେପରିକି ଗଠିତ/ ସହାୟତା ପ୍ରାପ୍ତ ଭିଡିସି ସଂଖ୍ୟା, ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା, ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ସଂଖ୍ୟା, ନିର୍ମିତ ଜଳ ସେଚନ ପ୍ରକଳ୍ପ, ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ ଇତ୍ୟାଦି । ଏଡବ୍ଲ୍ୟୁପିବିରେ ଧାର୍ଯ୍ୟ କରାଯାଇଥିବା ଫଳାଫଳ ଲକ୍ଷ୍ୟ ମାଧ୍ୟମରେ କାର୍ଯ୍ୟକ୍ରମର ଅଗ୍ରଗତି ଅନୁଧ୍ୟାନ କରାଯିବାର ବ୍ୟବସ୍ଥା ଥିଲା ।

ଅଡିଟ୍‌ରୁ ଜଣାପଡ଼ିଛି ଯେ 2019-24 ବର୍ଷ ଗୁଡ଼ିକ ପାଇଁ ପିଭିଟିଜିମାନଙ୍କର ହିତ ନିମନ୍ତେ ଅନୁମୋଦିତ ଏଡବ୍ଲ୍ୟୁପିବିରେ ଧାର୍ଯ୍ୟ କରାଯାଇଥିବା ଉଭୟ ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବରେ ହାସଲ ହୋଇପାରି ନଥିଲା । 509.24 କୋଟି ଟଙ୍କା ବ୍ୟୟରେ ବିଭିନ୍ନ କାର୍ଯ୍ୟକଳାପର ରୂପାୟନ ପାଇଁ 4.74 ଲକ୍ଷ ୟୁନିଟ୍ କାର୍ଯ୍ୟକାରୀ କରିବାର ଯୋଜନା ଥିଲାବେଳେ, ଏମ୍‌ପିଏମାନେ 2019-24 ମଧ୍ୟରେ 305.93 କୋଟି ଟଙ୍କା ଖର୍ଚ୍ଚ କରି 2.80 ଲକ୍ଷ ୟୁନିଟ୍ ହାସଲ କରିପାରିଥିଲେ । 2019-20 ରୁ 2023-24 ମଧ୍ୟରେ ଏମ୍‌ପିଏ ଗୁଡ଼ିକର ଉଭୟ ଭୌତିକ ଏବଂ ଆର୍ଥିକ ସଫଳତାର ବିବରଣୀ **ସାରଣୀ 1.11** ରେ ଦିଆଯାଇଛି ।

***ସାରଣୀ 1.11: 2019-24 ବର୍ଷର ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ ଏବଂ ଉପଲବ୍ଧି***

| ବର୍ଷ | ଭୌତିକ (ଏକକ କ୍ଷେତ୍ରରେ) | | | ଆର୍ଥିକ (କୋଟି ଟଙ୍କାରେ) | | |
|---|---|---|---|---|---|---|
| | ଲକ୍ଷ୍ୟ | ସଫଳତା | ପ୍ରତିଶତ | ଲକ୍ଷ୍ୟ | ସଫଳତା | ପ୍ରତିଶତ |
| 2019-20 | 91,617 | 41,294 | 45.07 | 132.80 | 67.13 | 50.55 |
| 2020-21 | 69,665 | 51,516 | 73.95 | 102.64 | 76.41 | 74.44 |
| 2021-22 | 86,446 | 73,854 | 85.43 | 71.06 | 36.31 | 51.09 |
| 2022-23 | 1,47,249 | 86,412 | 58.68 | 131.42 | 88.42 | 67.29 |
| 2023-24 | 79,454 | 27,002 | 33.98 | 71.32 | 37.66 | 52.81 |
| **ସମୁଦାୟ** | **4,74,431** | **2,80,078** | **59.03** | **509.24** | **305.93** | **60.08** |

***(ଉତ୍ସ: ପ୍ରୋଗ୍ରାମ୍ ମ୍ୟାନେଜମେଣ୍ଟ ୟୁନିଟ୍, ଓପିଏଲିପିରୁ ପ୍ରାପ୍ତ ତଥ୍ୟ)***

ଏଡବ୍ଲ୍ୟୁପିବିରେ ଅନୁମୋଦିତ ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ ତୁଳନାରେ ଏମ୍‌ପିଏ ଗୁଡ଼ିକର ସାମଗ୍ରିକ ପ୍ରଦର୍ଶନ ଯଥାକ୍ରମେ 59 ପ୍ରତିଶତ ଏବଂ 60 ପ୍ରତିଶତ ଥିଲା । 2019-20 ଏବଂ 2023-24 ରେ ଭୌତିକ ସଫଳତା 50 ପ୍ରତିଶତରୁ କମ୍ ରହିଥିବା ବେଳେ 2019-20, 2021-22 ଏବଂ 2023-24 ବର୍ଷ ଗୁଡ଼ିକରେ ଆର୍ଥିକ ସଫଳତା ଲକ୍ଷ୍ୟ ତୁଳନାରେ ପ୍ରାୟ 50 ପ୍ରତିଶତ ରହିଥିଲା । ଏହିପରି ଭାବରେ ପିଭିଟିଜିମାନଙ୍କର ଉନ୍ନତି ପାଇଁ ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ସମ୍ପାଦନ କରିବାରେ ଏମ୍‌ପିଏ ଏବଂ ପିଏମ୍‌ୟୁ ବିଫଳ ହୋଇଛନ୍ତି ।

ପିଭିଟିଜି ଜନସଂଖ୍ୟାର ଜୀବିକାରେ ଉନ୍ନତି ଆଣିବା ପାଇଁ ନିର୍ଦ୍ଧାରିତ ହୋଇଥିବା ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ ହାସଲ ନହେବା ଦୁର୍ବଳ ଯୋଜନା, ଗୋଷ୍ଠୀ ସହଭାଗିତାର ଅଭାବ, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ପ୍ରଭାବଶାଳୀ ପର୍ଯ୍ୟାଲୋଚନାର ଅଭାବକୁ ସୂଚାଉଛି ।

ବିଭାଗ ଜଣାଇଲା (ସେପ୍ଟେମ୍ବର 2025) ଯେ ଆଶାନୁରୁପ ଲକ୍ଷ୍ୟ ହାସଲ କରିବା ପାଇଁ ଏମ୍‌ପିଏ ଅଞ୍ଚଳରେ ଥିବା ସମସ୍ୟା, ଦୁର୍ଗମତା, କଷ୍ଟସାଧ୍ୟ ଭୂଭାଗ ଏବଂ ସାମଗ୍ରୀର ଅଭାବ ଇତ୍ୟାଦିକୁ ଦୃଷ୍ଟିରେ ରଖି ଏଡବ୍ଲ୍ୟୁପିବି ଗୁଡ଼ିକ ବାସ୍ତବିକ ବଜେଟ୍ ଠାରୁ ଅଧିକ ରାଶିରେ ଏଡବ୍ଲ୍ୟୁବିପି ପ୍ରସ୍ତୁତ ଏବଂ ଅନୁମୋଦିତ କରାଯାଇଥିଲା । ତେଣୁ, କମ୍ ସଫଳତା ନିର୍ଦ୍ଦିଷ୍ଟ ବର୍ଷର ପ୍ରକୃତ ଲକ୍ଷ୍ୟ ହାସଲକୁ ସୂଚାଉ ନାହିଁ ।

ମାତ୍ର ବାସ୍ତବତା ହେଉଛି ଯେ କାର୍ଯ୍ୟକ୍ରମ ରୂପାୟନର ଅଗ୍ରଗତି ମାପିବା ପାଇଁ ମାନଦଣ୍ଡ ଭାବରେ ଏଡବ୍ଲ୍ୟୁପିବିଗୁଡ଼ିକ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ।

## 1.12 ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ

### *1.12.1 ସରକାରୀ ଅର୍ଥର ସନ୍ଦେହଜନକ ଆତ୍ମସାତ୍‌କରଣ/ ବ୍ୟୟ*

କେସ୍ ରେକର୍ଡ ଗୁଡ଼ିକର ଯାଞ୍ଚ ଏବଂ କାର୍ଯ୍ୟସ୍ଥଳୀର ମିଳିତ ସରଜମିନ ତଦନ୍ତ ସମୟରେ, ଅଡିଟ୍ ଚାରୋଟି ଏମ୍‌ପିଏ (ତୁମ୍ବା, ସେରୋଙ୍ଗୋ, ରୁଗୁଡ଼ାକୁଦାର ଏବଂ ଜାମରଡ଼ିହି) ଅଧିନରେ ହୋଇଥିବା କାର୍ଯ୍ୟ ସମ୍ପାଦନରେ ଗୁରୁତର ଅନିୟମିତତା ଦେଖିବାକୁ ପାଇଥିଲା । ଏହି ଏମ୍‌ପିଏ ଗୁଡ଼ିକରେ କାର୍ଯ୍ୟ ସମ୍ପାଦନ ନହୋଇ ମଧ ଅର୍ଥ ପ୍ରଦାନ କରାଯାଇଥିବା ଭଳି ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଛି । ଯାହାଫଳରେ 20 ଲକ୍ଷ ଟଙ୍କାର ସନ୍ଦେହଜନକ ଆତ୍ମସାତ୍‌କରଣ/ବ୍ୟୟର ଆଶଙ୍କା ସୃଷ୍ଟି ହୋଇଛି, ଯାହାର ବିବରଣୀ **ସାରଣୀ 1.12** ରେ ଦିଆଯାଇଛି ।

***ସାରଣୀ 1.12: ସରକାରୀ ଅର୍ଥର ସନ୍ଦେହଜନକ ଆତ୍ମସାତ୍‌କରଣ/ ବ୍ୟୟ***

| ଏମ୍‌ପିଏ | ଅଡିଟ୍ ମନ୍ତବ୍ୟ |
|---|---|
| ଟିଡିଏ, ତୁମ୍ବା | (i) ମା ସୀତା ଠାକୁରାଣୀ ଭିଡିସି, ହଳଦୀବାଡ଼ ଗ୍ରାମରେ କମ୍ୟୁନିଟି ଗୃହ ନିର୍ମାଣ ପାଇଁ 2022-23 ରେ 2.96 ଲକ୍ଷ ଟଙ୍କା ବ୍ୟୟ କରିଥିଲା । ମିଳିତ ସରଜମିନ ତଦନ୍ତ ସମୟରେ ଗାଁରେ ଏପରି କୌଣସି କମ୍ୟୁନିଟି ଗୃହ ନିର୍ମାଣ ହେବାର ଜଣା ପଡ଼ିନଥିଲା । ଗ୍ରାମବାସୀଙ୍କ ସହ ଆଲୋଚନାରୁ ସ୍ପଷ୍ଟ ହେଲା ଯେ 2019-24 ମଧ୍ୟରେ କୌଣସି କମ୍ୟୁନିଟି ଗୃହ ନିର୍ମାଣ ହୋଇ ନଥିଲା । କେସ୍ ରେକର୍ଡରେ ଥିବା ଫଟୋଗୁଡ଼ିକ ଅଙ୍କୁଲି ଗ୍ରାମ ପଞ୍ଚାୟତର ବୁରାସାହି ଗ୍ରାମର ରାଗି ମିଲ୍‌ର ଥିଲା, ମାତ୍ର କମ୍ୟୁନିଟି ଗୃହର ନ ଥିଲା । ଗୃହ ନିର୍ମାଣ ହୋଇନଥିବା ନେଇ ଗ୍ରାମବାସୀମାନେ ଏମ୍‌ପିଏର ସତନ୍ତ୍ର ଅଧିକାରୀଙ୍କ ନିକଟରେ (ସେପ୍ଟେମ୍ବର 2024) ଅଭିଯୋଗ ଦାଖଲ କରିଥିଲେ । ଯାହାଦ୍ୱାରାକି, 2.96 ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବାର ସନ୍ଦେହ କରାଯାଉଛି ।<br>ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ସ୍ଥାନୀୟ ବିବାଦ ହେତୁ କମ୍ୟୁନିଟି ଗୃହ ନିର୍ମାଣ ବିଳମ୍ବ ହୋଇଥିଲା ଏବଂ ଏକ ନୂତନ ସ୍ଥାନରେ ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଛି । |
| | (ii) ଲୋକସାହିରେ ଫ୍ଲାଏ ଆଶ୍ ଇଟା କାରଖାନା ନିର୍ମାଣ ପାଇଁ ମା ଘଟଗାଁ ତାରିଣୀ ଭିଡିସି ମଞ୍ଜୁର ହୋଇଥିବା 9 ଲକ୍ଷ ମଧ୍ୟରୁ 6.38 ଲକ୍ଷ ବ୍ୟୟ କରିଥିଲେ । ଭିଡିସି ଉପରୋକ୍ତ ରାଶିକୁ ଇଟା ତିଆରି ୟୁନିଟ୍ ଏବଂ କାର୍ଯ୍ୟଘର ତିଆରିରେ ଖର୍ଚ୍ଚ କରିଥିଲେ । ଅବଶିଷ୍ଟ 2.62 ଲକ୍ଷ ଟଙ୍କା ମା ଲିମେଶ୍ୱରୀ ଏସ୍ଏଚ୍‌ଜିକୁ ଅନ୍ୟାନ୍ୟ କାର୍ଯ୍ୟ ଯଥା ଜମି ସମତଳୀକରଣ, କଞ୍ଚା ମାଲ କ୍ରୟ, ବିଦ୍ୟୁତ୍ ଖମ୍ବ ସ୍ଥାପନ ଇତ୍ୟାଦି ପାଇଁ ହସ୍ତାନ୍ତର କରାଯାଇଥିଲା । ମିଳିତ ସରଜମିନ ତଦନ୍ତ (ସେପ୍ଟେମ୍ବର 2024) ସମୟରେ, ଏହା ଜଣାପଡ଼ିଲା ଯେ କାରଖାନାରେ ବିଦ୍ୟୁତ୍ ସଂଯୋଗ ନଥିଲା ଏବଂ ଏହା ଅଚଳ ଅବସ୍ଥାରେ ଥିଲା, ଯାହା ଉପରୋକ୍ତ 2.62 ଲକ୍ଷ ର ବ୍ୟୟକୁ ସନ୍ଦେହଜନକ କରୁଛି ।<br>ବିଭାଗ କହିଲା (ସେପ୍ଟେମ୍ବର 2025) ଯେ କାରଖାନା ବର୍ଷେ ଚାଲିବା ପରେ ଆଭ୍ୟନ୍ତରୀଣ ବିବାଦ ଯୋଗୁଁ ବନ୍ଦ ହୋଇଗଲା । ତେବେ, କାରଖାନା ଚାଲୁଥିବାର କୌଣସି ପ୍ରମାଣ ଅଡିଟ୍ କୁ ମିଳି ନ ଥିଲା । |
| ଏଲ୍ଏସ୍‌ଡିଏ, ସେରାଙ୍ଗୋ | (i) ଏମ୍‌ପିଏ ସେରାଙ୍ଗୋ ଅଧିନରେ ଥିବା ଭିଡିସି ଗୁଡ଼ିକ 54 ଲକ୍ଷ ଟଙ୍କା ବ୍ୟୟରେ 9ଟି[63] ସୌର ଭିତ୍ତିକ ଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ । କିନ୍ତୁ ଅଡ଼ିଟ ଲକ୍ଷ୍ୟ କଲେ ଯେ ପାଣିପାଇପ୍ କମ୍ ବିଛାଯାଇଥିଲା, ବଜ୍ରପାତ ନିରୋଧକ ଯନ୍ତ୍ର (ଲାଇଟନିଂ ଆରେଷ୍ଟର) ଲଗାଯାଇ ନଥିଲା ଏବଂ କଣ୍ଟା ତାରବାଡ଼ କରାଯାଇନଥିଲା, ଯେଉଁଥିପାଇଁ ଭିଡିସିକୁ 6.86 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ତେଣୁ, ଏହିସବୁ କାର୍ଯ୍ୟ ପାଇଁ ଭିଡିସିକୁ ଦିଆଯାଇଥିବା 6.86 ଲକ୍ଷ ଟଙ୍କାର ଖର୍ଚ୍ଚ ସନ୍ଦେହଜନକ ଥିଲା । କୌଣସି ଚେକ୍ ମେଜରମେଣ୍ଟ୍ କିମ୍ବା ଚଳନ୍ତି ଆକାଉଣ୍ଟ ବିଲ୍ ପ୍ରସ୍ତୁତ ନକରି ସିଧାସଳଖ ବିକ୍ରେତାଙ୍କୁ ଟଙ୍କା ଦିଆଯାଇଥିଲା । ଏହିସବୁ ତ୍ରୁଟି ଉପରୋକ୍ତ କାର୍ଯ୍ୟ ପାଇଁ 6.86 ଲକ୍ଷ ଟଙ୍କା ଖର୍ଚ୍ଚର ସନ୍ଦେହକୁ ଦୃଢ଼ୀଭୂତ କରୁଥିଲା ।<br>ବିଭାଗ କହିଲେ ଯେ ବାସ୍ତବ ପରିସ୍ଥିତି ଅନୁଯାୟୀ କାର୍ଯ୍ୟ ହୋଇଛି । ଉତ୍ତର ଗ୍ରହଣୀୟ ନଥିଲା, କାରଣ ଯେଉଁ ପରିମାଣର କାର୍ଯ୍ୟ ପାଇଁ ଅର୍ଥ ଦିଆଯାଇଥିଲା ତାହା ଠାରୁ ପ୍ରକୃତ ସମ୍ପାଦିତ କାର୍ଯ୍ୟର ପରିମାଣ କମ୍ ଥିଲା । |

63 ଗଙ୍ଗାପୁର, ମୁରସିଂ, ନୂଆଗାଁ, ଜଗନ୍ନାଥପୁର, ଲଣ୍ଡାହାଟୀ, କନ୍ହେଇପୁର, କୁଜାସିଂ, ତାର୍ଗୀ, ପୁତୁର,

| ଏମ୍‌ପିଏ | ଅଡିଟ୍ ମନ୍ତବ୍ୟ |
|---|---|
| | (ii) ଏମ୍‌ପିଏ ସେରାଙ୍ଗୋ ଅଧିନରେ ଥିବା ବାଲମୁଣ୍ଡା ଗ୍ରାମରେ ସୌର ଭିତ୍ତିକ ଜଳସେଚନ ପ୍ରକଳ୍ପ ପାଇଁ ଭିଡିସି ଦ୍ୱାରା 4.10 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । କିନ୍ତୁ ମିଳିତ ସରଜମିନ ତଦନ୍ତ (ନଭେମ୍ବର 2024) ସମୟରେ, ଗାଁରେ ଏପରି କୌଣସି ପ୍ରକଳ୍ପ ନିର୍ମାଣ ହେବାର ଜଣା ପଡ଼ିନଥିଲା । ଗ୍ରାମବାସୀ ମଧ୍ୟ ପ୍ରକଳ୍ପ ନ ଥିବା କଥାକୁ ସ୍ୱୀକାର କରିଛନ୍ତି । ଏହାର କେସ୍ ରେକର୍ଡ ମଧ୍ୟ ଅଡ଼ିଟ୍‌କୁ ପ୍ରଦାନ କରାଯାଇନଥିଲା, ଯାହା 4.10 ଲକ୍ଷ ଟଙ୍କାର ଆତ୍ମସାତକୁ ସୂଚାଉଛି ।<br><br>ବିଭାଗ କହିଲା (ସେପ୍ଟେମ୍ବର 2025) ଯେ, ଅବ୍ୟବହୃତ 1.90 ଲକ୍ଷ ଟଙ୍କା ଏମ୍‌ପିଏକୁ ଫେରସ୍ତ କରାଯାଇଛି ଏବଂ ପ୍ରକଳ୍ପ ପାଇଁ କିଣାଯାଇଥିବା ସାମଗ୍ରୀ ଭିଡିସି ପାଖରେ ରହିଛି । ଏହା ସୂଚାଇ ଦେଇଛି ଯେ ପ୍ରକଳ୍ପ କାର୍ଯ୍ୟ ବାସ୍ତବରେ କାର୍ଯ୍ୟକାରୀ ହୋଇନଥିଲା ଏବଂ ମିଳିତ ସରଜମିନ ତଦନ୍ତ ସମୟରେ କ୍ରୟ କରାଯାଇଥିବା ସାମଗ୍ରୀ ମିଳି ନଥିଲା । |
| ପିବିଡିଏ, ଗୁଗୁଡାକୁଦର | ଜାଲିସୁଆଁରେ ଡାଇଭର୍ସନ ଡ୍ରେନର ନିମାର୍ଣ ଏମ୍‌ପିଏ ଦ୍ୱାରା ବିଭାଗୀୟ କାର୍ଯ୍ୟ ଭାବେ ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀକୁ ସିମେଣ୍ଟ କଂକ୍ରିଟ୍ କାର୍ଯ୍ୟ ଏବଂ ସଟରିଂ' ବାବଦ ବର୍ଗ ମିଟର ପିଛା 86.11 ଟଙ୍କା ପରିବର୍ତ୍ତେ 536.80 ଟଙ୍କା ହାରରେ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା 201.85 ବର୍ଗମିଟର ସେଣ୍ଟରିଂ କାର୍ଯ୍ୟ ପାଇଁ 0.91 ଲକ୍ଷ ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।<br><br>ଅଧିକନ୍ତୁ, ଅନୁମୋଦିତ ପରିମାଣ ତୁଳନାରେ 48.19 ୟୁନିଟ୍ (ବର୍ଗ ମିଟର/ଘନ ମିଟର)କାର୍ଯ୍ୟ (ମୋଟି କାର୍ଯ୍ୟ, ସିମେଣ୍ଟ କଂକ୍ରିଟ୍ କାର୍ଯ୍ୟ, ସେଣ୍ଟରିଂ କାର୍ଯ୍ୟ), କନିଷ୍ଠ ଯନ୍ତ୍ରୀ 165.35 ୟୁନିଟ୍ କାର୍ଯ୍ୟ ଦାବି କରିଥଲେ, ଯାହା ଅନୁମୋଦିତ ପରିମାଣର 3.43 ଗୁଣ ଅଧିକ ଥିଲା । ଅନୁମୋଦିତ ପରିମାଣ ଏବଂ ସମ୍ପାଦିତ ପରିମାଣରେ ଏତେ ବଡ଼ ପାର୍ଥକ୍ୟ, 0.85 ଲକ୍ଷ ଟଙ୍କାର ସନ୍ଦେହଜନକ କାର୍ଯ୍ୟକୁ ସୁଚାଉଛି ।<br><br>ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ମୂଳଦୁଆ କାର୍ଯ୍ୟ ପାଇଁ ସେଣ୍ଟରିଂ କାର୍ଯ୍ୟର ମୂଲ୍ୟ 86.11 ଟଙ୍କା ଏବଂ କାନ୍ଥ ପାଇଁ 536.80 ଟଙ୍କା ଥିଲା । କିନ୍ତୁ, ଉତ୍ତର ଗ୍ରହଣଯୋଗ୍ୟ ନୁହଁ, କାରଣ ବିଭିନ୍ନ କାମ ପାଇଁ ଅନୁମୋଦିତ ପରିମାଣ 86.11 ଟଙ୍କା ପ୍ରତି ବର୍ଗ ମିଟର ଥିଲା । |
| ପିବିଡିଏ, ଜମରଡ଼ିହି | ଏମପିଏ ଜମାରଡ଼ିହି ଦ୍ୱାରା ହୋଇଥିବା ଚାରୋଟି[64] କାର୍ଯ୍ୟରେ, କନିଷ୍ଠ ଯନ୍ତ୍ରୀକୁ ଚଳନ୍ତି ଆକାଉଣ୍ଟ ବିଲ୍ ମାଧ୍ୟମରେ 21.23 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, କିନ୍ତୁ ଶ୍ରମ ଏବଂ ସାମଗ୍ରୀ ପାଇଁ ପ୍ରକୃତ ଖର୍ଚ୍ଚ 19.54 ଲକ୍ଷ ଟଙ୍କା ଥିଲା । ଫଳରେ 1.69 ଲକ୍ଷ ଟଙ୍କା ଅଧିକ ପଇଠ କରାଯାଇଥିଲା ।<br>ବିଭାଗ ବ୍ୟକ୍ତ କଲେ ଯେ ଚୂଡ଼ାନ୍ତ ମାପ ଏବଂ ସରକାର ଅନୁମୋଦିତ ଦର ଅନୁଯାୟୀ ଦେୟ ପ୍ରଦାନ କରାଯାଇଛି । ଉତ୍ତର ଯୁକ୍ତିଯୁକ୍ତ ନୁହେଁ, କାରଣ ବିଭାଗୀୟ କାର୍ଯ୍ୟରେ ଶ୍ରମ ଏବଂ ସାମଗ୍ରୀ ଉପରେ ପ୍ରକୃତ ଖର୍ଚ୍ଚ ଅନୁଯାୟୀ ଦେୟ ପ୍ରଦାନ କରାଯିବା କଥା । |

**(ଉତ୍ସ: ଏମ୍‌ପିଏ/ ଭିଡିସିର ରେକର୍ଡ)**

ତେଣୁ, ଏମ୍‌ପିଏମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ସ୍ୱଚ୍ଛ ନଥିଲା ଏବଂ ଏଥିରେ ସନ୍ଦେହଜନକ ବ୍ୟୟ ତଥା ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ଅତିରିକ୍ତ ଅର୍ଥ ପ୍ରଦାନ କରାଯାଇଥିବା ବିଷୟ ଜଡିତ ଥିଲା ।

## 1.13 ଉପସଂହାର

ଯଦିଓ ଅଣୁ ପ୍ରକଳ୍ପ ସଂସ୍ଥା ମାନଙ୍କର ପ୍ରତିଷ୍ଠା ଏବଂ ଓପିଲିପିର ପ୍ରଚଳନ ପିଭିଟିଜି ଜନସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ବର୍ଗର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହୋଇଛି, ତଥାପି ଏହାର ସାମଗ୍ରିକ ପ୍ରଦର୍ଶନ ସର୍ବୋତ୍ତମ ନଥିଲା ।

ପାଣ୍ଠିର କମ୍ ବିନିଯୋଗ, ଅପର୍ଯ୍ୟାପ୍ତ ଯୋଜନା, ଦୁର୍ବଳ ନିରୀକ୍ଷଣ, ଜନସଂଖ୍ୟାର ଏକ ବୃହତ ଅଂଶକୁ ବାଦ୍ ଦେବା ଏବଂ କାର୍ଯ୍ୟକ୍ରମଗୁଡିକର ସ୍ୱଳ୍ପ ସ୍ଥାୟିତ୍ୱ ଭଳି ପ୍ରମୁଖ ସମସ୍ୟାଗୁଡିକ ଆଶାନୁରୂପ ଫଳାଫଳ ହାସଲ କରିବାରେ

[64] (i) ପଙ୍ଗାମୁଣ୍ଡରେ କେନାଲ ସମ୍ପ୍ରସାରଣ (ସିଆର୍ ସଂଖ୍ୟା 963/2020-21 ଏବଂ 987/2020-21) (ii) ଇଙ୍ଗେରେ କମ୍ୟୁନିଟି ସେଣ୍ଟରର ନିର୍ମାଣ (ସିଆର୍ ସଂଖ୍ୟା 387/2021-22); (iii) ନାଗିରାରେ ଜଳ ଅମଳ ଢାଞ୍ଚା (ସିଆର୍ ସଂଖ୍ୟା 250/2022-23 ଏବଂ 253/2022-23); (iv) ସାନ୍ଧର କୁଲଡ଼ିହି ସାହି ଠାରୁ ସାଲେଇ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ

ବାଧା ସୃଷ୍ଟି କରିଥିଲା । ଏହାବ୍ୟତୀତ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଯୋଜନାଗୁଡ଼ିକୁ ଅନୁକୂଳ କରିବାରେ ବିଫଳତା ଯୋଗୁଁ କାର୍ଯ୍ୟକ୍ରମର ପ୍ରଭାବଶୀଳତାକୁ ପ୍ରଭାବିତ ହୋଇଥିଲା ।

ପିଭିଟିଜି ଜନସଂଖ୍ୟାର କେବଳ 46 ପ୍ରତିଶତ କଲ୍ୟାଣକାରୀ ଯୋଜନା/ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲେ ଏବଂ ସରକାର ସମଗ୍ର ପିଭିଟିଜି ଜନସଂଖ୍ୟାକୁ ସେମାନଙ୍କର ବିକାଶ ପାଇଁ କଲ୍ୟାଣକାରୀ ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ କରିପାରି ନଥିଲେ ।

ରାଜ୍ୟର ସମସ୍ତ ପିଭିଟିଜିମାନଙ୍କର ଜୀବନଧାରଣର ମାନ ଏବଂ ଅର୍ଥନୈତିକ ସଶକ୍ତିକରଣରେ ସୁଧାର ଆଣିବା ପାଇଁ ପ୍ରଶାସନିକ ସଂଶୋଧନ ଉତ୍ତମ ଗୋଷ୍ଠୀ ସହଭାଗିତା, ଉତ୍ସର୍ଗୀକୃତ ଅନୁଧ୍ୟାନ ଏବଂ ସଂପୃକ୍ତ ବିଭାଗଗୁଡିକ ସହ ସମନ୍ୱୟ ରକ୍ଷା କରି ଏକ ଲକ୍ଷ୍ୟଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

# ଅଧ୍ୟାୟ 2

# ସମ୍ପାଦନ ସମୀକ୍ଷା

# ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ

## ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ

## 2. ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ

### 2.1 ଉପକ୍ରମ

ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଅଧିନିୟମ (ଏନ୍‌ଆର୍‌ଇଜିଏ) ଭାରତ ସରକାରଙ୍କ (ଜିଓଆଇ) ଦ୍ୱାରା ସେପ୍ଟେମ୍ବର 2005 ରେ ପ୍ରଣୟନ କରାଯାଇଥିଲା । ପ୍ରତ୍ୟେକ ଗ୍ରାମୀଣ ପରିବାରରେ ଅଣକୁଶଳୀ ଶାରୀରିକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବୟସ୍କ ସଦସ୍ୟମାନଙ୍କୁ ଏକ ଆର୍ଥିକ ବର୍ଷରେ ଅତି କମ୍‌ରେ 100 ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇବା, ଏହି ଅଧିନିୟମର ଉଦ୍ଦେଶ୍ୟ ଥିଲା । ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା, ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଆଇନରେ ଗ୍ରାମାଞ୍ଚଳରେ ସଡ଼କ ନିର୍ମାଣ, ଜଳ ସଂରକ୍ଷଣ ଏବଂ ବନୀକରଣ ଭଳି ଶ୍ରମବହୁଳ ଭିତ୍ତିଭୂମି ପ୍ରକଳ୍ପ ମାଧ୍ୟମରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦିଆଯାଇଅଛି । ଅକ୍ଟୋବର 2009 ରେ ଏନ୍‌ଆର୍‌ଇଜିଏକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଭାବରେ ନାମିତ କରାଯାଇଥିଲା ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ଏସ୍) ଯାହା ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଖର୍ଚ୍ଚ ଭାଗୀଦାରୀ ଆଧାରରେ କାର୍ଯ୍ୟକାରୀ ହୋଇଛି । ଭାରତ ସରକାର ଅଣକୁଶଳୀ ଶାରୀରିକ ଶ୍ରମିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ମଜୁରୀ ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ସାମଗ୍ରୀ ମୂଲ୍ୟ ତଥା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀର 75 ପ୍ରତିଶତ ପ୍ରଦାନ କରନ୍ତି । ରାଜ୍ୟ ସରକାର ସାମଗ୍ରୀ ମୂଲ୍ୟ ଏବଂ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀର 25 ପ୍ରତିଶତ ପ୍ରଦାନ ସହିତ ଶ୍ରମିକମାନଙ୍କୁ ବେକାରୀ ଭତ୍ତା ଏବଂ ବିଳମ୍ବିତ ମଜୁରୀ ପ୍ରଦାନ ପାଇଁ କ୍ଷତିପୂରଣର ସମୁଦାୟ ଖର୍ଚ୍ଚ ମଧ୍ୟ ବହନ କରନ୍ତି । ରାଜ୍ୟ ସରକାରଙ୍କୁ ପ୍ରଶାସନିକ ଖର୍ଚ୍ଚ ପାଇଁ ଭାରତ ସରକାର ଏକ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମୁଦାୟ ଖର୍ଚ୍ଚର ଛଅ ପ୍ରତିଶତ ପର୍ଯ୍ୟନ୍ତ ପ୍ରଦାନ କରିଥାନ୍ତି ।


### 2.2 ସାଙ୍ଗଠନିକ ଢାଞ୍ଚା

ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ଏବଂ ପାନୀୟ ଜଳ (ପିଆର୍ ଆଣ୍ଡ ଡିଡବ୍ଲ୍ୟୁ) ବିଭାଗର ପ୍ରମୁଖ ସଚିବ ରାଜ୍ୟ ସ୍ତରରେ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ (ଏସ୍‌ପିସି) ଭାବରେ କାର୍ଯ୍ୟ କରନ୍ତି । ସେ ଯୋଜନାର ପରିକଳ୍ପନା ଏବଂ କାର୍ଯ୍ୟାନ୍ୱୟନ ପାଇଁ ସାମଗ୍ରୀକ ମାର୍ଗଦର୍ଶନ ପ୍ରଦାନ କରିବା ସହିତ ନିୟମ ପ୍ରସ୍ତୁତ କରିବା ପାଇଁ ଦାୟୀ ଅଟନ୍ତି । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଭାବରେ କାର୍ଯ୍ୟ କରନ୍ତି, ଯିଏକି ରାଜ୍ୟରେ ଏହି ଯୋଜନା ପାଇଁ ନୋଡାଲ୍ ଅଧିକାରୀ ଅଟନ୍ତି ।

ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଅଥବା ଜିଲ୍ଲା ମାଜିଷ୍ଟ୍ରେଟ୍ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଡିପିସି) ଭାବେ କାର୍ଯ୍ୟ କରନ୍ତି ଏବଂ ସେ ଯୋଜନାର ସାମଗ୍ରୀକ ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ଅଟନ୍ତି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ (ସିଡିଓ-ତଥା-ଇଓ) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକକୁ ଏହି କାର୍ଯ୍ୟରେ ସହାୟତା କରନ୍ତି ।

ବ୍ଲକ ସ୍ତରରେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟକ୍ରମ ଅଧିକାରୀ (ପିଓ) ଭାବରେ କାର୍ଯ୍ୟ କରନ୍ତି । ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଏବଂ ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ତାଙ୍କୁ କାର୍ଯ୍ୟରେ ସହାୟତା କରନ୍ତି, ଯାହା **ଚାର୍ଟ 2.1** ରେ ଦର୍ଶାଯାଇଅଛି ।

*ଚାର୍ଟ 2.1: ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟାନ୍ୱୟନ ପାଇଁ ସାଙ୍ଗଠନିକ ଢାଞ୍ଚା*




***(ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

## 2.3 ଅଡିଟ୍ ଉଦ୍ଦେଶ୍ୟ

ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ ନିମ୍ନଲିଖିତ ବିଷୟଗୁଡ଼ିକୁ ଆକଳନ କରିବା ଥିଲା :

- ପ୍ରାସଙ୍ଗିକ ନିୟମ ଏବଂ ନିୟମାବଳୀକୁ ପାଳନକରିବା ସହିତ ଯୋଜନା ପ୍ରକ୍ରିୟା ଏବଂ ଆର୍ଥିକ ପରିଚାଳନା ବ୍ୟବସ୍ଥା, ଆଇନର ଲକ୍ଷ୍ୟ ହାସଲ ଦିଗରେ ଯଥେଷ୍ଟ ଥିଲା;
- ନିଯୁକ୍ତି ସୁଯୋଗର ଉପଯୁକ୍ତ ଲକ୍ଷ୍ୟ ହାସଲ କରାଯାଇଥିଲା ଏବଂ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରାଯାଇଥିଲା, ଯାହା ସାମାଜିକ ସୁରକ୍ଷା ଏବଂ ଜୀବିକା ସୁରକ୍ଷାକୁ ଆଗେଇ ନେଇଥିଲା;
- ନିୟମ ଏବଂ ନିୟମାବଳୀ ଅନୁପାଳନ କରି ସ୍ଥାୟୀ ଏବଂ ଉପଯୋଗୀ ସମ୍ପତ୍ତି ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରାଯାଇଥିଲା, ଯାହା ଅନ୍ୟ କାର୍ଯ୍ୟକ୍ରମ/ ଯୋଜନା ସହିତ ସମ୍ମିଶ୍ରଣରେ କରାଯାଇଥିଲା;
- ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ଅନୁଧ୍ୟାନ, ସାମାଜିକ ସମୀକ୍ଷା ଏବଂ ଅଭିଯୋଗ ସମାଧାନର ବ୍ୟବସ୍ଥା ଥିଲା, ଯାହା ପରିକଳ୍ପନା ଅନୁଯାୟୀ ଅଧିକ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱ ହାସଲ କରିବା ପାଇଁ କାର୍ଯ୍ୟ କରୁଥିଲା ।

## 2.4 ଅଡିଟ୍ ମାନଦଣ୍ଡ

ନିମ୍ନଲିଖିତ ମାନଦଣ୍ଡ ଅନୁଯାୟୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପ୍ରଦର୍ଶନକୁ ମୂଲ୍ୟାଙ୍କନ କରାଯାଇଥିଲା:

(i) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ, 2005

(ii) ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଡି), ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013

(iii) ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଭାରତ ସରକାର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ବାର୍ଷିକ ମାଷ୍ଟର ପରିପତ୍ର

(iv) ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ ଏବଂ ନିର୍ଦ୍ଦେଶନାମା

## 2.5 ଅଡିଟ୍‌ର ପରିସର ଏବଂ ପଦ୍ଧତି

ଆର୍ଥିକ ବର୍ଷ 2019-20 ରୁ 2023-24 କୁ ନେଇ ସମ୍ପାଦନ ସମୀକ୍ଷା ଜୁନ୍ ରୁ ସେପ୍ଟେମ୍ବର 2024 ମଧ୍ୟରେ କରାଯାଇଥିଲା । ଅଡିଟ୍‌ରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, 30ଟି ଜିଲ୍ଲା ପରିଷଦ ମଧ୍ୟରୁ ପାଞ୍ଚଟି, 314ଟି ପଞ୍ଚାୟତ ସମିତି (ପିଏସ୍) ମଧ୍ୟରୁ 10ଟି ଏବଂ 6,794ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ପାଞ୍ଚଟି ମନୋନୀତ ଜିଲ୍ଲାର 40ଟି ଗ୍ରାମ ପଞ୍ଚାୟତର ରେକର୍ଡର ନମୁନା ଯାଞ୍ଚ କରାଯାଇଥିଲା । ଆଇଡିଇଆ ସଫ୍ଟୱେୟାର **(ପରିଶିଷ୍ଟ 2.1**) ମାଧ୍ୟମରେ ବ୍ୟୟ ଆଧାରରେ ସ୍ତରୀକୃତ ଅନିୟମିତ ନମୁନାକରଣ (ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ସାମ୍ପଲିଂ) ଆଧାରରେ ଏହି ନମୁନାଗୁଡ଼ିକ ଚୟନ କରାଯାଇଥିଲା । ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ମିଳିତ ସରଜମିନ ତଦନ୍ତ (ଜେପିଆଇ) (ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସାତଟି ସମ୍ପତ୍ତି) ଏବଂ ଜବ୍ କାର୍ଡର ଯାଞ୍ଚ ସହିତ ହିତାଧିକାରୀଙ୍କ ସାକ୍ଷାତକାର (ପ୍ରତ୍ୟେକ ମନୋନୀତ ଗ୍ରାମ ପଞ୍ଚାୟତରେ 10 ଜଣ ହିତାଧିକାରୀ), ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତର ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଥିଲା ।

ଅଡିଟ୍‌ର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ଉପରେ ଆଲୋଚନା କରିବା ପାଇଁ 25 ଜୁନ୍ 2024 ରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବଙ୍କ ସହିତ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର କମିଶନର ତଥା ସଚିବଙ୍କ ସହିତ 05 ମଇ 2025 ରେ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଭାଗର ଉତ୍ତର, ଯେଉଁଠାରେ ମିଳିଛି, ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

## 2.6 ପାଣ୍ଠିର ଆବଣ୍ଟନ, ପ୍ରଦାନ ଏବଂ ଉପଯୋଗ

ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ପାଣ୍ଠି ତିନୋଟି ଆକାଉଣ୍ଟ୍‌ରେ ଜମା ହୋଇଥାଏ, ଯଥା ଏନ୍‌ଇଏଫ୍‌ଏମ୍‌ଏସ୍ ଆକାଉଣ୍ଟ୍[65] (ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ପାଇଁ 100 ପ୍ରତିଶତ କେନ୍ଦ୍ରୀୟ ଅଂଶ), ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଶାସନିକ ଆକାଉଣ୍ଟ୍ (ପ୍ରଶାସନିକ ବ୍ୟୟ ପାଇଁ ସମୁଦାୟ ଖର୍ଚ୍ଚର ଛଅ ପ୍ରତିଶତ ପର୍ଯ୍ୟନ୍ତ କେନ୍ଦ୍ରୀୟ ଅଂଶ) ଏବଂ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି (ଏସ୍‌ଇଜିଏଫ୍) ଆକାଉଣ୍ଟ୍ (କୁଶଳୀ ଏବଂ ଅର୍ଦ୍ଧକୁଶଳୀଙ୍କ ମଜୁରି ଏବଂ ସାମଗ୍ରୀ ମୂଲ୍ୟ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ଅଂଶ) । ଏହି ଆକାଉଣ୍ଟ୍‌ଗୁଡ଼ିକରୁ, କାର୍ଯ୍ୟାନ୍ୱୟନ ୟୁନିଟ୍‌ର ପ୍ରାଧିକୃତ ଅଧିକାରୀ, ଯଥା ପଞ୍ଚାୟତ ସମିତିଗୁଡ଼ିକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏବଂ ଅନ୍ୟ ବିଭାଗର ଅଧିକାରୀ ଯେପରିକି ଜିଲ୍ଲା ଜଙ୍ଗଲ ଅଧିକାରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଜାରି କରାଯାଇଥିବା ପାଣ୍ଠି ସ୍ଥାନାନ୍ତର ଆଦେଶ (ଏଫ୍‌ଟିଓ) ଆଧାରରେ ହିତାଧିକାରୀ ଏବଂ ବିକ୍ରେତାଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ଅର୍ଥ ସ୍ଥାନାନ୍ତର କରାଯାଏ ।

2019-24 ଆର୍ଥିକ ବର୍ଷ ମଧ୍ୟରେ, ମୋଟ ଉପଲବ୍ଧ ପାଣ୍ଠି 26,388.73 କୋଟି ଟଙ୍କା ମଧ୍ୟରୁ ରାଜ୍ୟ 26,373.85 କୋଟି ଟଙ୍କା ବିନିଯୋଗ କରିଥିଲେ, ଯାହା **ସାରଣୀ 2.1** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

---

[65] ଏନ୍‌ଇଏଫ୍‌ଏମ୍‌ଏସ୍‌ର ଅର୍ଥ ହେଉଛି ଜାତୀୟ ବୈଦ୍ୟୁତିକ ପାଣ୍ଠି ପରିଚାଳନା ପଦ୍ଧତି (ନ୍ୟାସ୍‌ନାଲ୍ ଇଲେକ୍ଟ୍ରୋନିକ୍ ଫଣ୍ଡ୍ ମ୍ୟାନେଜମେଣ୍ଟ୍ ସିଷ୍ଟମ୍), ଯାହା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ ହୋଇଛି । ଏହା ଶ୍ରମିକମାନଙ୍କୁ ସେମାନଙ୍କର ବ୍ୟାଙ୍କ୍ କିମ୍ବା ଡାକଘର ଆକାଉଣ୍ଟକୁ ବୈଦ୍ୟୁତିକ ପାଣ୍ଠି ସ୍ଥାନାନ୍ତର (ଇଲେକ୍ଟ୍ରୋନିକ୍ ଫଣ୍ଡ୍ ଟ୍ରାନ୍ସଫର) ମାଧ୍ୟମରେ ସିଧାସଳଖ ଏବଂ ଶୀଘ୍ର ମଜୁରୀ ପ୍ରଦାନ କରିବାର ସୁବିଧା ପ୍ରଦାନ କରିଥାଏ ।

*ସାରଣୀ 2.1: 2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ଜାରି ହୋଇଥିବା ପାଣ୍ଠି ଏବଂ ଏହାର ବ୍ୟୟ*

(ଟଙ୍କା / କୋଟିରେ)

| ବର୍ଷ | ପାଣ୍ଠି ପ୍ରାପ୍ତି | | | | ସମୁଦାୟ | ବ୍ୟୟ (ରାଜ୍ୟ ଦ୍ୱାରା ପ୍ରଦତ୍ତ ଅଗ୍ରୀମ ରାଶିକୁ ମିଶାଇ) |
|---|---|---|---|---|---|---|
| | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ଅନ୍ୟାନ୍ୟ ପ୍ରାପ୍ତି[66] | ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଅଗ୍ରୀମ[67] | | |
| 2019-20 | 2,432.87 | 155.70 | 198.92[68] | 500.00 | 3,287.49 | 3,355.29 |
| 2020-21 | 5,239.53 | 596.66 | 131.54 | 0.00 | 5,967.73 | 5,899.93 |
| 2021-22 | 5,718.63 | 232.34 | 36.56 | 366.09 | 6,353.62 | 6,193.34 |
| 2022-23 | 4,734.48 | 347.56 | 0.48 | 379.21 | 5,461.73 | 5,621.24 |
| 2023-24 | 5,019.07 | 266.09 | 33.00 | 0 | 5,318.16 | 5,304.05 |
| **ସମୁଦାୟ** | **23,144.58** | **1,598.35** | **400.50** | **1,245.30** | **26,388.73** | **26,373.85** |

*ଉତ୍ସ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

ଏପ୍ରିଲ 2019 ରୁ ମାର୍ଚ୍ଚ 2024 ମଧ୍ୟରେ ରାଜ୍ୟ 26,388.73 କୋଟି ଟଙ୍କାର ଉପଲବ୍ଧ ପାଣ୍ଠିର 99.94 ପ୍ରତିଶତ ବ୍ୟବହାର କରିଛି ଏବଂ 18,483.65 କୋଟି ଟଙ୍କାର ମଜୁରି ପ୍ରଦାନ ସହିତ 88.54 କୋଟି ଶ୍ରମ/ମାନବ ଦିବସ ନିଯୁକ୍ତି ସୃଷ୍ଟି କରିଛି । ଏହି ଯୋଜନା ଅଧୀନରେ ରାଜ୍ୟ 24.03 ଲକ୍ଷ ସମ୍ପତ୍ତି ସୃଷ୍ଟି କରିଛି, ଯେଉଁଥିରେ ଜଳ ଅମଳ, ମରୁଡି ନିରୋଧୀ, ଜମି ବିକାଶ, ଗ୍ରାମୀଣ ସଂଯୋଗୀକରଣ, ବୃକ୍ଷରୋପଣ ଇତ୍ୟାଦି ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ଅନ୍ତର୍ଭୁକ୍ତ ।

ଉପରୋକ୍ତ ଅବଧିରେ, ପ୍ରତି ଘରେ ସର୍ବନିମ୍ନ 100 ଦିନର ନିଯୁକ୍ତି ପାଇଁ 21,380 ଟଙ୍କାର ମଜୁରୀ ଲକ୍ଷ୍ୟ[69] ବାବଦରେ, ରାଜ୍ୟରେ ପରିବାରଗୁଡିକରେ ହାରାହାରି 34 ଶ୍ରମ ନିଯୁକ୍ତି ଦିବସ ଜଡ଼ିତ ସହିତ ବାର୍ଷିକ ହାରାହାରି ଆୟ 7,256 ଟଙ୍କାରୁ (ଜଗତସିଂହପୁର ଜିଲ୍ଲା) ରୁ 14,759 ଟଙ୍କା (କନ୍ଧମାଳ ଜିଲ୍ଲା) ଯେଉଁଥିରେ ହାରାହାରି 68 ଶ୍ରମ ନିଯୁକ୍ତି ଦିବସ ମଧ୍ୟରେ ଥିଲା । ରାଜ୍ୟର ସର୍ବନିମ୍ନ ମଜୁରି ହାର[70] ତୁଳନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ସ୍ୱଳ୍ପ ମଜୁରି ଦର ପ୍ରଦାନ ଏବଂ ମଜୁରି ପ୍ରଦାନରେ ବିଳମ୍ବ ତଥା ରୋଜଗାର ପାଇବା ପାଇଁ ଆଶାୟୀମାନଙ୍କର ଆଗ୍ରହର ଅଭାବ ହେତୁ ଏହି ଯୋଜନାରେ କମ୍ ସଫଳତା ମିଳିଛି ।

## ଅଡିଟ୍ ଫଳାଫଳ

### 2.7 ଯୋଜନା ଏବଂ ଆର୍ଥିକ ପରିଚାଳନାର ପ୍ରଭାବଶୀଳତା

ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 1.4(iii) ଏବଂ (x) ଅନୁଯାୟୀ ଏମ୍‌ଜିଏନ୍‌ଆରଇଜିଏସ୍ ହେଉଛି ଏକ ଚାହିଦା ଆଧାରିତ କାର୍ଯ୍ୟକ୍ରମ ଯେଉଁଠାରେ ମଜୁରି ଖୋଜୁଥିବା ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟର ଚାହିଦା ଉପୁଜିଲେ କାର୍ଯ୍ୟର ବ୍ୟବସ୍ଥା ଆରମ୍ଭ କରାଯାଏ । ପୁନଶ୍ଚ ପରିବାରମାନଙ୍କର ପଞ୍ଜୀକରଣ ଏବଂ ଜବ୍ କାର୍ଡ ପ୍ରଦାନ, କାର୍ଯ୍ୟ ପାଇଁ ଆବେଦନ ଗ୍ରହଣ ଏବଂ ନିଯୁକ୍ତି ପାଇଁ ବ୍ୟବସ୍ଥା, କାର୍ଯ୍ୟର ପ୍ରକାର ଏବଂ ଚୟନ ସମ୍ବନ୍ଧରେ ଯୋଜନା ଏବଂ ନିଷ୍ପତ୍ତି, ସ୍ଥାନ ଚୟନ, ଇତ୍ୟାଦି ଗ୍ରାମ ପଞ୍ଚାୟତର ଗ୍ରାମ ସଭାରେ କରାଯିବାର ଥାଏ ।

---

[66] ଖର୍ଚ୍ଚ ହୋଇନଥିବା ପାଣ୍ଠି ପଞ୍ଚାୟତିରାଜ ଅନୁଷ୍ଠାନ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, ଜିଲ୍ଲା ଜଙ୍ଗଲ ଅଧିକାରୀ ଇତ୍ୟାଦି ପରି କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ରାଜ୍ୟ ନୋଡାଲ୍ ଆକାଉଣ୍ଟ (ଏସ୍‌ଏନ୍‌ଏ)କୁ ଫେରସ୍ତ ହୋଇଛି

[67] କେନ୍ଦ୍ରୀୟ ଅଂଶଧନ ପ୍ରାପ୍ତିରେ ବିଳମ୍ବ କାରଣରୁ ରାଜ୍ୟ ଏସ୍‌ଏନ୍‌ଏକୁ ଅଗ୍ରୀମ ଅର୍ଥରାଶି ଜାରି କରିଥିଲା ଯାହାଫଳରେ ଅର୍ଥ ପଇଠ କରିବାରେ ବିଳମ୍ବ ନହୁଏ । ଏହି ଅଗ୍ରୀମ ପାଣ୍ଠି ପରବର୍ତ୍ତୀ ସମୟରେ ରାଜ୍ୟ ଅଂଶ ବିରୁଦ୍ଧରେ ସମାୟୋଜନ କରାଯାଇଥିଲା ।

[68] ଏଥିରେ 2018-19 ଆର୍ଥିକ ବର୍ଷ ପାଇଁ ଏସ୍‌ଏନ୍‌ଏର ଅବଶେଷ ଜମା ଏବଂ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା ଫେରସ୍ତ କରାଯାଇଥିବା ଅର୍ଥ ରାଶି ଅନ୍ତର୍ଗତ ।

[69] 2019-20 ରୁ 2023-24 ମଧ୍ୟରେ ହାରାହାରି ମଜୁରୀ ହାର ଅର୍ଥାତ୍ (188 ଟଙ୍କା + 207 ଟଙ୍କା + 215 ଟଙ୍କା + 222 ଟଙ୍କା + 237 ଟଙ୍କା) / 5 x 100 ଦିନ


[70] 2019-20: 298 ଟଙ୍କା, 2020-21: 303 ଟଙ୍କା, 2021-22: 315 ଟଙ୍କା, 2022-23: 333 ଟଙ୍କା ଏବଂ 2023-24: 352 ଟଙ୍କା

### 2.7.1 ଗ୍ରାମ ପଞ୍ଚାୟତ ଦ୍ୱାରା ପରିବାରର ପଞ୍ଜୀକରଣ

ପରିଚାଳନା ନିର୍ଦ୍ଦେଶାବଳୀ 2013ର ଅନୁଚ୍ଛେଦ 3.1.1, 3.1.2, 3.1.3, 3.1.5 ଅନୁଯାୟୀ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପ୍ରତିବର୍ଷ ଏମ୍‌ଜିଏନ୍‌ଆରଇଜିଏ ଅଧୀନରେ ପଞ୍ଜୀକୃତ ହେବାକୁ ଇଚ୍ଛୁକ ଥିବା ଯୋଗ୍ୟ ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ ଘରକୁ ଘର ବୁଲି ଏକ ସର୍ବେକ୍ଷଣ କରିବା ଉଚିତ୍ । ପୁନଶ୍ଚ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଅଣକୁଶଳୀ ନିଯୁକ୍ତି ଖୋଜୁଥିବା ପ୍ରାପ୍ତ ବୟସ୍କ ସଦସ୍ୟ ଥିବା ସ୍ଥାନୀୟ ପରିବାରର ସଦସ୍ୟମାନେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ଏବଂ ଅଣକୁଶଳୀ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ପ୍ରାପ୍ତ ବୟସ୍କ ସଦସ୍ୟଙ୍କ ନାମ ଆବେଦନରେ ଅନ୍ତର୍ଭୁକ୍ତ କରାଯିବ । ଜଣେ ବ୍ୟକ୍ତି ବ୍ୟକ୍ତିଗତ ଭାବରେ ଗ୍ରାମ ପଞ୍ଚାୟତରେ (ଜିପି) ହାଜର ହୋଇ ପଞ୍ଜିକରଣ ପାଇଁ ଏକ ମୌଖିକ ଅନୁରୋଧ କରିପାରିବ ଏବଂ ଗ୍ରାମ ପଞ୍ଚାୟତର ଅଧିକାରୀମାନେ ପଞ୍ଜୀକରଣ ପାଇଁ ଆବଶ୍ୟକ ବିବରଣୀ ନୋଟ୍ କରିବେ । ଏହାପରେ ଗ୍ରାମ ପଞ୍ଚାୟତ ପରିବାରର ସଦସ୍ୟଙ୍କ ଆବାସିକ ସ୍ଥିତି ଏବଂ ବୟସ ଯାଞ୍ଚ କରିବ । ଯଦି ପରିବାର ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ଆବେଦନ ପତ୍ର ପାଇବାର 15 ଦିନ ମଧ୍ୟରେ ଗ୍ରାମ ପଞ୍ଚାୟତ ଜବ୍ କାର୍ଡ ପ୍ରଦାନ କରିବ ।

ଜବ୍ କାର୍ଡ ପ୍ରଦାନରେ ଜଡ଼ିତ ପ୍ରକ୍ରିୟା **ଚାର୍ଟ 2.2** ରେ ପ୍ରଦାନ କରାଯାଇଅଛି ।

***ଚାର୍ଟ 2.2: ଜବ୍ କାର୍ଡ ପ୍ରଦାନ କରିବାର ପ୍ରକ୍ରିୟା***




***(ଉତ୍ସ: ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିଚାଳନା ନିର୍ଦ୍ଦେଶାବଳୀ, 2013)***

ମନୋନୀତ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ମାନଙ୍କର ରେକର୍ଡକୁ ଅଡିଟ୍ ଦ୍ୱାରା ବିଶ୍ଳେଷଣ କରାଯାଇଥିଲା ଏବଂ ନୂତନ ତଥା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ନ କରିବା, ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇବା ପାଇଁ ସର୍ଭେକ୍ଷଣ ନ କରିବା, ଜବ୍ କାର୍ଡ ଜାରି ନ କରିବା, ଜବ୍ କାର୍ଡ ରକ୍ଷଣାବେକ୍ଷଣରେ ସ୍ୱଚ୍ଛତାର ଅଭାବ ଇତ୍ୟାଦି ପରିଲକ୍ଷିତ ହୋଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଅଛି ।

### 2.7.2 ଯୋଗ୍ୟ ପରିବାର ଚିହ୍ନଟ ପାଇଁ ସର୍ଭେକ୍ଷଣ ନ କରିବା

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 3.1.1 ଅନୁଯାୟୀ, ପୂର୍ବରୁ ଏହି ଯୋଜନା ଅଧୀନରେ ପଞ୍ଜୀକରଣ କରିନଥିବା ଯୋଗ୍ୟ ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ, କିମ୍ବା ଏକ ଅଥବା ଏକାଧିକ ସଦସ୍ୟ ପ୍ରାପ୍ତ ବୟସ୍କ ହେବା କାରଣରୁ ପରିବାରର ପ୍ରଚଳୀତ ଜବ୍ କାର୍ଡରେ ଅତିରିକ୍ତ ନାମ ଅନ୍ତର୍ଭୁକ୍ତ କରିବା ପାଇଁ, କିମ୍ବା ବିବାହ, ସ୍ଥାନାନ୍ତରଣ ଅଥବା ମୃତ୍ୟୁ ହେତୁ ସଦସ୍ୟଙ୍କ ନାମ ଜବ୍ କାର୍ଡରୁ ବାଦ୍ ଦେବା ପାଇଁ

କିମ୍ବା ଜବ୍ କାର୍ଡଧାରୀଙ୍କ ଡାଟାବେସରେ ଥିବା ତ୍ରୁଟିପୂର୍ଣ୍ଣ ବିବରଣୀକୁ ସଂଶୋଧନ କରିବା ପାଇଁ, ପ୍ରତିବର୍ଷ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଦ୍ୱାରା ଘରକୁ ଘର ବୁଲି ସର୍ଭେକ୍ଷଣ କରାଯିବ ।

2019-24 ଆର୍ଥିକ ବର୍ଷ ମଧ୍ୟରେ ନୂତନ ଯୋଗ୍ୟ ପରିବାର ମାନଙ୍କୁ ଚିହ୍ନଟ କରିବା , ଜବ୍ କାର୍ଡରେ ସଦସ୍ୟଙ୍କ ନାମ ଅନ୍ତର୍ଭୁକ୍ତ/ ବାଦ୍ ଦେବା ଏବଂ କୌଣସି ଅସଙ୍ଗତିକୁ[71] ସଂଶୋଧନ କରିବା ପାଇଁ ରାଜ୍ୟରେ କୌଣସି ସର୍ଭେକ୍ଷଣ କରାଯାଇନଥିଲା । ଏହା ସୂଚାଇ ଦେଉଛି ଯେ, ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଏବଂ ବର୍ତ୍ତମାନର ହିତାଧିକାରୀଙ୍କ ବିବରଣୀ ଅପଡେଟ୍ କରି ଯୋଜନାର ଲାଭ ସମ୍ପ୍ରସାରଣ କରିବା ପାଇଁ ରାଜ୍ୟରେ ପଦକ୍ଷେପର ଅଭାବ ରହିଛି । ଜବ୍ କାର୍ଡ ସଂକ୍ରାନ୍ତ ସୂଚନାକୁ ଅପଡେଟ୍ କରିବା ଲାଗି ଏପରି ସର୍ବେକ୍ଷଣର ଅଭାବରେ, ମୃତ ହିତାଧିକାରୀଙ୍କ ନାମରେ ଅର୍ଥ ପଇଠ କରିବା ଏବଂ ଭୁଲ ତଥ୍ୟ କାରଣରୁ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ରେ ମଜୁରି ଜମା ହୋଇ ନଥିବାର ଉଦାହରଣ ଅଡିଟ୍ ଦେଖିବାକୁ ପାଇଥିଲା, ଯାହାକି ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

ଏହାର ଉତ୍ତରରେ ବିଭାଗ କହିଥିଲେ (ମଇ 2025) ଯେ, ନୂତନ ସଦସ୍ୟ ଯୋଡିବା ଏବଂ ଅସଙ୍ଗତିକୁ ସଂଶୋଧନ କରିବା ପାଇଁ ପ୍ରତ୍ୟେକ ପରିବାରର ଜବ୍ କାର୍ଡ ଯାଞ୍ଚ ପାଇଁ ପ୍ରତିବର୍ଷ ପଦକ୍ଷେପ ନିଆଯାଉଅଛି ଏବଂ ଉତ୍ତମ ଶାସନ ପଦକ୍ଷେପର ଏକ ଅଂଶ ଭାବରେ, ଜବ୍ କାର୍ଡ ଅପଡେଟ୍ କରିବାକୁ ଜିଲ୍ଲାଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉତ୍ତର ଗ୍ରହଣୀୟ ନ ଥିଲା, କାରଣ ଯୋଗ୍ୟ ପରିବାରମାନଙ୍କୁ ଚିହ୍ନଟ କରିବା ଏବଂ ଜବ୍ କାର୍ଡର ଯାଞ୍ଚ ପାଇଁ ସର୍ଭେକ୍ଷଣ କରାଯାଇଥିବା ବିଷୟରେ ନମୁନା ଯାଞ୍ଚ ୟୁନିଟରେ ଅଡିଟ୍ କୌଣସି ପ୍ରମାଣ ପାଇ ନ ଥିଲା ।

## 2.7.3 ଜବ୍ କାର୍ଡ ଜାରି ନ କରିବା

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013ର ଅନୁଚ୍ଛେଦ 3.1.5 ଅନୁଯାୟୀ, ଯୋଗ୍ୟ ଆବେଦନକାରୀଙ୍କୁ ସେମାନଙ୍କ ଆବେଦନ ପତ୍ର ଦାଖଲ କରିବାର ପନ୍ଦର ଦିନ ମଧ୍ୟରେ ଗ୍ରାମ ପଞ୍ଚାୟତ ଦ୍ୱାରା ଜବ୍ କାର୍ଡ ପ୍ରଦାନ କରାଯିବା ଦରକାର ।

ସମୀକ୍ଷାରେ ଅବଲୋକନ କରାଗଲା ଯେ ପାଞ୍ଚଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକରେ 2019-24 ଆର୍ଥିକ ବର୍ଷ ମଧ୍ୟରେ 64.26 ଲକ୍ଷ ପରିବାର ଜବ୍ କାର୍ଡ ପାଇଁ ଆବେଦନ କରିଥିଲେ, ଯେଉଁଥିରୁ 63.44 ଲକ୍ଷ ଜବ୍ କାର୍ଡ ଜାରି ହୋଇଥିଲା ଏବଂ 0.82 ଲକ୍ଷ ଜବ୍ କାର୍ଡ ଜାରି ହୋଇନଥିଲା । ଜବ୍ କାର୍ଡ ଜାରି ନ ହେବାର କୌଣସି ନିର୍ଦ୍ଦିଷ୍ଟ କାରଣ ରେକର୍ଡରେ ଉପଲବ୍ଧ ନଥିଲା । ତେଣୁ 2019-24 ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ 0.82 ଲକ୍ଷ ପରିବାର ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଥିଲେ ।

ଏହାର ଉତ୍ତରରେ ବିଭାଗ ଦର୍ଶାଇଥିଲେ (ମଇ 2025) ଯେ, ଆବଶ୍ୟକୀୟ ଅନୁପାଳନ ପାଇଁ ଜିଲ୍ଲା ପରିଷଦର ସଂପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ (ଏପ୍ରିଲ 2025) କରାଯାଇଅଛି।

## 2.7.4 ଜବ୍ କାର୍ଡର ଅଦ୍ୟତନ ଏବଂ ରକ୍ଷଣାବେକ୍ଷଣରେ ଅଭାବ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନର୍ଦ୍ଦେଶାବଳୀ 2013 ର ଅନୁଚ୍ଛେଦ 3.1.4 ଅନୁସାରେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ନିଯୁକ୍ତିର ପ୍ରାବଧାନ ପାଇଁ ଜବ୍‌କାର୍ଡ ହେଉଛି ମୌଳିକ ରେକର୍ଡ ଏବଂ ଏଥିରେ ପରିବାର ସଦସ୍ୟଙ୍କ ଫଟୋ, ନିୟୋଜନ ତାରିଖ, ଆଧାର ନମ୍ବର, ମୋବାଇଲ୍ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ଯଥା, ଲିଙ୍ଗ, ବୟସ, ଶାରୀରିକ ଭାବରେ ଭିନ୍ନକ୍ଷମ କି ନୁହେଁ ଇତ୍ୟାଦି ରହିବା ଆବଶ୍ୟକ । ପୁନଶ୍ଚ, ଅନୁଚ୍ଛେଦ 3.1.5 ଅନୁଯାୟୀ ଗ୍ରାମ ପଞ୍ଚାୟତଗୁଡିକ ମୃତ୍ୟୁ, ବିବାହ, ବାସଗୃହ ପରିବର୍ତ୍ତନ ଇତ୍ୟାଦି କାରଣରୁ ସଦସ୍ୟଙ୍କ ମିଶ୍ରଣ ଏବଂ ଅପସାରଣ ବାର୍ଷିକ ଅଦ୍ୟତନ କରିବା ଉଚିତ୍ ।

---

[71] ହିତାଧିକାରୀଙ୍କ ତଥ୍ୟ ଯଥା - ନାମର ବନାନ, ପିତାଙ୍କ ନାମ, ଇ.ପି.ଆଇ.ସି. ସଂଖ୍ୟା, ଇତ୍ୟାଦି

ସମୀକ୍ଷାରେ ଅବଲୋକନ କରାଗଲା ଯେ 2019-24 ଆର୍ଥିକ ବର୍ଷ ମଧ୍ୟରେ ନୂତନ ଯୋଗ୍ୟ ସଦସ୍ୟଙ୍କୁ ମିଶ୍ରଣ କରି ଏବଂ ବିବାହ,ମୃତ୍ୟୁ ଇତ୍ୟାଦି ହେତୁ ପରିବାର ର ଅଯୋଗ୍ୟ ସଦସ୍ୟଙ୍କୁ ବାଦ୍ ଦେଇ, ଜବ୍ କାର୍ଡ ଅଦ୍ୟତନ କରିବା ପାଇଁ 40ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ମଧ୍ୟରୁ 32ଟିରେ କୌଣସି ପଦକ୍ଷେପ ନିଆଯାଇନଥିଲା । ପୁନଶ୍ଚ 40ଟି ଗ୍ରାମ ପଞ୍ଚାୟତରେ 441 ଜବ୍ କାର୍ଡର ଯାଞ୍ଚ ସମୟରେ ଅଡିଟ୍ ଜାଣିବାକୁ ପାଇଲେ ଯେ ଜବ୍ କାର୍ଡଗୁଡିକ ସଠିକ୍ ଭାବରେ ରକ୍ଷଣାବେକ୍ଷଣା କରାଯାଇନଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ, 243 (55 ପ୍ରତିଶତ) ଜବ୍ କାର୍ଡରେ ଫଟୋଗ୍ରାଫ୍ ନଥିଲା ଏବଂ 283 (64 ପ୍ରତିଶତ) ଜବ୍ କାର୍ଡରେ ଶ୍ରମିକଙ୍କ ନିୟୋଜନ ତାରିଖ ଏବଂ ମଜୁରୀ ପ୍ରଦାନ ସମ୍ବନ୍ଧରେ କୌଣସି ବିବରଣୀ ମିଳିନଥିଲା ।

ଜବ୍ କାର୍ଡର ବାର୍ଷିକ ଅଦ୍ୟତନ ନ ହେବାଯୋଗୁଁ, ଏକାଧିକ ଜବ୍ କାର୍ଡ ମାଧ୍ୟମରେ ପରିବାର ମାନଙ୍କୁ ଅଧିକ ଦିନ ନିଯୁକ୍ତିର ବ୍ୟବସ୍ଥା, ବିଦ୍ୟମାନ ନ ଥିବା/ ମୃତ ହିତାଧିକାରୀଙ୍କୁ ରୋଜଗାର ଆଦିର ଉଦାହରଣ ନଜରକୁ ଆସିଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

ଏହାର ଉତ୍ତରରେ ବିଭାଗ (ମଇ 2025) ଜଣାଇଥିଲେ ଯେ, ଜିଲ୍ଲା ପରିଷଦଗୁଡିକର ସଂପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକୀୟ ଅନୁପାଳନ ପାଇଁ ଅନୁରୋଧ (ଏପ୍ରିଲ 2025) କରାଯାଇଅଛି ଏବଂ ସେହି ଅନୁଯାୟୀ ଭୁଲ୍ କରିଥିବା ଅଧିକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.7.5 ଶ୍ରମ ବଜେଟର ପ୍ରସ୍ତୁତି

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 6 ଅନୁଯାୟୀ, ଗ୍ରାମ ପଞ୍ଚାୟତ ଦ୍ୱାରା ବାର୍ଷିକ ଶ୍ରମ ବଜେଟ୍ ପ୍ରସ୍ତୁତ କରିବା ଦ୍ୱାରା କାର୍ଯ୍ୟର ଚାହିଦା ଏବଂ ଯୋଗାଣ ସମାନ ଭାବରେ ହାସଲ କରାଯାଇପାରିବ । ଶ୍ରମ ବଜେଟ୍ ପ୍ରସ୍ତୁତି ପୂର୍ବରୁ, ଘରୋଇ ସର୍ବେକ୍ଷଣ ଆଧାରରେ କାର୍ଯ୍ୟର ଚାହିଦାର ପୁନଃ ମୂଲ୍ୟାଙ୍କନ ପ୍ରତି ପାଞ୍ଚ ବର୍ଷରେ ଥରେ କରାଯିବା ଉଚିତ୍, ଯାହାଦ୍ୱାରା ସ୍ଥାନୀୟ ଜୀବିକା ପ୍ରଣାଳୀରେ ପରିବର୍ତ୍ତନ ଏବଂ ଉତ୍ପାଦନ କାର୍ଯ୍ୟକଳାପରେ କାର୍ଯ୍ୟ କରିବାର ସୁଯୋଗକୁ ହିସାବ କରିବାକୁ ହେବ । ଏହା ପରେ ଗ୍ରାମ ପଞ୍ଚାୟତ ଦ୍ୱାରା ଏକ ବିକାଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ଏକ ଚିଠା ପ୍ରସ୍ତୁତ କରାଯାଇପାରିବ । ବିକାଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ଚିଠାକୁ ଆଧାର କରି, ଶ୍ରମ ବଜେଟ୍ ଗ୍ରାମ ସଭା ଦ୍ୱାରା ପ୍ରସ୍ତୁତ ଏବଂ ଅନୁମୋଦନ କରାଯିବ । ପଞ୍ଚାୟତ ସମିତି ସ୍ତରରେ ସମସ୍ତ ଗ୍ରାମ ପଞ୍ଚାୟତର ଶ୍ରମ ବଜେଟ୍ ଏକତ୍ରିତ ହେବ ଏବଂ ପଞ୍ଚାୟତ ସମିତି ଦ୍ୱାରା ଅନୁମୋଦିତ ହେବ । ଏହା ପରେ ଜିଲ୍ଲା ପରିଷଦ, ସମଗ୍ର ଜିଲ୍ଲା ପାଇଁ ଏକତ୍ରୀକୃତ ଶ୍ରମ ବଜେଟ୍ ଅନୁମୋଦନ କରିବେ ଏବଂ ଏହାକୁ କେନ୍ଦ୍ର ସରକାରଙ୍କୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ।

2019-24 ବର୍ଷ ମଧ୍ୟରେ ଶ୍ରମ ବଜେଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିବା ଧାର୍ଯ୍ୟ ଶ୍ରମ ଦିବସ ଏବଂ ରାଜ୍ୟରେ ପ୍ରକୃତ ନିଯୁକ୍ତି ଅନୁଯାୟୀ ସୃଷ୍ଟି ହୋଇଥିବା ଶ୍ରମ ଦିବସର ବିବରଣୀ **ସାରଣୀ 2.2** ରେ ଦିଆଗଲା ।

***ସାରଣୀ 2.2: ରାଜ୍ୟରେ ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସ ଏବଂ ପ୍ରକୃତ ଉପଲବ୍ଧି***


***(ସଂଖ୍ୟା ଲକ୍ଷରେ)***

| ବର୍ଷ | ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସ (ଶ୍ରମ ବଜେଟ୍ ଅନୁଯାୟୀ) | ପ୍ରକୃତ ଉପଲବ୍ଧି |
|---|---|---|
| 2019-20 | 1,150.00 | 1,113.89 |
| 2020-21 | 2,050.00 | 2,080.75 |
| 2021-22 | 2,024.00 | 1,977.63 |
| 2022-23 | 1,850.00 | 1,852.73 |
| 2023-24 | 1,750.00 | 1,828.58 |
| **ସମୁଦାୟ** | **8,824.00** | **8,853.58** |

*ଉତ୍ସ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

**ସାରଣୀ 2.2** ରୁ ଦେଖାଯାଇପାରେ ଯେ, 8,824 ଲକ୍ଷ ଶ୍ରମ ଦିବସ ଧାର୍ଯ୍ୟ କରାଯାଇଥିବା ବେଳେ, ପ୍ରକୃତ ନିଯୁକ୍ତି 8,853.58 ଲକ୍ଷ ଶ୍ରମ ଦିବସ ଥିଲା, ଯାହା ପ୍ରସ୍ତାବିତ ଶ୍ରମ ଦିବସ ଠାରୁ ଅଧିକ ଥିଲା । ତେବେ, ନମୁନା ଯାଞ୍ଚ କରାଯାଇଥିବା ପାଞ୍ଚଟି ଜିଲ୍ଲାରେ, ଶ୍ରମ ବଜେଟରେ ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସ ଲକ୍ଷ୍ୟ ତୁଳନାରେ ପ୍ରକୃତ ଶ୍ରମ ଦିବସ 67.25 ପ୍ରତିଶତ (2019-20 ବର୍ଷରେ କଳାହାଣ୍ଡିରେ) ହ୍ରାସ ଏବଂ 25.78 ପ୍ରତିଶତରୁ ଅଧିକ (2023-24 ବର୍ଷରେ ବୌଦ୍ଧରେ) ମଧ୍ୟରେ ବୃଦ୍ଧି ପାଇଛି । ନମୁନା ଯାଞ୍ଚ ହୋଇଥିବା ପାଞ୍ଚଟି ଜିଲ୍ଲାରେ ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସ ଏବଂ ପ୍ରକୃତ ଉପଲବ୍ଧି **ଚାର୍ଟ 2.3** ରେ ଦର୍ଶାଯାଇଛି ।

*ଚାର୍ଟ 2.3: ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସ ଏବଂ ପ୍ରକୃତ ଉପଲବ୍ଧି*




| | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|
| ଲକ୍ଷ୍ୟ ରଖାଯାଇଥିବା ଶ୍ରମ ଦିବସ | 335.40 | 388.31 | 419.48 | 335.87 | 337.46 |
| ବାସ୍ତବ ଉପଲବ୍ଧି | 235.28 | 374.12 | 346.01 | 331.83 | 370.43 |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ଗୁଡ଼ିକ ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ତଥ୍ୟରୁ ଦେଖାଯାଇପାରେ ଯେ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ, 2019-24 ଆର୍ଥିକ ବର୍ଷ ମଧ୍ୟରେ, ଶ୍ରମ ବଜେଟରେ ଆକଳନ କରାଯାଇଥିବା ଲକ୍ଷ୍ୟ ଠାରୁ, ମଜୁରୀ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ପ୍ରକୃତ ଉପଲବ୍ଧି କମ୍ ଥିଲା । ଲକ୍ଷ୍ୟ ଏବଂ ବାସ୍ତବ ଉପଲବ୍ଧ ମଧ୍ୟରେ ଏହି ପାର୍ଥକ୍ୟ, ଶ୍ରମ ବଜେଟ୍ ପ୍ରସ୍ତୁତିରେ ତ୍ରୁଟି ହେତୁ ହୋଇଥିଲା, ଯାହାକି ନିମ୍ନରେ ଆଲୋଚନା କରାଗଲା:

- ***ଚାହିଦାର ପରିମାଣ ଏବଂ ସମୟ ଆକଳନ ପାଇଁ କୌଣସି ସର୍ଭେକ୍ଷଣ କରାଯାଇ ନଥିଲା:*** ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 6.2 ଅନୁଯାୟୀ, ଶ୍ରମ ବଜେଟ୍ ପ୍ରସ୍ତୁତ ହେବା ପୂର୍ବରୁ କାର୍ଯ୍ୟର ଚାହିଦାକୁ ଆକଳନ କରିବା ପାଇଁ ଗ୍ରାମ ପଞ୍ଚାୟତ ଦ୍ୱାରା ଏକ ସର୍ଭେକ୍ଷଣ କରାଯିବାର ଥିଲା, ଯାହା ପରେ ଏକ ବିକାଶ ଯୋଜନା ଏବଂ ପ୍ରକଳ୍ପର ଏକ ବିବରଣୀ ପ୍ରସ୍ତୁତ କରାଯାଇପାରିବ । ତଥାପି, 2019-24 ଅବଧିରେ, ସମସ୍ତ ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକରେ ନିଯୁକ୍ତି ପାଇଁ ଚାହିଦାର ପ୍ରକୃତ ପରିମାଣ ଏବଂ ସମୟ ଆକଳନ କରିବା ପାଇଁ କୌଣସି ସର୍ଭେକ୍ଷଣ କରାଯାଇ ନଥିଲା । ଏହି ସର୍ବେକ୍ଷଣର ଅନୁପସ୍ଥିତିରେ, ଗାଁର ପ୍ରତ୍ୟେକ ଜବ୍ କାର୍ଡଧାରୀଙ୍କ ଠାରୁ ରୋଜଗାରର ତତ୍କାଳୀନ ଚାହିଦା ତଥା ଚାହିଦାରେ କୌଣସି ପରିବର୍ତ୍ତନ, ସଠିକ୍ ଭାବରେ ଆକଳନ କରାଯାଇପାରି ନଥିଲା ।

- ***ଶ୍ରମ ବଜେଟ୍ ପ୍ରସ୍ତୁତିରେ ନିମ୍ନରୁ ଊର୍ଦ୍ଧ୍ୱମୁଖୀ ଆଭିମୁଖ୍ୟ ନଥିଲା :*** ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 6.10 ଅନୁଯାୟୀ, ଶ୍ରମ ବଜେଟ୍ ଗ୍ରାମ ସଭା ଦ୍ୱାରା ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ଏବଂ ଅନୁମୋଦିତ ହେବ, ପଞ୍ଚାୟତ ସମିତିକୁ ପଠାଯିବ ଏବଂ ଜିଲ୍ଲା ସ୍ତରରେ ଏକତ୍ରିତ କରାଯିବ । ଏହାପରେ, ଏହାକୁ କେନ୍ଦ୍ର ସରକାରଙ୍କୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରାଯିବ । ତେବେ,

ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ଗୁଡ଼ିକରେ, ଶ୍ରମ ବଜେଟ ଲକ୍ଷ୍ୟ ରାଜ୍ୟ ସ୍ତରରୁ ପ୍ରାପ୍ତ ହୋଇଥିଲା ଏବଂ ଜିଲ୍ଲାଗୁଡ଼ିକ ସେମାନଙ୍କ ଅଧିନରେ ଥିବା ପଞ୍ଚାୟତ ସମିତି ମଧ୍ୟରେ ସୃଷ୍ଟି ହେବାକୁ ଥିବା ଶ୍ରମ ଦିବସ ଲକ୍ଷ୍ୟ ବଣ୍ଟନ କରିଥିଲେ । ସମସ୍ତ 40ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ, ଅଡିଟ୍ ଲକ୍ଷ୍ୟ କଲେ ଯେ କୌଣସି ଶ୍ରମ ବଜେଟ୍ ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯାଇ ନଥିଲା । ବରଂ, ପ୍ରକଳ୍ପଗୁଡ଼ିକରେ ଏକ ସାରଣୀ ପ୍ରସ୍ତୁତ କରାଯାଇଥିଲା ଏବଂ ଗ୍ରାମ ସଭା ଦ୍ୱାରା ଅନୁମୋଦିତ ହୋଇଥିଲା ।

ତେଣୁ, ଶ୍ରମ ବଜେଟ୍ ପ୍ରସ୍ତୁତ କରିବା ପାଇଁ ଏକ ନିମ୍ନରୁ ଉର୍ଦ୍ଧ୍ୱମୁଖୀ, ଜନ କୈନ୍ଦ୍ରିକ ଏବଂ ଚାହିଦା ପରିଚାଳିତ ଆଭିମୁଖ୍ୟର ଅନୁପସ୍ଥିତିରେ, ଚାହିଦାର ସମୟ ଏବଂ ପରିମାଣ ଭିତ୍ତିକ କୌଣସି ତୃଣମୂଳ ସ୍ତରର ବାସ୍ତବବାଦୀ ମୂଲ୍ୟାଙ୍କନ ହୋଇନଥିଲା । ଏହା ପ୍ରଦାନ କରାଯାଇଥିବା ଲକ୍ଷ୍ୟ ଏବଂ ସୃଷ୍ଟି ହୋଇଥିବା ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଥିଲା ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ, ସମସ୍ତ ଜିଲ୍ଲା ପରିଷଦ/ ପଞ୍ଚାୟତ ସମିତି/ ଗ୍ରାମ ପଞ୍ଚାୟତମାନଙ୍କୁ ପଲ୍ଲୀ ସଭା/ ଗ୍ରାମ ସଭାରେ କାର୍ଯ୍ୟ ଚାହିଦାର ପରିମାଣ ଏବଂ ସମୟର ମୂଲ୍ୟାଙ୍କନ କରିବାକୁ ଏବଂ ଚାହିଦା ପୂରଣ କରିବା ପାଇଁ ପ୍ରକଳ୍ପର ଏକ ସାରଣୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ଅଧିକନ୍ତୁ ମଧ୍ୟ ଜଣାଇଥିଲେ ଯେ ଅଡିଟ୍ ଦ୍ୱାରା ଦେଖାଯାଇଥିବା ଅସଙ୍ଗତିକୁ ଦୃଷ୍ଟି ରଖାଯାଇଅଛି ଏବଂ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବର୍ତ୍ତମାନର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ଅନୁରୋଧ କରାଯିବ ।

### 2.7.6 ଜିଲ୍ଲା ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ ନକରିବା

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 15.2 ଏବଂ 15.3.1 ଅନୁଯାୟୀ ଜାତୀୟ ଗ୍ରାମୀଣ ଜୀବିକା ମିଶନ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଇତ୍ୟାଦି ସହିତ ବିଭିନ୍ନ ସରକାରୀ ପ୍ରାୟୋଜିତ ପ୍ରକଳ୍ପର ସମିଶ୍ରଣ ପାଇଁ, ଜିଲ୍ଲା ପରିଷଦ ଦ୍ୱାରା ଏକ ଦିର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍, ଯାହା ଜିଲ୍ଲାରେ ସମସ୍ତ କ୍ଷେତ୍ର ପାଇଁ ଆବଶ୍ୟକତା ଏବଂ ଅଭାବକୁ ଚିହ୍ନଟ କରିବ । ବିଭିନ୍ନ ବିଭାଗୀୟ ପ୍ରକଳ୍ପ ପାଇଁ ଏହା ଏକ ବହୁବାର୍ଷିକ ଯୋଜନା ହେବ ।

ଅଡିଟରୁ ଜଣାପଡ଼ିଛି ଯେ ପାଞ୍ଚଟି ନମୁନା ଯାଞ୍ଚ ଜିଲ୍ଲାଗୁଡ଼ିକରେ ଏପରି କୌଣସି ଜିଲ୍ଲା ଦିର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା, ଯେଉଁଥିପାଇଁ କ୍ଷେତ୍ରଓ୍ୱାରୀ ଅସାମଞ୍ଜସ୍ୟତାକୁ ଚିହ୍ନଟ କରାଯାଇପାରି ନଥିଲା ଏବଂ ବିଭାଗୀୟ ପ୍ରକଳ୍ପ ସହିତ କାର୍ଯ୍ୟର ସମନ୍ୱୟ କରାଯାଇପାରି ନଥିଲା ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ ସମସ୍ତ ଜିଲ୍ଲାକୁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଣ-ଅପରିବର୍ତ୍ତନୀୟ ସର୍ତ୍ତକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଅଛି ।

### 2.7.7 ଜିଲ୍ଲା ସ୍ତରୀୟ ବୈଷୟିକ କମିଟି ଗଠନ ନହେବା

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 4.4.3 ଅନୁଯାୟୀ, ବୈଷୟିକ କାରଣ ଏବଂ ଜିଲ୍ଲା ସ୍ତରୀୟ ବିକାଶର ପ୍ରାଥମିକତାକୁ ଆଧାର କରି ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ବିକାଶ ଯୋଜନା ଗୁଡ଼ିକ ର ବିଶ୍ଳେଷଣ କରିବା ପାଇଁ ଏକ ଜିଲ୍ଲା ସ୍ତରୀୟ ବୈଷୟିକ କମିଟି (ଡିଏଲ୍ ଟିସି) ଗଠନ କରାଯିବା ଉଚିତ୍ । ଏହି କମିଟି ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଦ୍ୱାରା ଦାଖଲ ହୋଇଥିବା ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିବ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ସାଧାରଣ କାର୍ଯ୍ୟ ପାଇଁ ଜିଲ୍ଲା ସ୍ତରୀୟ ନିର୍ଦ୍ଦିଷ୍ଟ ଦର ସୂଚୀ ପ୍ରସ୍ତୁତ କରିବ ଏବଂ ସାମଗ୍ରୀ ଯୋଗାଣ ପାଇଁ, ଜିଲ୍ଲା ସ୍ତରୀୟ ଯୋଗାଣକାରୀଙ୍କ ତାଲିକା ପ୍ରସ୍ତୁତ କରିବ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ସୃଷ୍ଟି ହେଉଥିବା ସମ୍ପତ୍ତିର ଗୁଣବତ୍ତା ନିଶ୍ଚିତ କରିବାକୁ କମିଟି ମଧ୍ୟ ନିୟମ ସ୍ଥିର କରିବ ।

ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ 2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକାରିତା ରେ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ପାଞ୍ଚଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ କୌଣସି ଜିଲ୍ଲା

ସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇନଥିଲା । ଜିଲ୍ଲା ସ୍ତରୀୟ ବୈଷୟିକ କମିଟିର ଅନୁପସ୍ଥିତିରେ, ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରୀୟ ବିକାଶ ଯୋଜନା, ଜିଲ୍ଲା ସ୍ତରୀୟ ନିର୍ଦ୍ଦିଷ୍ଟ ଦର ଅନୁସୂଚୀ ଅନୁଯାୟୀ ଯାଞ୍ଚ କରାଯାଇ ନଥିଲା । ପୁନଶ୍ଚ, ସାମଗ୍ରୀ ଯୋଗାଣ ପାଇଁ ଜିଲ୍ଲାର ଯୋଗାଣକାରୀଙ୍କ ତାଲିକା ଚୟନ ହୋଇପାରି ନଥିଲା ଏବଂ ସମ୍ପତ୍ତିର ଗୁଣବତ୍ତା ନିଶ୍ଚିତ କରିବାକୁ ନିୟମ ସ୍ଥିର କରାଯାଇ ନଥିଲା । ସମ୍ପତ୍ତିର ଗୁଣବତ୍ତା ଦୃଷ୍ଟିରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନିଆଯାଇଥିବା କାର୍ଯ୍ୟର ବୈଷୟିକ ଦୃଢତା ଉପରେ ଫଳପ୍ରଦ ତଦାରଖ କରାଯାଇ ପାରିନଥିଲା, ଫଳସ୍ୱରୂପ ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି ହୋଇଥିଲା ଯାହା ***ଅନୁଚ୍ଛେଦ** 2.9.3* ରେ ଆଲୋଚନା କରାଯାଇଛି ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ, ଜିଲ୍ଲା ଗୁଣବତ୍ତା ପର୍ଯ୍ୟାଲୋଚନା ପ୍ରକୋଷ୍ଠ ଗଠନ କରାଯାଇଥିଲା ଏବଂ ସମୀକ୍ଷା ବୈଠକରେ, ଏହାର କାର୍ଯ୍ୟକାରିତା ଉପରେ ନଜର ରଖାଯାଇଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ବୈଷୟିକ ବିଚାର ଏବଂ ଜିଲ୍ଲା ସ୍ତରୀୟ ବିକାଶ ପ୍ରାଥମିକତା ଆଧାରରେ, ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ବିକାଶ ଯୋଜନା ଯାଞ୍ଚ ପାଇଁ କୌଣସି ଜିଲ୍ଲା ସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇ ନଥିଲା, ଯାହା ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.4.3 ଅଧିନରେ ଆବଶ୍ୟକ ଅଟେ ।

### 2.7.8 ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନା ପ୍ରସ୍ତୁତ ନହେବା

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 5.4.2 ରେ କୁହାଯାଇଅଛି ଯେ ରାଜ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଏକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ଯୋଜନା ପ୍ରସ୍ତୁତ କରିବା ଉଚିତ୍, ଯାହା ପଞ୍ଜୀକୃତ ଶ୍ରମିକ ତଥା ଅନ୍ୟ ମାନଙ୍କ ନିକଟରେ ପହଞ୍ଚିବା ଉପରେ ଧ୍ୟାନ ଦେବ, ଯାହାଦ୍ୱାରା ସେମାନେ ଏହି ଯୋଜନାରୁ ଉପକୃତ ହୋଇପାରିବେ । ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପର ଉଦ୍ଦେଶ୍ୟ ହେଉଛି ଆଇନର ଅଧିକାର ଭିତ୍ତିକ ବ୍ୟବସ୍ଥାର ପ୍ରସାରକୁ ସୁଗମ କରିବା, ଯାହା ଦ୍ୱାରା ଶ୍ରମିକମାନେ ସେମାନଙ୍କର ଅଧିକାର ବିଷୟରେ ଜାଣିପାରିବେ ଏବଂ ମଜୁରୀ ରୋଜଗାର ଦାବି କରିବା ସହିତ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ରୋଜଗାର ପାଇଁ ଆବେଦନ କରି ସେମାନଙ୍କର ଅଧିକାରକୁ ବ୍ୟବହାର କରିପାରିବେ । ଏହିପରି, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଯୋଜନା ରାଜ୍ୟ, ଜିଲ୍ଲା, ବ୍ଲକ୍ ଏବଂ ସ୍ଥାନୀୟ ସ୍ତରରେ ପ୍ରସ୍ତୁତ ହେବାର ଥିଲା ଏବଂ ଏଥିରେ କଣ୍ଢେଇ ଶୋ, ଲୋକନୃତ୍ୟ, ପଥପ୍ରାନ୍ତ ନାଟକ, କେନ୍ଦ୍ରୀତ ଗୋଷ୍ଠୀ ଆଲୋଚନା, ଅଂଶଗ୍ରହଣକାରୀ ଖେଳ, ପ୍ରାଚୀର ଲିଖନ, ପ୍ରଚାର ଫର୍ଦ୍ଦ ଇତ୍ୟାଦି କାର୍ଯ୍ୟକଳାପ ଏମଜିଏନଆରଇଜିଏସ୍‌ରୁ ବାର୍ତ୍ତା ପ୍ରସାର କରିବାରେ ଅନ୍ତର୍ଭୁକ୍ତ ହୋଇପାରେ । ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 12.5.5 ଅନୁଯାୟୀ, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଗତିବିଧି ପାଇଁ ବ୍ୟୟ, ପ୍ରଶାସନିକ ବ୍ୟୟ ନିର୍ଦ୍ଧାରିତ ପାଣ୍ଠିରୁ ବହନ କରାଯିବାରଥିଲା ।

ଅଡିଟରେ ଲକ୍ଷ୍ୟ କରାଗଲା ଯେ, 2019-24 ବର୍ଷ ମଧ୍ୟରେ ରାଜ୍ୟ, ଜିଲ୍ଲା, ବ୍ଲକ୍ କିମ୍ବା ଗ୍ରାମ ସ୍ତରରେ ଏପରି କୌଣସି ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଯୋଜନା ପ୍ରସ୍ତୁତ କରାଯାଇନଥିଲା । ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ ପାଇଁ କୌଣସି ଯୋଜନାର ଅନୁପସ୍ଥିତିରେ ପରୀକ୍ଷା ଯାଞ୍ଚ କରାଯାଇଥିବା ଜିଲ୍ଲା ପରିଷଦରେ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଏପରି କୌଣସି କାର୍ଯ୍ୟକଳାପ ପରିଚାଳିତ ହୋଇଥିବାର ଦେଖିବାକୁ ମିଳି ନଥିଲା । ତେଣୁ ପରୀକ୍ଷା ଯାଞ୍ଚ କରାଯାଇଥିବା ଜିଲ୍ଲା ଗୁଡ଼ିକର ହିତାଧିକାରୀମାନେ ଯୋଜନାର ଲାଭ ବିଷୟରେ ଅଜ୍ଞ ଥିଲେ, ଯାହା ପୂର୍ବରୁ ଥିବା ହିତାଧିକାରୀଙ୍କଠାରୁ ନିଯୁକ୍ତିର ଚାହିଦାର ଅଭାବ ଏବଂ ନୂତନ ହିତାଧିକାରୀଙ୍କ ନାମ ଲେଖା ନ ହେବାରେ ସହାୟକ ହୋଇଥାଇପାରେ । ଅଡିଟ୍ ଦ୍ୱାରା କରାଯାଇଥିବା 441 ହିତାଧିକାରୀଙ୍କ ସର୍ବେକ୍ଷଣ ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପରିଲକ୍ଷିତ ହୋଇଥିଲା :

- 195 ଜଣ ହିତାଧିକାରୀ (44 ପ୍ରତିଶତ) ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ମଜୁରି ପାଇବା ବିଷୟରେ ଅବଗତ ନଥିଲେ ।
- 195 ଜଣ ହିତାଧିକାରୀ (44 ପ୍ରତିଶତ) ମଜୁରୀ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ବିଷୟରେ ଅବଗତ ନଥିଲେ ।
- 189 ଜଣ ହିତାଧିକାରୀ (43 ପ୍ରତିଶତ) ସର୍ବନିମ୍ନ 100 ଦିନର ରୋଜଗାରର ଅଧିକାର ବିଷୟରେ ଅବଗତ ନଥିଲେ ।

ତେଣୁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଯୋଜନା ପ୍ରସ୍ତୁତ ନ ହେବା ଏବଂ ପରବର୍ତ୍ତୀ କାର୍ଯ୍ୟକଳାପ ପରିଚାଳନା ନ ହେବା ଯୋଗୁଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫଳାଫଳ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା, କାରଣ ହିତାଧିକାରୀମାନେ ଏହି ଯୋଜନା ଅଧୀନରେ ସେମାନଙ୍କର ଅଧିକାର ଏବଂ ଲାଭ ବିଷୟରେ ଯଥେଷ୍ଟ ଅବଗତ ନଥିଲେ ।

ବିଭାଗ ଜଣାଇଥିଲେ (ମଇ 2025) ଯେ 2024-25 ଏବଂ 2025-26 ପାଇଁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଅଛି ଏବଂ ଜିଲ୍ଲାଗୁଡିକୁ ଯୋଗାଯୋଗ କରାଯାଇଅଛି । ତେବେ, ବାସ୍ତବତା ହେଉଛି ଯେ ପ୍ରଶାସନିକ ବ୍ୟୟ ଅଧୀନରେ ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ, ଏହି ପାଣ୍ଠିକୁ 2019-24 ବର୍ଷ ମଧ୍ୟରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ପ୍ରଭାବଶାଳୀ ଢ଼ଙ୍ଗରେ ଉପଯୋଗ କରାଯାଇପାରି ନ ଥିଲା ।

### 2.7.9 ରୋଜଗାର ଦିବସ ପରିଚାଳନାରେ ସ୍ୱଳ୍ପତା

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.3 ଅନୁଯାୟୀ, ଏମଜିଏନଆରଇଜିଏସ୍ ଅଧୀନରେ ନିଯୁକ୍ତି ପାଇଁ ସମ୍ଭାବ୍ୟ ଶ୍ରମିକମାନଙ୍କ ଠାରୁ ସକ୍ରିୟ ଭାବରେ ଆବେଦନ ଆମନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପ୍ରତି ମାସରେ ଅତି କମରେ ଥରେ ରୋଜଗାର ଦିବସ ଆୟୋଜନ କରିବା ଉଚିତ । ରୋଜଗାର ଦିବସରେ କାର୍ଯ୍ୟର ଆବେଦନ ପତ୍ରର ପ୍ରକ୍ରିୟାକରଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଯେପରିକି ସୂଚନା ପ୍ରକାଶ, କାର୍ଯ୍ୟ ଆବଣ୍ଟନ, ମଜୁରୀ ପ୍ରଦାନ ଏବଂ ବେକାରୀ ଭତ୍ତା ପ୍ରଦାନ ମଧ୍ୟ କରାଯିବ ।

2019-24 ବର୍ଷ ମଧ୍ୟରେ ରୋଜଗାର ଦିବସ ଆୟୋଜନ କରିବାରେ, ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡିକରେ ନିମ୍ନଲିଖିତ ତ୍ରୁଟି ସମୀକ୍ଷାରେ ଅବଲୋକନ କରାଯାଇଥିଲା :

- ଯଦିଓ ରୋଜଗାର ଦିବସ ମାସିକ ଭିତ୍ତିରେ ଆୟୋଜିତ ହେବାର ଥିଲା, ତଥାପି ଏହି ସମୟ ମଧ୍ୟରେ ନମୁନା ଯାଞ୍ଚ ହୋଇଥିବା 40ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 30ଟିରେ କୌଣସି ରୋଜଗାର ଦିବସ ଆୟୋଜନ ହୋଇନଥିଲା ।
- 10[72] ଗ୍ରାମ ପଞ୍ଚାୟତରେ, ଯେଉଁଠାରେ ରୋଜଗାର ଦିବସ ଆୟୋଜିତ ହୋଇଥିବା କୁହାଯାଇଥିଲା, ଅଡିଟ୍ ଏହା ସଂଗଠିତ ହେବାର କୌଣସି ପ୍ରମାଣ ପାଇ ନଥିଲା ଏବଂ ଏହି ରୋଜଗାର ଦିବସ ଆୟୋଜନ ପାଇଁ କୌଣସି ପାଣ୍ଠି ବ୍ୟବହାର କରାଯାଇନଥିଲା । ସମ୍ଭାବ୍ୟ ଶ୍ରମିକମାନଙ୍କ ଠାରୁ କୌଣସି ଆବେଦନ ପତ୍ରଗ୍ରହଣ କରାଯାଇଥିବାର ଦେଖିବାକୁ ମିଳିନଥିଲା । ତେଣୁ ଏହି 10ଟି ଗ୍ରାମ ପଞ୍ଚାୟତଗୁଡିକ ଦ୍ୱାରା ରୋଜଗାର ଦିବସର ପାଳନ ସନ୍ଦେହଜନକ ଥିଲା ।

ତେଣୁ ରୋଜଗାର ଦିବସ ଆୟୋଜନ ନ କରିବାରୁ ହିତାଧିକାରୀମାନେ କାର୍ଯ୍ୟ ସାଧନ ଚାହିଦା ଏବଂ ସାଧନ ପାଇବାର ସୁଯୋଗରୁ ବଞ୍ଚିତ ହୋଇଥିଲେ । ସମୀକ୍ଷାରେ ଦର୍ଶାଯାଇଅଛି ଯେ ରାଜ୍ୟର ପଞ୍ଜିକୃତ ପରିବାର ଗୁଡିକ ମଧ୍ୟରୁ କେବଳ 37 ରୁ 64 ପ୍ରତିଶତ ଏବଂ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡିକରେ 20 ରୁ 74 ପ୍ରତିଶତ ପରିବାର ଏମଜିଏନଆରଇଜିଏସ୍ ଅଧୀନରେ କାର୍ଯ୍ୟ ପାଇଁ ଦାବି ଉଠାଇଥିଲେ ।

ବିଭାଗ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଧ୍ୟାନ ରଖି ଜଣାଇଥିଲେ (ମଇ 2025) ଯେ ସମସ୍ତ ଜିଲ୍ଲାଗୁଡିକୁ ନିର୍ଦ୍ଦେଶାନାମାକୁ ସାବଧାନତାର ସହ ପାଳନ କରିବାକୁ ଅବଗତ କରାଯିବ ।

---

72 କଣ୍ଟାପଡ଼ା ପଞ୍ଚାୟତ ସମିତି ର ଗୁଡ଼ଭେଲିପୁଦର, ଜୋଗିନ୍ଦ୍ରପୁର, କଣ୍ଟାମାଳ ଏବଂ ଉମା; ନର୍ଲା ପଞ୍ଚାୟତ ସମିତି ର ଭାନପୁର, ରାକ୍ଷୀ, ଶେରଗଡ଼, ଉଲିକୁପା, କୋକସରା ପଞ୍ଚାୟତ ସମିତି ର ଲାଡୁଗାଁ ଏବଂ ଟେମରା

### 2.7.10 ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠି ଅବ୍ୟବହୃତ ହୋଇ ପଡିରହିବା

ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଏକ ରାଜ୍ୟ ସ୍ତରୀୟ ଏକକ ନୋଡାଲ ଆକାଉଣ୍ଟ (ଏସଏନଏ) ମାଧ୍ୟମରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସଏସ) ଅଧୀନରେ ପାଣ୍ଠି ଦେବା ପାଇଁ ଏକ ପ୍ରକ୍ରିୟା ସୂଚିତ କରିଥିଲେ (ମାର୍ଚ୍ଚ 2021) । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଏକକ ନୋଡାଲ ଆକାଉଣ୍ଟ ସୃଷ୍ଟି ହେବା ପରେ, ବିଭାଗ ସମସ୍ତ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ (ଡ଼ିସେମ୍ବର 2021) ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଥିବା କୌଣସି ଅବ୍ୟବହୃତ ପାଣ୍ଠି ଏକକ ନୋଡାଲ ଆକାଉଣ୍ଟକୁ ଫେରସ୍ତ କରନ୍ତୁ ଏବଂ ଜାନୁୟାରୀ 2022 ପରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ପାଣ୍ଠି ପ୍ରଦାନ କରିବା ପାଇଁ ଏହି ସଂକ୍ରାନ୍ତରେ ଏକ ପ୍ରମାଣପତ୍ର ଦାଖଲ କରନ୍ତୁ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 2008-09 ରେ ଦୁଇଟି ଜିଲ୍ଲା ପରିଷଦ (କଟକ ଓ ମାଲକାନାଗିରି) ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ମଜୁରୀ ପ୍ରଦାନ ପାଇଁ କର୍ପସ ପାଣ୍ଠି ଆକାରରେ ପୋଷ୍ଟ ଅଫିସ୍ ଜମା ଖାତାରେ 1.40 କୋଟି ଟଙ୍କା ଜମା କରିଥିଲେ । ସେହିଭଳି ଦୁଇଟି ପଞ୍ଚାୟତ ସମିତି (ଚିତ୍ରକୋଣ୍ଡା ଏବଂ କାଲିମେଳା) ଏପ୍ରିଲ 2019 ପର ଠାରୁ ନିଜ ବ୍ୟାଙ୍କ ଆକାଉଣ୍ଟରେ 8.03 ଲକ୍ଷ ଟଙ୍କାର ଅବ୍ୟବହୃତ ଜମାରାଶି ରଖିଥିଲେ । ତେବେ ନିୟମ ଅନୁଯାୟୀ, ଏହି ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡିକ ଏକକ ନୋଡାଲ ଆକାଉଣ୍ଟକୁ 1.48 କୋଟି ଟଙ୍କା[73] ଫେରସ୍ତ କରିନଥିଲେ । ଏହା ମଧ୍ୟ ସୂଚାଇ ଦେଉଛି ଯେ ଏକକ ନୋଡାଲ ଆକାଉଣ୍ଟକୁ ଅବ୍ୟବହୃତ ଅର୍ଥ ଫେରସ୍ତ ଉପରେ ସେମାନଙ୍କ ଦ୍ଵାରା ଦାଖଲ କରାଯାଇଥିବା ପ୍ରମାଣପତ୍ର ର ସଠିକତା ସୁନିଶ୍ଚିତ ନ କରି, ରାଜ୍ୟ ,ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡିକ ଠାରୁ ଆବଶ୍ୟକ ପ୍ରମାଣପତ୍ର ଗ୍ରହଣ କରିଥିଲେ । ଯଦି ଏହି ଅବ୍ୟବହୃତ ପାଣ୍ଠି ଏମ୍‌ଏନ୍‌ଜିଆର୍‌ଇଜିଏସ୍ ଏକକ ନୋଡାଲ ଆକାଉଣ୍ଟକୁ ଫେରସ୍ତ କରାଯାଇଥାନ୍ତା, ତେବେ ଏହା ଠିକ୍ ସମୟରେ ମଜୁରି ପ୍ରଦାନ ଭଳି କ୍ଷେତ୍ରରେ ଖର୍ଚ୍ଚ ପୂରଣ ପାଇଁ ବ୍ୟବହୃତ ହୋଇପାରିଥାନ୍ତା, ଯାହା ପର୍ଯ୍ୟାପ୍ତ ପାଣ୍ଠି ଅଭାବ ହେତୁ ପ୍ରଭାବିତ ହୋଇଥିଲା ।

ଏହାର ଉତ୍ତରରେ ବିଭାଗ ଜିଲ୍ଲାଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ( ମଇ 2025) ଯେ ସେମାନଙ୍କ ପାଖରେ ପଡ଼ିରହିଥିବା ଅବ୍ୟବହୃତ ପାଣ୍ଠି ଫେରସ୍ତ ନ ହେବାର କାରଣ ସ୍ପଷ୍ଟ କରନ୍ତୁ ।

### 2.7.11 ପ୍ରଶାସନିକ ବ୍ୟୟର ସ୍ଵଳ୍ପ ଉପଯୋଗ

ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 12.5 ଅନୁଯାୟୀ କେନ୍ଦ୍ର ସରକାର ଗୋଟିଏ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ପାଇଁ ମୋଟ ଖର୍ଚ୍ଚର ଛଅ ପ୍ରତିଶତ ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟୟ ପାଇଁ ଯୋଗାଇ ଦେଇଥାନ୍ତି । ପ୍ରଶାସନିକ ବ୍ୟୟ ଅଧୀନରେ ଅନୁମତି ପ୍ରାପ୍ତ କାର୍ଯ୍ୟକଳାପ ମଧ୍ୟରେ ପ୍ରଶିକ୍ଷଣ, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ, ଏମ୍‌ଆଇଏସ୍ କାର୍ଯ୍ୟକଳାପ, ଗୁଣବତ୍ତା ପରିଚାଳନା, ସାମାଜିକ ସମୀକ୍ଷା, ମୂଲ୍ୟାଙ୍କନ ଏବଂ ଗବେଷଣା, ଅଭିଯୋଗ ସମାଧାନ ବ୍ୟବସ୍ଥା ସ୍ଥାପନ, କାର୍ଯ୍ୟସ୍ଥଳ ସୁବିଧା ଯୋଗାଣ ଇତ୍ୟାଦି ରହିଛି ।

2019-24 ଆର୍ଥିକ ବର୍ଷ ମଧ୍ୟରେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦରେ ରାଜ୍ୟ ମୋଟ 26,373.85 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ତେବେ, 2019-24 ଆର୍ଥିକ ବର୍ଷ ମଧ୍ୟରେ, ପ୍ରଶାସନିକ ଖର୍ଚ୍ଚ ବାବଦରେ ରାଜ୍ୟ ମାତ୍ର 637.85 କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହାକି ମୋଟ ଖର୍ଚ୍ଚର 2.42 ପ୍ରତିଶତ ଥିଲା ।

କମ୍ ଖର୍ଚ୍ଚ ହେତୁ ଜିଲ୍ଲା/ ପଞ୍ଚାୟତ ସମିତି/ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଆବଶ୍ୟକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପର ଅଭାବ ସମୀକ୍ଷାରେ ଲକ୍ଷ୍ୟ କରାଯାଇଥିଲା, ଯାହା ଶ୍ରମିକମାନଙ୍କ ମଧ୍ୟରେ ସେମାନଙ୍କର ଅଧିକାର ଏବଂ ହକ ବିଷୟରେ ସଚେତନତା ସ୍ତରକୁ ପ୍ରଭାବିତ କରିଥିଲା । ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ଗୁଣବତ୍ତା ପର୍ଯ୍ୟାଲୋଚନାର କୌଣସି ନିୟୋଜନ ହୋଇ ନଥିଲା, ଯାହା ସୃଷ୍ଟି ହୋଇଥିବା ସମ୍ପତ୍ତିର ଗୁଣବତ୍ତାକୁ ପ୍ରଭାବିତ କରିଥିଲା, ତାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

[73] ଜିଲ୍ଲା ପରିଷଦ କଟକ:5.00 ଲକ୍ଷ ଟଙ୍କା 2008-09 ଠାରୁ, ମାଲକାନଗିରି ଜିଲ୍ଲା ପରିଷଦ: 1.35 କୋଟି ଟଙ୍କା 2008-09 ଠାରୁ, ଚିତ୍ରକୋଣ୍ଡା ପଞ୍ଚାୟତ ସମିତି: 1.72 ଲକ୍ଷ ଟଙ୍କା ଏପ୍ରିଲ୍ 2019 ଠାରୁ ଏବଂ କାଲିମେଳା ପଞ୍ଚାୟତ ସମିତି: 6.31 ଲକ୍ଷ ଟଙ୍କା ଏପ୍ରିଲ୍ 2019 ଠାରୁ

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଧ୍ୟାନ ଦିଆଯାଇଅଛି ଏବଂ ଅନୁଦେଶଗୁଡ଼ିକୁ ଯତ୍ନର ସହ ପାଳନ କରାଯିବ ।

### 2.7.12 ପ୍ରଶାସନିକ ପାଣ୍ଠିରୁ ବକେୟା ଅଗ୍ରୀମ

ଅର୍ଥ ବିଭାଗର ନିର୍ଦ୍ଦେଶ (ମାର୍ଚ୍ଚ 2002) ଅନୁଯାୟୀ, ଏକ ବର୍ଷରୁ ଅଧିକ ସମୟ ଧରି ବିଧିମାନ୍ୟ କାରଣ ବିନା କୌଣସି ଅନାଦେୟ ଅଗ୍ରୀମ ରାଶୀକୁ କ୍ଷତି ଭାବରେ ବିବେଚନା କରାଯିବା ଉଚିତ୍ । ପୁନଶ୍ଚ, ପ୍ରଶାସନିକ ବିଭାଗ, ଅଗ୍ରୀମ ରେଜିଷ୍ଟର ରକ୍ଷଣାବେକ୍ଷଣ ନକରିବା ଏବଂ ଅଯୌକ୍ତିକ ସମୟ ପାଇଁ ଅଗ୍ରୀମ ଆଦାୟ ନକରିବା ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଉଚିତ୍ ।

ଅଗଷ୍ଟ 2024 ସୁଦ୍ଧା, 10 ଟି ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତି ମଧ୍ୟରୁ ତିନୋଟିରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ପାଣ୍ଠିରୁ କନିଷ୍ଠ ଯନ୍ତ୍ରୀ, କିରାଣୀ, ଗ୍ରାମ ସ୍ତରୀୟ ଶ୍ରମିକ ଇତ୍ୟାଦିଙ୍କ ପରି ଅଧିକାରୀଙ୍କୁ ଦିଆଯାଇଥିବା 72.28 ଲକ୍ଷ[74] ଟଙ୍କା ର ଅଗ୍ରୀମ (ଆର୍ଥିକ ବର୍ଷ 2019-20) ପୂର୍ବରୁ) ପଡ଼ିରହିଛି । ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଏହି ୟୁନିଟ୍ ଗୁଡ଼ିକ ମଧ୍ୟରୁ କୌଣସିଟି ଆବଶ୍ୟକ ଅଗ୍ରୀମ ରେଜିଷ୍ଟର ବଜାୟ ରଖିନଥିଲେ, ଯେଉଁଥିପାଇଁ ଅଡିଟ୍ କେଉଁ କାରଣ ପାଇଁ ଏହି ଅଗ୍ରୀମ ପ୍ରଦାନ କରାଯାଇଥିଲା, ତାହାର ସଠିକ୍ ତାରିଖ ଏବଂ ଉଦ୍ଦେଶ୍ୟ ଜାଣିପାରିନଥିଲା । ପଞ୍ଚାୟତ ସମିତିର କାର୍ଯ୍ୟକ୍ରମ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ରାଶି ଆଦାୟ କରି ଏହି ବକେୟା ଅଗ୍ରୀମ ପରିଶୋଧ କରିବାକୁ କୌଣସି ପଦକ୍ଷେପ ନେଇନଥିଲେ । ତେଣୁ, ପାଞ୍ଚରୁ 17 ବର୍ଷ ପର୍ଯ୍ୟନ୍ତ ଅଗ୍ରୀମ ରାଶି ବ୍ୟବସ୍ଥିତ ନକରିବା ଫଳରେ, ଏହି ଯୋଜନାକୁ 72.28 ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ ଜିଲ୍ଲା ପରିଷଦର ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***ସୁପାରିଶ 2.1:***

***ଗ୍ରାମ ପଞ୍ଚାୟତଗୁଡ଼ିକ (ଜିପି), ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ନାମାଙ୍କନ କରିବା, ସଠିକ୍ ବିବରଣୀ ସହିତ ଜବ୍ କାର୍ଡ ପ୍ରଦାନ ଓ ଅପଡେଟ୍ କରିବା ଏବଂ ମଜୁରୀର ଅନିୟମିତ ଦେୟକୁ ଏଡ଼ାଇବା ପାଇଁ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇବା ଉଦ୍ଦେଶ୍ୟରେ ବାର୍ଷିକ ସର୍ଭେକ୍ଷଣ କରିବା ଉଚିତ୍ ।***

***ସୁପାରିଶ 2.2:***

***ଗ୍ରାମ ସଭାର ସମ୍ପୃକ୍ତି ସହିତ ଶ୍ରମ ବଜେଟ୍ ପ୍ରସ୍ତୁତିରେ ନିମ୍ନ ରୁ ଉର୍ଦ୍ଧ୍ୱମୁଖୀ ଆଭିମୁଖ୍ୟ ସୁନିଶ୍ଚିତ କରାଯାଇପାରେ, ଯାହା ଦ୍ୱାରା କାମର ଚାହିଦାର ପ୍ରକୃତ ଆବଶ୍ୟକତା, ପରିମାଣ ଏବଂ ସମୟ ମୂଲ୍ୟାଙ୍କନ କରାଯାଇପାରିବ ।***

## 2.8 ନିଯୁକ୍ତି ସୃଷ୍ଟି

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ର ପରିଚାଳନା ମାର୍ଗଦର୍ଶିକା, 2013 ର ଅନୁଚ୍ଛେଦ 1.1 ରେ ଗୋଟିଏ ଆର୍ଥିକ ବର୍ଷରେ ଅତିକମ୍‌ରେ 100 ଦିନର ନିଯୁକ୍ତି ସୁନିଶ୍ଚିତ କରେ, ଯାହା ଏପରି କାର୍ଯ୍ୟ ଲାଗି ଇଚ୍ଛୁକ ସମସ୍ତ ଅଣକୁଶଳୀ ଶ୍ରମିକମାନଙ୍କୁ ଯୋଗାଇ ଦିଆଯିବ । ଏହା ବ୍ୟତୀତ, ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 1.2 ପ୍ରଦାନ କରେ ଯେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ମାଧ୍ୟମରେ ଜୀବିକା ସୁରକ୍ଷା ଏବଂ ଗ୍ରାମୀଣ ପରିବାରଗୁଡ଼ିକ ପାଇଁ ରୋଜଗାର ସୃଷ୍ଟି କରିବା ହେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

[74] ବିଡିଓ, ଚିତ୍ରକୋଣ୍ଡା:4.55 ଲକ୍ଷ ଟଙ୍କା (2017 ଠାରୁ); ବିଡିଓ, କାଲିମେଲା:65.57 ଲକ୍ଷ ଟଙ୍କା (2006 ଠାରୁ) ଏବଂ ବିଡିଓ, କୋକସରା: 2.16 ଲକ୍ଷ ଟଙ୍କା (2019 ଠାରୁ)

ଏହି ପରିପ୍ରେକ୍ଷୀରେ, ରୋଜଗାର ସୃଷ୍ଟି ସହ ଜଡ଼ିତ ପ୍ରସଙ୍ଗ ଯଥା କାର୍ଯ୍ୟର କମ୍ ଚାହିଦା, କମ୍ ନିଯୁକ୍ତି, ଗୋଟିଏ ଘରକୁ ଦୁଇଟି ଜବ୍ କାର୍ଡରେ ରୋଜଗାର, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ରୋଜଗାର ପ୍ରଦାନ ନକରିବା ଇତ୍ୟାଦି ସମୀକ୍ଷା ସମୟରେ ନଜରକୁ ଆସିଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

### *2.8.1 କାର୍ଯ୍ୟ ଦାବି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ପ୍ରଦର୍ଶନ*

2019-24 ଆର୍ଥିକ ବର୍ଷ ମଧ୍ୟରେ, ରାଜ୍ୟରେ 58.72 ଲକ୍ଷରୁ 77.53 ଲକ୍ଷ ଗ୍ରାମୀଣ ପରିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନିଜକୁ ପଞ୍ଜୀକୃତ କରିଛନ୍ତି ଏବଂ 88.54 କୋଟି ମାନବ/ଶ୍ରମ ଦିବସ ପାଇଁ ନିଯୁକ୍ତି ପାଇଛନ୍ତି । 2019-24 ଆର୍ଥିକ ବର୍ଷ ମଧ୍ୟରେ ପରିବାର ଦ୍ୱାରା ପଞ୍ଜୀକରଣ, କାର୍ଯ୍ୟ ପାଇଁ ଚାହିଦା ଏବଂ ନିଯୁକ୍ତି ସୃଷ୍ଟିର ସ୍ଥିତି **ସାରଣୀ** 2.3 ଦର୍ଶାଯାଇଅଛି ।

***ସାରଣୀ 2.3: ଓଡ଼ିଶାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଭୌତିକ ପ୍ରଦର୍ଶନ***

*(ସଂଖ୍ୟା ଲକ୍ଷରେ)*

| ବର୍ଷ | 2011 ଜନଗଣନା ଅନୁସାରେ ପରିବାର ସଂଖ୍ୟା | ପଞ୍ଜୀକୃତ ପରିବାର ସଂଖ୍ୟା | ଚାକିରି ଦାବି କରିଥିବା ପରିବାର (ପଞ୍ଜୀକୃତ ପରିବାର୍‌ର ପ୍ରତିଶତ) | ନିଯୁକ୍ତି ପାଇଥିବା ପରିବାରମାନେ (ଦାବୀ କରିଥିବା ପରିବାରର ପ୍ରତିଶତ) | ପଞ୍ଜୀକୃତ ପରିବାରରେ ଚାକିରି ପାଇଥିବା ପ୍ରତିଶତ | ସୃଷ୍ଟି ହୋଇଥିବା ଶ୍ରମ ଦିବସ (ପ୍ରତି ପରିବାର ଦାବି କରିଥିବା କାର୍ଯ୍ୟ ପାଇଁ ହାରାହାରି ମାନବ ଦିବସ) | 100 ଦିନ ପ୍ରଦାନ କରାଯାଇଥିବା ପରିବାରର ପ୍ରତିଶତ ପରିବାରର ନିଯୁକ୍ତି | ନିଯୁକ୍ତି ପ୍ରଦାନ କରାଯାଇ ନ ଥିବା ପରିବାର |
|---|---|---|---|---|---|---|---|---|
| 2019-20 | 86.78 | 69.44 | 25.77 (37) | 23.25 (90) | 33 | 1,113.89 (43) | 6.24 | 2.52 |
| 2020-21 | 86.78 | 77.53 | 44.58 (58) | 37.49 (84) | 48 | 2,080.75 (47) | 9.36 | 7.09 |
| 2021-22 | 86.78 | 75.57 | 40.66 (54) | 34.75 (85) | 46 | 1,977.63 (49) | 11.26 | 5.91 |
| 2022-23 | 86.78 | 59.27 | 37.78 (64) | 33.38 (88) | 56 | 1,852.73 (49) | 11.05 | 4.40 |
| 2023-24 | 86.78 | 58.72 | 35.28 (60) | 32.71 (93) | 56 | 1,828.58 (52) | 9.62 | 2.57 |
| **ସମୁଦାୟ** | | | | | | **8,853.58** | | **22.49** |

***(ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ଉପରୋକ୍ତ ସାରଣୀରୁ, ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରାଯାଇଛି:

- ***କାର୍ଯ୍ୟ ପାଇଁ ସ୍ୱଳ୍ପ ଦାବୀ:*** 2019-24 ଆର୍ଥିକ ବର୍ଷରେ ରାଜ୍ୟର ପଞ୍ଜୀକୃତ ପରିବାର ମଧ୍ୟରୁ ମାତ୍ର 37 ରୁ 64 ପ୍ରତିଶତ ପରିବାର କାର୍ଯ୍ୟ ଦାବି କରିଥିଲେ । ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା 20 ରୁ 74 ପ୍ରତିଶତ ମଧ୍ୟରେ ଥିଲା । ଏହା ବ୍ୟତୀତ ରାଜ୍ୟରେ କାମ ଦାବି କରୁଥିବା ପରିବାର କର୍ତ୍ତୃପକ୍ଷଙ୍କ ପାଇଁ ହାରାହାରି ଶ୍ରମ ଦିବସ 43 ରୁ 52 ଦିନ ମଧ୍ୟରେ ସୃଷ୍ଟି ହୋଇଅଛି । ଅନୁଚ୍ଛେଦ 2.7.5 ରେ ଯେପରି ଆଲୋଚନା କରାଯାଇଅଛି, ପ୍ରକୃତ ପରିମାଣ ଏବଂ ଚାହିଦାର ସମ୍ୟକ ନିରୂପଣ କରିବା ପାଇଁ ସର୍ଭେକ୍ଷଣ ନକରିବା ମଧ୍ୟ କାର୍ଯ୍ୟର ଚାହିଦା ହ୍ରାସ କରିବାରେ ସହାୟକ ହୋଇଅଛି ।

- ***ନିଯୁକ୍ତିରେ ସ୍ୱଳ୍ପତା:*** ରାଜ୍ୟରେ କାମ ଦାବି କରୁଥିବା ପରିବାରମାନଙ୍କ ମଧ୍ୟରୁ 84 ରୁ 93 ପ୍ରତିଶତ ପ୍ରକୃତରେ ନିଯୁକ୍ତି ପାଇଥିଲେ । ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା ପ୍ରାୟ 83 ରୁ 100 ପ୍ରତିଶତ ମଧ୍ୟରେ ଥିଲା ଯାହା ଅଧିକ ଅଥବା କମ୍ ଥିଲା । ତେବେ, ଯଦି ରୋଜଗାର ପାଇଥିବା ପରିବାର ଙ୍କ ସଂଖ୍ୟା ପଞ୍ଜୀକୃତ ହୋଇଥିବା ମୋଟ ପରିବାର ସଂଖ୍ୟା ସହିତ ତୁଳନା କରାଯାଏ, ତେବେ ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ପଞ୍ଜୀକୃତ ହୋଇଥିବା ପରିବାରଙ୍କ ମଧ୍ୟରୁ ମାତ୍ର, 33 ରୁ 56 ପ୍ରତିଶତ ଏହି ଯୋଜନା ଅଧିନରେ ପ୍ରକୃତରେ ନିଯୁକ୍ତି ପାଇଥିଲେ ।

- ***100 ଦିନର ନିଯୁକ୍ତି ସୃଷ୍ଟି :*** ପଞ୍ଜୀକୃତ ଗୃହଗୁଡ଼ିକୁ 100 ଦିନର ଗ୍ୟାରେଣ୍ଟିଯୁକ୍ତ ନିଯୁକ୍ତି ପ୍ରଦାନ କରିବାର ବ୍ୟବସ୍ଥା ବାବଦରେ, ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ 2019-24 ଆର୍ଥିକ ବର୍ଷରେ କେବଳ 6.24 ରୁ 11.26 ପ୍ରତିଶତ ପରିବାରକୁ 100 ଦିନର ରୋଜଗାର ପ୍ରଦାନ କରାଯାଇଅଛି, ଯେତେବେଳେ କି 25.77 ଲକ୍ଷରୁ 44.58 ଲକ୍ଷ ପରିବାର କାର୍ଯ୍ୟ ଦାବି କରିଥିଲେ । ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା 0.20 ରୁ 16.18 ପ୍ରତିଶତ ମଧ୍ୟରେ ରହିଥିଲା ।

କାର୍ଯ୍ୟର ଚାହିଦା କମ୍ ହେବା ଏବଂ ପରବର୍ତ୍ତୀ ସ୍ୱଳ୍ପ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର କାରଣ ହେଉଛି ଠିକ୍ ସମୟରେ ଜବ୍ କାର୍ଡ ଜାରି ନହେବା, ନୂଆ ପରିବାର ପଞ୍ଜୀକରଣ ପାଇଁ ଘରକୁ ଘର ବୁଲି ସର୍ଭେକ୍ଷଣ ନକରିବା, ନିର୍ଦ୍ଧାରିତ ସମୟରେ ମଜୁରି ନଦେବା, ରାଜ୍ୟର ସର୍ବନିମ୍ନ ମଜୁରୀ ହାର ତୁଳନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କମ୍ ମଜୁରୀ ହାର ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟ ତୁଳନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କମ୍ ମଜୁରୀ ହାର[75] । 441 ଜଣ ହିତାଧିକାରୀଙ୍କ ସାକ୍ଷାତକାରରେ ଉପରୋକ୍ତ କାରଣଗୁଡ଼ିକ ପ୍ରମାଣିତ ହୋଇଥିଲା, କାରଣ 117 ଜଣ ହିତାଧିକାରୀ (27 ପ୍ରତିଶତ) କହିଥିଲେ ଯେ ମଜୁରୀ ଦେବାରେ ବିଳମ୍ବ ହେତୁ ସେମାନେ କାମ କରିବାକୁ ଆଗ୍ରହୀ ନୁହଁନ୍ତି, ଯେତେବେଳେକି 234 ଜଣ ହିତାଧିକାରୀ (53 ପ୍ରତିଶତ) କହିଛନ୍ତି ଯେ ଅନ୍ୟ ଯୋଜନା ସହ ଜଡ଼ିତ କାର୍ଯ୍ୟ ତୁଳନାରେ କମ୍ ମଜୁରୀ ହାର ହେତୁ ସେମାନେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଧିନରେ କାମ କରିବାକୁ ଆଗ୍ରହୀ ନୁହଁନ୍ତି ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ଏହି ଯୋଜନା ଆରମ୍ଭ ହେବା ପର ଠାରୁ ସମସ୍ତ ରାଜ୍ୟର ସମୀକ୍ଷା ଅବଲୋକନରେ ଏହି ପ୍ରସଙ୍ଗ ପ୍ରଚଳିତ ଥିଲା । କାର୍ଯ୍ୟର ଚାହିଦା କମ୍ ହେବାର ଅନ୍ୟ କାରଣ ବିଷୟରେ ବିଭାଗ ଉତ୍ତର ଦେଇନଥିଲେ ।

ତେଣୁ, ଏହି ଯୋଜନା କାର୍ଯ୍ୟର ସମୟ ଏବଂ ପରିମାଣରେ ପର୍ଯ୍ୟାପ୍ତ ମୂଲ୍ୟାଙ୍କନ ନ କରିପାରିବା ହେତୁ ଗ୍ୟାରେଣ୍ଟିଯୁକ୍ତ ରୋଜଗାର ସହିତ ଜୀବିକା ସୁରକ୍ଷାର ମୌଳିକ ଉଦ୍ଦେଶ୍ୟକୁ ପୂରଣ କରିବାରେ ବିଫଳ ହୋଇଥିଲା । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟର ଚାହିଦା କମ୍ ଥିବା ବେଳେ ଚାହିଦା ଏବଂ କୃଷି ଋତୁର ସମୟକୁ ଧାନରେ ରଖି ନିଯୁକ୍ତି ସୃଷ୍ଟି କରାଯିବା ଉଚିତ୍ ।

### *2.8.2 ଗୋଟିଏ ପରିବାରକୁ ଦୁଇଟି ଜବ୍ କାର୍ଡରେ ନିଯୁକ୍ତି ପ୍ରଦାନ*

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 3.1.4 ଅନୁଯାୟୀ ପ୍ରତ୍ୟେକ ପଞ୍ଜୀକୃତ ପରିବାରକୁ ଏନ୍‌ଆର୍‌ଇଜିଏଏସ୍ ସଫ୍ଟରେ ଏକ ପଦ୍ଧତି ଉତ୍ପାଦିତ ଅନନ୍ୟ ପଞ୍ଜିକରଣ ସଂଖ୍ୟା ଦିଆଯିବ ଯାହା ଘରର ଜବ୍ କାର୍ଡରେ ମୁଦ୍ରିତ ହେବ । ଏହା ବ୍ୟତୀତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଜାରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ମାଷ୍ଟର ପରିପତ୍ର 2019-20 ର ଅନୁଚ୍ଛେଦ 3.4 ରେ କୁହାଯାଇଅଛି ଯେ ଯେକୌଣସି ନକଲ ଜବ୍ କାର୍ଡକୁ ଉପଯୁକ୍ତ ଯାଞ୍ଚ ପରେ ବାତିଲ୍ କରାଯିବା ଉଚିତ୍ ଏବଂ ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ବିବରଣୀ ଅଦ୍ୟତନ କରାଯିବା ଉଚିତ୍ । ତେଣୁ, ଗୋଟିଏ ଘରକୁ କେବଳ ଗୋଟିଏ ଜବ୍ କାର୍ଡ ଜାରି କରାଯିବ ।

ଅଡିଟ୍ ଜବ୍ କାର୍ଡ ରେଜିଷ୍ଟର ଓ ମଷ୍ଟର ରୋଲ ଯାଞ୍ଚ କରିଥିଲେ ଏବଂ ଜାଣିବାକୁ ପାଇଲେ ଯେ 40 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ମଧ୍ୟରୁ 13 ଟି ଗ୍ରାମ ପଞ୍ଚାୟତରେ 48 ଟି ଘରକୁ 97 ଟି ଜବ୍ କାର୍ଡ ପ୍ରଦାନ କରାଯାଇଥିଲା ଅର୍ଥାତ୍ ଏକ ଘରକୁ ଏକ ରୁ ଅଧିକ ଜବ୍ କାର୍ଡ ପ୍ରଦାନ କରାଯାଇଥିଲା । ଏହି ଘରଗୁଡ଼ିକ ମଧ୍ୟରୁ 36 ଟି ପରିବାରକୁ ଗୋଟିଏ ବର୍ଷ ମଧ୍ୟରେ ଗୋଟିଏରୁ ଅଧିକ ଜବ୍ କାର୍ଡ ଜରିଆରେ ରୋଜଗାର ଯୋଗାଇ ଦିଆଯାଇଛି । ଏହି ଅତିରିକ୍ତ ଜବ୍ କାର୍ଡ ମାଧ୍ୟମରେ 2,324 ଶ୍ରମ ଦିବସ ରୋଜଗାର ପ୍ରଦର୍ଶନ କରୁଥିବା 4.95 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରାଯାଇଅଛି ଯାହାର ସବିଶେଷ ବିବରଣୀ **ପରିଶିଷ୍ଟ** 2.2 ରେ ପ୍ରଦାନ

---

[75] ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକଙ୍କ ପାଇଁ ମଜୁରୀ ଦର **ଆନ୍ଧ୍ରପ୍ରଦେଶ:** 2021-22: 245 ଟଙ୍କା, 2022-23: 257 ଟଙ୍କା, 2023-24: 272 ଟଙ୍କା; **ଓଡ଼ିଶା** :2021-22: 215 ଟଙ୍କା, 2022-23: 222 ଟଙ୍କା, 2023-24: 237 ଟଙ୍କା

କରାଯାଇଅଛି । ଏହା ସୂଚାଇ ଦେଉଛି ଯେ ଉପଯୁକ୍ତ ଯାଞ୍ଚ ବିନା ଜବ୍ କାର୍ଡ ଜାରି କରାଯାଇଥିଲା, ଯାହାଫଳରେ ଗୋଟିଏ ପରିବାରକୁ ଗୋଟିଏରୁ ଅଧିକ ଜବ୍ କାର୍ଡରେ ରୋଜଗାର ଯୋଗାଇ ଦିଆଯାଇଥିଲା ।

ପୁନଶ୍ଚ, ଚିତ୍ରକୋଣ୍ଡା ପଞ୍ଚାୟତ ସମିତିରେ ଏକାଧିକ ଜବ୍ କାର୍ଡ ଥିବା ଦୁଇଟି ଘରକୁ ସମାନ ଅବଧି ମଧ୍ୟରେ ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦର୍ଶାଯାଇଥିଲା ଏବଂ ଉଭୟ[76] ଜବ୍ କାର୍ଡରେ ମୋଟ 17,604 ଟଙ୍କା (ପ୍ରତ୍ୟେକ 8,802 ଟଙ୍କା) ପ୍ରଦାନ କରାଯାଇଥିଲା । ତେଣୁ, ଏହା ଆଶଙ୍କା ବଢ଼ାଇଥାଏ ଯେ ସମାନ ବ୍ୟକ୍ତି ଗୋଟିଏ ଦିନରେ ଦୁଇଟି ପୃଥକ କାର୍ଯ୍ୟରେ କାମ କରିଥିବା ଦର୍ଶାଯାଇଥାଇପାରେ, ଯାହା ଜାଲିଆତିର ସନ୍ଦେହ ସୃଷ୍ଟି କରିଥିଲା ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ସମ୍ପୃକ୍ତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକୀୟ ଅନୁପାଳନ ପାଇଁ ଅନୁରୋଧ କରାଯାଇଛି (ଏପ୍ରିଲ୍ 2025) ଏବଂ ସେହି ଅନୁଯାୟୀ ଉପଯୁକ୍ତ ମନେ ହେଲେ ତ୍ରୁଟିକରିଥିବା ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### *2.8.3 ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ରୋଜଗାରର ବ୍ୟବସ୍ଥା ନ କରିବା*

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 9.3.6 ଅନୁଯାୟୀ, ଭିନ୍ନକ୍ଷମମାନଙ୍କୁ କର୍ମକ୍ଷେତ୍ରରେ ପାନୀୟ ଜଳ ଯୋଗାଣ, କ୍ରେଚ୍ ଇତ୍ୟାଦି ପରିଚାଳନା ପାଇଁ ସାଥୀ ଏବଂ ଶ୍ରମିକ ଭାବରେ ନିଯୁକ୍ତି ଦେବାରେ ପ୍ରାଥମିକତା ଦିଆଯିବା ଉଚିତ୍ । ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.3.9 ଅନୁଯାୟୀ, ସଂଯୋଜକ (ଦୁର୍ବଳ ଗୋଷ୍ଠୀ) ମାସିକ ବୈଠକ ଆୟୋଜନ କରି ଭିନ୍ନକ୍ଷମ ବ୍ୟକ୍ତି/ଅନ୍ୟ ଦୁର୍ବଳ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟ ଯୋଗାଇବା ଭଳି କାର୍ଯ୍ୟକଳାପର କାର୍ଯ୍ୟାନ୍ୱୟନର ଅଗ୍ରଗତିର ସମୀକ୍ଷା କରିବାର ଥିଲା ।

2019-24 ବର୍ଷ ମଧ୍ୟରେ, ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ପଞ୍ଜୀକୃତ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା, 74,635 (2021-22) ଏବଂ 28,047 (2023-24) ମଧ୍ୟରେ ଥିଲା । ଭିନ୍ନକ୍ଷମଙ୍କ ଠାରୁ କାମ ପାଇଁ ପ୍ରକୃତ ଦାବି ସଂପର୍କୀୟ କୌଣସି ତଥ୍ୟ ବିଭାଗ ନିକଟରେ ଉପଲବ୍ଧ ନଥିଲା । ତେବେ, 2019-24 ଆର୍ଥିକ ବର୍ଷ ମଧ୍ୟରେ, 10,015 ରୁ 19,311 ଭିନ୍ନକ୍ଷମଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନିଯୁକ୍ତି ଯୋଗାଇ ଦିଆଯାଇଅଛି । ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସ୍ୱଳ୍ପ ନିଯୁକ୍ତି ସୃଷ୍ଟି ହେବାର କାରଣ ହେଉଛି ଯେ ସେହିପରି ବ୍ୟକ୍ତି ମାନଙ୍କୁ ଚିହ୍ନଟ ନ କରିବା, ସେମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ ବ୍ୟବସ୍ଥା ନ କରିବା ଏବଂ ପଞ୍ଚାୟତ ସମିତି ସ୍ତରରେ ଦୁର୍ବଳ ନିରୀକ୍ଷଣ ।

ବିଭାଗ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରି କହିଛନ୍ତି (ମଇ 2025) ଯେ, ମଜୁରୀଭିତ୍ତିକ ନିଯୁକ୍ତିରେ ଭିନ୍ନକ୍ଷମମାନଙ୍କୁ ନିୟୋଜିତ କରିବା ପାଇଁ ଏକ ମାନକ ପରିଚାଳନା ପ୍ରକ୍ରିୟା ସମସ୍ତ ଜିଲ୍ଲାକୁ ଜାରି କରାଯାଇଅଛି ।

### 2.8.4 ମଜୁରୀ ପ୍ରଦାନରେ ଅଭାବ

#### *2.8.4.1 ପାଣ୍ଠି ସ୍ଥାନାନ୍ତରଣ ଆଦେଶ ଖାରଜ ହେବା କାରଣରୁ ମଜୁରୀ ପ୍ରଦାନ ନକରିବା/ ପୈଠ କରିବାରେ ବିଳମ୍ବ*

ପାଣ୍ଠି ସ୍ଥାନାନ୍ତରଣ ଆଦେଶ (ଏଫ୍‌ଟିଓ) ହେଉଛି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କିମ୍ବା ପଞ୍ଚାୟତ ସମିତିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଇ-ପେ ଅର୍ଡର, ଯାହା ହିତାଧିକାରୀଙ୍କ ବ୍ୟାଙ୍କ୍ ଜମାଖାତାରେ ମଜୁରୀ ସିଧାସଳଖ ଜମା କରିବା ପାଇଁ ଉଦ୍ଦିଷ୍ଟ । ପରିଚାଳନା ନିର୍ଦ୍ଦେଶାବଳୀ 2013 ର ଅନୁଚ୍ଛେଦ 2.2.1 (xiii) ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ପଞ୍ଚାୟତ ସମିତିର କାର୍ଯ୍ୟକ୍ରମ ଅଧିକାରୀମାନେ ନୂତନ ଆକାଉଣ୍ଟ ଖୋଲିବା ପାଇଁ ବ୍ୟାଙ୍କ ଏବଂ ଡାକଘର ସହିତ ଯୋଗାଯୋଗ କରିବା ଏବଂ ମଜୁରୀ ପ୍ରଦାନ ପାଇଁ ବ୍ୟାଙ୍କ,

76 12/05/2022 ରୁ 17/05/2022, 10/06/2024 ରୁ 23/06/2024, 01/06/2020 ରୁ 10/06/2020 ଏବଂ 24/05/2022

ଡାକଘରେ ଆକାଉଣ୍ଟ ଖୋଲିବା ସମ୍ବନ୍ଧିତ ସମସ୍ତ ଚିଠିପତ୍ର ଏବଂ ଯୋଗାଯୋଗ ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ମଧ୍ୟରେ ସମନ୍ୱୟ ପାଇଁ ଦାୟୀ ଥିଲେ ।

2019-24 ଆର୍ଥିକ ବର୍ଷ ମଧ୍ୟରେ 447.08 କୋଟି ଟଙ୍କାର ଅଣକୁଶଳୀ ମଜୁରୀ ପାଇଁ ସୃଷ୍ଟି ହୋଇଥିବା 36.31 ଲକ୍ଷ ପାଣ୍ଠି ସ୍ଥାନାନ୍ତରଣ ଆଦେଶକୁ ହିତାଧିକାରୀଙ୍କ ଭୁଲ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର, ନାମର ବନାନ ଇତ୍ୟାଦି ବିଭିନ୍ନ ତ୍ରୁଟି କାରଣରୁ ଏନ୍‌ଆର୍‌ଇଜିଏସ୍ ସଫ୍ଟ ପ୍ରତ୍ୟାଖ୍ୟାନ କରିଥିଲା । ଏଥି ମଧ୍ୟରୁ 29.24 ଲକ୍ଷ ପାଣ୍ଠି ସ୍ଥାନାନ୍ତରଣ ଆଦେଶକୁ ଉପଯୁକ୍ତ ସଂଶୋଧନ ପରେ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଦ୍ୱାରା ପୁନଃ ପ୍ରକ୍ରିୟାକରଣ କରାଯାଇ 362.29 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅବଶ୍ୟ 84.80 କୋଟି[77] ଟଙ୍କାର ମଜୁରୀ ପାଇଁ 7.07 ଲକ୍ଷ ପାଣ୍ଠି ସ୍ଥାନାନ୍ତରଣ ଆଦେଶକୁ ମାର୍ଚ୍ଚ 2024 ସୁଦ୍ଧା ପ୍ରଦାନ କରାଯାଇଥିଲା, କାରଣ ଆବଶ୍ୟକୀୟ ସଂଶୋଧନ ନ କରାଯାଇପାରିବା, ଯାହା ବ୍ୟାଙ୍କ ଏବଂ ଡାକଘର ସହିତ କାର୍ଯ୍ୟକ୍ରମ ଅଧିକାରୀମାନଙ୍କର ଦୁର୍ବଳ ଯୋଗାଯୋଗକୁ ସୂଚାଉଅଛି ।

ପୁନଶ୍ଚ, ପାଞ୍ଚଟି ନମୁନା ଜିଲ୍ଲାରେ ସମାନ ଅବଧି ମଧ୍ୟରେ ପ୍ରତ୍ୟାଖ୍ୟାନ ହୋଇଥିବା 1.72 ଲକ୍ଷ ପାଣ୍ଠି ସ୍ଥାନାନ୍ତରଣ ଆଦେଶ ସମ୍ବନ୍ଧିତ 23.10 କୋଟି ଟଙ୍କାର ମଜୁରୀ ପୁନଃ ସୃଷ୍ଟି ହୋଇ ନାହିଁ ଏବଂ ମାର୍ଚ୍ଚ 2024 ସୁଦ୍ଧା ପ୍ରଦାନ କରାଯାଇପାରିନଥିଲା । ପ୍ରତ୍ୟାଖ୍ୟାନର କାରଣଗୁଡିକ ଅବୈଧ ଆଇଏଫ୍‌ଏସ୍‌ସି କୋଡ୍, ଅଣ ବିଦ୍ୟମାନ/ ବନ୍ଦ ହୋଇଯାଇଥିବା ବ୍ୟାଙ୍କ ଆକାଉଣ୍ଟ୍ ଏବଂ ଆକାଉଣ୍ଟ୍ ବିବରଣୀର ଅଣ-ମିଳନ ଇତ୍ୟାଦି ଦର୍ଶାଯାଇଥିଲା । ସମୀକ୍ଷାରେ 40ଟି ଗ୍ରାମ ପଞ୍ଚାୟତରେ 203ଟି ମାମଲା ପରୀକ୍ଷା କରାଯାଇଥିଲା ଏବଂ ଲକ୍ଷ୍ୟ କରାଗଲା ଯେ 139ଟି ମାମଲାରେ ପାଣ୍ଠି ସ୍ଥାନାନ୍ତରଣ ଆଦେଶକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଅନ୍ତିମ ମଜୁରି (ପୁନଃ ନିର୍ମାଣ ପରେ) ପ୍ରଦାନ ମଧ୍ୟରେ ବିଳମ୍ବ ଅବଧି 38 ରୁ 1,504 ଦିନ ମଧ୍ୟରେ ଥିଲା । ଏହା ବ୍ୟତୀତ 64ଟି ମାମଲାରେ ମାର୍ଚ୍ଚ 2024 ସୁଦ୍ଧା ଦେୟ ପୈଠ ହୋଇନଥିଲା । ଏହା ସୂଚାଇ ଦେଉଅଛି ଯେ ଗ୍ରାମ ପଞ୍ଚାୟତ ଦ୍ୱାରା ଜବ୍ କାର୍ଡରେ ଅନ୍ତର୍ଭୁକ୍ତ ହେବା ପୂର୍ବରୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ର ଅଭାବ, ଯାହାଫଳରେ ହିତାଧିକାରୀଙ୍କୁ ମଜୁରୀ ପ୍ରଦାନ କରାଯାଇପାରି ନାହିଁ କିମ୍ବା ବିଳମ୍ବ ହୋଇଅଛି ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ତଥ୍ୟ ଦରଜ କରିବା ପୂର୍ବରୁ ବ୍ୟାଙ୍କରେ ଆକାଉଣ୍ଟଗୁଡିକର ସଠିକ୍ ବୈଧତା ଯାଞ୍ଚ ପାଇଁ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଅଛି (ନଭେମ୍ବର 2024) ।

### *2.8.4.2 ଶ୍ରମିକମାନଙ୍କୁ ବିଳମ୍ବିତ ଦେୟ ପ୍ରଦାନ ପାଇଁ କ୍ଷତିପୂରଣ ଦେବାରେ ବାକି*

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନର ସଂଶୋଧିତ ଅନୁସୂଚୀ II ର ଧାରା 3 (3) ଏବଂ ଅନୁଚ୍ଛେଦ 29 ଅନୁଯାୟୀ ସାପ୍ତାହିକ ଭିତ୍ତିରେ କିମ୍ବା କୌଣସି କ୍ଷେତ୍ରରେ ଏପରି କାର୍ଯ୍ୟ ହୋଇଥିବା ତାରିଖର ପନ୍ଦର ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବାକଥା । ଏହା ମଧ ମଷ୍ଟର ରୋଲ (ଏମଆର୍) ବନ୍ଦ ହେବାର 15 ତମ ଦିନ ପରେ ବିଳମ୍ବ ଅବଧି ପାଇଁ କ୍ଷତିପୂରଣ ପ୍ରଦାନ କରିବାକୁ ବାଧତାମୂଳକ କରିଥିଲା । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ମାଷ୍ଟର ପରିପତ୍ର 2019-20ର ଅନୁଚ୍ଛେଦ 9.8.4 ଅନୁଯାୟୀ, କାର୍ଯ୍ୟକ୍ରମ ଅଧିକାରୀ ଯାଞ୍ଚ ପରେ ପ୍ରଦାନ ଯୋଗ୍ୟ କ୍ଷତିପୂରଣକୁ କାରଣ ସହିତ ଅନୁମୋଦନ କିମ୍ବା ଅଗ୍ରାହ୍ୟ କରିପାରିବେ ଏବଂ ଭବିଷ୍ୟତରେ ଯାଞ୍ଚ ପାଇଁ ଏହାର ରେକର୍ଡ ରଖିପାରିବେ ।

2019-24 ବର୍ଷ ମଧ୍ୟରେ 154.31 କୋଟି ଟଙ୍କାର ମଜୁରୀ ପ୍ରଦାନରେ 1.44 କୋଟି ଦିନ ବିଳମ୍ବ ହୋଇଥିଲା । ଏହି ବିଳମ୍ବ ପାଇଁ ହିତାଧିକାରୀମାନେ 1.03 କୋଟି ଟଙ୍କା କ୍ଷତିପୂରଣ ପାଇବାକୁ ହକ୍‌ଦାର ଥିଲେ । ତେବେ 2019-24 ଆର୍ଥିକ ବର୍ଷ ମଧ୍ୟରେ ମାତ୍ର 0.01 କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା ଏବଂ ଅବଶିଷ୍ଟ 1.02 କୋଟି ଟଙ୍କାର କ୍ଷତିପୂରଣ ପ୍ରାକୃତିକ ବିପର୍ଯ୍ୟୟ, ରାଜ୍ୟ ନୋଡାଲ ଆକାଉଣ୍ଟରେ ପର୍ଯ୍ୟାପ୍ତ ପାଣ୍ଠି ନଥିବା ଇତ୍ୟାଦି କାରଣ ଦର୍ଶାଇ ଖାରଜ କରି ଦିଆଯାଇଥିଲା ।

[77] 2019-20: 9.78 କୋଟି ଟଙ୍କା, 2020-21: 16.36 କୋଟି ଟଙ୍କା, 2021-22: 23.30 କୋଟି ଟଙ୍କା, 2022-23: 15.30 କୋଟି ଟଙ୍କା, 2023-24: 20.06 କୋଟି ଟଙ୍କା

ହିତାଧିକାରୀମାନେ ଉପରୋକ୍ତ କୌଣସି ପ୍ରତିବନ୍ଧକ ପାଇଁ ଦାୟୀ ନଥିବା ଯୋଗୁଁ କ୍ଷତିପୂରଣ ପ୍ରତ୍ୟାଖ୍ୟାନ କରିବା ଯଥାର୍ଥ ନଥିଲା । ଏହା ବ୍ୟତୀତ କ୍ଷତିପୂରଣ ପ୍ରଦାନ ନ କରିବା ଗ୍ୟାରେଣ୍ଟିଯୁକ୍ତ ରୋଜଗାର ମାଧ୍ୟମରେ ଜୀବିକା ସହାୟତା ଯୋଗାଇବା ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ, କ୍ଷତିପୂରଣ ଦେବାରେ ବିଳମ୍ବକୁ ଦୂର କରିବା ପାଇଁ ସମୟ ସମୟରେ ଜିଲ୍ଲାଗୁଡିକୁ ନିର୍ଦ୍ଦେଶନାମା ଜାରି କରାଯାଇଅଛି ।

### *2.8.4.3 ବେକାରୀ ଭତ୍ତା ବ୍ୟବସ୍ଥା ନ ହେବା*

ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 3.5 ରେ ବ୍ୟବସ୍ଥା ଅଛି ଯେ ଶ୍ରମିକମାନେ ନିଯୁକ୍ତି ପାଇଁ ଆବେଦନ କରିବାର 15 ଦିନ ମଧ୍ୟରେ ନିଯୁକ୍ତିର ବ୍ୟବସ୍ଥା ନ ହେଲେ ସେ ଦୈନିକ ବେକାରୀ ଭତ୍ତା[78] ପାଇବାକୁ ହକଦାର ହେବେ । ପୁନଶ୍ଚ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ବିଜ୍ଞପ୍ତି (ମାର୍ଚ୍ଚ 2020) ଅନୁଯାୟୀ, ବେକାରୀ ଭତ୍ତା ପ୍ରଦାନ ନ କରିବା କିମ୍ବା ବିଳମ୍ବ କରିବାର କାରଣ ଡିପିସି ଦ୍ୱାରା ରାଜ୍ୟ ସରକାରଙ୍କୁ ଦାଖଲ କରାଯାଉଥିବା ବାର୍ଷିକ ରିପୋର୍ଟରେ ଦର୍ଶାଇବେ ।

ସମୀକ୍ଷାରେ ଅବଲୋକନ କରାଗଲା ଯେ 2019-24 ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟ ଦାବି କରୁଥିବା 184.07 ଲକ୍ଷ ପରିବାରଙ୍କ ମଧ୍ୟରୁ 161.58 ଲକ୍ଷ ପରିବାରକୁ ନିଯୁକ୍ତି ଯୋଗାଇ ଦିଆଯାଇଥିଲା ଏବଂ 22.49 ଲକ୍ଷ ପରିବାରକୁ ନିଯୁକ୍ତି ଯୋଗାଇ ଦିଅଯାଇପାରି ନଥିଲା, ଯାହା **ସାରଣୀ 2.3** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ସେହିପରି 2019-24 ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟର ଚାହିଦା ସତ୍ତ୍ୱେ, 1.22 ଲକ୍ଷ ପରିବାରକୁ ନିଯୁକ୍ତି ଦିଆଯାଇନଥିଲା । ତେବେ, ଏହି 1.22 ଲକ୍ଷ ପରିବାରକୁ କୌଣସି ବେକରୀ ଭତ୍ତା ପ୍ରଦାନ କରାଯାଇ ନଥିଲା ଏବଂ ଏପରି ପ୍ରଦାନ ନହେବା ସମ୍ପର୍କରେ କାର୍ଯ୍ୟକ୍ରମ ଅଧିକାରୀମାନେ ଡିପିସି କିମ୍ବା ରାଜ୍ୟ ସରକାରଙ୍କୁ ତଥ୍ୟ ଦେଇନଥିଲେ । 2019-24 ଆର୍ଥିକ ବର୍ଷ ମଧ୍ୟରେ ବେକାରୀ ଭତ୍ତା ପ୍ରଦାନ ନକରିବାର କାରଣ ଅଡିଟ୍‌କୁ ଉପସ୍ଥାପନ କରାଯାଇ ନଥିଲା ।

441 ଜଣ ହିତାଧିକାରୀଙ୍କ ସାକ୍ଷାତକାର ସମୟରେ, 320 ଜଣ ହିତାଧିକାରୀ କହିଥିଲେ ଯେ ସେମାନେ ମୌଖିକ ଭାବରେ କାର୍ଯ୍ୟ ଦାବି କରିଥିଲେ, କିନ୍ତୁ ସେମାନଙ୍କ ଦାବି ପଞ୍ଜୀକରଣ କରିବା ପରେ ଗ୍ରାମ ପଞ୍ଚାୟତ ଦ୍ୱାରା ଏପରି ଦାବି ପାଇଁ କୌଣସି ରସିଦ ପ୍ରଦାନ କରାଯାଇ ନାହିଁ । ଅଧିକନ୍ତୁ, ସେମାନେ କହିଛନ୍ତି ଯେ ସେମାନଙ୍କ ଦାବି ସମୟରେ ସେମାନଙ୍କୁ କାମ ଦିଆଯାଇ ନାହିଁ, କିନ୍ତୁ ଯେତେବେଳେ ସେମାନଙ୍କ ଅଞ୍ଚଳରେ କୌଣସି କାର୍ଯ୍ୟ କରାଯାଉଥିଲା, ସେତେବେଳେ ନିଯୁକ୍ତି ଯୋଗାଇ ଦିଆଯାଇଥିଲା ।

ଯେହେତୁ ହିତାଧିକାରୀମାନେ ସେମାନଙ୍କର ଆବଶ୍ୟକତା ସମୟରେ ରୋଜଗାର ନପାଇବା ଯୋଗୁଁ ମଧ୍ୟ କୌଣସି ବେକାରୀ ଭତ୍ତା ପାଇନଥିଲେ, ତେଣୁ ଜୀବିକା ସୁରକ୍ଷା ବୃଦ୍ଧି ପାଇଁ ଯୋଜନାର ଉଦ୍ଦେଶ୍ୟ ହାସଲ ହୋଇପାରିଲା ନାହିଁ ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ, ବେକାରୀ ଭତ୍ତା ପ୍ରଦାନ କରିବା ପାଇଁ ସମୟ ସମୟରେ ଜିଲ୍ଲାଗୁଡିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

### *2.8.4.4 ମୃତ ହିତାଧିକାରୀମାନଙ୍କ ନାମରେ ପ୍ରଦାନ କରାଯାଇଥିବା ଦେୟ*

ପରିଚାଳନା ନିର୍ଦ୍ଦେଶାବଳୀ 2013 ର ଅନୁଚ୍ଛେଦ 7.11.7 ଅନୁଯାୟୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଶ୍ରମିକଙ୍କ ଉପସ୍ଥାନ କାର୍ଯ୍ୟସ୍ଥଳରେ ରକ୍ଷଣାବେକ୍ଷଣ କରାଯାଇଥିବା ଏକ କାଗଜ ମଷ୍ଟର ରୋଲ ଉପରେ ସାଥୀ/ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଦ୍ୱାରା ନିଆଯିବ । ପେପର ମଷ୍ଟର ରୋଲ୍‌ରୁ ଶ୍ରମିକମାନଙ୍କ ନାମକୁ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ମଜୁରୀ ପ୍ରଦାନ ପାଇଁ ଏନଆରଇଜିଏସ ସଫ୍ଟ(ଇ-ମଷ୍ଟର ରୋଲ)ରେ ଦରଜ କରାଯିବ ।

[78] ବେକାରୀ ଭତ୍ତା ପ୍ରଥମ ତିରିଶ ଦିନ ପାଇଁ ମଜୁରୀ ହାରର ଏକ ଚତୁର୍ଥାଂଶରୁ କମ୍ ହେବ ନାହିଁ ଏବଂ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧି ପାଇଁ ମଜୁରୀ ହାରର ଅଧାରୁ କମ୍ ହେବ ନାହିଁ ।

ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 3.1.5 (xiii) ଅନୁଯାୟୀ, ଏକ ଜବ୍ କାର୍ଡ ପାଞ୍ଚ ବର୍ଷ ପାଇଁ ବୈଧ ଅଟେ । ଜବ୍ କାର୍ଡରେ କୌଣସି ସଦସ୍ୟଙ୍କୁ ଯୋଡ଼ିବା ବା ବାଦ୍‌ଦେବା କାର୍ଯ୍ୟ, ପରିବାର ଠାରୁ ସୂଚନା ପାଇବା ପରେ କିମ୍ବା ବାର୍ଷିକ ଅପ୍‌ଡେଟ୍ ମାଧ୍ୟମରେ, ଗ୍ରାମ ପଞ୍ଚାୟତ ମାନଙ୍କ ଦ୍ୱାରା କରାଯିବ ।

ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଦୁଇଟି ପଞ୍ଚାୟତ ସମିତି (କାଲିମେଲା ଏବଂ ଚିତ୍ରକୋଣ୍ଡା) ରେ ଚାରିଜଣ ହିତାଧିକାରୀଙ୍କୁ 04 ଜୁନ୍ 2019 ରୁ 21 ଜାନୁଆରୀ 2024 ମଧ୍ୟରେ 172 କାର୍ଯ୍ୟ ଦିବସ ପାଇଁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଦର୍ଶାଯାଇଅଛି ଏବଂ ସେମାନଙ୍କୁ 37,380 ଟଙ୍କା ପ୍ରଦାନ କରାଯାଇଅଛି ଯାହାର ସବିଶେଷ ବିବରଣୀ **ପରିଶିଷ୍ଟ** 2.3 ରେ ପ୍ରଦାନ କରାଯାଇଅଛି । ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରେକର୍ଡରୁ ସମୀକ୍ଷାରେ ନିଶ୍ଚିତ କରାଯାଇଥିଲା ଯେ ଉକ୍ତ ହିତାଧିକାରୀମାନଙ୍କର 30 ଜାନୁଆରୀ 2018 ରୁ 11 ଜାନୁଆରୀ 2024 ମଧ୍ୟରେ ମୃତ୍ୟୁ ହୋଇଛି । ତଥାପି, ସେମାନଙ୍କ ମୃତ୍ୟୁର ଚାରି ବର୍ଷ ପରେ ମଧ୍ୟ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଏବଂ ମଜୁରୀ ପ୍ରଦାନ କରାଯାଇଥିବା ଦର୍ଶାଯାଇଥିଲା । ଏହା ସୂଚାଉଅଛି ଯେ କାର୍ଯ୍ୟସ୍ଥଳରେ ମଷ୍ଟର ରୋଲରେ ଦୈନିକ ଉପସ୍ଥାନ ହିତାଧିକାରୀଙ୍କ ପ୍ରକୃତ ଯୋଗଦାନ ବିନା ସାଥୀ/ ଗ୍ରାମ ରୋଜଗାର ସେବକଙ୍କ ଦ୍ୱାରା ନିଆଯାଇଥିଲା ଏବଂ ଗ୍ରାମ ପଞ୍ଚାୟତ ମାନଙ୍କ ଦ୍ୱାରା ଏନ୍‌ଆର୍‌ଇଜିଏଏସ୍ ସଫ୍ଟରେ ନାମ ପ୍ରବେଶ କରାଯାଇଥିଲା । ଏହାଦ୍ୱାରା ମୃତ ହିତାଧିକାରୀଙ୍କୁ ଜାଲିଆତି କରି ମଜୁରୀ ପ୍ରଦାନ କରାଯାଇଥିବାର ସନ୍ଦେହ ଉପୁଜିଥିଲା ।

ଉପରୋକ୍ତ ତଥ୍ୟଗୁଡ଼ିକ ସୂଚାଇ ଦେଉଅଛି ଯେ ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ମଷ୍ଟର ରୋଲର ରକ୍ଷଣାବେକ୍ଷଣରେ କୌଣସି ସ୍ଥିରତା ନାହିଁ । ଯେହେତୁ ମଷ୍ଟରରୋଲଗୁଡ଼ିକ ପାଣ୍ଠି ସ୍ଥାନାନ୍ତରଣ ଆଦେଶ ସୃଷ୍ଟି କରିବାର ଆଧାର, ଏନ୍‌ଆର୍‌ଇଜିଏସ୍ ସଫ୍ଟରେ କାଗଜ ମଷ୍ଟର ରୋଲ ଏବଂ ଇ- ମଷ୍ଟର ରୋଲର ମଧ୍ୟରେ ଅସଙ୍ଗତି ମଜୁରୀ ପ୍ରଦାନକୁ ସନ୍ଦେହଜନକ କରିଥିଲା ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏହି ଘଟଣାର ଅନୁଧ୍ୟାନ କରିବାକୁ ଏବଂ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ (ଏପ୍ରିଲ୍ 2025) ସୂଚିତ କରାଯାଇଅଛି ।

***ସୁପାରିଶ 2.3:***


***ଦାବିର 15 ଦିନ ମଧ୍ୟରେ କାମ ଯୋଗାଇ ଦିଆଯାଇନଥିବା ସମସ୍ତ ଯୋଗ୍ୟ ନିଯୁକ୍ତି ଆଶାୟୀଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବା ଲାଗି ସରକାର ନିଶ୍ଚିତ କରନ୍ତୁ । ଆହୁରି ମଧ୍ୟ, ଏହି ଯୋଜନା ଅଧୀନରେ ମଜୁରୀ ଖୋଜୁଥିବା ଭିନ୍ନକ୍ଷମ ଲୋକଙ୍କୁ ଉପଯୁକ୍ତ ନିଯୁକ୍ତି ପ୍ରଦାନ କରି ଉତ୍ସାହିତ କରାଯାଉ ।***

### 2.9.1 କାର୍ଯ୍ୟ ସମ୍ପାଦନ

ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 1.2 ଅନୁଯାୟୀ, ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରି ଜୀବିକା ସୁରକ୍ଷା ଏବଂ ଗ୍ରାମୀଣ ପରିବାରଗୁଡ଼ିକ ପାଇଁ ରୋଜଗାର ସୃଷ୍ଟି ହେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

2019-24 ଅବଧି ମଧ୍ୟରେ, 62.06 ଲକ୍ଷ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ରାଜ୍ୟ 36.99 ଲକ୍ଷ କାର୍ଯ୍ୟ ହାତକୁ ନେଇଥିଲେ ଏବଂ 15,221 କୋଟି ଟଙ୍କା ବ୍ୟୟରେ 24.03 ଲକ୍ଷ କାର୍ଯ୍ୟ ସମାପ୍ତ କରିଥିଲେ । ମାର୍ଚ୍ଚ 2024 ସୁଦ୍ଧା, 12.96 ଲକ୍ଷ ପ୍ରକଳ୍ପ (35 ପ୍ରତିଶତ) 9,898.70 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଅସମ୍ପୂର୍ଣ୍ଣ ରହିଥିଲା, ଯାହା **ଚାର୍ଟ 2.4** ରେ ଦର୍ଶାଯାଇଅଛି ।

*ଚାର୍ଟ 2.4: ରାଜ୍ୟରେ କାର୍ଯ୍ୟ ସମ୍ପାଦନର ସ୍ଥିତି*




*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ପ୍ରାପ୍ତ ସୂଚନା*

2019-24 ଆର୍ଥିକ ବର୍ଷ ମଧ୍ୟରେ ନମୁନା ଯାଞ୍ଚ ହୋଇଥିବା ପାଞ୍ଚଟି ଜିଲ୍ଲାରେ 13.08 ଲକ୍ଷ କାର୍ଯ୍ୟକୁ ମଞ୍ଜୁରୀ ମିଳିଥିବା ବେଳେ 7.60 ଲକ୍ଷ କାର୍ଯ୍ୟ ସମ୍ପାଦନ ପାଇଁ ହାତକୁ ନିଆଯାଇଥିଲା । ଏଥିମଧ୍ୟରୁ 4.70 ଲକ୍ଷ (62 ପ୍ରତିଶତ) କାର୍ଯ୍ୟ ଶେଷ ହୋଇଥିବା ବେଳେ 2.90 ଲକ୍ଷ କାମ[79] (38 ପ୍ରତିଶତ) 1,970.11 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ଅସମ୍ପୂର୍ଣ୍ଣ ରହିଅଛି । ଅବଶିଷ୍ଟ 5.48 ଲକ୍ଷ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ (ମାର୍ଚ୍ଚ 2024)।

ଏହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ହେବାର କାରଣ ମୁଖ୍ୟତଃ ଜମି ଅଧିଗ୍ରହଣ ନକରିବା, ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଦ୍ୱାରା ଅବାସ୍ତବ ଆକଳନ ପ୍ରସ୍ତୁତି ଏବଂ ପଞ୍ଚାୟତ ସମିତି ସ୍ତରରେ ପରିଚାଳନାର ଅଭାବ ପାଇଁ ଦାୟୀ କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

### 2.9.2 ଚାଲୁ ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ସତ୍ତ୍ୱେ ନୂତନ କାର୍ଯ୍ୟର କାର୍ଯ୍ୟାନ୍ୱୟନ


ଏମଜିଏନ୍ଆର୍ଇଜିଏସ୍ ପାଇଁ ପରିଚାଳନା ନିର୍ଦ୍ଦେଶାବଳୀ, 2023 ର ଅନୁଚ୍ଛେଦ 7.17.4 ଅନୁଯାୟୀ ପୂର୍ବରୁ ନିଆଯାଇଥିବା କାର୍ଯ୍ୟ ସମାପ୍ତ ହେବା ପରେ ହିଁ ନୂତନ କାର୍ଯ୍ୟ ହାତକୁ ନିଆଯିବା ଉଚିତ୍ । ପୁନଶ୍ଚ, ଯେଉଁ ବର୍ଷ ମଧ୍ୟରେ କାର୍ଯ୍ୟଟି ହାତକୁ ନିଆଯାଇଥିଲା ସେହି ବର୍ଷ ପରେ ଯଦି ଏକ ଆର୍ଥିକ ବର୍ଷରୁ ଅଧିକ ସମୟ ପାଇଁ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥାଏ, ତେବେ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ କୌଣସି ଅନୁମତି ଦିଆଯିବା ଉଚିତ୍ ନୁହେଁ । ଏହା ବ୍ୟତୀତ, ପରିଚାଳନା ନିର୍ଦ୍ଦେଶାବଳୀ, 2013 ର *ପରିଶିଷ୍ଟ-2* ରେ ଏମଜିଏନ୍ଆର୍ଇଜିଏସ୍ ଅଧୀନରେ ମଞ୍ଜୁରୀପ୍ରାପ୍ତ ନୂତନ/ଅତିରିକ୍ତ କାର୍ଯ୍ୟ ପାଇଁ ମାର୍ଗଦର୍ଶିକା ଧାର୍ଯ୍ୟ କରାଯାଇଅଛି, ଯେଉଁଥିରେ ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟ ସାମିଲ୍ ରହିଛି ଏବଂ ବ୍ୟକ୍ତିଗତ ଜମି ମାଲିକଙ୍କ ଘରୋଇ ଜମି ଏବଂ ଘର ଜମିରେ ନିଆଯିବ ଯିଏ ଜବ୍ କାର୍ଡଧାରୀ ଏବଂ ପ୍ରକଳ୍ପରେ କାର୍ଯ୍ୟ କରିବେ ।

ଅଡିଟ୍କୁ ପ୍ରଦାନ କରାଯାଇଥିବା ସୂଚନାରୁ ଜଣାପଡ଼ିଛି ଯେ 2019-24 ଆର୍ଥିକ ବର୍ଷରେ, 40 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ, ନିଆଯାଇଥିବା 31,930 ଟି କାର୍ଯ୍ୟ ମଧ୍ୟରୁ 17,501 ଟି କାର୍ଯ୍ୟ (55 ପ୍ରତିଶତ) ଅସମ୍ପୂର୍ଣ୍ଣ ରହିଛି, ଯାହା **ଚାର୍ଟ 2.5** ରେ ଦର୍ଶାଯାଇଛି ।

---

79 ବୌଦ୍ଧ: 0.22 ଲକ୍ଷ ଟଙ୍କା, କଟକ: 0.13 ଲକ୍ଷ ଟଙ୍କା, କଳାହାଣ୍ଡି: 0.55 ଲକ୍ଷ ଟଙ୍କା, ମାଲକାନଗିରି: 0.31 ଲକ୍ଷ ଟଙ୍କା, ମୟୂରଭଞ୍ଜ: 1.69 ଲକ୍ଷ ଟଙ୍କା,

ଚାର୍ଟ 2.5: ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ନିଆଯାଇଥିବା ନୂତନ ପ୍ରକଳ୍ପ, ସମାପ୍ତ ହୋଇଥିବା ପ୍ରକଳ୍ପ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପର ବର୍ଷଓ୍ୱାରୀ ସ୍ଥିତି




*ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତମାନଙ୍କ ଠାରୁ ସଂଗୃହିତ ସୂଚନା*

ପୂର୍ବ ବର୍ଷଗୁଡ଼ିକରେ ନିଆଯାଇଥିବା କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିଲେ ମଧ ଗ୍ରାମସଭା ଗୁଡ଼ିକ ସେମାନଙ୍କୁ ପରବର୍ତ୍ତୀ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିନଥିଲେ, ବରଂ ପରବର୍ତ୍ତୀ ବର୍ଷଗୁଡ଼ିକରେ କାର୍ଯ୍ୟନିର୍ବାହ ପାଇଁ ନୂତନ କାର୍ଯ୍ୟ ହାତକୁ ନିଆଯାଇଥିଲା ।

ମିଳିତ ସରଜମିନ ତଦନ୍ତ (ଜୁଲାଇ ରୁ ସେପ୍ଟେମ୍ବର 2024) ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ 29 ଟି ଗ୍ରାମକୁ ସଂଯୋଗ ଯୋଗାଇବା ପାଇଁ 1.82 କୋଟି ଟଙ୍କା ବ୍ୟୟରେ 29 ଟି ରାସ୍ତା କାର୍ଯ୍ୟ ହାତକୁ ନିଆଯାଇଥିଲା, ଯାହା ଅଗଷ୍ଟ 2020 ରୁ ଜାନୁଆରୀ 2024 ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଥିଲା । କିନ୍ତୁ 0.92 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ ଏହି କାର୍ଯ୍ୟଗୁଡ଼ିକ ଜୁଲାଇ 2024 ସୁଦ୍ଧା ଅସମ୍ପୂର୍ଣ୍ଣ ରହିଥିଲା । ଏହା ସତ୍ତ୍ୱେ, ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଆଗକୁ କାର୍ଯ୍ୟକାରୀ ହୋଇନଥିଲା କିମ୍ବା ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ଭୁଲ ଭାବରେ ସମାପ୍ତ ହୋଇଥିବା ଦର୍ଶାଯାଇଥିଲା । ସେହିଭଳି 2018-19 ରୁ 2022-23 ମଧ୍ୟରେ ହାତକୁ ନିଆଯାଇଥିବା ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟକୁ[80] ମଧ ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା, ଯଦିଓ ସେଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିଲା ।

କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ନହେବା କାରଣରୁ, ଏହି ଗ୍ରାମଗୁଡ଼ିକର ଜନସାଧାରଣ 1.04 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, କୌଣସି ଲାଭ ପାଇ ନଥିଲେ ନା ବ୍ୟକ୍ତିଗତ ହିତାଧିକାରୀମାନେ ସେମାନଙ୍କର ଜୀବିକାରେ ଉନ୍ନତି ପାଇଁ କୌଣସି ଲାଭ ପାଇଥିଲେ । ଅସମ୍ପୂର୍ଣ୍ଣ ରାସ୍ତାର କିଛି ଉଦାହରଣ **ଚିତ୍ର 2.1** ରୁ **2.4** ରେ ଦର୍ଶାଯାଇଛି ।

[80] ଗୋଶାଳା, ଚାଷ ପୋଖରୀ ନିର୍ମାଣ ଏବଂ ଜମି ବିକାଶ କାର୍ଯ୍ୟ, ଇତ୍ୟାଦି





*ଚିତ୍ର 2.1 ଏବଂ 2.2: ନୀଲ୍ଲକୋଟା ଠାରୁ ପାଦିମଗୁଡ଼ା ପର୍ଯ୍ୟନ୍ତ, ମାଲ୍ଲାଭରମ ଗ୍ରାମ ପଞ୍ଚାୟତ, କାଲିମେଲା ପଞ୍ଚାୟତ ସମିତି, ମାଲକାନଗିରି ଅସମ୍ପୂର୍ଣ୍ଣ ରାସ୍ତାର ଚିତ୍ର (08 ଅଗଷ୍ଟ 2024)*




*ଚିତ୍ର 2.3: କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ନାଗସପୁର ଗ୍ରାମ ପଞ୍ଚାୟତରେ ପିଏମ୍‌ଜିଏସ୍‌ୱାଇ ରାସ୍ତାର ଖିରୋଦ ସଡ଼ଙ୍ଗୀ ପର୍ଯ୍ୟନ୍ତ ଡବ୍ଲ୍ୟୁବିଏମ୍ ରାସ୍ତାର ଉନ୍ନତିର ଅସମ୍ପୂର୍ଣ୍ଣ କାର୍ଯ୍ୟ (12 ଜୁଲାଇ 2024)*



*ଚିତ୍ର 2.4: କଳାହାଣ୍ଡି ଜିଲ୍ଲାର ନର୍ଲା ପଞ୍ଚାୟତ ସମିତି ର ଲାନପୁର ଗ୍ରାମ ପଞ୍ଚାୟତରେ ଭାନପୁର ଦରଦଲାରୁ ନୂଆପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଅସମ୍ପୂର୍ଣ୍ଣ କାର୍ଯ୍ୟ (13 ଅଗଷ୍ଟ 2024)*

### 2.9.3 ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି

ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 7.1.3 ସବୁ ଋତୁରେ ଯୋଗାଯୋଗ ପ୍ରଦାନ କରୁଥିବା ଗ୍ରାମୀଣ ସଂଯୋଗୀକରଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଅନୁମତି ଦେଇଥାଏ।

2019-24 ଆର୍ଥିକ ବର୍ଷ ମଧ୍ୟରେ, ନମୁନା ଯାଞ୍ଚ କରାଯାଇଥିବା 10 ପଞ୍ଚାୟତ ସମିତି ମଧ୍ୟରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ 55.32 କୋଟି ଟଙ୍କା ବ୍ୟୟରେ 1,317 ଟି ମାଟି ରାସ୍ତା ନିର୍ମାଣ କରାଯାଇଥିଲା, ଯାହା **ସାରଣୀ** 2.4 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି।

***ସାରଣୀ 2.4:*** *ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତିଗୁଡ଼ିକର ମାଟି ରାସ୍ତାର ବିବରଣୀ*

| କ୍ର.ସଂ. | ପଞ୍ଚାୟତ ସମିତି ନାମ | ନିର୍ମାଣ ହୋଇଥିବା ମାଟି ରାସ୍ତା ର ସଂଖ୍ୟା | ଆନୁମାନିକ ମୂଲ୍ୟ (ଟଙ୍କା କୋଟିରେ) | ମୋଟ ବ୍ୟୟ (ଟଙ୍କା କୋଟିରେ) |
|---|---|---|---|---|
| 1 | ବାଙ୍କୀ | 118 | 7.27 | 4.65 |
| 2 | ଚିତ୍ରକୋଣ୍ଡା | 164 | 11.92 | 9.78 |
| 3 | କାଲିମେଲା | 115 | 8.45 | 7.32 |

| କ୍ର.ସଂ. | ପଞ୍ଚାୟତ ସମିତି ନାମ | ନିର୍ମାଣ ହୋଇଥିବା ମାଟି ରାସ୍ତା ର ସଂଖ୍ୟା | ଆନୁମାନିକ ମୂଲ୍ୟ (ଟଙ୍କା କୋଟିରେ) | ମୋଟ ବ୍ୟୟ (ଟଙ୍କା କୋଟିରେ) |
|---|---|---|---|---|
| 4 | ନିଷ୍ଠିନ୍ତକୋଇଲି | 215 | 11.33 | 6.59 |
| 5 | କୋକସରା | 42 | 2.29 | 1.26 |
| 6 | ନର୍ଲା | 142 | 6.94 | 4.30 |
| 7 | ବେତନଟୀ | 328 | 15.70 | 12.78 |
| 8 | ଜାମଦା | 37 | 1.82 | 1.49 |
| 9 | ବୋଉ | 144 | 8.41 | 6.76 |
| 10 | କଣ୍ଟାମାଳ | 12 | 0.73 | 0.39 |
| | **ସମୁଦାୟ** | **1,317** | **74.86** | **55.32** |

***(ଉତ୍ସ: ନମୁନା ପଞ୍ଚାୟତ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ସମୀକ୍ଷା (ଜୁଲାଇ ରୁ ସେପ୍ଟେମ୍ବର 2024) ଦ୍ୱାରା 1.26 କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ 23 ଟି ମାଟି ରାସ୍ତାର ମିଳିତ ସରଜମିନ ତଦନ୍ତ କରାଯାଇଥିଲା, ଯେଉଁଥିରେ କେବଳ ମାଟି କାମ ପାଇଁ ବ୍ୟବସ୍ଥା ଥିଲା । ଏହି କାର୍ଯ୍ୟଗୁଡ଼ିକ (ଆର୍ଥିକ ବର୍ଷ 2020-21 ଏବଂ 2023-24 ସମୟରେ) କାର୍ଯ୍ୟକାରୀ କରାଯାଇଥିଲା ଏବଂ 0.89 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା । ତଥାପି, ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ରାସ୍ତାଗୁଡ଼ିକ ଅତ୍ୟନ୍ତ ଖରାପ ଅବସ୍ଥାରେ ଥିଲା ଏବଂ ସବୁ ସମୟରେ ଯୋଗାଯୋଗ ପାଇଁ ଉପଯୁକ୍ତ ନଥିଲା, ଯାହା **ଚିତ୍ର 2.5** ରୁ **2.8** ରେ ଦେଖାଯାଇପାରେ ।




*ଚିତ୍ର 2.5: କିନିକୁପାଠାରୁ ପିଡବ୍ଲ୍ୟୁଡି ରାସ୍ତା ଡୁମାଲପାଲି ଫେଜ୍-II ଉମା ଜିପି, କଣ୍ଟାମାଳ ପିଏସ୍ (14.08.2024)*



*ଚିତ୍ର 2.6: ପିଡବ୍ଲ୍ୟୁଡିରୁ ନିତ୍ରକୋଣ୍ଡା ପଞ୍ଚାୟତ ସମିତିର ନୂଆଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତା (07.08.2024)*



*ଚିତ୍ର 2.7: ବୁଧପଦର ୟୁପି ସ୍କୁଲରୁ ଶ୍ମଶାନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି (14.08.2024)*




*ଚିତ୍ର 2.8: ଢେକାଲମୁଣ୍ଡାରୁ ଦାରହକାଲୁ ପର୍ଯ୍ୟନ୍ତ ରାସ୍ତା, ଉମା ଜିପି, କଣ୍ଟାମାଳ ପିଏସ୍ ଦ୍ୱାରା ନିର୍ମିତ (02.08.2024)*

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 15.3.1 ଅନୁସାରେ, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଇତ୍ୟାଦି ପରି ଅନ୍ୟ ଯୋଜନା ଏବଂ କାର୍ଯ୍ୟକ୍ରମର ସମ୍ବଳ ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସନ୍ନିଶ୍ରଣକୁ ଚିହ୍ନଟ କରିବା ଏବଂ ଗ୍ରାମ ସଭାରେ ଆଲୋଚନା କରିବା ଆବଶ୍ୟକ ଯାହାକି ଗ୍ରାମ ପଞ୍ଚାୟତ ତିଆରି କରୁଥିବା ବାର୍ଷିକ ଶ୍ରମ ବଜେଟର ଅଂଶ ଭାବେ ପ୍ରକଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ।

ସମୀକ୍ଷାରୁ ଜଣାପଡ଼ିଛି ଯେ ରାଜ୍ୟ ସରକାର ଅଙ୍ଗନୱାଡ଼ି କେନ୍ଦ୍ର (ଏଡବ୍ଲୁସି) ନିର୍ମାଣ, ଗ୍ରାମ ପଞ୍ଚାୟତ କୋଠା ନିର୍ମାଣ, ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଇତ୍ୟାଦି କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟକାରୀ କରିବା ପାଇଁ ସୂଚନା ଦେଇଛନ୍ତି । ତଥାପି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଶ୍ରମ ମୂଲ୍ୟ ଏବଂ ଅନ୍ୟାନ୍ୟ ଯୋଜନାରୁ ସାମଗ୍ରୀ ମୂଲ୍ୟ ସହିତ ସମ୍ପତ୍ତି ନିର୍ମାଣ ମାଧ୍ୟମରେ ଗ୍ରାମ ପଞ୍ଚାୟତମାନେ ସେମାନଙ୍କ ସ୍ତରରେ ସନ୍ନିଶ୍ରଣ ପାଇଁ କୌଣସି ପଦକ୍ଷେପ ନେଇନାହାଁନ୍ତି ।

ଯେହେତୁ ଅଟକଳରେ କେବଳ ମାଟି କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଥିଲା, ରାସ୍ତାଗୁଡ଼ିକ ସବୁ ସମୟରେ ବ୍ୟବହାର ପାଇଁ ଉପଯୁକ୍ତ ନଥିଲା । ଅନ୍ୟ ଯୋଜନା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସନ୍ନିଶ୍ରଣ ପରେ ଏହି ରାସ୍ତାଗୁଡ଼ିକ ସ୍ଥାୟୀ ହୋଇପାରିଥାନ୍ତା । ତେଣୁ, ସ୍ଥାୟୀ ସମ୍ପତ୍ତି ସୃଷ୍ଟି ସମ୍ପର୍କିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଉଦ୍ଦେଶ୍ୟ ବିଫଳ ହେଇଥିଲା ।

ଏହାର ଉତ୍ତରରେ ବିଭାଗ କହିଲା (ମଇ 2025) ଯେ ସମସ୍ତ ଜିଲ୍ଲାପାଳ ତଥା ଡିପିସି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ମାନକ ଜଳ ଆବଦ୍ଧ ଗେଟି (ଡବ୍ଲୁବିଏମ୍) ରାସ୍ତା ସ୍ତର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରି ସମସ୍ତ ଋତୁରେ ଯାନବାହନ ଚଳାଚଳ ଯୋଗ୍ୟ ରାସ୍ତା ଯୋଗାଇବା ଏବଂ ପିଚୁ ସ୍ତରକୁ ଉନ୍ନତିକରଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି ।

### 2.9.4 ଅଗ୍ରହଣୀୟ କାର୍ଯ୍ୟ

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଜାରି ବାର୍ଷିକ ମାଷ୍ଟର ପରିପତ୍ର 2022-23 ର ଅନୁଚ୍ଛେଦ 7.2.2 ରେ କୁହାଯାଇଛି ଯେ, ଯେଉଁ କାର୍ଯ୍ୟଗୁଡ଼ିକ ଅଦୃଶ୍ୟ, ମାପଯୋଗ୍ୟ ନୁହେଁ ଏବଂ ପୁନରାବୃତ୍ତି ପ୍ରକୃତିର ହୋଇଥିବ ସେଗୁଡ଼ିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନିଆଯିବ ନାହିଁ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଅନୁମତିପ୍ରାପ୍ତ 266 କାର୍ଯ୍ୟର ଏକ ତାଲିକା ବାର୍ଷିକ ମାଷ୍ଟର ପରିପତ୍ର 2022-23 ର ଅନୁବନ୍ଧ-1 ରେ ନିର୍ଦ୍ଦିଷ୍ଟ କରାଯାଇଛି । ତେଣୁ, ଏହି ତାଲିକାଭୁକ୍ତ ଅନୁମତିପ୍ରାପ୍ତ କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଅନୁମୋଦନୀୟ କାର୍ଯ୍ୟ ଭାବେ ଗ୍ରହଣ କରାଯିବ ନାହିଁ । ଅବଶ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଗ୍ରହଣୀୟ ହୋଇନଥିବା କାର୍ଯ୍ୟର ଉଦାହରଣ ସମୀକ୍ଷାରେ ଅବଲୋକନ କରାଯାଇଅଛି, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା ।

#### *2.9.4.1 ଖେଳ ପଡ଼ିଆ ଗୁଡ଼ିକର ବିକାଶରେ ଅନିୟମିତତା*

ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି (ଫେବୃଆରୀ 2016) ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଖେଳ ପଡ଼ିଆ ନିର୍ମାଣରେ ଜମି ସମତଳ କରିବା, ଗୁଣାତ୍ମକ ମାଟିର ବ୍ୟବହାର, ଘାସ ଭୂମି, ନାଳ ଜଳ ନିଷ୍କାସନ, ସବୁଜ ବାଡ଼, ବୃକ୍ଷରୋପଣ ଇତ୍ୟାଦି ମଧ୍ୟରେ ସୀମିତ ରହିବା ଉଚିତ୍ । ଖେଳ ପଡ଼ିଆ ନିର୍ମାଣ ପାଇଁ ଅଟକଳରେ ସୀମା ପ୍ରାଚୀର, ଗ୍ୟାଲେରୀ ଏବଂ କୋଠରୀ ନିର୍ମାଣ ଭଳି ଜିନିଷକୁ ଅନ୍ତର୍ଭୁକ୍ତ କରିବା ଉପରେ ମଧ୍ୟ ବିଭାଗ ପ୍ରତିବନ୍ଧକ ଲଗାଇଛନ୍ତି ।

ମିଳିତ ସରଜମିନ ତଦନ୍ତ (ଜୁଲାଇ ଏବଂ ଅଗଷ୍ଟ 2024) ସମୟରେ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ଉପସ୍ଥିତିରେ, ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ପାଞ୍ଚଟି ମାମଲାରେ 24.39 ଲକ୍ଷ ଟଙ୍କା ଖର୍ଚ୍ଚ କରି ଖେଳ ପଡ଼ିଆର ଉନ୍ନତି କରାଯାଇଥିଲା, ଯାହା ***ପରିଶିଷ୍ଟ 2.4*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି । ଏହି ସମସ୍ତ ମାମଲାରେ, କ୍ଷେତ୍ର ସ୍ତରୀୟ କାର୍ଯ୍ୟ ବ୍ୟତୀତ, ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି, ଖେଳ ପଡ଼ିଆରେ ମଣ୍ଡପ, ପେଣ୍ଡାଲ ଇତ୍ୟାଦି

ନିର୍ମାଣ ଭଳି ଅଗ୍ରହଣୀୟ କାର୍ଯ୍ୟ ପାଇଁ 10.30 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା **ଚିତ୍ର 2.9** ରୁ **2.11** ରେ ଦେଖାଯାଇପାରେ ।



*ଚିତ୍ର 2.9: କୋକସରା ପଞ୍ଚାୟତ ସମିତିର ଲଡୁଗାଁ ଗ୍ରାମ ପଞ୍ଚାୟତରେ ଖେଳ ପଡ଼ିଆ (27.07.2024)*



*ଚିତ୍ର 2.10: ମୟୁରଭଞ୍ଜ ଜିଲ୍ଲାର ବେତନଟୀ ପଞ୍ଚାୟତ ସମିତିର ରଘୁପୁର ଜିପି ସ୍ଥିତ ବାଲଡିହା ଫୁଟବଲ ପଡ଼ିଆରେ ଖେଳ ପଡ଼ିଆ (06.08.2024)*



*ଚିତ୍ର 2.11: ମୟୁରଭଞ୍ଜ ଜିଲ୍ଲାର ବେତନଟୀ ପଞ୍ଚାୟତ ସମିତିର ରଘୁପୁର ଗ୍ରାମ ପଞ୍ଚାୟତର ନୟା ବସନ୍ତପୁରରେ ଖେଳ ପଡ଼ିଆ (06.08.2024)*

### *2.9.4.2 ଜମି ଉନ୍ନୟନ କାର୍ଯ୍ୟରେ ଅନିୟମିତତା*

ବାର୍ଷିକ ମାଷ୍ଟର ପରିପତ୍ର, 2019-20 ର ଅନୁଚ୍ଛେଦ 7.5.7 ଅନୁଯାୟୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ, ଜମି ଉନ୍ନତି କାର୍ଯ୍ୟର ଉପାଦାନଗୁଡ଼ିକ ହେଉଛି କ୍ଷେତ ବନ୍ଧନ, ସମତଳୀକରଣ, ଆକୃତିକରଣ, ସୋପାନ ପ୍ରସ୍ତୁତିକରଣ ଇତ୍ୟାଦି ମାଧ୍ୟମରେ ଅଣ-ଚାଷ ଉପଯୋଗୀ ଜମିକୁ ଚାଷ ଉପଯୋଗୀ ଜମିରେ ପରିଣତ କରିବା । ଶୁଖିଲା ପତ୍ର କାଟିବା, ଘାସ କାଟିବା, ବିଦ୍ୟମାନ ବନ୍ଧର ଆକାର ପରିବର୍ତ୍ତନ ଇତ୍ୟାଦି କାର୍ଯ୍ୟ ଜମି ବିକାଶ ଉପାଦାନ ଅଧୀନରେ ନିଆଯିବା ଉଚିତ୍ ନୁହେଁ । ପୁନଶ୍ଚ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସୂଚିତ କରିଥିଲା (ଅଗଷ୍ଟ 2023) ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ର, ଗ୍ରାମୀଣ ହାଟ, ଗ୍ରାମ ପଞ୍ଚାୟତ, ପାଠାଗାର ଇତ୍ୟାଦିର ପରିସର ମଧ୍ୟରେ ଜମି ବିକାଶ କାର୍ଯ୍ୟକଳାପ ଗ୍ରହଣୀୟ ନୁହେଁ ।

ତେବେ, ସମୀକ୍ଷାରେ 40 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ମଧ୍ୟରୁ ତିନିଟିରେ ଲକ୍ଷ୍ୟ କରାଗଲା ଯେ କଲ୍ୟାଣ ମଣ୍ଡପ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କ୍ଲବ୍ ପରିସର ଇତ୍ୟାଦିରେ 15.71 ଲକ୍ଷ ଟଙ୍କା ବ୍ୟୟରେ ଛଅଟି ଜମି ବିକାଶ କାର୍ଯ୍ୟ କରାଯାଇଅଛି ଯାହା ***ପରିଶିଷ୍ଟ 2.5*** ରେ ବର୍ଣ୍ଣନା କରଯାଇଛି ଏବଂ **ଚିତ୍ର 2.12** ରୁ **2.15** ରେ ଦର୍ଶାଯାଇଅଛି । ଯେହେତୁ ଏହି କାର୍ଯ୍ୟଗୁଡ଼ିକ ଅଣ-ଚାଷ ଉପଯୋଗୀ ଜମିକୁ ଚାଷ ଉପଯୋଗୀ ଜମିରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ତେଣୁ ଏହି କାର୍ଯ୍ୟଗୁଡ଼ିକ ଜମି ବିକାଶ ବର୍ଗରେ ବିବେଚନା କରାଯାଇପରିବ ନାହିଁ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଅନୁମତିପ୍ରାପ୍ତ ନୁହେଁ ।




*ଚିତ୍ର 2.12: ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ, ନିଶ୍ଚିନ୍ତକୋଇଲି ଠାରେ ସିଦ୍ଧାଦେବୀ କଲ୍ୟାଣ ମଣ୍ଡପ ପରିସରରେ ଭୂମି ବିକାଶ କାର୍ଯ୍ୟ (05 ଜୁଲାଇ 2024)*




*ଚିତ୍ର 2.13: ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ, ନିଶ୍ଚିନ୍ତକୋଇଲି ଥାନା ସ୍ଥଳରେ ଥିବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସମ୍ମୁଖ ଅଞ୍ଚଳରେ ଜମି ବିକାଶ କାର୍ଯ୍ୟ( (05 ଜୁଲାଇ 2024)*



*ଚିତ୍ର 2.14: କଟକ ସ୍ଥିତ ବାଙ୍କି ଥାନା କଳାପଥର ଗ୍ରାମ ପଞ୍ଚାୟତର କଳାପଥର ଉଚ୍ଚ ବିଦ୍ୟାଳୟରେ କଳାପଥରର ଜମି ବିକାଶ ଏବଂ ପାରିପାର୍ଶ୍ୱିକ ବିକାଶ (26.07.2024)*



*ଚିତ୍ର 2.15: କଟକ ଜିଲ୍ଲାର ବାଙ୍କି ଥଅକତର କଳାପଥର ଗ୍ରାମ ପଞ୍ଚାୟତରେ ମଧୁପଲ୍ଲୀ କ୍ଲଷ୍ଟ କ୍ୟାମ୍ପସର ଜମି ବିକାଶ (26.07.2024)*

ବିଭାଗ ଏହି ତଥ୍ୟକୁ ନିଶ୍ଚିତ କରିଥିଲେ ଏବଂ କହିଥିଲେ ଯେ ଜିଲ୍ଲାପାଳ-ତଥା-ଡିପିସି ନିଶ୍ଚିତ କରିବେ ଯେ ସେମାନଙ୍କ ଜିଲ୍ଲାରେ ଏପରି କୌଣସି ପ୍ରକଳ୍ପ ନିଆଯାଇନଥିଲା । ଏହିପରି କୌଣସି ନିଷ୍ଫଳ ଖର୍ଚ୍ଚ ପାଇଁ ଦାୟୀ ଦୋଷୀ ଅଧିକାରୀଙ୍କଠାରୁ ସମ୍ପୂର୍ଣ୍ଣ ପ୍ରକଳ୍ପ ମୂଲ୍ୟ ଆଦାୟ କରାଯିବ ଏବଂ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ।

### 2.9.5 ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ବିନା ଅନୁମୋଦନରେ ନୂତନ କାର୍ଯ୍ୟ ସମ୍ପାଦନ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚାଳନା ନିର୍ଦ୍ଦେଶାବଳୀ, 2013 ର ଅନୁଚ୍ଛେଦ 7.1.3 ରେ 16 ଟି ବର୍ଗ ଅଧିନରେ ଅନୁମତିପ୍ରାପ୍ତ କାର୍ଯ୍ୟର ଏକ ତାଲିକା ପ୍ରଦାନ କରାଯାଇଛି ଯାହା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟକରୀ କରାଯାଇପାରିବ । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଅନ୍ୟ କୌଣସି ନୂତନ ଶ୍ରେଣୀର କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅନୁମୋଦନ ଆବଶ୍ୟକ । ଅଧିକନ୍ତୁ, ଅନୁଚ୍ଛେଦ 6.1.3 ଅନୁଯାୟୀ, କାର୍ଯ୍ୟକାରୀ ହେବାକୁ ଥିବା ଯେକୌଣସି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ, ଗ୍ରାମସଭାର ଅନୁମୋଦନ ଆବଶ୍ୟକ କରେ ।


10ଟି[81] ନମୁନା ଯାଞ୍ଚ କରାଯାଇଥିବା ପଞ୍ଚାୟତ ସମିତି ମଧ୍ୟରୁ ନଅଟିରେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ 'ବିଦ୍ୟାଳୟ ପରିବେଶର ବିକାଶ', ଇ-ପାଠାଗାର ନିର୍ମାଣ ଇତ୍ୟାଦି (**ଚିତ୍ର 2.16** ଏବଂ **2.17**) ଭଳି 331 ଟି

[81] ବାଙ୍କି, ବେଡନଟୀ, ବୌଦ୍ଧ, ଚିତ୍ରକୋଣ୍ଡା, କାଲିମେଳା, କଣ୍ଟାମାଳ, କୋକସରା, ନର୍ଲା ଏବଂ ନିଶ୍ଚିନ୍ତକୋଇଲି

କାର୍ଯ୍ୟ ପାଇଁ ଓଡ଼ିଶାର 5T ବିଦ୍ୟାଳୟ[82] ପ୍ରକଳ୍ପ ପାଇଁ 14.42 କୋଟି ଟଙ୍କା ବ୍ୟୟ କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ଯୋଜନାର ପରିଚାଳନା ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଥିବା କୌଣସି ବର୍ଗର କାର୍ଯ୍ୟ ଅଧିନରେ ଆସିନଥିଲା । ତଥାପି. ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅନୁମୋଦନ ନନେଇ ଏଗୁଡ଼ିକୁ ଜମି ବିକାଶ, ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ, ଅନ୍ୟାନ୍ୟ ଗ୍ରାମୀଣ ଭିତ୍ତିଭୂମି ଇତ୍ୟାଦି ଶ୍ରେଣୀରେ ନିଆଯାଇଥିଲା । ଅଧିକନ୍ତୁ, ଏହି କାର୍ଯ୍ୟଗୁଡ଼ିକ ମଧ୍ୟରୁ କୌଣସିଟି ସମ୍ପୃକ୍ତ ଗ୍ରାମସଭା ଦ୍ୱାରା ଅନୁମୋଦନ ହୋଇନଥିଲା ।




***ଚିତ୍ର 2.16: ଏମ୍‌ଜିଏନ୍‌ଆର୍‌ଜିଏସ୍ ପାଣ୍ଠିରୁ ଚକ୍ରସିଲା ଉଚ୍ଚ ବିଦ୍ୟାଳୟ ଦହିକୋଟି ଜିପି ବେତନଟି ପିଏସ୍‌ରେ ଇ-ଲାଇବ୍ରାରୀ ନିର୍ମାଣ (13 ଅଗଷ୍ଟ 2024)***



***ଚିତ୍ର 2.17: ଏମ୍‌ଜିଏନ୍‌ଆର୍‌ଜିଏସ୍ ପାଣ୍ଠିରୁ ଆର୍.କେ. ଉଚ୍ଚ ବିଦ୍ୟାଳୟ ପୁରୁଣିଆ ଜିପି, ବେତନଟି ପିଏସ୍ ମଧ୍ୟରେ ଇଣ୍ଟରଲକିଂ ସିମେଣ୍ଟ ବ୍ଲକ୍ ନିର୍ମାଣ (13 ଅଗଷ୍ଟ 2024)***

ବିଭାଗ ଅଡିଟର ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ କହିଥିଲେ (ମଇ 2025) ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଅନୁମତିପ୍ରାପ୍ତ କାର୍ଯ୍ୟ ତାଲିକାରେ ନୂତନ କାର୍ଯ୍ୟକଳାପକୁ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦାଖଲ କରାଯାଇଥିଲା, ଯାହାକୁ ଗ୍ରାମ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ପ୍ରତ୍ୟାଖ୍ୟାନ ସତ୍ତ୍ୱେ ଏହି କାର୍ଯ୍ୟଗୁଡ଼ିକ କାହିଁକି ନିଆଗଲା ସେ ନେଇ ବିଭାଗ କିଛି ଉତ୍ତର ଦେଇନଥିଲା ।

### 2.9.6 ସମ୍ପତ୍ତି ସୃଷ୍ଟି ପାଇଁ ଅନାବଶ୍ୟକ ବ୍ୟୟ

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 1.4 ଅନୁସାରେ ଯେ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟ ପାଇଁ ସ୍ଥାନ ଚୟନ ଗ୍ରାମ ସଭା ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ପୁନଶ୍ଚ, ଅନୁଚ୍ଛେଦ 6.6 ଅନୁଯାୟୀ, କାର୍ଯ୍ୟ ସମାପ୍ତ ହେବା ପରେ କେତେ ପରିବାର ଲାଭାନ୍ୱିତ ହେବେ ଏବଂ କେଉଁ କ୍ଷେତ୍ର ଅର୍ନ୍ତଭୁକ୍ତ, କରାଯିବ ତାହା ମଧ ଏନ୍‌ଆର୍‌ଜିଏସ୍ ସଫ୍ଟରେ ପ୍ରଦାନ କରାଯିବ ।

ତିନୋଟି ପଞ୍ଚାୟତ ସମିତିର ଚାରିଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ, ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଗ୍ରାମ ସଭାର ବିନା ଅନୁମୋଦନ ଏବଂ ଫଳାଫଳ କିମ୍ବା ଲାଭର କୌଣସି ମୂଲ୍ୟାଙ୍କନ ନକରି ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ପାଞ୍ଚଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ହାତକୁ ନିଆଯାଇଥିଲା । ପୁନଶ୍ଚ, ଏହା ମଧ ଦେଖା ଯାଇଥିଲା ଯେ ଏହି ପ୍ରକଳ୍ପଗୁଡ଼ିକର ସମ୍ଭାବ୍ୟତା ଏବଂ ଆବଶ୍ୟକତାକୁ ଆକଳନ ନକରି ହାତକୁ ନିଆଯାଇଥିଲା ଏବଂ ସେଥିପାଇଁ 21.16 ଲକ୍ଷ ଟଙ୍କାର ଖର୍ଚ୍ଚ ସତ୍ତ୍ୱେ ଏହି ସମ୍ପତ୍ତିର ବ୍ୟବହାର କରାଯାଇପାରି ନଥିଲା । ଏହିପରି, ଏହି ପ୍ରକଳ୍ପଗୁଡ଼ିକ ପାଇଁ ହୋଇଥିବା 21.16 ଲକ୍ଷ ଟଙ୍କା ବ୍ୟୟ ଫଳପ୍ରଦ ହୋଇନାହିଁ, ଯାହା ***ପରିଶିଷ୍ଟ 2.6*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

ଉଦାହରଣ ସ୍ୱରୂପ, ଏକ ଅଞ୍ଚଳରେ ଗୋଟିଏ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା ଯେଉଁଠାରେ ଜଳ ପ୍ରବାହ ନଥିଲା (**ଚିତ୍ର** 2.18), ଜଙ୍ଗଲ ଅଞ୍ଚଳ ଭିତରେ ଖେଳ ପଡ଼ିଆ ନିର୍ମାଣ କରାଯାଇଥିଲା (**ଚିତ୍ର** 2.19), ଗ୍ରାମୀଣ

[82] 5T ଉଚ୍ଚ ବିଦ୍ୟାଳୟ କାର୍ଯ୍ୟକ୍ରମ ହେଉଛି ଓଡ଼ିଶାରେ ଏକ ସରକାରୀ ପଦକ୍ଷେପ ଯାହା ସାରା ରାଜ୍ୟରେ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଆଧୁନିକୀକରଣ କରିବାକୁ ଲକ୍ଷ୍ୟ ରଖିବା ।

ହାଟ ବିଦ୍ୟମାନ ବଜାର ସ୍ଥାନ ବ୍ୟତୀତ ଅନ୍ୟ ଏକ ସ୍ଥାନରେ ନିର୍ମାଣ କରାଯାଇଥିଲା (**ଚିତ୍ର 2.20**) ଏବଂ ଦୋକାନୀମାନେ ବ୍ୟବହାର କରୁନଥିଲେ, ବ୍ୟବହାରରେ ନ ଥାଇ ଏକ ବିଛିନ୍ନ ନାଳ ନିର୍ମାଣ (**ଚିତ୍ର 2.21**) କରାଯାଇଥିଲା ।




*ଚିତ୍ର **2.18:** ଜାମଦା ପିଏସ୍‌ର ହେନସଦା ଗ୍ରାମ ପଞ୍ଚାୟତର ଧଲପୁର ଚରଣେଢ଼ାରେ ଚେକ୍ ଡ୍ୟାମ୍ ନିର୍ମାଣ **(20.07.2024)***




*ଚିତ୍ର **2.19:** ବୌଦ୍ଧ ଜିଲ୍ଲାର ବୌଦ୍ଧ ବ୍ଲକର ମୁଣ୍ଡାପଡ଼ା ଗ୍ରାମ ପଞ୍ଚାୟତରେ କାମିରାଠାରେ ଖେଳ ପଡ଼ିଆର ବିକାଶ(ବେନ୍ୟ ଅଞ୍ଚଳ) **(06.09.2024)***




*ଚିତ୍ର **2.20:** ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଥାକତର ଗୁଡ଼ଭେଲିପଦର ସିଲାଟପଦରରେ ସମ୍ପ୍ରଦାୟ ପାଇଁ ଗ୍ରାମୀଣ ହାଟ ନିର୍ମାଣ **(06.08.2024)***




*ଚିତ୍ର **2.21:** ମୟୁରଭଞ୍ଜ ଜିଲ୍ଲାର ଜାମପଡ଼ା ପିଏସ୍‌ର ହେନସଡ଼ା ଜିପି ଠାରେ ଟିରିଙ୍ଗି କୋଟା ଗ୍ରାମ ଜଟାପାଣି ଠାରେ ବିକ୍ଷିପ୍ତ ଖାଲ ନିର୍ମାଣ **(20.07.2024)***

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ଜିଲ୍ଲା ପରିଷଦଗୁଡ଼ିକର ସମ୍ପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏହି ପ୍ରସଙ୍ଗରେ ଆବଶ୍ୟକ ଅନୁପାଳନ ପାଇଁ ଅନୁରୋଧ କରାଯାଇଛି (ଏପ୍ରିଲ୍ 2025) ଏବଂ ତଦନୁଯାୟୀ ଭୁଲ କରିଥିବା ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.9.7 ସନ୍ଦେହଜନକ ଅର୍ଥ ପ୍ରଦାନ

ମାଷ୍ଟର ପରିପତ୍ର 2019-20 ର ଅନୁଚ୍ଛେଦ 7.12.5 ରେ କୁହାଯାଇଛି ଯେ ଯୋଗାଣକାରୀଙ୍କୁ ଦେୟ ପ୍ରଦାନ କରିବା ପାଇଁ ବ୍ୟବହୃତ ସାମଗ୍ରୀର ପରିମାଣ, ପ୍ରତି ୟୁନିଟ୍ ପିଛା ମୂଲ୍ୟ ଏବଂ ମୋଟ ଦେୟର ପରିମାଣକୁ ସୂଚାଇ ବିଲ୍ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ବିଲ୍ ପ୍ରସ୍ତୁତି ପାଇଁ ଯୋଗାଣକାରୀଙ୍କ ଦ୍ୱାରା ସାମଗ୍ରୀର ଯୋଗାଣ ଦର୍ଶାଉଥିବା ଭାଉଚର ଦାଖଲ କରିବାକୁ ହେବ । ଏହି ଭାଉଚର ଗୁଡ଼ିକର ନକଲ ଗ୍ରାମ ପଞ୍ଚାୟତ ସମ୍ବନ୍ଧିତ କାର୍ଯ୍ୟ ଫାଇଲରେ ରଖାଯିବା ଉଚିତ୍ । ସମୀକ୍ଷାରେ ଯେଉଁ ସନ୍ଦେହଜନକ ଦେୟର ଉଦାହରଣ ସାମ୍ନାକୁ ଆସିଲା ତାହା ନିମ୍ନରେ ଆଲୋଚନା କରାଯାଇଅଛି:

***(କ) ସାମଗ୍ରୀ ପାଇଁ ସନ୍ଦେହଜନକ ଅର୍ଥ ପ୍ରଦାନ:*** ଚିତ୍ରକୋଣ୍ଡା ପଞ୍ଚାୟତ ସମିତର ଗଜଲମାମୁଡି ଗ୍ରାମ ପଞ୍ଚାୟତରେ ବାଲି, ଗେଟି, ପଥର, ସିମେଣ୍ଟ ପରି ସାମଗ୍ରୀ ଯୋଗାଣ ପାଇଁ ବିକ୍ରେତାଙ୍କୁ 2.58 ଲକ୍ଷ ଟଙ୍କା (ଅଗଷ୍ଟ 2022 ରୁ ଜାନୁଆରୀ 2024) ପ୍ରଦାନ କରାଯାଇଥିବା ଦର୍ଶାଯାଇଅଛି । ତିନୋଟି ପ୍ରକଳ୍ପରେ ସିମେଣ୍ଟ କଂକ୍ରିଟ୍ କାର୍ଯ୍ୟ ପାଇଁ[83] ଏହି ତିନୋଟି କାର୍ଯ୍ୟର ମିଳିତ ସରଜମିନ ତଦନ୍ତ (ଜୁଲାଇ ଏବଂ ସେପ୍ଟେମ୍ବର) ସମୟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ, କୌଣସି ସିମେଣ୍ଟ କାର୍ଯ୍ୟ କାର୍ଯ୍ୟକାରୀ ହୋଇନାହିଁ, ଯାହା **ଚିତ୍ର 2.22** ଏବଂ **2.23** ରୁ ଦେଖାଯାଇପାରେ ।



***ଚିତ୍ର 2.22: ଟୋଟାଗୁଡ଼ାରେ ଥିବା କମ୍ୟୁନିଟି ଟ୍ୟାଙ୍କରେ ପଥର ଏବଂ ସିମେଣ୍ଟ କାର୍ଯ୍ୟ ସହିତ ଦେଖାଯାଇଛି (28 ଅଗଷ୍ଟ 2024)***



***ଚିତ୍ର 2.23: ଗଜଲମାମୁଡିରେ ଥିବା କମ୍ୟୁନିଟି ଟ୍ୟାଙ୍କରେ ପଥର ପ୍ୟାକିଂ କାର୍ଯ୍ୟ କାର୍ଯ୍ୟକାରୀ ହେଉଥିବା ଦେଖାଯାଇଛି (28 ଅଗଷ୍ଟ 2024)***

ଏହା ସୂଚାଇ ଦେଇଥିଲା ଯେ କାର୍ଯ୍ୟ ନିର୍ବାହ ନକରି ଅର୍ଥ ପ୍ରଦାନ କରାଯାଇଥିଲା, ତେଣୁ ଏହି ଅର୍ଥ ପ୍ରଦାନର ସତ୍ୟତା ସନ୍ଦେହଜନକ ଥିଲା ।

***(ଖ) ସନ୍ଦେହଜନକ ମଜୁରୀ ଅର୍ଥପ୍ରଦାନ :*** ଚିତ୍ରକୋଣ୍ଡା (ବ୍ଲକରେ) ବଡ଼ାପଡ଼ା ୟୁପି ସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟାରେ କାମ କରୁଥିବା ଶ୍ରମିକମାନଙ୍କୁ ମଜୁରୀ ବାବଦରେ ଗ୍ରାମ ପଞ୍ଚାୟତ ଦ୍ୱାରା 18,920 ଟଙ୍କା ପ୍ରଦାନ କରାଯାଇଥିବା (ଡିସେମ୍ବର 2021) ଦର୍ଶାଯାଇଥିଲା । ମିଳିତ ସରଜମିନ ତଦନ୍ତ (ଅଗଷ୍ଟ 2024) ସମୟରେ, ବିଦ୍ୟାଳୟ ପରିସରରେ କୌଣସି ବୃକ୍ଷରୋପଣ କାର୍ଯ୍ୟ ବିଦ୍ୟମାନ ଥିବା ଦେଖିବାକୁ ମିଳି ନ ଥିଲା । ଅଧିକନ୍ତୁ, ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧ ନିଶ୍ଚିତ କରିଛନ୍ତି ଯେ ବିଦ୍ୟାଳୟ ପରିସରରେ ଏପରି କୌଣସି ବୃକ୍ଷରୋପଣ କାର୍ଯ୍ୟ କରାଯାଇନାହିଁ । ଏହା ସୂଚାଇ ଦେଇଥିଲା ଯେ କାର୍ଯ୍ୟର ପ୍ରକୃତ କାର୍ଯ୍ୟକାରିତା ବିନା ମଜୁରୀ ପ୍ରଦାନ କରାଯାଇଥିଲା ।

ଏହାର ଉତ୍ତରରେ ବିଭାଗ (ମଇ 2025) ଜଣାଇଥିଲେ ଯେ ଜିଲ୍ଲା ପରିଷଦର ସମ୍ପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏହି ପ୍ରସଙ୍ଗରେ ଆବଶ୍ୟକୀୟ ଅନୁପାଳନ ପାଇଁ ଅନୁରୋଧ କରାଯାଇଅଛି (ଏପ୍ରିଲ୍ 2025) ଏବଂ ତଦନୁଯାୟୀ ଦୋଷୀଯୁକ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.9.8 କାର୍ଯ୍ୟସ୍ଥଳ ସୁବିଧାର ଅବ୍ୟବସ୍ଥା

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.12 ଅନୁଯାୟୀ ଶ୍ରମିକମାନଙ୍କୁ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବାକ୍ସ, ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ କ୍ରେଚ୍ ଭଳି ସୁବିଧା କାର୍ଯ୍ୟସ୍ଥଳରେ ଯୋଗାଇ ଦିଆଯିବାକଥା ।

---

[83] 1. ଟୋଟାଗୁଡ଼ାଠାରେ ଗୋଷ୍ଠୀ ପୋଖରୀ, 2. ଅଞ୍ଜରୀଗୁଡ଼ାଠାରେ ଗୋଷ୍ଠୀ ପୋଖରୀ ଏବଂ 3. ଗଜଲମାମୁଡ଼ି ଠାରେ ଗୋଷ୍ଠୀ ପୋଖରୀ

ସମୀକ୍ଷାରେ 280 ଟି କାର୍ଯ୍ୟର ନମୁନା ଯାଞ୍ଚ କରିଥିଲା ଏବଂ ଲକ୍ଷ୍ୟ କଲା ଯେ ଏହି କାର୍ଯ୍ୟସ୍ଥଳ ସୁବିଧାଗୁଡ଼ିକର ବ୍ୟବସ୍ଥା ପାଇଁ କୌଣସି ଦେୟ ଦିଆଯାଇ ନଥିଲା । ଏହା ବ୍ୟତୀତ, ହିତାଧିକାରୀଙ୍କ ସାକ୍ଷାତକାରରେ 29 ପ୍ରତିଶତ ହିତାଧିକାରୀ କହିଥିଲେ ଯେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ନାହିଁ ଏବଂ 50 ପ୍ରତିଶତ ହିତାଧିକାରୀ କହିଥିଲେ ଯେ କାର୍ଯ୍ୟସ୍ଥଳୀରେ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇନାହିଁ ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ, କାର୍ଯ୍ୟସ୍ଥଳ ସୁବିଧା ଯୋଗାଇବା ନିଶ୍ଚିତ କରିବା ସମ୍ପୃକ୍ତ କାର୍ଯ୍ୟକାରୀ ସଂସ୍ଥାର ଦାୟିତ୍ୱ । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟ ଉପରେ ନଜର ରଖିବା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିର୍ଦ୍ଦେଶାବଳୀର ପ୍ରାବଧାନ ଗୁଡ଼ିକ ପାଳନ କରାଯାଇଛି କି ନାହିଁ ତାହା ସୁନିଶ୍ଚିତ କରିବା ବିଭାଗର ସାମଗ୍ରିକ ଦାୟିତ୍ୱ ଅଟେ ।

### 2.9.9 କାର୍ଯ୍ୟସ୍ଥଳରେ ବିଲ୍ ଏବଂ ଭାଉଚର୍ ଗୁଡ଼ିକର ଯାଞ୍ଚ ନହେବା

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.11.5 ଅନୁଯାୟୀ ଯେତେବେଳେ ଏକ କାର୍ଯ୍ୟ ଚାଲିଥାଏ, ସେହି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ସପ୍ତାହରେ ଅତି କମରେ ଥରେ ସେମାନଙ୍କ କାର୍ଯ୍ୟସ୍ଥଳର ସମସ୍ତ ବିଲ୍ ଯାଞ୍ଚ ଏବଂ ପ୍ରମାଣିତ କରିବା ପାଇଁ ନିଜ ମଧ୍ୟରୁ ଜଣେ ଶ୍ରମିକଙ୍କୁ ଚୟନ କରିବେ । ତଥାପି, ମନୋନୀତ 10 ଟି ପଞ୍ଚାୟତ ସମିତି ମଧ୍ୟରୁ ତିନିଟିରେ, ଅଡିଟ୍ 280 ଟି କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ 102 ଟି କାର୍ଯ୍ୟରେ ବିଲ୍ ଶ୍ରମିକମାନଙ୍କ ଦ୍ୱାରା ଯାଞ୍ଚ ଏବଂ ପ୍ରମାଣିତ ହୋଇନଥିଲା । କାର୍ଯ୍ୟସ୍ଥଳରେ ଏହି ବିଲ୍ ଗୁଡ଼ିକର ଯାଞ୍ଚ ଏବଂ ପ୍ରମାଣୀକରଣର ଅନୁପସ୍ଥିତି ସ୍ୱଚ୍ଛତାର ଅଭାବ ଏବଂ ମିଥ୍ୟା ବିଲ୍ ଦାଖଲ କରିବାର ଅଧିକ କ୍ଷତିଭୟକୁ ସୂଚାଇ ଦେଇଛି ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ବିଭିନ୍ନ ବିଚାରପୀଠ ବୈଠକ ଏବଂ ସର୍କୁଲାର ମାଧ୍ୟମରେ କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ବିଲ୍ ଏବଂ ଭାଉଚର ଯାଞ୍ଚ କରିବାକୁ ସମୟ ସମୟରେ ନିର୍ଦ୍ଦେଶ ଦିଆଯାଇଥିଲା ।

***ସୁପାରିଶ 2.4:***

***ରାଜ୍ୟ, ଜିଲ୍ଲା ଓ ବ୍ଲକ୍‌ସ୍ତରର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି, ଯାହାଫଳରେ ସେଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତିକୁ ସୁନିଶ୍ଚିତ କରାଯାଇ ପାରିବ ଏବଂ ବକେୟା ଥିବା କାମଗୁଡ଼ିକର ସମାପ୍ତି ପରେ ହିଁ ନୂତନ କାର୍ଯ୍ୟ ହାତକୁ ନିଆଯିବା ଉଚିତ୍ ।***

***ସୁପାରିଶ 2.5:***

***ଏକୀକୃତ ଶ୍ରମ ବଜେଟ୍ ଅନୁମୋଦନ କରିବା ସମୟରେ ଏବଂ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ସ୍ତରରେ ଗ୍ରାମ ପଞ୍ଚାୟତମାନଙ୍କ ପାଇଁ ପ୍ରକଳ୍ପର ସାରଣୀ ପ୍ରସ୍ତୁତ କରିବା ସମୟରେ ଅସ୍ଥାୟୀ ସମ୍ପତ୍ତି ସୃଷ୍ଟି ଏବଂ ଅନୁମୋଦିତ ହୋଇନଥିବା କାର୍ଯ୍ୟ/ ପ୍ରକଳ୍ପର କାର୍ଯ୍ୟକାରିତା କଠୋର ଭାବରେ ନିଷେଧ କରାଯିବା ଉଚିତ୍ ।***

### 2.10 ତଦାରଖ ଏବଂ ନିରୀକ୍ଷଣ

ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପର୍ଯ୍ୟାଲୋଚନା ଢ଼ାଞ୍ଚାରେ ବିଭିନ୍ନ ବ୍ୟବସ୍ଥାକୁ ବ୍ୟବହାର କରି ଏକ ବହୁସ୍ତରୀୟ ଆଭିମୁଖ୍ୟ ଅନ୍ତର୍ଭୁକ୍ତ । ଏମ୍‌ଜିଏନ୍‌ଆର୍‌ଇଜିଏସ 2005 ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିଚାଳନା ମାର୍ଗଦର୍ଶିକା, 2013 ଅନୁଯାୟୀ, ଦୁର୍ନୀତି ନିବାରଣ ଏବଂ ପର୍ଯ୍ୟାଲୋଚନା କମିଟି, ଜିଲ୍ଲା ଗୁଣବତ୍ତା ପର୍ଯ୍ୟବେକ୍ଷକ, ରାଜ୍ୟ ଗୁଣବତ୍ତା ପର୍ଯ୍ୟବେକ୍ଷକ, ଜାତୀୟ ସ୍ତରୀୟ ପର୍ଯ୍ୟବେକ୍ଷକ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଏବଂ ରାଜ୍ୟ ସାମାଜିକ ସମୀକ୍ଷା ୟୁନିଟ୍ ଦ୍ୱାରା ସାମାଜିକ ଅଡିଟ୍ ମାଧ୍ୟମରେ, ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଯୋଜନାର ସାମଗ୍ରୀକ କାର୍ଯ୍ୟକାରିତା ଉପରେ ନଜର ରଖାଯାଏ ।

### 2.10.1 ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର କାର୍ଯ୍ୟକାରିତା

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ (ଏସଇଜିସି) ଗଠନ କରାଯାଇଥିଲା (ନଭେମ୍ବର 2007) । ପରିଚାଳନା ମାର୍ଗଦର୍ଶିକା 2013 ର ଅନୁଚ୍ଛେଦ 1.4 ଅନୁଯାୟୀ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଯୋଜନାର ମୂଲ୍ୟାଙ୍କନ, ସମୀକ୍ଷା ଏବଂ ଅନୁଧ୍ୟାନ କରିବ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ ଫଳାଫଳ ଉପରେ ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବ, ଯାହା ରାଜ୍ୟ ବିଧାନସଭାରେ ଉପସ୍ଥାପିତ ହେବ । ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ପଦାସୀନ ଭାବେ ଉପାଧ୍ୟକ୍ଷ ଥିଲେ । ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ଅଧିକାରୀ ସଦସ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ,ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଅର୍ଥ ଏବଂ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ସମେତ ନଅଟି ସଂପୃକ୍ତ ବିଭାଗର ସଚିବ ଆଦି ସାମିଲ ଥିଲେ ।

ଅଡିଟ୍ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର କାର୍ଯ୍ୟ ଧାରାରେ ନିମ୍ନଲିଖିତ ତ୍ରୁଟି ଲକ୍ଷ୍ୟ କରିଥିଲା :

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନର ଧାରା 12 ଅନୁଯାୟୀ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ପ୍ରତିବର୍ଷ ଅତି କମ୍‌ରେ ଦୁଇ ଥର ବୈଠକ କରିବାର ଥିଲା । ତେବେ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ 2019-24 ଆର୍ଥିକ ବର୍ଷରେ ସର୍ବନିମ୍ନ 10ଟି ବୈଠକର ଆବଶ୍ୟକତା ଥିଲାବେଳେ ମାତ୍ର ତିନିଥର[84] ବୈଠକ କରିଥିଲା । ଆହୁରି 14 ଅକ୍ଟୋବର 2022 ପରଠାରୁ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ବୈଠକ ବସି ନାହିଁ, ତେଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫଳାଫଳ ଉପରେ ବାର୍ଷିକ ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ, 2021-22, 2022-23 ଏବଂ 2023-24 ପାଇଁ ରାଜ୍ୟ ବିଧାନ ସଭାରେ ଉପସ୍ଥାପନା ପାଇଁ ଅନୁମୋଦନ ଲାଭ କରିପାରିଲା ନାହିଁ, ଯାହା ଫଳରେ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ସମ୍ବନ୍ଧରେ କାର୍ଯ୍ୟପାଳିକାଙ୍କ ଉତ୍ତରଦାୟିତ୍ୱ ହ୍ରାସ ପାଇଥିଲା ।
- ପରିଚାଳନା ନିର୍ଦ୍ଦେଶାବଳୀ, 2013ର ଅନୁଚ୍ଛେଦ 13.14.3 ଅନୁଯାୟୀ ଲୋକପାଳଙ୍କ ଦ୍ୱାରା ସମାଧାନ ହୋଇଥିବା ମାମଲାଗୁଡିକର ଏକ ସାରାଂଶ ରିପୋର୍ଟ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦକୁ ରିପୋର୍ଟ କରାଯିବାର ଥିଲା, ଯାହା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫଳାଫଳ ଉପରେ ଥିବା ବାର୍ଷିକ ରିପୋର୍ଟର ଏକ ଅଂଶ ହେବ । ତେବେ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ନିୟମିତ ବୈଠକର ଅନୁପସ୍ଥିତିରେ ଲୋକପାଳଙ୍କ ସାରାଂଶ ରିପୋର୍ଟ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦକୁ ରିପୋର୍ଟ କରାଯାଇ ପାରିଲା ନାହିଁ ଏବଂ ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫଳାଫଳ ସମ୍ପର୍କିତ ବାର୍ଷିକ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇ ପାରିନଥିଲା ।
- ଅନୁଚ୍ଛେଦ 13.4.5 ଅନୁଯାୟୀ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ, ସାମାଜିକ ସମୀକ୍ଷାର ଫଳାଫଳ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିବାର ଥିଲା । ଅକ୍ଟୋବର 2022 ପରଠାରୁ କୌଣସି ବୈଠକର ଅନୁପସ୍ଥିତିରେ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ସାମାଜିକ ସମୀକ୍ଷାର ଫଳାଫଳ ଉପରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ରିପୋର୍ଟର ସମୀକ୍ଷା ଏବଂ ତଦାରଖ କରିପାରି ନଥିଲା ।

ବିଭାଗ ତଥ୍ୟକୁ ନିଶ୍ଚିତ କରିଥିଲେ ଏବଂ ଜଣାଇଥିଲେ ଯେ (ମଇ 2025) ନିୟମ ଅନୁଯାୟୀ ନିୟମିତ ବ୍ୟବଧାନରେ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ବୈଠକ ଆୟୋଜନ କରିବାକୁ ପଦକ୍ଷେପ ନିଆଯିବ ।

### 2.10.2 ଦୁର୍ନୀତି ନିବାରଣ ଏବଂ ପର୍ଯ୍ୟାଲୋଚନା କମିଟିର ଗଠନ

ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 13.6.2 ରୁ 13.6.4 ଅନୁଯାୟୀ ରାଜ୍ୟ ସ୍ତରରେ ଏକ ଦୁର୍ନୀତି ନିବାରଣ ସେଲ୍, ଜିଲ୍ଲା ସ୍ତରରେ ଏକ ଜିଲ୍ଲା ଦୁର୍ନୀତି ନିବାରଣ ସେଲ୍, ଏବଂ ସ୍ଥାନୀୟ ସ୍ତରରେ ଏକ ଦୁର୍ନୀତି ନିବାରଣ ଏବଂ ପର୍ଯ୍ୟାଲୋଚନା କମିଟି ଗଠନ କରାଯିବ । ଏହା ସେଲ୍‌ଗୁଡିକ ଯୋଜନାର କାର୍ଯ୍ୟକାରିତା ଉପରେ ଅଭିଯୋଗ

[84] 25 ମାର୍ଚ୍ଚ 2021, 16 ନଭେମ୍ବର 2021 ଏବଂ14 ଅକ୍ଟୋବର 2022

ଗ୍ରହଣ କରିବେ, ଅନିୟମିତତାକୁ ଠାବ କରିବେ, ଶ୍ରମିକମାନଙ୍କ ସହିତ କଥାବାର୍ତ୍ତା କରିବେ ଏବଂ ସାମାଜିକ ସମୀକ୍ଷା କରିବା ପାଇଁ ନିୟମିତ କ୍ଷେତ୍ର ପରିଦର୍ଶନ କରିବେ ।

ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତରେ ଲକ୍ଷ୍ୟ କରାଗଲା ଯେ ବାଙ୍କି ପଞ୍ଚାୟତ ସମିତିର କଳାପଥର ଗ୍ରାମପଞ୍ଚାୟତ ବ୍ୟତୀତ ଅନ୍ୟ କୌଣସିଠାରେ ଦୁର୍ନୀତି ନିବାରଣ ଏବଂ ପର୍ଯ୍ୟାଲୋଚନା କମିଟି ଗଠନ କରାଯାଇନାହିଁ । ତେଣୁ ଶ୍ରମିକମାନଙ୍କ ସହ ଯୋଗାଯୋଗ କରିବା ଏବଂ ଅନିୟମିତତାକୁ ଚିହ୍ନଟ କରିବା ପାଇଁ କୌଣସି କ୍ଷେତ୍ର ପରିଦର୍ଶନ କରାଯାଇନଥିଲା ।

ଏହାର ଉତ୍ତରରେ ବିଭାଗ (ମଇ 2025) ଜଣାଇଥିଲେ ଯେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସେଲ୍ ଏବଂ ସ୍ଥାନୀୟ ସ୍ତରରେ ଦୁର୍ନୀତି ନିବାରଣ କମିଟି ଗଠନ କରିବାକୁ ଜିଲ୍ଲାଗୁଡିକୁ ନିର୍ଦ୍ଦେଶ ଦିଆଯାଇଅଛି ।

### *2.10.3 ରାଜ୍ୟ ଏବଂ ଜିଲ୍ଲା ଗୁଣବତ୍ତା ପର୍ଯ୍ୟାଲୋଚନାର ପ୍ରଭାବଶୀଳତା*

ପରିଚାଳନା ମାର୍ଗଦର୍ଶିକା ଅନୁଚ୍ଛେଦ 14.8 ଏବଂ 14.10.4 ଅନୁଯାୟୀ ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚକ (ଏସକ୍ୟୁଏମ୍) କାର୍ଯ୍ୟର ଅଗ୍ରଗତି ସମୟରେ ଅତି କମରେ ପାଞ୍ଚ ପ୍ରତିଶତ କାର୍ଯ୍ୟ ଯାଞ୍ଚ କରିବ, ଯାହା ଦ୍ୱାରା ସେଗୁଡିକର ଗୁଣବତ୍ତା ଆକଳନ କରାଯାଇପାରିବ । ଆହୁରି ମଧ ବାର୍ଷିକ ମାଷ୍ଟର ପରିପତ୍ର 2019-20 ର ଅନୁଚ୍ଛେଦ 7.12.1 ଅନୁଯାୟୀ ଏକ ଜିଲ୍ଲା ଗୁଣବତ୍ତା ପର୍ଯ୍ୟାଲୋଚନା (ଡିକ୍ୟୁଏମ୍) ସେଲ୍ ରହିବ ଯେଉଁଥିରେ 10 ରୁ 15 ଜଣ ବୈଷୟିକ ଅଧିକାରୀଙ୍କୁ ନେଇ ଏକ ପ୍ୟାନେଲ୍ ରହିବ ଯାହା ଏହି ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ଅତି କମ୍‌ରେ 10 ପ୍ରତିଶତ କାର୍ଯ୍ୟର ତଦାରଖ ଏବଂ ମୂଲ୍ୟାଙ୍କନ କରିବ ।

ସମୀକ୍ଷାରେ ଅବଲୋକନ କରାଗଲା ଯେ ଯଦିଓ ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚକ ସେଲ୍ ଗଠନ କରାଯାଇ (ଫେବୃଆରୀ 2020) ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହାର ନିର୍ଦ୍ଦେଶକ ଭାବରେ ଗ୍ରହଣ କରାଯାଇଥିଲା, ଏହାର କାର୍ଯ୍ୟକାରିତା ପ୍ରଭାବହୀନ ରହିଥିଲା କାରଣ ଯାଞ୍ଚ ହୋଇଥିବା କୌଣସି ଜିଲ୍ଲାରେ ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚକ 2019-24 ଆର୍ଥିକ ବର୍ଷ ମଧରେ କୌଣସି କାର୍ଯ୍ୟ ପରିଦର୍ଶନ କରି ଯାଞ୍ଚ କରିନଥିଲେ । ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚନା ସେଲ୍‌ର ଅଚଳ ହେବାର କୌଣସି କାରଣ ରେକର୍ଡରେ ନଥିଲା । ଏହା ବ୍ୟତୀତ 2019-24 ଆର୍ଥିକ ବର୍ଷରେ କୌଣସି ଜିଲ୍ଲାରେ ଡିପିସି ଦ୍ୱାରା କୌଣସି ଜିଲ୍ଲା ଗୁଣବତ୍ତା ପର୍ଯ୍ୟାଲୋଚକ ନିଯୁକ୍ତ ହୋଇନଥିଲା । ତେଣୁ ରାଜ୍ୟ/ଜିଲ୍ଲା ସ୍ତରୀୟ ଗୁଣବତ୍ତା ପର୍ଯ୍ୟାଲୋଚକଙ୍କ ଦ୍ୱାରା କୌଣସି ଯାଞ୍ଚ ଅନୁପସ୍ଥିତି ହେତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅଧୀନରେ କରାଯାଇଥିବା କାର୍ଯ୍ୟର ଗୁଣବତ୍ତା ସ୍ୱାଧୀନ ଭାବରେ ମୂଲ୍ୟାଙ୍କନ କରାଯାଇପାରିଲା ନାହିଁ । ଏହି ରିପୋର୍ଟରେ **ଅନୁଚ୍ଛେଦ** 2.9.3 ରେ ଆଲୋଚନା ଅନୁଯାୟୀ ମିଳିତ ସରଜମିନ ତଦନ୍ତ ସମୟରେ କାର୍ଯ୍ୟର ଗୁଣବତ୍ତା ସମ୍ବନ୍ଧୀୟ ସମସ୍ୟା ସମୀକ୍ଷାରେ ଲକ୍ଷ୍ୟ କରାଯାଇଅଛି ।

ଏହାର ଉତ୍ତରରେ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ (ମଇ 2025) ଜଣାଇଥିଲେ ଯେ ଅକ୍ଟୋବର 2024ରେ ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚନା ସେଲ୍‌ର ପୁନର୍ଗଠନ କରାଯାଇଥିଲା । ତେବେ ବାସ୍ତବରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ସମୀକ୍ଷା ଅବଧି ମଧରେ ଏହା ଅଚଳ ରହିଥିଲା ।

### 2.10.4 ଅଭିଯୋଗର ସମାଧାନ

ପରିଚାଳନା ମାର୍ଗଦର୍ଶିକା 2013 ର ଅନୁଚ୍ଛେଦ 13.14ରେ କୁହାଯାଇଅଛି ଯେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାର କାର୍ଯ୍ୟାନ୍ୱୟନ ସଂକ୍ରାନ୍ତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ଲାଗି ରାଜ୍ୟ ସରକାର ସମସ୍ତ ଜିଲ୍ଲାରେ ଲୋକପାଳ କାର୍ଯ୍ୟାଳୟ ପ୍ରତିଷ୍ଠା କରିବେ । ଲୋକପାଳଙ୍କ ଦ୍ୱାରା ଅସୁଲ ପାଇଁ ସୁପାରିଶ କରାଯାଇଥିବା ରାଶି ଡିପିସି ଦ୍ୱାରା ଆଦାୟ କରାଯିବ ଏବଂ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି (ଏସଇଜିଏଫ) ରେ ଜମା କରାଯିବ । ପୁନଶ୍ଚ ଏମ୍‌ଜିଏନ୍‌ଆର୍‌ଇଜିଏସ ର ଧାରା 23 (6) ଅନୁଯାୟୀ ପିଓ ଏକ ଅଭିଯୋଗ ରେଜିଷ୍ଟର ପରିଚାଳନା କରିବେ ଏବଂ ଏଥିରେ ପ୍ରତ୍ୟେକ ଅଭିଯୋଗ ଦରଜ କରିବେ ଏବଂ ବିବାଦ ଏବଂ ଅଭିଯୋଗ ଗ୍ରହଣ କରିବାର ସାତ ଦିନ ମଧରେ ସମାଧାନ କରିବେ ।

ସମୀକ୍ଷାରେ ଅଭିଯୋଗର ସମାଧାନରେ ନିମ୍ନଲିଖିତ ତ୍ରୁଟି ଲକ୍ଷ୍ୟ କରାଯାଇଥିଲା ।

- ***ଲୋକପାଳଙ୍କ ଅଣ-ନିଯୁକ୍ତି***: ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ମାର୍ଚ୍ଚ 2024 ସୁଦ୍ଧା ରାଜ୍ୟର 30ଟି ଜିଲ୍ଲା ମଧ୍ୟରୁ 10ଟି ଜିଲ୍ଲାରେ ଲୋକପାଳ ନିଯୁକ୍ତି ପାଇଁ କୌଣସି ଉଦ୍ୟମ କରାଯାଇ ନାହିଁ ଏବଂ ପାଞ୍ଚଟି ଜିଲ୍ଲାରେ ନିଯୁକ୍ତି ପ୍ରକ୍ରିୟାରେ ବିବାଦ କାରଣରୁ ଲୋକପାଳ ନିଯୁକ୍ତି କରାଯାଇପାରିନାହିଁ ।
- ***ଲୋକପାଳଙ୍କ ସୁପାରିଶର ଦୁର୍ବଳ ଅନୁସରଣ***: 2021-24 ଆର୍ଥିକ ବର୍ଷରେ ରାଜ୍ୟ ସ୍ତରରେ ପ୍ରାପ୍ତ 1,285 ଅଭିଯୋଗ ମଧ୍ୟରୁ 1.61 କୋଟି ଟଙ୍କା ଆଦାୟ ପାଇଁ ସୁପାରିଶ ସହିତ 1,139ଟି ମାମଲାର ସମାଧାନ ହୋଇଛି । ଏହି ରାଶି ମଧ୍ୟରୁ ଭୁଲ୍ କରିଥିବା ଦୋଷୀ ଅଧିକାରୀଙ୍କ ଠାରୁ ମାତ୍ର 14.54 ଲକ୍ଷ ଟଙ୍କା (ନଅ ପ୍ରତିଶତ) ଆଦାୟ କରାଯାଇଥିବାବେଳେ ଅଗଷ୍ଟ 2024 ସୁଦ୍ଧା 1.47[85] କୋଟି ଟଙ୍କାର ଅସୁଲ ବିଚାରାଧୀନ ଥିଲା । ବୌଦ୍ଧ, ଯାଜପୁର, ଗଞ୍ଜାମ, ଜଗତସିଂପୁର, କେନ୍ଦୁଝର ଏବଂ ମାଲକାନାଗିରିର ଡିପିସି ଗୁଡିକ କୌଣସି ରାଶି ଆଦାୟ କରିନାହାଁନ୍ତି (ଅଗଷ୍ଟ 2023) ଏବଂ ଅନ୍ୟ ଜିଲ୍ଲାରେ ଡିପିସି, ଦୋଷୀ ଅଧିକାରୀଙ୍କ ଠାରୁ କେବଳ ଆଂଶିକ ଆଦାୟ କରିଛନ୍ତି ।
- ***ଅଭିଯୋଗ ରେଜିଷ୍ଟର ରକ୍ଷଣାବେକ୍ଷଣ ନ କରିବା*** : ଯାଞ୍ଚ ହୋଇଥିବା 10ଟି ପଞ୍ଚାୟତ ସମିତି ଏବଂ 40ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ସାତଟି ପଞ୍ଚାୟତ ସମିତ ଏବଂ 27ଟି ଗ୍ରାମ ପଞ୍ଚାୟତରେ କୌଣସି ଅଭିଯୋଗ ରେଜିଷ୍ଟର ରଖାଯାଇନଥିଲା । ଅଭିଯୋଗ ରେଜିଷ୍ଟରର ଅଭାବରେ ଅଡିଟ୍ ଏହି ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡିକରେ ଅଭିଯୋଗ ସମାଧାନ ବ୍ୟବସ୍ଥା ଥିବାର ଆଶ୍ୱାସନା ପ୍ରାପ୍ତ କରିପାରିଲା ନାହିଁ ।

ତେଣୁ ସମସ୍ତ ଜିଲ୍ଲାରେ ଲୋକପାଳ ନିଯୁକ୍ତି ନ ହେବା, ଡିପିସିଙ୍କ ଦ୍ୱାରା ସେମାନଙ୍କ ସୁପାରିଶ ପ୍ରତି କମ ପ୍ରତିକ୍ରିୟା ଏବଂ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗର ସମାଧାନ କରିବାରେ ଅଭାବ, ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ପ୍ରଭାବହୀନ କରିଦେଇଛି ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ଲୋକପାଳଙ୍କ ଦ୍ୱାରା ସୁପାରିଶ ରାଶିର ଆଦାୟ କରିବାକୁ ଏବଂ ଏହାକୁ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିରେ ଜମା କରିବାକୁ ଜିଲ୍ଲାଗୁଡିକୁ ଅନୁରୋଧ କରାଯାଇଅଛି (ଏପ୍ରିଲ 2025) । ଅଭିଯୋଗର ସମାଧାନ ସଂପର୍କରେ ବିଭାଗ ଜଣାଇଥିଲେ ଯେ ଆବଶ୍ୟକ ଅନୁପାଳନ ପାଇଁ ଜିଲ୍ଲା ପରିଷଦଗୁଡିକର ସଂପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଅଛି (ଜାନୁଆରୀ 2025) ।

### 2.10.5 ସାମାଜିକ ସମୀକ୍ଷା

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିରନ୍ତର ଜନସତର୍କତାର ମାଧ୍ୟମ ଭାବରେ 'ସାମାଜିକ ସମୀକ୍ଷା' ଏକ ମୁଖ୍ୟ ଭୂମିକା ଗ୍ରହଣ କରେ । ପରିଚାଳନା ମାର୍ଗଦର୍ଶିକା 2013 ର ଅନୁଚ୍ଛେଦ 13.1.1 ଏବଂ 13.1.2 ଅନୁଯାୟୀ ପ୍ରକଳ୍ପ ଆଇନ ଏବଂ ନୀତିର କାର୍ଯ୍ୟାନ୍ୱୟନରେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଛଅମାସରେ ଥରେ ସାମାଜିକ ସମୀକ୍ଷା କରାଯିବ, ଯେଉଁଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମସ୍ତ ଦିଗଗୁଡିକର ସମୀକ୍ଷା ଅନ୍ତର୍ଭୁକ୍ତ ହେବ । ସାମାଜିକ ସମୀକ୍ଷା ରିପୋର୍ଟର ଫଳାଫଳକୁ କାର୍ଯ୍ୟାନୁଷ୍ଠାନ ଏବଂ ସମାଧାନ ପାଇଁ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ । ଏହା ବ୍ୟତୀତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ମାଷ୍ଟର ସର୍କୁଲାର ଅନୁଚ୍ଛେଦ 10.1.9 ଅନୁଯାୟୀ ଡିପିସି ନିଶ୍ଚିତ କରିବେ ଯେ ସାମାଜିକ ଅଡିଟ୍ ରିପୋର୍ଟ ଆଧାରରେ ସଂଶୋଧିତ ପଦକ୍ଷେପ ନିଆଯାଇଅଛି, ଯେଉଁଥିରେ ଆତ୍ମସାତ ହୋଇଥିବା ରାଶି ଆଦାୟ ଇତ୍ୟାଦି ପଦକ୍ଷେପ ଅନ୍ତର୍ଭୁକ୍ତ । ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ସାମାଜିକ ସମୀକ୍ଷା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ତଦାରଖ କରିବ ଏବଂ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହେବାକୁ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ର ଫଳାଫଳ ଉପରେ ବାର୍ଷିକ ରିପୋର୍ଟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ ଅନ୍ତର୍ଭୁକ୍ତ କରିବ ।

[85] 2021-22: 0.19 ଲକ୍ଷ ଟଙ୍କା, 2022-23: 97.20 ଲକ୍ଷ ଟଙ୍କା, 2023-24: 49.42 ଲକ୍ଷ ଟଙ୍କା

ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଓଡ଼ିଶାରେ ସାମାଜିକ ସମୀକ୍ଷା ସୁବିଧା ଯୋଗାଇବା ପାଇଁ ରାଜ୍ୟ ସ୍ତରରେ ଏକ ରାଜ୍ୟ ସାମାଜିକ ସମୀକ୍ଷା ୟୁନିଟ୍[86] ଗଠନ (ସେପ୍ଟେମ୍ବର 2011) କରାଯାଇଅଛି । 2019-24 ଆର୍ଥିକ ବର୍ଷ ମଧ୍ୟରେ ଏହା 6,794 ଗ୍ରାମ ପଞ୍ଚାୟତର ଗ୍ରାମ ସଭାରେ 39,918 ଟି ସାମାଜିକ ସମୀକ୍ଷା ସୁବିଧା ପ୍ରଦାନ କରିଛି, ଯାହା ପ୍ରତି ଗ୍ରାମ ପଞ୍ଚାୟତରେ ହାରାହାରି ଏକଟି ସାମାଜିକ ସମୀକ୍ଷା ଥିଲା । ଏହି ସାମାଜିକ ସମୀକ୍ଷା ଗୁଡ଼ିକରେ 9.79 କୋଟି ଟଙ୍କାର ଆତ୍ମସାତ୍ ସମେତ ବିଭିନ୍ନ ପ୍ରସଙ୍ଗରେ 91,272ଟି ପର୍ଯ୍ୟବେକ୍ଷଣ ଉତ୍ଥାପନ କରାଯାଇଥିଲା । ଏହି ଆତ୍ମସାତ୍ ରାଶିରୁ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ମାର୍ଚ୍ଚ 2024 ସୁଦ୍ଧା 4 କୋଟି ଟଙ୍କା ଅସୁଲ କରାଯାଇଛି ଏବଂ 21,788 ଟି ମାମଲାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଅଛି ।

ତଥାପି, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ସ୍ତରରେ କୌଣସି ପର୍ଯ୍ୟାଲୋଚନା କରାଯାଇନଥିଲା କାରଣ ଏହା ଅକ୍ଟୋବର 2022 ପରଠାରୁ ବୈଠକ କରିନଥିଲା । ଏହା ସୂଚାଇ ଦେଉଛି ଯେ ଯଦିଓ ସାମାଜିକ ସମୀକ୍ଷା ୟୁନିଟ୍ ରାଜ୍ୟରେ କାର୍ଯ୍ୟକ୍ଷମ ଥିଲା ତଥାପି ସର୍ବୋଚ୍ଚ ସ୍ତରରେ ଅର୍ଥାତ୍ ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଦ୍ୱାରା ତଦାରଖ ସହିତ ଏହାକୁ ଆହୁରି ମଜ୍‌ବୁତ୍ କରାଯାଇପାରିଥାନ୍ତା ।

### 2.10.6 ମାନବ ସମ୍ବଳ ଉପଲବ୍ଧତା

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନିୟମ, 2005 ଧାରା 18 ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକ କର୍ମକର୍ତ୍ତାଙ୍କ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛି । ପୁନଶ୍ଚ, ପରିଚାଳନା ମାର୍ଗଦର୍ଶିକା, 2013 ର ଅନୁଚ୍ଛେଦ 2.4.2 ରେ ରାଜ୍ୟ, ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ନିଯୁକ୍ତ ହେବାକୁ ଥିବା ବିଭିନ୍ନ ପଦାଧିକାରୀଙ୍କ ପାଇଁ ବ୍ୟବସ୍ଥା ପ୍ରଦାନ କରାଯାଇଛି । ପରିଚାଳନା ମାର୍ଗଦର୍ଶିକା ଅନୁଯାୟୀ, ଏମ୍‌ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସହାୟତା କରିବା ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ନିଯୁକ୍ତ କରାଯିବ । ସେହିଭଳି, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପଞ୍ଚାୟତ ସମିତି ସ୍ତରରେ ଜଣେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ନିଯୁକ୍ତ ହେବେ । ରାଜ୍ୟ ସ୍ତରରେ ଏକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକୋଷ୍ଠ ପ୍ରତିଷ୍ଠା କରାଯିବ, ଯାହା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟାନ୍ୱୟନ ପାଇଁ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗକୁ ପରିଚାଳନାଗତ ଏବଂ ବୈଷୟିକ କ୍ଷମତା ପ୍ରଦାନ କରିବ । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ ତଥା କାର୍ଯ୍ୟକ୍ରମ ପରିଚାଳକ, କାର୍ଯ୍ୟକ୍ରମ ସହଯୋଗୀ, କାର୍ଯ୍ୟକ୍ରମ ସହାୟକ ଆଦିଙ୍କୁ ନିଯୁକ୍ତି ଦିଆଯିବ ।

ଜୁନ୍ 2024 ସୁଦ୍ଧା ରାଜ୍ୟ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଆବଶ୍ୟକ କର୍ମଚାରୀଙ୍କ ଅନୁମୋଦିତ ପଦବୀ ଓ ଖାଲି ପଦବୀ **ସାରଣୀ 2.5** ରେ ଦର୍ଶାଯାଇଛି ।

***ସାରଣୀ 2.5: ଜୁନ୍ 2024 ସୁଦ୍ଧା ମାନବ ସମ୍ବଳର ସ୍ଥିତି***

| ପଦବୀ ନାମ | ଅନୁମୋଦିତ କ୍ଷମତା | ପଦବୀରେ ଥିବା ବ୍ୟକ୍ତି | ଅଭାବ | ଅଭାବର ପ୍ରତିଶତ |
|---|---|---|---|---|
| କାର୍ଯ୍ୟକ୍ରମ ପରିଚାଳକ (ରାଜ୍ୟ ସ୍ତର) | 5 | 2 | 3 | 60 |
| କାର୍ଯ୍ୟକ୍ରମ ସହଯୋଗୀ (ରାଜ୍ୟ ସ୍ତର) | 15 | 4 | 11 | 73 |
| କାର୍ଯ୍ୟକ୍ରମ ସହାୟକ (ରାଜ୍ୟ ସ୍ତର) | 16 | 8 | 8 | 50 |
| ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ପିଏସ୍ ସ୍ତର) | 314 | 287 | 27 | 9 |
| ଗ୍ରାମ ରୋଜଗାର ସେବକ (ଜିପି ସ୍ତର) | 6,794 | 3,106 | 3,688 | 54 |

***(ଉତ୍ସ: ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

**ସାରଣୀ 2.5** ରୁ ଦେଖାଯାଇପାରେ ଯେ, ଉଭୟ ରାଜ୍ୟ ତଥା କ୍ଷେତ୍ର ସ୍ତରରେ ମାନବ ସମ୍ବଳର ଅଭାବ ଥିଲା । ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତା ଥିଲେ, ଯେଉଁମାନେ ହିତାଧିକାରୀଙ୍କ ପଞ୍ଜୀକରଣ ପାଇଁ ଆବେଦନ ଗ୍ରହଣ ଏବଂ ଯାଞ୍ଚ, ଏମ୍‌ଆଇଏସ୍ (ଏନ୍‌ଆର୍‌ଇଜିଏସ୍ ସଫ୍ଟ)ରେ ବିବରଣୀ ପ୍ରବେଶ କରିବା,

[86] ଓଡ଼ିଶା ସାମାଜିକ ସମୀକ୍ଷା ଦାୟିତ୍ୱ ଏବଂ ସ୍ୱଚ୍ଛତା ସମିତି

କାର୍ଯ୍ୟ ଚାହିଦା ପାଇଁ ଆବେଦନ ଗ୍ରହଣ କରିବା, କାର୍ଯ୍ୟର ବ୍ୟବସ୍ଥା, ଶ୍ରମିକଙ୍କ ଉପସ୍ଥାନ ନେବା ସହିତ କାର୍ଯ୍ୟସ୍ଥଳ ସୁବିଧା ପରିଚାଳନା, ଶ୍ରମିକମାନଙ୍କ ମଧ୍ୟରେ ବେତନ ସ୍ଲିପ୍ ବଣ୍ଟନ ସମ୍ବନ୍ଧୀୟ ଆବଶ୍ୟକୀୟ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ, ଇତ୍ୟାଦି ମୌଳିକ କାର୍ଯ୍ୟ ଦାୟିତ୍ୱରେ ଥିଲେ । ତେଣୁ, ଜିଆର୍‌ଏସ୍‌ର ବିପୁଳ ଖାଲି ପଦବୀ ଏହି ଯୋଜନାର କାର୍ଯ୍ୟକାରିତାକୁ ତୃଣମୂଳ ସ୍ତରରେ ପ୍ରଭାବିତ କରିଥିଲା, ଯାହା ଯୋଜନାର ସାମଗ୍ରିକ ପ୍ରଦର୍ଶନକୁ ପ୍ରଭାବିତ କରିଥିଲା ।

ତେଣୁ, ମାନବ ସମ୍ବଳର ଅଭାବ କାରଣରୁ ରେକର୍ଡ ରକ୍ଷଣାବେକ୍ଷଣ, ଅଭିଯୋଗ ସମାଧାନ, ମଷ୍ଟର ରୋଲର ଅନଲାଇନ୍ ପ୍ରବେଶ, ଯାଞ୍ଚ ଏବଂ କ୍ଷେତ୍ରୀୟ ସ୍ତରରେ ଜବ୍ କାର୍ଡର ଜାରି କରିବାରେ ଅଭାବ ଦେଖାଦେଇଥିଲା ।

ଏହାର ଉତ୍ତରରେ ବିଭାଗ ଜଣାଇଥିଲେ (ମଇ 2025) ଯେ ଖାଲିଥିବା ଗ୍ରାମୀଣ ରୋଜଗାର ସେବକ ପଦବୀ ପାଇଁ ନିଯୁକ୍ତି କାର୍ଯ୍ୟ ଚାଲୁରହିଅଛି ଏବଂ ଖାଲି ପଦବୀ ପୂରଣ କରାଯିବ ।

### 2.10.7 ଏନ୍‌ଆର୍‌ଇଜିଏ ସଫ୍ଟରେ ଅସାମଞ୍ଜସ୍ୟତା

ମାର୍ଗଦର୍ଶିକାର ଅନୁଚ୍ଛେଦ 11.3 ଅନୁସାରେ, ରାଜ୍ୟ, ଜିଲ୍ଲା, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଯୋଜନାର ଆର୍ଥିକ ଏବଂ ଭୌତିକ ସୂଚନାକୁ ଏକତ୍ରିତ କରିବା ପାଇଁ ଏକ ୱେବ୍-ଆଧାରିତ ପରିଚାଳନା ସୂଚନା ପ୍ରଣାଳୀ (ଏମ୍‌ଆଇଏସ୍) ଅର୍ଥାତ୍ ଏନ୍‌ଆର୍‌ଇଜିଏ ସଫ୍ଟ କାର୍ଯ୍ୟକ୍ଷମ ଥିଲା । ପରିଚାଳନା ସୂଚନା ପ୍ରଣାଳୀକୁ ଉଭୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଜନାର କାର୍ଯ୍ୟକରିତା ଉପରେ ନଜର ରଖିବା ଏବଂ ସୂଚନାର ବ୍ୟାପକ ପ୍ରସାରକୁ ସୁନିଶ୍ଚିତ କରି ପାରଦର୍ଶିତା ବଜାୟ ରଖିବା ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରାଯାଇଥିଲା ।

ଏନ୍‌ଆର୍‌ଇଜିଏସଫ୍ଟରେ ସୃଷ୍ଟି ହୋଇଥିବା ବିଭିନ୍ନ ରିପୋର୍ଟରେ ଅଡିଟ୍ ନିମ୍ନଲିଖିତ ଅସଙ୍ଗତି ଲକ୍ଷ୍ୟ କରିଥିଲେ, ଯାହା ନିମ୍ନରେ ଆଲୋଚନା କରାଯାଇଅଛି:

#### *(କ) ଶ୍ରମ ଦିବସ ପରିଯୋଜିତ ଏବଂ ଉତ୍ପାଦିତ*

ସେମାନଙ୍କ ପାଖରେ ଉପଲବ୍ଧ ରେକର୍ଡ ଉପରେ ଆଧାର କରି ଏନ୍‌ଆର୍‌ଇଜଏ ସଫ୍ଟ ପାଇଁ ତଥ୍ୟ ଗ୍ରାମ ପଞ୍ଚାୟତ ସ୍ତରରୁ ପ୍ରବେଶ କରାଯାଏ । ଏହି ତଥ୍ୟକୁ ଆଧାର କରି ବିଭିନ୍ନ ରିପୋର୍ଟ ପ୍ରସ୍ତୁତ କରାଯାଏ । ତେବେ, ଏହା ଦେଖାଗଲା ଯେ ଏନ୍‌ଆର୍‌ଇଜିଏ ସଫ୍ଟର ଶ୍ରମ/ ମାନବ ଦିବସ ପରିଯୋଜିତ ସମ୍ବନ୍ଧିତ ରିପୋର୍ଟର ଦୁଇଟି ଭିନ୍ନ ଭିନ୍ନ ରିପୋର୍ଟରେ ଅସଙ୍ଗତି ଥିଲା । ଯଥା ମାସ-ୱାରୀ ଆନୁମାନିକ ଶ୍ରମ/ ମାନବ ଦିବସ ଆନୁମାନିକ ରିପୋର୍ଟ 2.1.1 ଏବଂ ସେହି ଅବଧି ସମ୍ବନ୍ଧିତ 'ଆନୁମାନିକ ଶ୍ରମ ଦିବସ ଏବଂ ଶ୍ରମ ଦିବସ ସୃଷ୍ଟି' ହୋଇଥିବା ଶ୍ରମ ଦିବସ ଉପରେ ରିପୋର୍ଟ ସଂଖ୍ୟା 2.2.2 ରେ ଅସଙ୍ଗତି ରହିଛି । ସେହିଭଳି, ରିପୋର୍ଟ ସଂଖ୍ୟା 5.1.1 ଅନୁଯାୟୀ 'ସୃଷ୍ଟି ହୋଇଥିବା ଶ୍ରମ ଦିବସ', ଏବଂ ରିପୋର୍ଟ ସଂଖ୍ୟା 2.2.2 ଅନୁଯାୟୀ 'ସୃଷ୍ଟି ହୋଇଥିବା ଶ୍ରମ ଦିବସ' ମଧ୍ୟରେ ଅସଙ୍ଗତି ରହିଛି ଯାହା **ସାରଣୀ 2.6** ରେ ଦର୍ଶାଯାଇଅଛି ।

***ସାରଣୀ 2.6: ଏନ୍‌ଆର୍‌ଇଜିଏସଫ୍ଟରେ ପରିଯୋଜିତ ଶ୍ରମ ଦିବସ ସମ୍ବନ୍ଧୀୟ ତଥ୍ୟରେ ଅସାମଞ୍ଜସ୍ୟତା***

| ବର୍ଷ | ରିପୋର୍ଟ 2.1.1 ଅନୁଯାୟୀ ଆନୁମାନିକ ଶ୍ରମ ଦିବସ | ରିପୋର୍ଟ 2.2.2 ଅନୁଯାୟୀ ଆନୁମାନିକ ଶ୍ରମ ଦିବସ | ରିପୋର୍ଟ 5.1.1 ଅନୁଯାୟୀ ସୃଷ୍ଟି ହୋଇଥିବା ଶ୍ରମ ଦିବସ | ରିପୋର୍ଟ 2.2.2 ଅନୁଯାୟୀ ସୃଷ୍ଟି ହୋଇଥିବା ଶ୍ରମ ଦିବସ |
|---|---|---|---|---|
| 2019-20 | କୌଣସି ଅସଙ୍ଗତି ନାହିଁ | | 111389144 | 111293259 |
| 2020-21 | | | 208074530 | 208036796 |
| 2021-22 | 185597691 | 202400000 | 197762682 | 197732343 |
| 2022-23 | 204195216 | 165000000 | କୌଣସି ଅସଙ୍ଗତି ନାହିଁ | |
| 2023-24 | 191960153 | 175000000 | | |

*(ଉତ୍ସ: ଏନ୍‌ଆର୍‌ଇଜିଏସ୍ ସଫ୍ଟର ଏମ୍‌ଆଇ ଏସ୍ ତଥ୍ୟ)*

### *(ଖ) ଏନ୍‌ଆର୍‌ଇଜିଏସଫ୍ଟରେ ପ୍ରାରମ୍ଭିକ ଅବଶେଷ ଏବଂ ଅନ୍ତିମ ଅବଶେଷ ମଧ୍ୟରେ ଅସାମଞ୍ଜସ୍ୟତା*

ଆର୍ଥିକ ସମ୍ପାଦନ ଉପରେ ଏନ୍‌ଆର୍‌ଇଜିଏସଫ୍ଟର ରିପୋର୍ଟ ସଂଖ୍ୟା 7.1.1 ପାଣ୍ଠିର ପ୍ରାରମ୍ଭିକ ଅବଶେଷ (ଓବି) ଏବଂ ଅନ୍ତିମ ଅବଶେଷ ଜମାରାଶି (ସିବି) ଦର୍ଶାଯାଇଅଛି । ରାଜ୍ୟ ସ୍ତରରେ ପ୍ରାରମ୍ଭିକ ଅବଶେଷ ଏବଂ ଅନ୍ତିମ ଅବଶେଷ ମଧ୍ୟରେ ଥିବା ଅସାମଞ୍ଜସ୍ୟତା କୁ **ସାରଣୀ** 2.7 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

***ସାରଣୀ 2.7: ଏନ୍‌ଆର୍‌ଇଜିଏ ସଫ୍ଟରେ ଥିବା ପ୍ରାରମ୍ଭିକ ଅବଶେଷ ଏବଂ ଅନ୍ତିମ ଅବଶେଷ ମଧ୍ୟରେ ଅସାମଞ୍ଜସ୍ୟତା***

***(ଟଙ୍କା/ କୋଟିରେ)***

| ବର୍ଷ | ରିପୋର୍ଟ 7.1.1 ଅନୁଯାୟୀ ପୂର୍ବ ବର୍ଷର ଅନ୍ତିମ ଅବଶେଷ | ରିପୋର୍ଟ 7.1.1 ଅନୁଯାୟୀ ଚଳିତ ବର୍ଷର ପ୍ରାରମ୍ଭିକ ଅବଶେଷ |
|---|---|---|
| 2020-21 | 22.12 | -32.79 |
| 2021-22 | 388.22 | -60.92 |
| 2022-23 | 63.75 | -124.71 |
| 2023-24 | -122.79 | -146.41 |

*ଉତ୍ସ: ଏନ୍‌ଆର୍‌ଇଜିଏସ୍ ସଫ୍ଟର ଏମ୍‌ଆଇଏସ୍ ତଥ୍ୟ ଏବଂ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଠାରୁ ପ୍ରାପ୍ତ ତଥ୍ୟ*

ଉପରୋକ୍ତ ଅସାମଞ୍ଜସ୍ୟତା ଏନ୍‌ଆର୍‌ଇଜିଏସଫ୍ଟରେ ଉପଲବ୍ଧ ତଥ୍ୟକୁ ଭରସା ନ କରି, ଏହି ଯୋଜନାର କାର୍ଯ୍ୟକାରିତାର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରିଛି ।

ବିଭାଗ ତଥ୍ୟକୁ ଗ୍ରହଣ କରି (ମଇ 2025) ଜଣାଇଥିଲେ ଯେ ତଥ୍ୟଗୁଡ଼ିକ ନ୍ୟାସନାଲ ଇନଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ସ୍ତରରେ ତଥ୍ୟରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ସୂଚନା ସର୍ବସାଧାରଣ ଡୋମେନରେ ଉପଲବ୍ଧ ଥିବାରୁ ଯୋଜନାର କାର୍ଯ୍ୟକାରିତାରେ ପାରଦର୍ଶିତା ଆଣିବା ପାଇଁ ଏହାର ବିଶ୍ୱାସନୀୟତା ସୁନିଶ୍ଚିତ କରାଯିବା ଆବଶ୍ୟକ ।

### 2.10.8 ନଥିପତ୍ର ରକ୍ଷଣାବେକ୍ଷଣ

ଏହି ଯୋଜନାର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ନଥିପତ୍ର ଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ କରିବା ଉଦ୍ଦେଶ୍ୟରେ ଭାରତ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ (ଜୁଲାଇ 2016) ଏବଂ ସାତଟି ରେଜିଷ୍ଟର ରଖିବା ପାଇଁ ସରଳୀକୃତ ଫର୍ମାଟ୍ ପ୍ରଦାନ କରିଥିଲେ, ଯଥା (i) ଜବ୍ କାର୍ଡ ଆବେଦନ, ପଞ୍ଜୀକରଣ ଏବଂ ପ୍ରଦାନ ରେଜିଷ୍ଟର, (ii) ଗ୍ରାମ ସଭା ଏବଂ ସାମାଜିକ ଅଡିଟ୍ ବୈଠକ ରେଜିଷ୍ଟର, (iii) ଦାବି, କାର୍ଯ୍ୟର ଆବଣ୍ଟନ ଏବଂ ମଜୁରୀ ପ୍ରଦାନ ରେଜିଷ୍ଟର, (iv) କାର୍ଯ୍ୟ ରେଜିଷ୍ଟର, (v) ସ୍ଥାୟୀ ସମ୍ପତ୍ତିର ରେଜିଷ୍ଟର, (vi) ଅଭିଯୋଗ ରେଜିଷ୍ଟର ଏବଂ (vii) ସାମଗ୍ରୀ ରେଜିଷ୍ଟର । ସୂଚନାର ଗୁଣବତ୍ତା ଏବଂ ସଠିକତା ସହିତ ସାଲିସ ନକରି କାର୍ଯ୍ୟର ନକଲ ହ୍ରାସ କରିବା ପାଇଁ ଗ୍ରାମ ପଞ୍ଚାୟତ ଦ୍ୱାରା ଏହି ରେଜିଷ୍ଟରଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ, ବିଶେଷ କରି ଜବ୍ କାର୍ଡ ପାଇଁ ଆବେଦନ, କାର୍ଯ୍ୟ ପାଇଁ ଦାବି ଏବଂ ମଜୁରୀ ପ୍ରଦାନ ଭଳି ଶ୍ରମିକଙ୍କ ଅଧିକାର ସହିତ ଜଡ଼ିତ ରେଜିଷ୍ଟରଗୁଡ଼ିକ ।

ରେକର୍ଡଗୁଡ଼ିକର ଯାଞ୍ଚରୁ (ଜୁନ୍ 2024 ରୁ ସେପ୍ଟେମ୍ବର 2024) ଜଣାପଡ଼ିଛି ଯେ 40 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତଙ୍କ ମଧ୍ୟରୁ 18 ଟି ଗ୍ରାମ ପଞ୍ଚାୟତ ସମସ୍ତ ସାତୋଟି ରେଜିଷ୍ଟର ରକ୍ଷଣାବେକ୍ଷଣ କରିଥିଲେ, ଦୁଇ ଗ୍ରାମ ପଞ୍ଚାୟତ ମଧ୍ୟ ସ୍ଥାୟୀ ସମ୍ପତ୍ତି ରେଜିଷ୍ଟର ଏବଂ ଅଭିଯୋଗ ରେଜିଷ୍ଟର ବ୍ୟତୀତ, ଏହି ରେଜିଷ୍ଟର ରକ୍ଷଣାବେକ୍ଷଣ କରିଥିଲେ ଏବଂ 20 ଟି ଗ୍ରାମ ପଞ୍ଚାୟତ ଏହି ରେଜିଷ୍ଟରଗୁଡ଼ିକ ମଧ୍ୟରୁ କୌଣସିଟି ରକ୍ଷଣାବେକ୍ଷଣ କରିନଥିଲେ ।

ଏହି ଆବଶ୍ୟକୀୟ ରେଜିଷ୍ଟରଗୁଡ଼ିକର ଅନୁପଯୁକ୍ତ ରକ୍ଷଣାବେକ୍ଷଣ କାରଣରୁ, ଯୋଜନାର କାର୍ଯ୍ୟକରିତାରେ ସ୍ୱଚ୍ଛତା ସୁନିଶ୍ଚିତ କରାଯାଇ ପାରିନଥିଲା । ଏହା ବ୍ୟତୀତ, ଗୁଣବତ୍ତା ଏବଂ ସୂଚନାର ସଠିକତା ସହିତ ମଧ୍ୟ ସାଲିସ କରାଯାଇଥିଲା, ବିଶେଷ କରି ଶ୍ରମିକମାନଙ୍କ ଅଧିକାର ସମ୍ବନ୍ଧୀୟ, ଯାହା ସମୀକ୍ଷା ସମୟରେ ଦେଖାଯାଇଥିଲା ।

ଏହାର ଉତ୍ତରରେ, ବିଭାଗ ଜଣାଇଥିଲେ (ମଇ 2025) ଯେ ଉତ୍ତମ ଶାସନ ପଦକ୍ଷେପର ଏକ ଅଂଶ ଭାବରେ ରେଜିଷ୍ଟରଗୁଡ଼ିକର ଅନୁରକ୍ଷଣ ପାଇଁ ଅକ୍ଟୋବର 2024 ରେ ଜିଲ୍ଲାଗୁଡ଼ିକୁ ଅନୁରୋଧ କରାଯାଇଅଛି ।

***ସୁପାରିଶ 2.6:***

***ନିୟମିତ ବୈଠକ, ଲୋକପାଳଙ୍କ ସୁପାରିଶର ସମୀକ୍ଷା ଏବଂ ସାମାଜିକ ସମୀକ୍ଷାର ଫଳାଫଳ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ନିରୀକ୍ଷଣ ଦ୍ୱାରା ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ମାଧ୍ୟମରେ ପର୍ଯ୍ୟାଲୋଚନାକୁ ପ୍ରଭାବଶାଳୀ କରିପାରବେ।***

## 2.11 ଉପସଂହାର

ପ୍ରତ୍ୟେକ ଗ୍ରାମୀଣ ପରିବାରର ଅଣକୁଶଳୀ ଶାରୀରିକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବୟସ୍କ ସଦସ୍ୟମାନଙ୍କୁ, ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ 100 ଦିନର ମଜୁରୀ ଯୁକ୍ତ ଗ୍ୟାରେଣ୍ଟି ନିଯୁକ୍ତି ପ୍ରଦାନ କରିବା ପାଇଁ, ନୂତନ ଯୋଗ୍ୟ ପରିବାର ଚିହ୍ନଟ କରିବା ପାଇଁ, ଜବ୍ କାର୍ଡରେ ଅତିରିକ୍ତ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଏବଂ ବିଦ୍ୟମାନ ଏମ୍‌ଆଇଏସ୍ ଡାଟାବେସରେ ଭୁଲ୍ ତଥ୍ୟକୁ ସଂଶୋଧନ କରିବା ପାଇଁ ବିଭାଗ କୌଣସି ସର୍ଭେକ୍ଷଣ କରିନଥିଲା। ଶ୍ରମ ବଜେଟ୍ ପ୍ରସ୍ତୁତି ପାଇଁ ନିମ୍ନରୁ ଊର୍ଦ୍ଧ୍ୱଗାମୀ ଆଭିମୁଖ୍ୟ ଅନୁସରଣ କରାଯାଇ ନଥିଲା ଏବଂ ଗ୍ରାମ ପଞ୍ଚାୟତମାନଙ୍କ ଉପରେ ରାଜ୍ୟ ସ୍ତରରୁ ଧାର୍ଯ୍ୟ ଲକ୍ଷ୍ୟ ନ୍ୟସ୍ତ କରାଯାଇଥିଲା, ଯାହା ଚାହିଦା ଭିତ୍ତିକ ନିଯୁକ୍ତିକୁ ଯୋଗାଣ ଭିତ୍ତିକ ନିଯୁକ୍ତିରେ ପରିଣତ କରିଥିଲା। କୌଣସି କାରଣ ନ ଦର୍ଶାଇ ପରିବାର ଗୁଡ଼ିକୁ ଜବ୍ କାର୍ଡ ପ୍ରଦାନ କରାଯାଉ ନଥିଲା। ଜବ୍ କାର୍ଡରେ ଗୃହ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି କିମ୍ବା ହଟାଯାଇ ଅଦ୍ୟତନ କରାଯାଉ ନଥିଲା। ରୋଜଗାର ଯୋଗାଇବାର ବ୍ୟବସ୍ଥା ନହେବା ଏବଂ ମଜୁରୀ ପ୍ରଦାନରେ ବିଳମ୍ବ ହେବା କ୍ଷେତ୍ରରେ ବେକାରୀ ଭତ୍ତା ଏବଂ କ୍ଷତିପୂରଣ ପ୍ରଦାନ କରାଯାଉନଥିଲା। ବହୁ ସଂଖ୍ୟକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା ଯାହା ଖର୍ଚ୍ଚକୁ ନିଷ୍ଫଳ କରିଦେଇଥିଲା। ପୂର୍ବ କାର୍ଯ୍ୟ ସମାପ୍ତ ହେବା ପୂର୍ବରୁ ନୂତନ କାର୍ଯ୍ୟ ହାତକୁ ନିଆଯାଉଥିବାର ଉଦାହରଣ ନଜରକୁ ଆସିଥିଲା। ନିୟମିତ ବୈଠକର ଅନୁପସ୍ଥିତିରେ, ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ମାଧ୍ୟମରେ ସର୍ବୋଚ୍ଚ ସ୍ତରୀୟ ଶାସନ ବ୍ୟବସ୍ଥା ପ୍ରଭାବଶାଳୀ ହୋଇ ନ ଥିଲା, ଯାହାଦ୍ୱାରା କାର୍ଯ୍ୟପାଳିକାର ବିଧାନ ସଭା ପ୍ରତି ଥିବା ଉତ୍ତର ଦାୟିତ୍ୱରେ ହ୍ରାସ ଘଟିଥିଲା। ଅପର୍ଯ୍ୟାପ୍ତ ସାମାଜିକ ସମୀକ୍ଷା ଏବଂ ଏହାର ସୁପାରିଶ ପ୍ରତି ଅବଶ୍ୟକ କାର୍ଯ୍ୟାନୁଷ୍ଠାନ ନ ନେବା ସାମାଜିକ ସମୀକ୍ଷାକୁ କମ୍ ଫଳପ୍ରଦ କରିଥିଲା। ସମସ୍ତ ଜିଲ୍ଲାରେ ଦୁର୍ନୀତି ନିବାରଣ ଏବଂ ପର୍ଯ୍ୟାଲୋଚନା କମିଟିର ଅନୁପସ୍ଥିତି ଏବଂ ଲୋକପାଳ ନିଯୁକ୍ତି ନହେବା କାରଣରୁ ଅଭିଯୋଗ ସମାଧାନ ବ୍ୟବସ୍ଥା ଅଚଳ ହୋଇପଡ଼ିଥିଲା।

ଭୁବନେଶ୍ୱର | **(ସୁବୁ ଆର୍.)**

ତାରିଖ 25 FEB 2026 | **ପ୍ରଧାନ ମହାଲେଖାକାର (ଅଡିଟ୍-I)**

**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ | **(କେ. ସଞ୍ଜୟ ମୂର୍ତ୍ତୀ)**

ତାରିଖ 26 FEB 2026 | **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

**ପରିଶିଷ୍ଟ 1.1**

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.7.3)***

**ଏମ୍‌ପିଏକୁ ସ୍ଥାନାନ୍ତରିତ ହୋଇଥିବା ପାଣ୍ଠିର ବିବରଣୀ**

| କ୍ର.ସଂ | ଏମ୍‌ପିଏଙ୍କ ନାମ | ଅବସ୍ଥାନ | ମୋଟ ପ୍ରାପ୍ତି (ଟଙ୍କାରେ) | ପ୍ରାପ୍ତିର ପ୍ରତିଶତ | ଜନସଂଖ୍ୟା | ଜନସଂଖ୍ୟାର ପ୍ରତିଶତ |
|---|---|---|---|---|---|---|
| 1 | ଲୋଧା ଉନ୍ନୟନ ସଂସ୍ଥା | ମୋରଡା | 21,10,33,354 | 5.85 | 5083 | 3.78 |
| 2 | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା | ବେଲଘର | 16,19,68,917 | 4.49 | 8662 | 6.45 |
| 3 | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା | ଲାଞ୍ଜିଗଡ଼ | 22,43,84,263 | 6.22 | 3548 | 2.64 |
| 4 | ବଣ୍ଡା ଉନ୍ନୟନ ସଂସ୍ଥା | ମୁଦୁଲି ପଡ଼ା | 26,94,81,843 | 7.47 | 13148 | 9.79 |
| 5 | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା | ଚାଟିକୋଣା | 32,80,28,375 | 9.09 | 7311 | 5.44 |
| 6 | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା | ପୁଟାସିଂ | 17,56,48,151 | 4.87 | 6774 | 5.04 |
| 7 | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା | ସେରଙ୍ଗ | 24,68,63,150 | 6.84 | 13222 | 9.84 |
| 8 | ଦିଦାୟୀ ଉନ୍ନୟନ ସଂସ୍ଥା | କୁଡୁମୁଲୁଗୁମ୍ମା | 19,36,63,564 | 5.37 | 10550 | 7.85 |
| 9 | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା | ରୁଗୁଡାକୁଦର | 19,59,33,926 | 5.43 | 3945 | 2.94 |
| 10 | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା | ଜାମରଡିହି | 20,37,43,786 | 5.65 | 10871 | 8.09 |
| 11 | ସଉରା ଉନ୍ନୟନ ସଂସ୍ଥା | ଚନ୍ଦ୍ରଗିରି | 23,08,09,766 | 6.40 | 6577 | 4.9 |
| 12 | ହିଲ ଖଡିଆ ଏବଂ ମାଙ୍କଡିଆ ଉନ୍ନୟନ ସଂସ୍ଥା | ଯଶୀପୁର | 23,61,17,382 | 6.55 | 3217 | 2.4 |
| 13 | ତୁମ୍ବା ଉନ୍ନୟନ ସଂସ୍ଥା | ତୁମ୍ବା | 23,45,52,178 | 6.50 | 11530 | 8.58 |
| 14 | ଜୁଆଙ୍ଗ ଉନ୍ନୟନ ସଂସ୍ଥା | ଗୋନାସିକା | 21,55,58,716 | 5.98 | 17852 | 13.29 |
| 15 | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା | ଖୁଣ୍ଟା ଗାଁ | 12,55,73,965 | 3.48 | 5678 | 4.23 |
| 16 | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା | ପାର୍ସାଲି | 19,48,56,944 | 5.40 | 2816 | 2.1 |
| 17 | ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା | ସୁନାବେଡ଼ା | 15,92,72,772 | 4.42 | 3527 | 2.63 |
| | ସମୁଦାୟ | | **360,74,91,052** | **100.00** | **1,34,311** | **100** |
| | | | **360.75 କୋଟି** | | | |

**( ଉତ୍ସ: 17 ଏମ୍‌ପିଏଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)**

## ପରିଶିଷ୍ଟ 1.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.11.3)*

### ଏମ୍‌ପିଏଗୁଡ଼ିକରେ ଗ୍ରାମ/ପଡ଼ା, ପରିବାର ଏବଂ ପିଭିଟିଜି ଜନସଂଖ୍ୟାର ତଥ୍ୟରେ ଥିବା ତାରତମ୍ୟ

| | | ପିଏମ୍‌ୟୁ ଓପିଇଏଲ୍ ଆଇପି ଅନୁସାରେ | | | ଏମ୍‌ପିଏ ଅନୁସାରେ ପ୍ରକୃତ ତଥ୍ୟ | | | ପାର୍ଥକ୍ୟ | | |
|---|---|---|---|---|---|---|---|---|---|---|
| କ୍ରମିକ ସଂଖ୍ୟା | ଏମ୍‌ପିଏର ନାମ | ପିଭିଟିଜି ଗ୍ରାମଗୁଡ଼ିକର ସଂଖ୍ୟା | ପିଭିଟିଜି ପରିବାର ସଂଖ୍ୟା | ପିଭିଟିଜି ଜନ ସଂଖ୍ୟା | ପିଭିଟିଜି ଗ୍ରାମଗୁଡ଼ିକର ସଂଖ୍ୟା | ପିଭିଟିଜି ପରିବାର ସଂଖ୍ୟା | ପିଭିଟିଜି ଜନ ସଂଖ୍ୟା | ପିଭିଟିଜି ଗ୍ରାମଗୁଡ଼ିକର ସଂଖ୍ୟା | ପିଭିଟିଜି ପରିବାର ସଂଖ୍ୟା | ପିଭିଟିଜି ଜନ ସଂଖ୍ୟା |
| 1. | ଏଲଡିଏ, ମୋରଡ଼ା | 11 | 1232 | 5083 | 12 | 1122 | 3707 | 1 | -110 | -1376 |
| 2. | ଏଚ୍‌କେଏମଡି , ଯଶିପୁର | 18 | 682 | 3217 | 18 | 646 | 1956 | 0 | -36 | -1261 |
| 3. | ପିବିଡିଏ, ଖୁଣ୍ଟା ଗାଁ | 30 | 1376 | 5678 | 22 | 1047 | 4406 | -8 | -329 | -1272 |
| 4. | ଟିଡିଏ, ତୁମ୍ବା | 58 | 2668 | 11530 | 58 | 1137 | 4811 | 0 | -1531 | -6719 |
| 5. | କେକେଡିଏ, ଲାଞ୍ଜିଗଡ଼ | 25 | 930 | 3548 | 33 | 1443 | 6419 | 8 | 513 | 2871 |
| 6. | ସିବିଡିଏ, ସୁନାବେଡ଼ା | 18 | 831 | 3527 | 15 | 782 | 2917 | -3 | -49 | -610 |
| 7. | କେକେଡିଏ, ବେଲଘର | 62 | 1853 | 7311 | 63 | 1870 | 7374 | 1 | 17 | 63 |
| 8. | ଏଲଏସଡିଏ, ପୁଟାସିଂ | 8 | 1301 | 6774 | 8 | 1301 | 6774 | 0 | 0 | 0 |
| 9. | କେକେଡିଏ, ବେଲଘର | 68 | 1661 | 8662 | 52 | 2043 | 9365 | -16 | 382 | 703 |
| 10. | ଡିକେଡିଏ, ପାର୍ସାଲି | 23 | 730 | 2816 | 36 | 752 | 2780 | 13 | 22 | -36 |
| 11. | ଡିଡିଏ, କୁଡୁମୁଲୁଗୁମ୍ମା | 37 | 1907 | 10550 | 37 | 1828 | 7650 | 0 | -79 | -2900 |
| 12. | ବିଡିଏ, ମୁଦୁଲିପଡ଼ା | 30 | 2365 | 13148 | 95 | 4018 | 14978 | 65 | 1653 | 1830 |
| 13. | ଏସଡିଏ, ଚନ୍ଦ୍ରଗିରି | 32 | 1314 | 6577 | 32 | 1314 | 6817 | 0 | 0 | 240 |
| 14. | ଏଲଏସଡିଏ, ସେରଙ୍ଗ | 33 | 2923 | 13222 | 24 | 1438 | 6180 | -9 | -1485 | -7042 |
| 15. | ପିବିଡିଏ, ରୁଗୁଡାକୁଦର | 32 | 1110 | 3945 | 32 | 1136 | 4252 | 0 | 26 | 307 |
| 16. | ପିବିଡିଏ, ଜାମରଦିହି | 26 | 1842 | 10871 | 26 | 1997 | 8759 | 0 | 155 | -2112 |
| 17. | ଜେଡିଏ, ଗୋନାସିକା | 30 | 2583 | 17852 | 40 | 2583 | 12651 | 10 | 0 | -5201 |
| | **ସମୁଦାୟ** | **541** | **27308** | **134311** | **603** | **26457** | **111796** | **62** | **-851** | **-22515** |

*(ଉତ୍ସ: ଓପିଲିପି ପିଏମ୍‌ୟୁ ଏବଂ 17 ଅଣୁ ପ୍ରକଳ୍ପ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

## ପରିଶିଷ୍ଟ 1.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.11.4)*

### 17 ଏମ୍‌ପିଏ ଅଧିନରେ ଥିବା ପିଭିଟିଜି ଗ୍ରାମଗୁଡ଼ିକରେ ସାଧାରଣ ସୁବିଧାର ଅଭାବର ବିବରଣୀ

| କ୍ର.ସଂ. | ଏମ୍‌ପିଏର ନାମ | | ଉପଲବ୍ଧ ସୁବିଧା | | | | ଉପଲବ୍ଧ ନଥିବା ସୁବିଧା | | | | ଉପଲବ୍ଧ ନଥିବା ସୁବିଧାଗୁଡ଼ିକର ପ୍ରତିଶତ | | | |
|---|---|---|---|---|---|---|---|---|---|---|---|---|---|---|
| | | ଗ୍ରାମ ସଂଖ୍ୟା | ମୋଟର ଚଳାଚଳ ଯୋଗ୍ୟ ରାସ୍ତା | ବିଦ୍ୟୁତୀକରଣ | ନିରାପଦ ପାନୀୟ ଜଳ | ଦୂରସଂଚାର ଯୋଗାଯୋଗ | ମୋଟର ଚଳାଚଳ ଯୋଗ୍ୟ ରାସ୍ତା | ବିଦ୍ୟୁତୀକରଣ | ନିରାପଦ ପାନୀୟ ଜଳ | ଦୂରସଂଚାର ଯୋଗାଯୋଗ | ମୋଟର ଚଳାଚଳ ଯୋଗ୍ୟ ରାସ୍ତା | ବିଦ୍ୟୁତୀକରଣ | ନିରାପଦ ପାନୀୟ ଜଳ | ଦୂରସଂଚାର ଯୋଗାଯୋଗ |
| 1 | ବିଡିଏ, ମୁଦୁଲିପଡ଼ା | 77 | 75 | 65 | 68 | 48 | 2 | 12 | 9 | 29 | 3 | 16 | 12 | 38 |
| 2 | ବିଜେଡିଏ, ସୁକିନ୍ଦା | 13 | 10 | 10 | 12 | 2 | 3 | 3 | 1 | 11 | 23 | 23 | 8 | 85 |
| 3 | ସିବିଡିଏ, ସୁନାବେଡ଼ା | 35 | 34 | 34 | 32 | 20 | 1 | 1 | 3 | 15 | 3 | 3 | 9 | 43 |
| 4 | ଡିଡିଏ, କୁଡୁମୁଲୁଗୁମ୍ମା | 51 | 41 | 49 | 26 | 16 | 10 | 2 | 25 | 35 | 20 | 4 | 49 | 69 |
| 5 | ଡିକେଡିଏ, ଚାଟିକୋନା | 64 | 41 | 25 | 57 | 22 | 23 | 39 | 7 | 42 | 36 | 61 | 11 | 66 |
| 6 | ଡିକେଡିଏ, ପାର୍ସାଲି | 37 | 26 | 15 | 29 | 6 | 11 | 22 | 8 | 31 | 30 | 59 | 22 | 84 |
| 7 | ଏଚକେଏମଡିଏ, ଯଶିପୁର | 40 | 39 | 39 | 29 | 30 | 1 | 1 | 11 | 10 | 3 | 3 | 28 | 25 |
| 8 | ଜେଡିଏ, ଢେଙ୍କାନାଳ | 97 | 96 | 97 | 81 | 89 | 1 | 0 | 16 | 8 | 1 | 0 | 16 | 8 |
| 9 | ଜେଡିଏ, ଗୋନାସିକା | 104 | 87 | 91 | 92 | 86 | 17 | 13 | 12 | 18 | 16 | 13 | 12 | 17 |
| 10 | କେକେଡିଏ, ବେଲଘର | 100 | 74 | 75 | 60 | 17 | 26 | 25 | 40 | 83 | 26 | 25 | 40 | 83 |
| 11 | କେକେଡିଏ, ଲାଞ୍ଜିଗଡ଼ | 279 | 228 | 242 | 230 | 174 | 51 | 37 | 49 | 105 | 18 | 13 | 18 | 38 |
| 12 | ଏଲଡିଏ, ମୋରଡ଼ା | 27 | 21 | 26 | 15 | 24 | 6 | 1 | 12 | 3 | 22 | 4 | 44 | 11 |
| 13 | ଏଲଏସଡିଏ, ପୁଟାସିଂ | 153 | 135 | 149 | 127 | 52 | 18 | 4 | 26 | 101 | 12 | 3 | 17 | 66 |
| 14 | ଏଲଏସଡିଏ, ସେରଙ୍ଗା | 84 | 71 | 84 | 77 | 47 | 13 | 0 | 7 | 37 | 15 | 0 | 8 | 44 |
| 15 | ପିବିଡିଏ, ବାଂଶପାଳ | 172 | 147 | 165 | 154 | 126 | 25 | 7 | 18 | 46 | 15 | 4 | 10 | 27 |
| 16 | ପିବିଡିଏ, ଜାମର୍ଦିହି | 53 | 52 | 47 | 53 | 25 | 1 | 6 | 0 | 28 | 2 | 11 | 0 | 53 |
| 17 | ପିବିଡିଏ, ଖୁଣ୍ଟା ଗାଁ | 53 | 45 | 41 | 38 | 8 | 8 | 12 | 15 | 45 | 15 | 23 | 28 | 85 |
| 18 | ପିବିଡିଏ, ରୁଗୁଡାକୁଦର | 34 | 28 | 27 | 33 | 20 | 6 | 7 | 1 | 14 | 18 | 21 | 3 | 41 |
| 19 | ଏସଡିଏ, ଚନ୍ଦ୍ରଗିରି | 110 | 100 | 102 | 92 | 71 | 10 | 8 | 18 | 39 | 9 | 7 | 16 | 35 |
| 20 | ଟିଡିଏ, ତୁମ୍ବା | 118 | 63 | 87 | 99 | 45 | 55 | 31 | 19 | 73 | 47 | 26 | 16 | 62 |
| | **ସମୁଦାୟ** | **1701** | **1413** | **1470** | **1404** | **928** | **288** | **231** | **297** | **773** | **17** | **16** | **20** | **55** |

*(ଉତ୍ସ:17 ଏମ୍‌ପିଏଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

## ପରିଶିଷ୍ଟ 2.1
*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.5)*
### ଅଡିଟର ପରିସର ଏବଂ ପଦ୍ଧତି

| କ୍ରମିକ ସଂଖ୍ୟା | ଜିଲ୍ଲା ପରିଷଦ(5) | ପଞ୍ଚାୟତ ସମିତି (10) | ଗ୍ରାମ ପଞ୍ଚାୟତ (40) |
|---|---|---|---|
| 1 | ବୌଦ୍ଧ | କଣ୍ଟାମାଳ | କାଣ୍ଟମାଳ, ଉମା, ଗୁଡଭେଲିପଦାର, ଯୋଗେନ୍ଦ୍ରପୁର |
| | | ବୌଦ୍ଧ | ବାଧି ଗାଁ, ବ୍ରାହ୍ମଣୀପାଲି, ମୁଣ୍ଡାପଡା, ରୋକ୍ସା |
| 2 | କଟକ | ନିଶ୍ଚିନ୍ତକୋଇଲି | ନରେନ୍ଦ୍ରପୁର, ନାଟକାଇ, ନାଗଶପୁର, ସାନ୍ତାପୁର |
| | | ବାଙ୍କି | ବ୍ରହ୍ମପୁର, ଗୋଲଗଣ୍ଡା, କଳାପଥର, କନ୍ତପାହାର |
| 3 | କଳାହାଣ୍ଡି | କୋକସରା | ଗମ୍ଭାରୀଗୁଡା,ଟେମ୍ରା, ମୋଟେର, ଲଡୁ ଗାଁ |
| | | ନର୍ଲା | ଭାନପୁର, ରାକ୍ଷୀ, ସେରଡଡ଼, ଉଲିକୁପା |
| 4 | ମାଲକାନଗିରି | କାଲିମେଳା | ଭେଜାଙ୍ଗହିୱାଡା, ମଲ୍ଲଭରମ୍,ନାଲାଗୁନ୍ଥି, ଭେଙ୍କଟାପାଲଟ୍ |
| | | ଚିତ୍ରକୋଣ୍ଡା | ବଡାପଡା, ଗଜଲମାମୁଡି, ଗୁନ୍ଥାୱାଡା, ପେପରମେଟଲା |
| 5 | ମୟୂରଭଞ୍ଜ | ଜାମଦା | ବଦ୍ଧୁଣ୍ଡ, ବଡକୁଲେବିରା, ହେନସଡ଼ା, ତାରାନା |
| | | ବେତନଟି | ଆମଗାଡିଆ, ମେର୍ଦା, ରଘୁପୁର, ପୁରିଣ୍ଡା |

*(ଉତ୍ସ: ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତର ସ୍ତରୀକୃତ ଅନିୟମିତ ନମୁନାକରଣ / ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ସାମ୍ପଲିଂ)*

## ପରିଶିଷ୍ଟ 2.2
*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.8.2)*

### ଗୋଟିଏ ପରିବାରକୁ ଦୁଇଟି ଜବ୍ କାର୍ଡରେ ରୋଜଗାର ଦେବା

| ଜିଲ୍ଲା | ପଞ୍ଚାୟତ ସମିତି | ଗ୍ରାମ ପଞ୍ଚାୟତ | ଗୋଟିଏରୁ ଅଧିକ ଜବ୍ କାର୍ଡ ପ୍ରଦାନ କରାଯାଇଥିବା ପରିବାରଙ୍କ ସଂଖ୍ୟା | ଜାରି ହୋଇଥିବା ଜବ୍ କାର୍ଡ ସଂଖ୍ୟା | ଗୋଟିଏରୁ ଅଧିକ ଜବ୍ କାର୍ଡରେ କାମ କରିଥିବା ପରିବାରଙ୍କ ସଂଖ୍ୟା | ଦ୍ୱିତୀୟ ଜବ୍ କାର୍ଡ ମାଧ୍ୟମରେ କାମ କରିଥିବା ମୋଟ ଦିନ ସଂଖ୍ୟା | ଦ୍ୱିତୀୟ ଜବ୍ କାର୍ଡ ମାଧ୍ୟମରେ ଅନିୟମିତ ଦେୟ (ଟଙ୍କା ଲକ୍ଷରେ) |
|---|---|---|---|---|---|---|---|
| କଟକ | ନିଶ୍ଚିନ୍ତକୋଇଲି | ନରେନ୍ଦ୍ରପୁର | 3 | 6 | 2 | 60 | 0.12 |
| | | ନାଗଶପୁର | 3 | 6 | 2 | 178 | 0.38 |
| | | ନାଟାକାଇ | 1 | 2 | 0 | 0 | 0 |
| | | ସାନ୍ତାପୁର | 3 | 6 | 3 | 90 | 0.19 |
| ମାଲକାନାଗିରି | କାଲିମେଳା | ବେଜାଙ୍ଗିୱାଡା | 6 | 12 | 6 | 281 | 0.57 |
| | | ଭେଙ୍କଟପଲ୍ଲମ | 7 | 15 | 7 | 338 | 0.70 |
| | ଚିତ୍ରକୋଣ୍ଡା | ବଡପଡ଼ା | 9 | 18 | 9 | 909 | 1.98 |
| | | ପେପରମେଟଲା | 4 | 8 | 4 | 249 | 0.55 |
| ବୌଦ୍ଧ | କଣ୍ଟାମାଳ | କଣ୍ଟାମାଳ | 4 | 8 | 1 | 62 | 0.14 |
| | | ଉମା | 2 | 4 | 1 | 91 | 0.19 |
| କଳାହାଣ୍ଡି | ନର୍ଲା | ସେରଗଡ଼ | 1 | 2 | 0 | 0 | 0 |
| | | ରାକ୍ଷୀ | 4 | 8 | 1 | 66 | 0.13 |
| | | ଉଲିକୁପା | 1 | 2 | 0 | 0 | 0 |
| **ସମୁଦାୟ** | | | **48** | **97** | **36** | **2,324** | **4.95** |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତଙ୍କ ରେକର୍ଡ)*

## ପରିଶିଷ୍ଟ 2.3

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.8.4.4)***

**ମୃତ ହିତାଧିକାରୀଙ୍କ ନାମରେ କରାଯାଇଥିବା ଦେୟ**

| କ୍ରମିକ ସଂଖ୍ୟା | ମୃତ ବ୍ୟକ୍ତିଙ୍କ ନାମ | ପଞ୍ଚାୟତ ସମିତି | ଗ୍ରାମ ପଞ୍ଚାୟତ | ମୃତ୍ୟୁ ତାରିଖ | ମୃତ୍ୟୁ ପରେ କାର୍ଯ୍ୟରେ ଲଗାଯାଇଥିବା ଅବଧି | କାର୍ଯ୍ୟକରିଥିବା ଦିନଗୁଡ଼ିକ | ପୈଠ ପରିମାଣ (ଟଙ୍କାରେ) |
|---|---|---|---|---|---|---|---|
| 1 | ରାମ ମାଡ଼କାମୀ | କାଲିମେଲା | ନାଲାଗୁଣ୍ଟୀ | 07 ସେପ୍ଟେମ୍ବର 2022 | 07-12 ଅକ୍ଟୋବର 2022(6 ଦିନ) | 6 | 1,332 |
| 2 | ମାଲା କାଟମ୍ | କାଲିମେଲା | କଙ୍ଗାମ୍ପାଲି | 11 ଜାନୁଆରୀ 2024 | 12-15 ଜାନୁଆରୀ 2024 (4 ଦିନ),<br>19-21 ଜାନୁଆରୀ 2024 (3 ଦିନ) | 7 | 1,659 |
| 3 | ଗଙ୍ଗାମାଡି | କାଲିମେଲା | ଭେଙ୍କଟପଲ୍ଲମ | 18 ଅଗଷ୍ଟ 2021 | 17-30 ଡିସେମ୍ବର 2021(12 ଦିନ),<br>20 ମଇ 2022 ରୁ 02 ଜୁନ୍ 2022 (12 ଦିନ),<br>20 ଅଗଷ୍ଟ 2022 ରୁ 02 ସେପ୍ଟେମ୍ବର 2022 (11 ଦିନ),<br>04-17 ସେପ୍ଟେମ୍ବର 2022 (14 ଦିନ),<br>03-16 ଡିସେମ୍ବର 2022 (12 ଦିନ),<br>17-30 ଡିସେମ୍ବର 2022(14 ଦିନ),<br>03-09 ଜାନୁଆରୀ 2023 (4 ଦିନ),<br>10-23 ଜାନୁଆରୀ 2023(10 ଦିନ),<br>11-24 ଏପ୍ରିଲ 2023 (12 ଦିନ),<br>14 ସେପ୍ଟେମ୍ବର 2023(01 ଦିନ) | 102 | 22,755 |
| 4 | ନୟନା ଖାରା | ଚିତ୍ରକୋଣ୍ଡା | ଭିମାରାମ | 30 ଜାନୁଆରୀ 2018 | 04-10 ଜୁନ୍ 2019 (7 ଦିନ),<br>11-17 ଜୁନ୍ 2019 (6 ଦିନ),<br>18-24 ଜୁନ୍ 2019 (6 ଦିନ),<br>25 ଜୁନ୍ 2019 ରୁ 01 ଜୁଲାଇ 2019 (6 ଦିନ),<br>18-24 ମଇ 2020 (6 ଦିନ),<br>25-28 ମଇ 2020 (3 ଦିନ),<br>26-30 ମାର୍ଚ୍ଚ 2022(5 ଦିନ),<br>06-11 ଏପ୍ରିଲ୍ 2022 (6 ଦିନ),<br>12-17 ଏପ୍ରିଲ୍ 2022 (6 ଦିନ),<br>18-24 ଏପ୍ରିଲ୍ 2022 (6 ଦିନ) | 57 | 11,634 |
| | | | | **ସମୁଦାୟ** | | **172** | **37,380** |

***(ଉତ୍ସ: ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଏବଂ କାଲିମେଲାର ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତିର ତଥ୍ୟ)***

## ପରିଶିଷ୍ଟ 2.4

**(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.9.4.1)**

**ଖେଳ ପଡ଼ିଆର ବିକାଶ ଉପରେ ଅଗ୍ରହଣୀୟ କାର୍ଯ୍ୟ**

**(ଟଙ୍କା / ଲକ୍ଷରେ)**

| କ୍ରମିକ ସଂଖ୍ୟା | ଜିଲ୍ଲା | ପଞ୍ଚାୟତ ସମିତି | ଗ୍ରାମ ପଞ୍ଚାୟତ ନାମ | ପ୍ରକଳ୍ପର ନାମ | ଆକଳନ ମୂଲ୍ୟ | ବ୍ୟୟ | ପ୍ରତିବନ୍ଧିତ ଦ୍ରବ୍ୟଗୁଡ଼ିକରେ ଖର୍ଚ୍ଚ ହୋଇଥିବା ପରିମାଣ | ମନ୍ତବ୍ୟ |
|---|---|---|---|---|---|---|---|---|
| 1 | କଳାହାଣ୍ଡି | କୋକସରା | ଲଡୁ ଗାଁ | ଆଇନଲି ଗ୍ରାମ ଖେଳ ପଡ଼ିଆର ଉନ୍ନତି | 5.00 | 4.69 | 1.44 | ମଣ୍ଡପ ନିର୍ମାଣ ଗ୍ରହଣୀୟ ନଥିଲା |
| 2 | କଳାହାଣ୍ଡି | କୋକସରା | ମୋଟର | କୁସୁମଖୁଣ୍ଟି ଗ୍ରାମ ପଡ଼ିଆରେ ଖେଳ ପଡ଼ିଆର ବିକାଶ | 5.00 | 4.83 | 1.39 | ମଣ୍ଡପ ନିର୍ମାଣ ଗ୍ରହଣୀୟ ନଥିଲା |
| 3 | କଳାହାଣ୍ଡି | କୋକସରା | ଗମ୍ଭାରୀଗୁଡା | ଚିକିଲି ଗ୍ରାମରେ ଖେଳ ପଡ଼ିଆ ନିର୍ମାଣ | 10.00 | 5.71 | 2.70 | ମଣ୍ଡପ ନିର୍ମାଣ ଗ୍ରହଣୀୟ ନଥିଲା |
| 4 | ମୟୂରଭଞ୍ଜ | ବେତନଟି | ରଘୁପୁର | ବାଲଡିହା ଫୁଟବଲ ପଡ଼ିଆରେ ଖେଳ ପଡ଼ିଆ | 5.00 | 4.36 | 2.23 | ବସିବା ବେଞ୍ଚ ଓ ମଣ୍ଡପ ନିର୍ମାଣ ଗ୍ରହଣୀୟ ନଥିଲା |
| 5 | ମୟୂରଭଞ୍ଜ | ବେତନଟି | ରଘୁପୁର | ନୟା ବସନ୍ତପୁରରେ ଖେଳ ପଡ଼ିଆ | 5.00 | 4.80 | 2.54 | ବସିବା ବେଞ୍ଚ ଓ ମଣ୍ଡପ ନିର୍ମାଣ ଗ୍ରହଣୀୟ ନଥିଲା |
| | | | | **ସମୁଦାୟ** | **30.00** | **24.39** | **10.30** | |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ୟୁନିଟ୍ ଗୁଡ଼ିକର ରେକର୍ଡ)*

## ପରିଶିଷ୍ଟ 2.5

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.9.4.2)***

***ଜମି ଉନ୍ନୟନ କାର୍ଯ୍ୟରେ ଅନିୟମିତତା***

***(ଟଙ୍କା ଲକ୍ଷରେ)***

| କ୍ରମିକ ସଂଖ୍ୟା | ଜିଲ୍ଲା | ବ୍ଲକ୍/ ମଣ୍ଡଳ | ଗ୍ରାମ ପଞ୍ଚାୟତ | ପ୍ରକଳ୍ପର ନାମ | ଆନୁମାନିକ ମୂଲ୍ୟ | ବ୍ୟୟ | ଜମି ବିକାଶ ନାଁରେ ଅଗ୍ରହଣୀୟ ଖର୍ଚ୍ଚ |
|---|---|---|---|---|---|---|---|
| 1 | କଟକ | ନିଶ୍ଚିନ୍ତକୋଇଲି | ନରେନ୍ଦ୍ରପୁର | ସିଦ୍ଧ କଲ୍ୟାଣ ମଣ୍ଡପ ପରିସରର ଜମି ବିକାଶ ସହିତ ଗାର୍ଡ ୱାଲ୍ ନିର୍ମାଣ | 7.00 | 4.32 | 4.32 |
| 2 | କଟକ | ନିଶ୍ଚିନ୍ତକୋଇଲି | ନରେନ୍ଦ୍ରପୁର | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଜମି ବିକାଶ | 5.00 | 1.69 | 1.69 |
| 3 | କଟକ | ବାଙ୍କି | କଳାପଥର | କଳାପଥରର ଧଳାପଥର ଉଚ୍ଚ ବିଦ୍ୟାଳୟରେ ଜମି ବିକାଶ ଏବଂ ପାରିପାର୍ଶ୍ୱିକ ବିକାଶ | 3.00 | 1.64 | 1.64 |
| 4 | କଟକ | ବାଙ୍କି | କଣ୍ଟାପାହାଡ଼ | ଇଶାନେଶ୍ୱର ସିସି ନିକଟରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ ଓ ଜମି ବିକାଶ | 10.00 | 2.03 | 2.03 |
| 5 | କଟକ | ବାଙ୍କି | କଳାପଥର | ମଧୁପଲ୍ଲୀ କ୍ଲବ୍ କ୍ୟାମ୍ପସର ଜମି ବିକାଶ | 4.00 | 0.7 | 0.7 |
| 6 | କଟକ | ବାଙ୍କି | କଳାପଥର | କଳାପଥର ଏବଂ ଧଳାପଥର ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ଏବଂ ପାରିପାର୍ଶ୍ୱିକ ବିକାଶର ଉନ୍ନତି | 10.00 | 5.33 | 5.33 |
| | | | | ସମୁଦାୟ | **39.00** | **15.71** | **15.71** |

***(ଉତ୍ସ: କଟକର ବାଙ୍କି ପିଏସ୍ ଏବଂ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତର ରେକର୍ଡ)***

## ପରିଶିଷ୍ଟ 2.6

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.9.6)***

***ସମ୍ପତ୍ତି ସୃଷ୍ଟି ପାଇଁ ଅନାବଶ୍ୟକ ବ୍ୟୟ***

| କ୍ରମିକ ସଂଖ୍ୟା | ଜିଲ୍ଲା ନାମ | ବ୍ଲକର ନାମ | ଗ୍ରାମ ପଞ୍ଚାୟତର ନାମ | ପ୍ରକଳ୍ପର ନାମ | ଆକଳନ ମୂଲ୍ୟ | ବ୍ୟୟ | ମନ୍ତବ୍ୟ |
|---|---|---|---|---|---|---|---|
| | | | | | ***(ଟଙ୍କା / ଲକ୍ଷରେ)*** | | |
| 1 | ବୌଦ୍ଧ | ବୌଦ୍ଧ | ବ୍ରାହ୍ମଣୀପାଲି | ଯାଡ଼ପାଲରେ ଆଦର୍ଶ ଖେଳ ପଡ଼ିଆ ନିର୍ମାଣ | 4.93 | 3.93 | ଖେଳ ପଡ଼ିଆକୁ ସମତଳ କରାଯାଇଥିଲା ଏବଂ ସିମେଣ୍ଟ ବେଞ୍ଚ କରାଯାଇଥିଲା କିନ୍ତୁ ଖେଳ ପଡ଼ିଆ ବ୍ୟବହାରରେ ନଥିଲା । |
| 2 | ବୌଦ୍ଧ | ବୌଦ୍ଧ | ମୁଣ୍ଡାପଡ଼ା | କାମିରାରେ ଖେଳ ପଡ଼ିଆର ବିକାଶ | 3.81 | 3.08 | ଖେଳ ପଡ଼ିଆକୁ ବିକଶିତ କରାଯାଇଥିଲା, କିନ୍ତୁ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବାରୁ ବନ ବିଭାଗ ଦ୍ୱାରା ଫାଟକ ନିର୍ମାଣ ସହିତ ଏହାକୁ ଦଖଲ କରାଯାଇଥିଲା ଏବଂ ବାଡ଼ ଦିଆଯାଇଥିଲା । ଅଧିକନ୍ତୁ, ଏହି କ୍ଷେତଟି ଗାଁଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ ଥିଲା ଏବଂ ବ୍ୟବହାରରେ ନଥିଲା । |
| 3 | ବୌଦ୍ଧ | କଣ୍ଟାପଡ଼ା | ଗୁଡଭେଲିପଦର | ସିଲାଟପଡ଼ାରେ ଗ୍ରାମୀଣ ହାଟ ନିର୍ମାଣ | 9.00 | 4.70 | ଗ୍ରାମୀଣ ହାଟ ଏକ ଖୋଲା ପଡ଼ିଆରେ ନିର୍ମାଣ କରାଯାଇଥିଲା ଏବଂ ଦୋକାନୀମାନେ ଏହାକୁ ବ୍ୟବହାର କରୁନଥିଲେ । |
| 4 | ମୟୂରଭଞ୍ଜ | ଜାମଡ଼ା | ହେନସଦା | ଜଟାପାଣି ଗ୍ରାମର ତିରିଙ୍ଗକୋଚାଠାରେ ବିଛିନ୍ନ ଖାଲ ନିର୍ମାଣ | 4.88 | 3.11 | ଭୂତଳ ଜଳକୁ ରିଚାର୍ଜ ନକରି ଏକ ସମତଳ ଅଞ୍ଚଳରେ (ଅଳ୍ପ ଢାଲୁ ଥିବା ଖାଲ) ନିର୍ମାଣ କରାଯାଇଥିଲା |
| 5 | ଉୟୂରଭଞ୍ଜ | ଜାମଡ଼ା | ହେନସଦା | ଧନପୁର ଚରଣବେଡ଼ାରେ ଚେକ୍ ଡ୍ୟାମ୍ ନିର୍ମାଣ | 8.00 | 6.34 | ଜଳ ପ୍ରବାହକୁ ରୋକିବା ଏବଂ ଜଳସେଚନକୁ ସୁଗମ କରିବା ପାଇଁ କେନାଲ, ଛୋଟ ନଦୀ ଇତ୍ୟାଦି ନିୟମିତ ଜଳ ପ୍ରବାହ ନଥିବା ଅଞ୍ଚଳରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା । ଏକ ସମ୍ଭାବ୍ୟ ସ୍ଥାନ ଚୟନ ନକରି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା ଏବଂ ତେଣୁ ଏହା ବ୍ୟବହାରରେ ନଥିଲା । |
| | | | | **ସମୁଦାୟ** | **30.62** | **21.16** | |

***(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ଏବଂ ମିଳିତ ସରଜମିନ ତଦନ୍ତର ରେକର୍ଡ)***

# ଶବ୍ଦକୋଷ

## ସଂକ୍ଷିପ୍ତ ଶବ୍ଦକୋଷ

| ଶବ୍ଦ ସଂକ୍ଷେପ | ବିସ୍ତାରିତ ରୂପ |
|---|---|
| ଏ ଆଣ୍ଡ ଏଫ୍‌ଇ | କୃଷି ଏବଂ କୃଷକ ସଶକ୍ତିକରଣ |
| ଏଏପି | ବାର୍ଷିକ କାର୍ଯ୍ୟ ଯୋଜନା |
| ଏପିଓ | ଅତିରିକ୍ତ ପ୍ରୋଗ୍ରାମ ଅଫିସର |
| ଏଡବ୍ଲୁସି | ଅଙ୍ଗନବାଡ଼ି କେନ୍ଦ୍ର |
| ଏଡବ୍ଲୁପିବି | ବାର୍ଷିକ ଯୋଜନା ଏବଂ ବଜେଟ୍ |
| ବିଡିଏ | ବଣ୍ଡା ଉନ୍ନୟନ ସଂସ୍ଥା |
| ବିଡିଓ | ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| ବିଜେଡିଏ | ବିରହୋର ଏବଂ ଜୁଆଙ୍ଗ ଉନ୍ନୟନ ସଂସ୍ଥା |
| ବିଏସ୍ | ବେସ୍‌ଲାଇନ୍ ସର୍ଭେ / ମୂଳ ସର୍ଭେ |
| ସିବିଡିଏ | ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା |
| ସିସିଡି | ସଂରକ୍ଷଣ ତଥା ବିକାଶ |
| ସିଡିଓ-କମ୍-ଇଓ | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ |
| ସିଆର୍‌ପି | ଗୋଷ୍ଠୀ ସହାୟକ |
| ସିଏସ୍‌ଏସ୍ | କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା |
| ସିଭିସି | କେନ୍ଦ୍ରୀୟ ସତର୍କତା ଆୟୋଗ |
| ଡିଡିଏ | ଦିଦାୟୀ ଉନ୍ନୟନ ସଂସ୍ଥା |
| ଡିକେଡିଏ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା |
| ଡିଏଲ୍‌ସି | ଜିଲ୍ଲା ସ୍ତରୀୟ କମିଟି |
| ଡିଏଲ୍‌ଟିସି | ଜିଲ୍ଲା ସ୍ତରୀୟ ବୈଷୟିକ କମିଟି |
| ଡିପିସି | ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ |
| ଡିକ୍ୟୁଏମ୍ | ଜିଲ୍ଲା ଗୁଣବତ୍ତା ନିରୀକ୍ଷଣ |
| ଡିଡବ୍ଲୁଓ | ଜିଲ୍ଲା କଲ୍ୟାଣ ଅଧିକାରୀ |
| ଇପିଆଇସି | ବୈଦ୍ୟୁତିକ ଫଟୋ ପରିଚୟ ପତ୍ର |
| ଏଫ୍ ଆଣ୍ଡ ଇ | ଜଙ୍ଗଲ ଓ ପରିବେଶ |
| ଏଫ୍‌ଆଣ୍ଡଆର୍‌ଡି | ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ |
| ଏଫ୍‌ଆଇଆର୍ | ପ୍ରଥମ ସୂଚନା ରିପୋର୍ଟ |
| ଏଫ୍‌ଏନ୍‌ଜିଓ | ସୁବିଧା ପ୍ରଦାନ କରୁଥିବା ବେସରକାରୀ ସଂଗଠନ |
| ଏଫ୍‌ଟିଓ | ପାଣ୍ଠି ସ୍ଥାନାନ୍ତରଣ ଆଦେଶ |
| ଏଫ୍‌ୱାଇ | ଆର୍ଥିକ ବର୍ଷ |
| ଜିବି | ପରିଚାଳନା ପରିଷଦ |
| ଜିଓଆଇ | ଭାରତ ସରକାର |
| ଜିଓଓ | ଓଡ଼ିଶା ସରକାର |
| ଜିପିଏଲ୍‌ଏଫ୍ | ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ |
| ଜିପିଏନ୍‌ଏ | ଗ୍ରାମ ପଞ୍ଚାୟତ ପୁଷ୍ଟିକର ସହାୟକ |
| ଜିପି | ଗ୍ରାମ ପଞ୍ଚାୟତ |
| ଜିଆର୍‌ଏସ୍ | ଗ୍ରାମ ରୋଜଗାର ସେବକ |
| ଜିଏସ୍ | ଗ୍ରାମ ସଭା |

| ଶବ୍ଦ ସଂକ୍ଷେପ | ବିସ୍ତାରିତ ରୂପ |
|---|---|
| ଏଚ୍ଏଚ୍ | ଘର/ ପରିବାର |
| ଏଚ୍କେଏମ୍ଡିଏ | ପାହାଡ଼ି ଖଡ଼ିଆ ଓ ମାଙ୍କିଡିଆ ଉନ୍ନୟନ ସଂସ୍ଥା |
| ଆଇଇସି | ସୂଚନା, ଶିକ୍ଷା ଏବଂ ଯୋଗାଯୋଗ |
| ଆଇଏଫ୍ଏଡି | କୃଷି ବିକାଶ ପାଇଁ ଆନ୍ତର୍ଜାତୀୟ ପାଣ୍ଠି |
| ଆଇଜିଏ | ଆୟ ସୃଷ୍ଟକାରୀ କାର୍ଯ୍ୟକଳାପ |
| ଆଇଏମ୍ଆର୍ | ଶିଶୁ ମୃତ୍ୟୁ ହାର |
| ଆଇଟିଡିଏ | ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା |
| ଜେଡିଏ | ଜୁଆଙ୍ଗ ଉନ୍ନୟନ ସଂସ୍ଥା |
| ଜେପିଆଇ | ମିଳିତ ସରଜମିନ ତଦନ୍ତ |
| କେକେଡିଏ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା |
| ଏଲ୍ଡିଏ | ଲୋଧା ଉନ୍ନୟନସଂସ୍ଥା |
| ଲଗ୍ଫ୍ରେମ୍ | ଲଜିକାଲ ଫ୍ରେମ୍ୱାର୍କ |
| ଏଲ୍ଏସ୍ଡିଏ | ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା |
| ଏମ୍ଜିଏନ୍ଆର୍ଇଜିଏ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ |
| ଏମ୍ଜିଏନ୍ଆର୍ଇଜିଏସ୍ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା |
| ଏମ୍ଆଇଏସ୍ | ପରିଚାଳନା ସୂଚନା ପଦ୍ଧତି |
| ଏମ୍ଓଆର୍ଡି | ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ |
| ଏମ୍ଓଟିଏ | ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ |
| ଏମ୍ଓୟୁ | ବୁଝାମଣାପତ୍ର |
| ଏମ୍ପିଏ | ଅଣୁ ପ୍ରକଳ୍ପ ସଂସ୍ଥା |
| ଏମ୍ପିଆର୍ | ମାସିକ ପ୍ରଗତି ରିପୋର୍ଟ |
| ଏମ୍ଆର୍ | ମଷ୍ଟରରୋଲ/ ହାଜିରାବହୀ |
| ଏମ୍ଏସ୍ପିକେ | ମାତୃ ଶିଶୁ ପୋଷଣ କେନ୍ଦ୍ର |
| ଏନ୍ସି | ପୁଷ୍ଟିକର ସଂଯୋଜକ |
| ଏନ୍ଇଏଫ୍ଏମ୍ଏସ୍ | ଜାତୀୟ ବୈଦ୍ୟୁତିକ ପାଣ୍ଠି ପରିଚାଳନା ପଦ୍ଧତି |
| ଏନ୍ଏଚ୍ଏମ୍ | ଜାତୀୟ ଉଦ୍ୟାନ କୃଷି ମିଶନ |
| ଏନ୍ଆଇସି | ନେସନାଲ୍ ଇନଫର୍ମେଟିକ୍ସ ସେଣ୍ଟର |
| ଏନ୍ଆର୍ସି | ପୁଷ୍ଟିକର ସମ୍ବଳ କେନ୍ଦ୍ର |
| ଏନ୍ଆର୍ଇଜିଏ | ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ |
| ଓସିସିଏଫ୍ | ଓଡ଼ିଶା ଉପଭୋକ୍ତା ସମବାୟ ମହାସଂଘ |
| ଓଜିଏଫ୍ଆର୍ | ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ |
| ଓପିଇଏଲ୍ଆଇପି | ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଏବଂ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ |
| ଓପିଏନ୍ଆଇପି | ଓଡ଼ିଶା ଆଦିମ ଜନଜାତି ପୁଷ୍ଟିକର ଉନ୍ନୟନ କାର୍ଯ୍ୟକ୍ରମ |
| ଓପିଡବ୍ଲ୍ୟୁଡି | ଓଡ଼ିଶା ପୂର୍ତ୍ତ ବିଭାଗ |
| ପିବିଡିଏ | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା |
| ପିଡି | କାର୍ଯ୍ୟକ୍ରମ ନିର୍ଦ୍ଦେଶକ |
| ପିଇଏଫ୍ | ପିଭିଟିଜି ସଶକ୍ତିକରଣ ପାଣ୍ଠି |
| ପିଇଓ | ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ |
| ପିଜି | ଉତ୍ପାଦନ ଗୋଷ୍ଠୀ |

| ଶବ୍ଦ ସଂକ୍ଷେପ | ବିସ୍ତାରିତ ରୂପ |
|---|---|
| ପିଏଚ୍ଆର୍ଏସ୍ | ଜନସ୍ୱାସ୍ଥ୍ୟ ସମ୍ବଳ ସୋସାଇଟି |
| ପିଆଇସି | କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି |
| ପିଏମ୍ସି | କାର୍ଯ୍ୟକ୍ରମ ପରିଚାଳନା କମିଟି |
| ପିଏମ୍ୟୁ | କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ |
| ପିଓ | ପ୍ରୋଗ୍ରାମ୍ ଅଫିସର |
| ପିଆର୍ଆଣ୍ଡଡିଡବ୍ଲ୍ୟୁ | ପଞ୍ଚାୟତିରାଜ ଏବଂ ପାନୀୟ ଜଳ |
| ପିଆର୍ଆଇ | ପଞ୍ଚାୟତି ରାଜ ଅନୁଷ୍ଠାନ |
| ପିଏସ୍ସି | ପ୍ରୋଗ୍ରାମ ଷ୍ଟିଅରିଂ କମିଟି |
| ପିଏସ୍ | ପଞ୍ଚାୟତ ସମିତି |
| ପିଟିଜି | ଆଦିମ ଜନଜାତି ଗୋଷ୍ଠୀ |
| ପିଭିଟିଜି | ନିର୍ଦ୍ଦିଷ୍ଟ ଦୁର୍ବଳ ଆଦିମ ଜନଜାତି ଗୋଷ୍ଠୀ |
| ଆର୍ସିଏମ୍ଏସ୍ | ଆଞ୍ଚଳିକ ସମବାୟ ବଜାର ସମିତି |
| ଆର୍କେଭିଓ୍ୱାଇ | ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା |
| ଆର୍ଓ | ରିଭର୍ସ ଓସ୍ମୋସିସ୍ |
| ଏସ୍ଏମ୍ | ଗୁରୁତର ତୀବ୍ର ପୁଷ୍ଟିହୀନତା |
| ଏସ୍ସିଏ | ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା |
| ଏସ୍ସିଏସ୍ଆର୍ ଟିଆଇ | ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| ଏସ୍ଡିଏ | ସଉରା ଉନ୍ନୟନ ସଂସ୍ଥା |
| ଏସ୍ଇଜିସି | ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦ |
| ଏସ୍ଇଜିଏଫ୍ | ରାଜ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି |
| ଏସ୍ଏଚ୍ଜି | ସ୍ୱୟଂ ସହାୟକ ଗୋଷ୍ଠୀ |
| ଏସ୍ଏଲ୍ପିଏସ୍ସି | ରାଜ୍ୟ ସ୍ତରୀୟ ପ୍ରୋଗ୍ରାମ ଷ୍ଟିଅରିଂ କମିଟି |
| ଏସ୍ଏନ୍ଏ | ରାଜ୍ୟ ନୋଡାଲ୍ ଆକାଉଣ୍ଟ |
| ଏସ୍ପିସି | ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ |
| ଏସ୍କ୍ୟୁଏମ୍ | ରାଜ୍ୟ ଗୁଣବତ୍ତା ମନିଟର |
| ଏସ୍ଏସ୍ଡି ଡିପାର୍ଟମେଣ୍ଟ | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| ଟିଡିଏ | ତୁମ୍ବା ଉନ୍ନୟନ ସଂସ୍ଥା |
| ଟିଏସ୍ଏସ୍ | ଜନଜାତି ଉପ-ଯୋଜନା |
| ୟୁସି | ବିନିଯୋଗ ପ୍ରମାଣପତ୍ର |
| ୟୁଜି | ଉପଭୋକ୍ତା ଗୋଷ୍ଠୀ |
| ଭିଏଡବ୍ଲ୍ୟୁ | ଗ୍ରାମ୍ୟ କୃଷି କର୍ମୀ |
| ଭିଡିଏ | ଗ୍ରାମ୍ୟ ଉନ୍ନୟନ ସଂଗଠନ |
| ଭିଡିସି | ଗ୍ରାମ୍ୟ ଉନ୍ନୟନ କମିଟି |
| ଭିଡିପି | ଗ୍ରାମ୍ୟ ଉନ୍ନୟନ ଯୋଜନା |
| ଡବ୍ଲ୍ୟୁବିଏମ୍ | ଓ୍ୱାଟର ବାଉଣ୍ଡ ମାକାଡାମ୍ |
| ଜେଡ୍ପି | ଜିଲ୍ଲା ପରିଷଦ |

© ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ

www.cag.gov.in

https://cag.gov.in/ag1/odisha/en